# ଧରିତ୍ରୀ DHARITRI

ପୃଷ୍ଠା:୮+୮

ଭୁବନେଶ୍ୱର, ରବିବାର, ଏପ୍ରିଲ ୨୭/୨୦୨୫ (୮+୮=୧୬ ପୃଷ୍ଠା+ଛୁଟିଦିନ) Bhubaneswar, Sunday, April 27/2025 Page 16 ₹ 7.00

୫୧ଶ ଭାଗ ୧୫୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 152 ମୂଲ୍ୟ ₹୭/-





## ଜୁନ୍‌ରୁ କୈଳାସ ମାନସରୋବର ଯାତ୍ରା

### ୫ ବର୍ଷ ହେଲା ବନ୍ଦ ଥିଲା

**ନୂଆଦିଲ୍ଲୀ, ୨୬।୪**

ଚଳିତ ବର୍ଷ କୈଳାସ ମାନସରୋବର ଯାତ୍ରାର ଆୟୋଜନ ହେବ। ଆସନ୍ତା ଜୁନ୍‌ରୁ ଅଗଷ୍ଟ ପର୍ଯ୍ୟନ୍ତ ଏହାର ଆୟୋଜନ କରାଯିବ ବୋଲି ଶନିବାର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଗତ ୫ ବର୍ଷ ଧରି ଏହି ଯାତ୍ରା ବନ୍ଦ ଥିଲା। ଏହି ଯାତ୍ରାର ପୁନଃ ଆୟୋଜନ ଭାରତ ଏବଂ ଚାଇନାର ସମ୍ପର୍କକୁ ଉନ୍ନତ କରିବାର ଏକ ପ୍ରୟାସ ଭାବରେ ଦେଖାଯାଉଛି। ଇଚ୍ଛୁକ ଯାତ୍ରୀମାନେ କୈଳାସ ମାନସରୋବର ଯାତ୍ରାର ଅଫିସିଆଲ ୱେବ୍‌ସାଇଟରେ ଆବେଦନ କରିପାରିବେ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି। ଚଳିତ ବର୍ଷର କୈଳାସ ମାନସରୋବର ଯାତ୍ରା ଉତ୍ତରାଖଣ୍ଡର ଲିପୁଲେଖ ପାସ୍ ଏବଂ ସିକ୍କିମର ନାଥୁଲା ପାସ୍ ଦେଇ ଅନୁଷ୍ଠିତ ହେବ। ଏହି ଯାତ୍ରାକୁ ୫ରୁ ୧୦ଟି ବ୍ୟାଚ୍‌ରେ ପରିଚାଳନା କରାଯିବ। ପ୍ରତ୍ୟେକ ବ୍ୟାଚ୍‌ରେ ୫୦ ଜଣ ଯାତ୍ରୀ ରହିବେ।

### ଆଜିର ମନ୍ତବ୍ୟ

“ପାକିସ୍ତାନ ସହ ସିନ୍ଧୁ ଜଳଚୁକ୍ତି ସ୍ୱାକ୍ଷର କରିବା ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଐତିହାସିକ ଭୁଲ୍ ଥିଲା।

**-ହିମନ୍ତ ବିଶ୍ୱଶର୍ମା, ଆସାମ ମୁଖ୍ୟମନ୍ତ୍ରୀ**




## ଆଜିର ସମ୍ପାଦକୀୟ ନିକୃଷ୍ଟ ବିଚାର





ପଶ୍ଚିମବଙ୍ଗ ବିଧାନସଭାରେ ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀ ଶନିବାର ମୁର୍ଶିଦାବାଦର ସମଶେରଗଞ୍ଜ ଅଞ୍ଚଳରେ ୱକ୍ଫ ଆଇନ ବିରୋଧୀ ହିଂସାରେ ପ୍ରଭାବିତ ଲୋକଙ୍କୁ ଭେଟୁଛନ୍ତି।

**ପହଲଗାମ୍ ଆକ୍ରମଣ**

# ସୁଲତାଙ୍କ ମନ୍ତବ୍ୟକୁ ନେଇ ରାଜନୀତି

ଭୁବନେଶ୍ୱର, ୨୬।୪(ସୁନିତ୍ ମିଶ୍ର)

■ ଯୋଗ୍ୟତା ବଳରେ ନୁହେଁ, ରାଜ୍ୟ ସଭା ମ୍ୟାନେଜ କରି ଯାଇଛନ୍ତି: ଜୟନାରାୟଣ

■ ଅଜିତ୍ ଡୋଭାଲଙ୍କ ଭଳି ଅଭିଜ୍ଞ ଲୋକ ଥିବାବେଳେ ଏମିତି ଘଟିବା କଥା ନୁହେଁ: ଦେବୀ

ପହଲଗାମ୍‌ରେ ହୋଇଥିବା ଆତଙ୍କବାଦୀ ଆକ୍ରମଣକୁ କେବଳ ଦେଶ ଭିତରେ ନୁହେଁ, ବିଶ୍ୱବ୍ୟାପୀ ନିନ୍ଦା କରାଯାଉଛି। ଏହି ଆକ୍ରମଣରେ ଓଡ଼ିଶାର ଦୁଇ ଜଣଙ୍କ ମୃତ୍ୟୁ ଘଟିଛି। ହେଲେ ଏହି ଆକ୍ରମଣ ଘଟଣା ପରେ ବିଜେଡି ରାଜ୍ୟ ସଭା ଏମ୍‌ପି ସୁଲତା ଦେଓ ଦେଇଥିବା ଏକ ମନ୍ତବ୍ୟକୁ ନେଇ ଭାଜପା ପକ୍ଷରୁ ତାଙ୍କୁ ଟାର୍ଗେଟ କରାଯାଇଛି। ଫଳରେ ରାଜ୍ୟରେ ରାଜନୀତି ଜୋର ଧରିଛି।

ପହଲଗାମ୍ ଆତଙ୍କବାଦୀ ଆକ୍ରମଣକୁ ବିରୋଧ କରି ଶଙ୍ଖ ଭବନ ସମ୍ମୁଖରେ ଆୟୋଜିତ କ୍ୟାଣ୍ଡେଲ ଶୋଭାଯାତ୍ରା ବେଳେ ସୁଲତା ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଥିଲେ, ଯେତିକି ସମୟରେ ଲୋକମାନେ ମରିଥିଲେ ସେତିକି ଭିତରେ ଧର୍ମ ବିଷୟରେ ପଚାରି ହେବନି। ଏହା କେବଳ ଅନୁମାନ ଲଗାଇ କୁହାଯାଇଥାଇପାରେ। କୌଣସି ଆତଙ୍କବାଦୀ କେବେ ହେଲେ ଧର୍ମ, ଜାତି ସହିତ ବନ୍ଧା ନୁହନ୍ତି ବୋଲି ସୁଲତା କହିଥିଲେ। ଏଭଳି ମନ୍ତବ୍ୟ ଦେଇଥିବାରୁ ତାଙ୍କୁ ଭାଜପା ବିଧାୟକ ଜୟନାରାୟଣ ମିଶ୍ର କଡ଼ା ଭାଷାରେ ନିନ୍ଦା କରିଛନ୍ତି।

ଜୟନାରାୟଣ କହିଛନ୍ତି, ପହଲଗାମ୍ ଆକ୍ରମଣ ବେଳେ ଲୋକଙ୍କ ତଥ୍ୟ ଗଣମାଧ୍ୟମ ପାଖରେ ରଖିଛି। ଆମେ ଗଣମାଧ୍ୟମ ତଥ୍ୟକୁ ଭରସା ନ କରିବା ଠିକ୍ ନୁହେଁ। ଆକ୍ରମଣ ସମୟରେ ଆତଙ୍କବାଦୀମାନେ କେବଳ ଧର୍ମ ପଚାରି ନାହାନ୍ତି ବରଂ ଅନେକ କିଛି କରିଛନ୍ତି। ବିଜେଡି ନେତାଙ୍କ ପାଇଁ ଦେଶ ଗୋଟେ ଉପହାସ ବୋଲି ଜୟନାରାୟଣ କହିଛନ୍ତି। ସେ ମ୍ୟାଡାମ୍ କିଏ ଜାଣିନାହିଁ। ଯୋଗ୍ୟତା ବଳରେ ନୁହେଁ, ଯେମିତି ସେମିତି କରି କି ରାଜ୍ୟ ସଭା ଯାଏ ମ୍ୟାନେଜ କରି ପହଞ୍ଚିଯାଇଛନ୍ତି। ଦେଶର ସ୍ୱାର୍ଥ ଦୃଷ୍ଟିରୁ ଏଭଳି କଥା ଯୁକ୍ତିଯୁକ୍ତ ନୁହେଁ। ଏମିତି କହୁଥିବା ଲୋକଙ୍କ ବିରୋଧରେ ଲୋକମାନେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦରକାର। ସାମାଜିକ ସ୍ତରରେ ଏମାନଙ୍କୁ ବୟକଟ କରାଯିବା ଦରକାର। ଗ୍ରାଉଣ୍ଡ୍‌ରେ କ'ଣ ସିଏ ଉପସ୍ଥିତ ଥିଲେ କି ବୋଲି ଜୟନାରାୟଣ ପ୍ରଶ୍ନ କରିଛନ୍ତି। ମ୍ୟାଡାମ୍ ଏମିତି କଥା କୁହନ୍ତି, ତାଙ୍କର ଟିକିଏ ପାଗଳାମି ଅଛି ବୋଲି ଜୟନାରାୟଣ କହିଛନ୍ତି।

ବିଜେଡି ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର କହିଛନ୍ତି, ଯେକୌଣସି ମର୍ମନ୍ତୁଦ, ବର୍ବରୋଚିତ ଘଟଣାକୁ ସମସ୍ତେ ନିନ୍ଦା କରିବେ। ସରକାରୀ ଓ ବିରୋଧୀ ଦଳ ସମସ୍ତେ ଏହି ଘଟଣାକୁ ନିନ୍ଦା କରୁଛନ୍ତି। ଭବିଷ୍ୟତରେ ଏଭଳି ଘଟଣା ନ ଘଟିବା ଦରକାର। ଯଦି ଅଜିତ ଡୋଭାଲଙ୍କ ଭଳି ଅଭିଜ୍ଞ ଲୋକ ପାଖରେ ଅଛନ୍ତି ଏପରି ଘଟଣା ଘଟିବା କଥା ନୁହେଁ। ଗୋଇନ୍ଦାର ବିଫଳତା ଓ ସୁରକ୍ଷା କର୍ମୀଙ୍କ ଅନୁପସ୍ଥିତି ଯୋଗୁ ଏଭଳି ଘଟିଛି। ସ୍ଥାନୀୟ ଲୋକମାନେ ପର୍ଯ୍ୟଟକଙ୍କ ଉପରେ ନିର୍ଭରଶୀଳ। କିଏ ଉପହାସ କରୁଛନ୍ତି। ଜଣଙ୍କ ଦୁଃଖ ସମୟରେ ଉପହାସ ଠିକ୍ ନୁହେଁ ବୋଲି ସେ କହିଛନ୍ତି।

# ଦୀର୍ଘ ବର୍ଷର ଶାସନରେ କୃଷି ଭିତ୍ତିଭୂମି ସୁଦୃଢ଼ ହୋଇପାରିଲାନି: କଂଗ୍ରେସ

ଭୁବନେଶ୍ୱର, ୨୬।୪(ସୁନିତ୍ ମିଶ୍ର)

**କଲ୍ୟାଣପୁରଠାରେ ଅକ୍ଷିମୁଠି ଅନୁକୂଳ କରିବେ ପିସିସି ସଭାପତି**

ରାଜ୍ୟର ପ୍ରଗତି କୃଷି ବିକାଶ ଉପରେ ନିର୍ଭରଶୀଳ। କୃଷି ଆମ ରାଜ୍ୟବାସୀଙ୍କ ମୁଖ୍ୟ ଜୀବିକା। ତେଣୁ କୃଷି କାର୍ଯ୍ୟ ଓ କୃଷକ ସମାଜ ପ୍ରତି ସର୍ବଦା ସମ୍ମାନ ପ୍ରଦର୍ଶନ କରିବା ଆମ ସମସ୍ତଙ୍କର ପରମ କର୍ତ୍ତବ୍ୟ। ୧୯୯୬ରେ ତତ୍କାଳୀନ କଂଗ୍ରେସ ସରକାରଙ୍କ ସମୟରେ ପବିତ୍ର ଅକ୍ଷୟତୃତୀୟା ଦିବସକୁ ସରକାରୀସ୍ତରରେ ପ୍ରଥମକରି ପାଳନ କରାଯାଇଥିଲା। ଏହି ଦିବସକୁ କୃଷକ ଦିବସ ରୂପେ ପାଳନ, ସଫଳ ଚାଷୀଙ୍କୁ ସମ୍ବର୍ଦ୍ଧନା, କୃଷିକୁ ଶିଳ୍ପର ମାନ୍ୟତା କରାଯିବା ସହିତ ରାଜ୍ୟରେ ପ୍ରଥମ କରି ନୂତନ କୃଷିନୀତି ପ୍ରଣୟନ କରାଯାଇଥିଲା, ଯାହାକି ଭାରତ ବର୍ଷର ଏହା ପ୍ରଥମ କୃଷିନୀତି। କିନ୍ତୁ ଦୁର୍ଭାଗ୍ୟର ବିଷୟ ରାଜ୍ୟରେ ଥିବା ବିଜେଡି ଓ ପରବର୍ତ୍ତୀ ଭାଜପା ସରକାରର ଗତ ୨୫ ବର୍ଷ ଶାସନରେ କୃଷି ଭିତ୍ତିଭୂମି ବର୍ତ୍ତମାନ ଯାଏ ସୁଦୃଢ଼ କରାଯାଇପାରିଲା ନାହିଁ। ଫଳରେ ବିହନ, ଆଳୁ ଓ ପିଆଜଠାରୁ ଆରମ୍ଭ କରି ବିଭିନ୍ନ ଅତ୍ୟାବଶ୍ୟକ କୃଷି ସାମଗ୍ରୀ ପାଇଁ ଓଡ଼ିଶା ସବୁବେଳେ ବାହାର ରାଜ୍ୟ ଉପରେ ନିର୍ଭରଶୀଳ। ଏଣୁ ରାଜ୍ୟରେ ଚାଷୀଙ୍କ ହକ୍ ପାଇଁ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବାକୁ ଅକ୍ଷୟତୃତୀୟା ଅବସରରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି(ଓପିସିସି) ସଭାପତି ଭକ୍ତ ଚରଣ ଦାସଙ୍କ ଆହ୍ୱାନକ୍ରମେ ପ୍ରତି ଜିଲାରେ କଂଗ୍ରେସ ପକ୍ଷରୁ ଅକ୍ଷିମୁଠି ଅନୁକୂଳ ଓ କୃଷକ ସମାବେଶ ପାରମ୍ପରିକ ରୀତିରେ ଆୟୋଜନ କରାଯିବ। ଭୁବନେଶ୍ୱର ଜିଲା କଂଗ୍ରେସ କମିଟି ପକ୍ଷରୁ ଖୋର୍ଦ୍ଧା ଜିଲା ଟିକରପଡ଼ା ଗ୍ରାମପଞ୍ଚାୟତର କଲ୍ୟାଣପୁରଠାରେ ପିସିସି ସଭାପତି ମୁଖ୍ୟ ଅତିଥି ରୂପେ ଯୋଗଦେଇ କ୍ଷେତରେ ଭୂମିପୂଜା କରିବା ସହ ଅକ୍ଷିମୁଠି ଶୁଭାରମ୍ଭ କରିବେ ବୋଲି ଦଳ ପକ୍ଷରୁ କୁହାଯାଇଛି।

# ପାକିସ୍ତାନୀଙ୍କୁ ବିଦା କରିବା ନେଇ ନେତାଙ୍କ ବୟାନବାଜି

■ ୨୦୨୪ରୁ ରଦ୍ଦ ହୋଇଥିବା ପାକିସ୍ତାନୀ ଏତେଦିନ ଅଛନ୍ତି କେମିତି: ତାରା

■ ଚିହ୍ନଟ ପ୍ରକ୍ରିୟା ସରିଲାଣି: ହରିଚନ୍ଦନ

ଭୁବନେଶ୍ୱର, ୨୬।୪(ସୁନିତ୍ ମିଶ୍ର)



ତାରା ପ୍ରସାଦ ବାହିନୀପତି



ପୃଥ୍ୱୀରାଜ ହରିଚନ୍ଦନ

ପେହେଲଗାମରେ ଆକ୍ରମଣ ପରେ ଦେଶବ୍ୟାପୀ ପାକିସ୍ତାନରୁ ଆସି ରହିଥିବା ଲୋକଙ୍କୁ ଏବେ ଚିହ୍ନଟ କରି କାଢିବା ଲାଗି କେନ୍ଦ୍ର ସରକାର ସବୁ ରାଜ୍ୟକୁ ନିର୍ଦ୍ଦେଶ ଦେବାପରେ ଏହାକୁ ନେଇ ରାଜନୈତିକ ଦଳର ନେତାମାନଙ୍କ ଭିତରେ ପ୍ରତିକ୍ରିୟା ପ୍ରକାଶ ପାଇଛି।

ଭାଜପା ବିଧାୟକ ଜୟନାରାୟଣ ମିଶ୍ର କହିଛନ୍ତି, ଓଡିଶାରେ କେତେ ପାକିସ୍ତାନୀ ରହିଛନ୍ତି ତା'ର ତାଲିକା କେନ୍ଦ୍ରରୁ ଆସିଥିଲା। ହେଲେ ଏହି ତାଲିକା ବାହାରେ ଆହୁରି ବହୁତ ଗୁପ୍ତ ହିସାବରେ ରହିଛନ୍ତି। କେବଳ ପାକିସ୍ତାନୀ ନୁହନ୍ତି ଏଠାରେ ବହୁ ସଂଖ୍ୟାରେ ବାଂଲାଦେଶୀ ମଧ୍ୟ ରହିଛନ୍ତି। ସବୁ ବିଦେଶୀ ନାଗରିକଙ୍କୁ କାଢିବା ଦରକାର ବୋଲି ଜୟନାରାୟଣ କହିଛନ୍ତି।

କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି କହିଛନ୍ତି, ଯଦି ପାକିସ୍ତାନୀ ଲୋକଙ୍କ ଭିସା ୨୦୨୪ରେ ରଦ୍ଦ ହୋଇସାରିଛି, ତେବେ ସେମାନେ ଏଠାରେ କ'ଣ କରୁଛନ୍ତି। ରାଜ୍ୟରେ ଯୋଉ ଗୋଇନ୍ଦା ଅଫିସରମାନେ ରହିଛନ୍ତି ସେମାନେ କ'ଣ କରୁଛନ୍ତି। ସେମାନେ କେବଳ ଦରମା ନେବା ଲାଗି ଅଛନ୍ତି ନା କ'ଣ। କେବଳ ସରକାରକୁ ସେମାନେ ଟେକିବାକୁ ରହିଛନ୍ତି। କେନ୍ଦ୍ର ସରକାର ଚିଠି ଦେବାପରେ ଓଡିଶାରେ ଥିବା ୧୨ ଜଣ ପାକିସ୍ତାନୀଙ୍କ ମଧ୍ୟରୁ କେତେଜଣଙ୍କୁ କାଢିଲେଣି ତା'ର ତଥ୍ୟ ଦିଅନ୍ତୁ। ସବୁଆଡ଼େ ଆଗ ସର୍ଭେ କରାନ୍ତୁ କେତେଜଣ ବାହାର ଦେଶରୁ ଆସି ଏଠାରେ ଅଛନ୍ତି। ଏବେ ସବୁଆଡ଼େ ଅନେକ ଶହ ମୁସଲମାନ ରାଜ୍ୟରେ ପଶିଗଲେଣି ବୋଲି ତାରା କହିଛନ୍ତି। ଅନ୍ୟପକ୍ଷରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଏଠାରେ ଥିବା ପାକିସ୍ତାନୀଙ୍କ ଚିହ୍ନଟ ପ୍ରକ୍ରିୟା ସରିଛି। ସମସ୍ତ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି, କୌଣସି ବିବାଦ ନାହିଁ ବୋଲି ହରିଚନ୍ଦନ କହିଛନ୍ତି।

# ବିବାଦୀୟ ପ୍ରିନ୍ସିପାଲଙ୍କ ନିଯୁକ୍ତି ରଦ୍ଦ ନ ହେଲେ ଉଚିତ ଜବାବ୍ ଦିଆଯିବ: ଛାତ୍ର କଂଗ୍ରେସ

ଭୁବନେଶ୍ୱର, ୨୬।୪(ସୁନିତ୍ ମିଶ୍ର)

ଡବଲ ଇଞ୍ଜିନ ସରକାର ବିକାଶର ଯେଉଁ ମିଛ ସ୍ୱପ୍ନ ଦେଖାଇଥିଲେ ବାସ୍ତବରେ ତାହା ବର୍ତ୍ତମାନ ଏକ କୁହେଳିକାରେ ପରିଣତ ହୋଇଛି। ଗୋଟେ ଇଞ୍ଜିନର ସରକାର ନୂଆ ଶିକ୍ଷାନୀତି ପ୍ରବର୍ତ୍ତନ କରାଇବା ପାଇଁ ଲାଗି ପଡ଼ିଥିଲା ବେଳେ ଏହାଦ୍ୱାରା ୩୦ ବର୍ଷ ଭିତରେ ଭାରତର ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିବ ବୋଲି ଛାତ୍ର କଂଗ୍ରେସ ସଭାପତି ଉଦିତ୍ ପ୍ରଧାନ କହିଛନ୍ତି। କଂଗ୍ରେସ ଭବନଠାରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଉଦିତ୍ କହିଛନ୍ତି, ଡବଲ ଇଞ୍ଜିନ ସରକାରର କିଛିବର୍ଷ ଭିତରେ ପେପର ଲିକ୍, ଶିକ୍ଷା ବିଭାଗର ବହୁ ଦୁର୍ନୀତି ଏବଂ ଉଚ୍ଚ ଶିକ୍ଷିତ ଛାତ୍ରୀଛାତ୍ରମାନଙ୍କୁ ନିଯୁକ୍ତି ଦେବାରେ ସରକାର ସମର୍ଥ ନୁହନ୍ତି ବୋଲି ପ୍ରମାଣିତ ହୋଇଛି। ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ହେଉଛି, ଭୁବନେଶ୍ୱର ଜୟଦେବ ବିହାରଠାରେ ବିଜୁ ପଟ୍ଟନାୟକ କଲେଜର ଜଣେ ପୂର୍ବତନ ପ୍ରିନ୍ସିପାଲ ଯିଏ କି ୫ ବର୍ଷ ଧରି ଏହି ଦାୟିତ୍ୱରେ ଥିଲେ, ତାଙ୍କ ବିରୋଧରେ ବହୁ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ଅନିୟମିତତା ଏବଂ ଅନ୍ୟାନ୍ୟ ହେରଫେର ଅଭିଯୋଗ ରହିଛି। ସରକାରୀ ନିୟମ ଅନୁଯାୟୀ ଯଦି କୌଣସି ପ୍ରିନ୍ସିପାଲଙ୍କ ବିରୋଧରେ ଦୁର୍ନୀତି ବା ଆର୍ଥିକ ଅନିୟମିତତାର ଅଭିଯୋଗ ଥାଏ, ତେବେ ତାଙ୍କୁ ପୁନର୍ବାର ନିଯୁକ୍ତି ଦିଆଯିବା କଥା ନୁହେଁ। ଏସବୁ ସତ୍ତ୍ୱେ ଉକ୍ତ ପ୍ରିନ୍ସିପାଲଙ୍କୁ ପୁନର୍ବାର ସରକାର ସେହି କଲେଜରେ ଆଉଥରେ ପ୍ରିନ୍ସିପାଲ ଭାବେ ନିଯୁକ୍ତି ଦେଇଛନ୍ତି। ଉଚ୍ଚଶିକ୍ଷା ବିଭାଗର ମନ୍ତ୍ରୀ ଏ ଘଟଣାର ତଦନ୍ତ କରିବା ଦରକାର। ଯଦି ଏଭଳି ଦୁର୍ନୀତିଗ୍ରସ୍ତ ବ୍ୟକ୍ତିଙ୍କ ନିଯୁକ୍ତିକୁ ରଦ୍ଦ କରା ନ ଯିବ ତେବେ ଛାତ୍ର କଂଗ୍ରେସ ଏହାର ଉପଯୁକ୍ତ ଉତ୍ତର ଦେବ ବୋଲି ଉଦିତ୍ କହିଛନ୍ତି।

## Business

# ବିଶ୍ୱର ଶ୍ରେଷ୍ଠ ୨୫ ଫାର୍ମ୍ସ ମଧ୍ୟରେ ରିଲାଏନ୍ସ

ଭୁବନେଶ୍ୱର,୨୬।୪
(ଅଭୟ ଦାଶ)




**୨୧ତମ ସ୍ଥାନରେ ରିଲାଏନ୍ସ ଗ୍ରୁପ**

ଦେଶର ପ୍ରମୁଖ ଘରୋଇ କମ୍ପାନୀ ତଥା ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ (ଆରଆଇଏଲ)କୁ ଆଉ ଏକ ବୃହତ୍ ସଫଳତା ମିଳିଛି। ଏପରି କି ରିଲାଏନ୍ସ ଗ୍ରୁପ ବିଶ୍ୱର ଶ୍ରେଷ୍ଠ ୨୫ ଫାର୍ମ୍ସ (କମ୍ପାନିଜ) ମଧ୍ୟରେ ପ୍ରବେଶ କରି ଏକ ଐତିହାସିକ ସଫଳତା ହାସଲ କରିଛି। ସେହିଭଳି ବିଶ୍ୱର ସର୍ବବୃହତ୍ କମ୍ପାନୀ ମାଇକ୍ରୋସଫ୍ଟ, ଆଲଫାବେଟ ଏବଂ ସାଉଦି ଆର୍ମକୋ ଭଳି ସଂସ୍ଥା କ୍ଲବରେ ରିଲାଏନ୍ସ ଗ୍ରୁପ ସାମିଲ ହୋଇପାରିଛି। ଏପରି କି ବ୍ଲୁମବର୍ଗର ସୂଚନା ଅନୁଯାୟୀ ରିଲାଏନ୍ସ ଗ୍ରୁପ ବା ଆର୍‌ଆଇଏଲ୍‌ର ମୋଟ ସମ୍ପତ୍ତି ପରିମାଣ ୧୧୮ ବିଲିୟନ ଡଲାର ( ପ୍ରାୟ ୧୦ ଲକ୍ଷ କୋଟି ବା ୧୦ ଟ୍ରିଲିୟନ ଟଙ୍କା) ସହ କମ୍ପାନୀ ବିଶ୍ୱର ଶ୍ରେଷ୍ଠ ୨୫ ଫାର୍ମ୍ସ ମଧ୍ୟରେ ୨୧ତମ ସ୍ଥାନରେ ରହିଛି। ସେହିପରି ବିଶ୍ୱର ଶ୍ରେଷ୍ଠ ୨୫ କମ୍ପାନୀ ମଧ୍ୟରେ ସାଉଦି ଆର୍ମକୋ ୪୪୦ ବିଲିୟନ ଡଲାର ସହ ପ୍ରଥମ ସ୍ଥାନରେ ଥିଲାବେଳେ ଗୁଗଲ୍‌ର ପ୍ୟାରେଣ୍ଟ କମ୍ପାନୀ ଆଲଫାବେଟ.ଇଙ୍କ୍‌ର ସମ୍ପତ୍ତି ପରିମାଣ ୩୪୫ ବିଲିୟନ ଡଲାର ସହ ୨ୟ ସ୍ଥାନ ଏବଂ ମାଇକ୍ରୋସଫ୍ଟର ସମ୍ପତ୍ତି ପରିମାଣ ୩୪୫ ବିଲିୟନ ଡଲାର ସହ ୩ୟ ସ୍ଥାନରେ ରହିଛି।

## ଅନନ୍ତ ଅମ୍ବାନୀ ଆର୍‌ଆଇଏଲ୍‌ର ନୂତନ ଇଡି



ଅନନ୍ତ ଅମ୍ବାନୀ

ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ୍ (ଆରଆଇଏଲ)ର ନୂତନ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଇଡି) ଭାବେ ଅନନ୍ତ ଅମ୍ବାନୀଙ୍କୁ ନିଯୁକ୍ତି ଦିଆଯାଇଛି। ଏପରି କି ସେ ଆସନ୍ତା ୫ ବର୍ଷ ପାଇଁ ଏହି ପଦରେ କାର୍ଯ୍ୟ କରିବେ।

ସେହିଭଳି ଅନନ୍ତ ଅମ୍ବାନୀ ୨୦୨୫ ମଇ ୧ରୁ ଏହି ପଦରେ କାର୍ଯ୍ୟ କରିବେ ବୋଲି ଆର୍‌ଆଇଏଲ୍‌ର ନିର୍ଦ୍ଦେଶକମଣ୍ଡଳୀ ଏହି ଘୋଷଣା କରିଛନ୍ତି। ବର୍ତ୍ତମାନ ଅନନ୍ତ କମ୍ପାନୀର ଅଣ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଛନ୍ତି। ଏପରି କି ସେ ଆର୍‌ଆଇଏଲ୍‌ର ଅନେକ ସହାୟକ କମ୍ପାନୀର ମଧ୍ୟ ବୋର୍ଡ ସଦସ୍ୟ ଓ ପ୍ରମୁଖ ଦାୟିତ୍ୱରେ ରହି କାର୍ଯ୍ୟ ସମ୍ପାଦନ କରୁଛନ୍ତି।

## ସ୍ୱିଗି ସିକ୍ସର ଶୁଭାରମ୍ଭ

ଭୁବନେଶ୍ୱର,୨୬।୪

ଭାରତର ଅଗ୍ରଣୀ ଅନ-ଡିମାଣ୍ଡ କନ୍‌ଭେନିଏନ୍ସ ପ୍ଲାଟଫର୍ମ ସ୍ୱିଗି (ସ୍ୱିଗି ଲିମିଟେଡ୍)ର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ 'ସ୍ୱିଗି ସିକ୍ସ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରି କି ଏହା ଏକ ରିୟଲ-ଟାଇମ୍, ମ୍ୟାଚ ଲିଙ୍କ୍ ଅଫର ହୋଇଥିଲାବେଳେ ସ୍ୱିଗି ସିକ୍ସ ଜରିଆରେ ଉପଭୋକ୍ତାମାନେ ଦେଶର ୫୦,୦୦୦ରୁ ଅଧିକ ରେଷ୍ଟୁରାଣ୍ଟରୁ ଅର୍ଡର ଉପରେ ୬୬% ରିହାତି, ୨୬୬ଟଙ୍କା ରିହାତି, ୧୬୬ ଟଙ୍କା ରିହାତି କିମ୍ବା ୬୬ଟଙ୍କା ରିହାତି ଭଳି ଆକର୍ଷଣୀୟ ରିହାତି ପାଇପାରିବେ। ସେହିଭଳି ଲାଇଭ୍ କ୍ରିକେଟ୍ ମ୍ୟାଚ୍ ସମୟରେ ଛକା ମାରିବା କ୍ଷଣି ଏହି ସୀମିତ ସମୟ ଅଫର ସକ୍ରିୟ ହୋଇଯାଏ ଏବଂ ମାତ୍ର ୧୦ମିନିଟ୍ ପାଇଁ ବୈଧ ରହିଥାଏ। ଏହି ଅଫରର ଲାଭ ଉଠାଇବା ପାଇଁ ୟୁଜର୍ସଙ୍କୁ ଛକା ମାରିବା ପରେ ୧୦ ମିନିଟ୍‌ର ୱିଣ୍ଡୋ ଭିତରେ ନିଜର ଅର୍ଡର ରଖିବାକୁ ପଡିବ।

## ଦାବି ସମାଧାନକୁ ତ୍ୱରାନ୍ୱିତ କରିବ ଏଲ୍‌ଆଇସି

ଭୁବନେଶ୍ୱର,୨୬।୪



ସିଦ୍ଧାର୍ଥ ମହାନ୍ତି

ଭାରତୀୟ ଜୀବନ ବୀମା ନିଗମ (ଲାଇଫ କର୍ପୋରେଶନ ଅଫ ଇଣ୍ଡିଆ/ଏଲ୍‌ଆଇସି ଇଣ୍ଡିଆ) ପକ୍ଷରୁ କଶ୍ମୀରର ପହଲଗାମ୍ ଆତଙ୍କବାଦୀ ଆକ୍ରମଣର ଶିକାର ପୀଡ଼ିତଙ୍କ ପାଇଁ ବିଶେଷ ରିହାତି ସମ୍ପର୍କରେ ଘୋଷଣା କରାଯାଇଛି। ଏପରି କି ନିକଟରେ (୨୨।୦୪।୨୦୨୫) କଶ୍ମୀରର ପହଲଗାମ୍‌ଠାରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ନିର୍ଦ୍ଦୋଷ ନାଗରିକଙ୍କ ମୃତ୍ୟୁ ପାଇଁ ଏଲ୍‌ଆଇସି ଇଣ୍ଡିଆ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି। ସେହିଭଳି ଏଲ୍‌ଆଇସି ଇଣ୍ଡିଆ ପ୍ରଭାବିତ ଲୋକଙ୍କୁ ସମର୍ଥନ କରିବାକୁ ପ୍ରତିବଦ୍ଧ ଏବଂ ଆର୍ଥିକ ସହାୟତା ପ୍ରଦାନ କରିବା ପାଇଁ ଦାବି ସମାଧାନକୁ ତ୍ୱରାନ୍ୱିତ କରିବ ବୋଲି ଘୋଷଣା କରିଛି। ଏ ସମ୍ପର୍କରେ ଏଲ୍‌ଆଇସି ଇଣ୍ଡିଆର ସିଇଓ ତଥା ଏମ୍‌ଡି ସିଦ୍ଧାର୍ଥ ମହାନ୍ତି କହିଥିଲେ, ଏଲ୍‌ଆଇସି ପଲିସିର ଦାବିଦାରଙ୍କ କଷ୍ଟକୁ କମ/ଦୂର କରିବା ପାଇଁ ନିଗମ ପକ୍ଷରୁ ଅନେକ ରିହାତି ଘୋଷଣା କରାଯାଇଛି। ବିଶେଷ କରି ମୃତ୍ୟୁ ପ୍ରମାଣପତ୍ର ବଦଳରେ ଆତଙ୍କବାଦୀ ଆକ୍ରମଣ ଯୋଗୁ ପଲିସିଧାରୀଙ୍କ ମୃତ୍ୟୁ କିମ୍ବା କେନ୍ଦ୍ର/ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା କ୍ଷତିପୂରଣର ସରକାରୀ ରେକର୍ଡରେ ଥିବା ଯେକୌଣସି ପ୍ରମାଣକୁ ମୃତ୍ୟୁର ପ୍ରମାଣ ଭାବେ ଗ୍ରହଣ କରାଯିବ। ସେହିପରି ଦାବିଦାରମାନଙ୍କ ନିକଟରେ ପହଞ୍ଚିବା ଏବଂ ପ୍ରଭାବିତ ପରିବାରଗୁଡ଼ିକର ଦାବି ଶୀଘ୍ର ସମାଧାନ କରିବା ପାଇଁ ସମସ୍ତ ପ୍ରୟାସ କରାଯିବ।

## ଫୋନ୍‌ପେ'ର ସୁନିଶ୍ଚିତ କ୍ୟାଶବ୍ୟାକ ଅଫର

ଭୁବନେଶ୍ୱର,୨୬।୪

ଦେଶର ପ୍ରମୁଖ ଆର୍ଥିକ ଡିଜିଟାଲ ପ୍ଲାଟଫର୍ମ ଫୋନପେ'ର ବହୁ ପ୍ରତୀକ୍ଷିତ ତଥା ସୁନିଶ୍ଚିତ କ୍ୟାଶବ୍ୟାକ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଏପରି କି ଅକ୍ଷୟତୃତୀୟା ଅବସରରେ ୨୪ କ୍ୟାରେଟ ଡିଜିଟାଲ ଗୋଲ୍ଡ କ୍ରୟ ଉପରେ ପ୍ଲାଟଫର୍ମ ଆକର୍ଷଣୀୟ କ୍ୟାଶବ୍ୟାକ ଅଫର ପ୍ରଦାନ କରୁଛି। ସେହିଭଳି ଫୋନପେ ପ୍ଲାଟଫର୍ମରେ ସର୍ବନିମ୍ନ ୨୦୦୦ ଟଙ୍କାର ଡିଜିଟାଲ ଗୋଲ୍ଡ କିଣି ୟୁଜରମାନେ ଫ୍ଲାଟ ୧% କ୍ୟାଶବ୍ୟାକ (୨୦୦୦ ଟଙ୍କା ପର୍ଯ୍ୟନ୍ତ) ପାଇପାରିବେ। ଏହି ଅଫର କେବଳ ଏପ୍ରିଲ ୩୦ ତାରିଖର ଏକକାଳୀନ କାରବାର ପାଇଁ ପ୍ରଯୁଜ୍ୟ (ପ୍ରତି ୟୁଜରଙ୍କ ପାଇଁ ମାତ୍ର ଗୋଟିଏ ଥର ବୈଧ) ରହିଛି। ୟୁଜରମାନେ ପେମେଣ୍ଟ କରିବାକୁ ୟୁପିଆଇ, ୟୁପିଆଇ ଲାଇଟ, କ୍ରେଡିଟ ଓ ଡେବିଟ କାର୍ଡ, ୱାଲେଟ ଏବଂ ଗିଫ୍ଟ କାର୍ଡ ପରି ବିଭିନ୍ନ ପ୍ରକାରର ପେମେଣ୍ଟ ମାଧ୍ୟମ ବାଛିପାରିବେ। ଉତ୍ସବର ଆନନ୍ଦକୁ ବହୁଗୁଣିତ କରିବା ପାଇଁ କ୍ୟାରେଟଲେନ ଷ୍ଟୋର ଏବଂ ୱେବସାଇଟରେ ଡିଜିଟାଲ ଗୋଲ୍ଡ ବଦଳାଇବା ପାଇଁ ଫୋନପେ ଏକ ସ୍ୱତନ୍ତ୍ର ଅଫର ଘୋଷଣା କରିଛି, ଯେଉଁଥିରେ ସୁନା ମୁଦ୍ରା ଉପରେ ଅଧିକ ୨% ରିହାତି, ଅନ୍ୟାନ୍ୟ ଧାତୁ ଆବୃତ୍ତ ହୋଇ ନ ଥିବା ଅଳଙ୍କାର ଉପରେ ଅଧିକ ୩% ରିହାତି, ଅନ୍ୟାନ୍ୟ ଧାତୁ ଆବୃତ୍ତ ଅଳଙ୍କାର ଉପରେ ଅଧିକ ୫% ରିହାତି ସାମିଲ ରହିଛି। ଫୋନପେ ପ୍ଲାଟଫର୍ମରେ ୟୁଜରମାନେ ଏମ୍‌ଏମ୍‌ଟିସି-ପିଏଏମ୍‌ପି, ସେଫ ଗୋଲ୍ଡ ଏବଂ କ୍ୟାରେଟଲେନ ପରି ଡିଜିଟାଲ ଗୋଲ୍ଡ ବ୍ୟବସାୟ କ୍ଷେତ୍ରରେ ଅଗ୍ରଣୀ ତଥା ଭରସାଯୋଗ୍ୟ କମ୍ପାନୀମାନଙ୍କଠାରୁ ୯୯.୯୯% ଶୁଦ୍ଧତା-ପ୍ରମାଣିତ ୨୪ କ୍ୟାରେଟ ଡିଜିଟାଲ ଗୋଲ୍ଡ କିଣିପାରିବେ। ସାରା ଭାରତର ୧.୨କୋଟିରୁ ଅଧିକ ଗ୍ରାହକ ଫୋନପେ ପ୍ଲାଟଫର୍ମରେ ସର୍ବୋଚ୍ଚ ଶୁଦ୍ଧତା ବିଶିଷ୍ଟ ୨୪ କ୍ୟାରେଟ ସୁନା କିଣିଛନ୍ତି। ଏକକାଳୀନ କ୍ରୟ ବ୍ୟତୀତ ଦୈନିକ କିମ୍ବା ମାସିକ ଏସ୍‌ଆଇପି ଜରିଆରେ ଡିଜିଟାଲ ପଦ୍ଧତିରେ ସୁନାରେ ପୁଞ୍ଜି ବିନିଯୋଗ କରିବା ପାଇଁ ୟୁଜରମାନଙ୍କୁ ଫୋନପେ ସୁଯୋଗ ପ୍ରଦାନ କରୁଛି ଏବଂ ଗ୍ରାହକମାନଙ୍କୁ ଦୀର୍ଘକାଳୀନ ଓ ବ୍ୟବସ୍ଥିତ ଭାବେ ବିନିଯୋଗ କରିବାରେ ସାହାଯ୍ୟ କରୁଛି।

## ପାରାଦୀପ ପେଲେଟ୍ ପ୍ଲାଣ୍ଟରେ ସି ସିଫ୍ଟର ଶୁଭାରମ୍ଭ



ଭୁବନେଶ୍ୱର,୨୬।୪

ଆର୍ସେଲର ମିତ୍ତଲ ନିପ୍ପନ୍ ଷ୍ଟିଲ୍ ବା ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ପାରାଦୀପ ପେଲେଟ୍ ପ୍ଲାଣ୍ଟରେ ସି ସିଫ୍ଟର ଶୁଭାରମ୍ଭ କରାଯାଇଛି। ଏପରି କି ଏହି ସିଫ୍ଟରେ ୨୧ଜଣ ମହିଳା କର୍ମଚାରୀଙ୍କୁ ଆନୁଷ୍ଠାନିକ ଭାବେ ସ୍ୱାଗତ କରାଯାଇଥିଲା। ବିଶେଷ କରି ମହିଳା କର୍ମଚାରୀଙ୍କ ପାଇଁ ରାତି ୧୦ଟାରୁ ସକାଳ ୬ଟା ପର୍ଯ୍ୟନ୍ତ ଏହି ସି ସିଫ୍ଟର ଶୁଭାରମ୍ଭ କରାଯାଇଛି। କମ୍ପାନୀର ପ୍ରମୁଖ ବିବିଧତା ପଦକ୍ଷେପ 'ଷ୍ଟିଲ୍ ସିରୋଜ୍' ଅଧୀନରେ ଏହି ସିଫ୍ଟ ଆରମ୍ଭ ହୋଇଛି। ୨୦୨୪ରେ ମହିଳାମାନଙ୍କ ପାଇଁ ଏ ଏବଂ ବି ସିଫ୍ଟର ସଫଳ କାର୍ଯ୍ୟାନ୍ୱୟନ ପରେ କମ୍ପାନୀ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଅପରପକ୍ଷରେ ବିବିଧତା, ସମାନତା ଏବଂ ଅନ୍ତର୍ଭୁକ୍ତୀକରଣକୁ ସୁଦୃଢ଼ କରିବା ଦିଗରେ କମ୍ପାନୀର ଏହା ଏକ ଐତିହାସିକ ପଦକ୍ଷେପ ହୋଇଥିଲାବେଳେ ସମସ୍ତ ସିଫ୍ଟରେ ମହିଳା କର୍ମଚାରୀଙ୍କ ନିୟୋଜନ ଏକ ଅନ୍ତର୍ଭୁକ୍ତକାରୀ ଏବଂ ସଶକ୍ତ କାର୍ଯ୍ୟକ୍ଷେତ୍ରକୁ ପ୍ରୋତ୍ସାହିତ କରିବା ଦିଗରେ କମ୍ପାନୀର ନିରନ୍ତର ପ୍ରତିବଦ୍ଧତାର ଏକ ପ୍ରମାଣ ବୋଲି କୁହାଯାଉଛି। ସେହିପରି ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କମ୍ପାନୀର ବିଭିନ୍ନ ବିଭାଗୀୟ ମୁଖ୍ୟ ତଥା ବରିଷ୍ଠ ନେତୃମଣ୍ଡଳୀଙ୍କ ସମେତ ସମସ୍ତସ୍ତରର କର୍ମଚାରୀମାନେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ଏକ ଉତ୍ସବପୂର୍ଣ୍ଣ ଓ ପ୍ରେରଣାଦାୟକ ପରିବେଶରେ ସହକର୍ମୀ ଓ ପ୍ରବନ୍ଧକମାନଙ୍କ ଦ୍ୱାରା ଭବ୍ୟ ସମ୍ବର୍ଦ୍ଧନା ସହିତ ୨୧ ଜଣ ମହିଳା କର୍ମଚାରୀଙ୍କୁ ଆନୁଷ୍ଠାନିକ ଭାବେ ସି ସିଫ୍ଟରେ ସ୍ୱାଗତ କରାଯାଇଥିଲା। ଏ ସମ୍ପର୍କରେ ଏଏମ୍‌ଏନ୍‌ଏସ୍ ଇଣ୍ଡିଆ ଓଡ଼ିଶା ଅପରେସନ୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁରେଶା ଜି କହିଛନ୍ତି, ଆମେ ଏହି ୨୧ ଜଣ ମହିଳା କର୍ମଚାରୀଙ୍କ ସାହସ ଓ ପ୍ରତିବଦ୍ଧତାକୁ ସମ୍ମାନ ଜଣାଉଛୁ। କାର୍ଯ୍ୟ କ୍ଷେତ୍ରରେ ୨୫% ମହିଳା ପ୍ରତିନିଧିତ୍ୱ ହାସଲ କରିବା ପାଇଁ ଆମର ଲକ୍ଷ୍ୟ, ଅଭିନବତା ଏବଂ ଉତ୍କର୍ଷତା ପାଇଁ ତରପ୍ରେରକ ଭାବେ ବିବିଧତା ଉପରେ ଆମର ବିଶ୍ୱାସକୁ ପ୍ରତିଫଳିତ କରୁଛି। ଷ୍ଟିଲ ସିରୋଜ୍ ଭଳି କାର୍ଯ୍ୟକ୍ରମ ସହିତ ମାନବ ସମ୍ବଳ ଓ ଅପରେସନ୍ସର ମିଳିତ ସହଯୋଗରେ ମହିଳାମାନଙ୍କ ନେତୃତ୍ୱ କ୍ଷମତାକୁ ପ୍ରୋତ୍ସାହନ ଦେବା ଓ ସେମାନଙ୍କ ଉନ୍ନତି ପାଇଁ ଏକ ସକାରାତ୍ମକ ପରିବେଶ ସୃଷ୍ଟି କରିବା ଆମର ଲକ୍ଷ୍ୟ।

## ବଜାରରେ ସିଗ୍ନିଫାଏର ନୂତନ ଉତ୍ପାଦ

ଭୁବନେଶ୍ୱର,୨୬।୪

ସିଗ୍ନିଫାଏର ନୂତନ ଉତ୍ପାଦ ତଥା ଇକୋଲିଙ୍କ ଫ୍ୟାନର ଅଭିନବ ରେଞ୍ଜକୁ ନିକଟରେ ଶୁଭାରମ୍ଭ ସହ ବଜାର ପ୍ରବେଶ କରାଯାଇଛି, ଯାହା ଅଧିକ ସ୍ପିଡର କାର୍ଯ୍ୟଦକ୍ଷତା, ଉନ୍ନତ ଏୟାର ଡେଲିଭରି ଓ ଶକ୍ତି ଦକ୍ଷ ଟେକ୍ନୋଲୋଜି ପ୍ରଦାନ କରୁଛି। ଏପରି କି ଏହା ବିକଶିତ ଉପଭୋକ୍ତା ଆବଶ୍ୟକତାକୁ ପୂରଣ କରିବା ପାଇଁ ଡିଜାଇନ କରାଯାଇଥିବା ବେଳେ ଏହି ନୂତନ ଶୃଙ୍ଖଳା ବିଏଲଡିସି ଟେକ୍ନୋଲୋଜି ସହ ୪ଟି ନୂଆ ମଡେଲ ଏରୋଏଲିଭେଟ, ଏରୋକ୍ୱାଡ, ଏରୋଜିଓମେଟ୍ରି ଓ ଏରୋକ୍ୱେଲ ଏବଂ ସିଗ୍ନିଫାଏର ଆଇଓଟି ପ୍ଲାଟଫର୍ମ ୱିଜ ଦ୍ୱାରା ପରିଚାଳିତ ୨ଟି ନୂଆ ସ୍ମାର୍ଟ ମଡେଲ ଯଥା ଏରୋଜିଓମେଟ୍ରି ସ୍ମାର୍ଟ ଓ ଏରୋକ୍ୱେଲ ସ୍ମାର୍ଟର ଅନାବରଣ ହୋଇଛି। ଏହି ଅଭିନବ ଉତ୍ପାଦ ଶୃଙ୍ଖଳା ଆଧୁନିକ ଟେକ୍ନୋଲୋଜିକୁ ସହ ମିଶ୍ରଣ କରିଛି, ଯାହା ଉପଭୋକ୍ତାଙ୍କୁ ଯେକୌଣସି ସ୍ଥାନରେ ସତେଜ ପବନ ଦେଇଥାଏ। ୫୮୫୦ ଟଙ୍କା ଓ ୮୭୦୦ ଟଙ୍କାର ଏମଆରପି ସହିତ ଏହି ଉତ୍ପାଦ ଶୃଙ୍ଖଳାରେ ୪ଟି ଅଭିନବ ମଡେଲ- ଏରୋଏଲିଭେଟ, ଏରୋକ୍ୱାଡ, ଏରୋଜିଓମେଟ୍ରି, ଏରୋକ୍ୱେଲ ସାମିଲ ରହିଛି। ଏହି ସମସ୍ତ ମଡେଲକୁ ଉନ୍ନତ ବାୟୁ ବିତରଣ, ଦକ୍ଷ କାର୍ଯ୍ୟଦକ୍ଷତା ଓ ଅଧିକ ଶକ୍ତି ସଞ୍ଚୟ ପ୍ରଦାନ କରିବା ପାଇଁ ଡିଜାଇନ କରାଯାଇଛି।ଏ ସମ୍ପର୍କରେ ସିଗ୍ନିଫାଏ ଗ୍ରେଟର ଇଣ୍ଡିଆର ଏମ୍‌ଡି ତଥା ସିଇଓ ସୁମିତ ଯୋଶୀ କହିଛନ୍ତି, ଆମେ ଆମର ଇକୋଲିଙ୍କ୍ ଫ୍ୟାନ୍ସର ନୂଆ ଶକ୍ତିଶାଳୀ ରେଞ୍ଜର ଶୁଭାରମ୍ଭ ସହ ବଜାର ପ୍ରବେଶ କରାଇ ବେଶ୍ ଉତ୍ସାହିତ ଅଛୁ, ଯାହାକୁ ଉପଭୋକ୍ତାଙ୍କ ବିକଶିତ ଆବଶ୍ୟକତାକୁ ପୂରଣ କରିବା ପାଇଁ ଡିଜାଇନ କରାଯାଇଛି। ଏରୋଏଲିଭେଟ, ଏରୋକ୍ୱାଡ, ଏରୋଜିଓମେଟ୍ରି ଓ ଏରୋକ୍ୱେଲ ଭଳି ମଡେଲଗୁଡ଼ିକ ସହିତ ଆମେ ଡିଜାଇନର ଏଲଇଡି ସ୍ପିଡ ଇଣ୍ଡିକେଟର, ବିଏଲଡିସି ଟେକ୍ନୋଲୋଜି, ଆରଏଫ ରିମୋଟ ଟେକ୍ନୋଲୋଜି ଏବଂ ଏକ ସିଲିଂ ଆଡଜଷ୍ଟେବୁଲ ମାଉଣ୍ଟିଙ୍ଗ ମେକାନିଜମ ଭଳି ସ୍ୱତନ୍ତ୍ର ଫିଚରଗୁଡ଼ିକୁ ଅନ୍ତର୍ଭୁକ୍ତ କରିଛୁ, ଯାହା ଇନ୍‌ଷ୍ଟଲେଶନ ପରେ ଡିଜାଇନ ସୌନ୍ଦର୍ଯ୍ୟତାକୁ ବଜାୟ ରଖିଥାଏ।

# ରାଇପାହାଡ଼ର ଘରେ ଘରେ ଆନ୍ଧ୍ର, ଓଡ଼ିଶା ବିଦ୍ୟୁତ୍ ମିଟର

## ୨ରାଜ୍ୟର ଟ୍ୟାପ୍‌ରୁ ପାଣି ପାଉଛନ୍ତି ଗ୍ରାମବାସୀ



ଆନ୍ଧ୍ର ମିଟର



ଓଡ଼ିଶା ମିଟର

ନନ୍ଦପୁର,୨୬।୪ (ତୁଷାରକାନ୍ତ ମହାନ୍ତି)

ଗୋଟିଏ ଘରେ ଲାଗିଛି ଦୁଇ ରାଜ୍ୟର ବିଦ୍ୟୁତ୍ ମିଟର। ଗୋଟିଏ ଆନ୍ଧ୍ରର ଅନ୍ୟଟି ଓଡ଼ିଶାର। ଏଭଳି ଘଟଣା ନନ୍ଦପୁର ବ୍ଲକ୍ ଗୋଲୁର ପଞ୍ଚାୟତର ରାଇପାହାଡ ଗ୍ରାମରେ ଦେଖିବାକୁ ମିଳିଛି। ଗ୍ରାମରେ ଆନ୍ଧ୍ର ପକ୍ଷରୁ ଲାଗିଥିବା ମିଟରରେ ବିଦ୍ୟୁତ୍ ସଂଯୋଗ ରହିଛି। କିନ୍ତୁ ଓଡ଼ିଶା ମିଟରରେ ବିଦ୍ୟୁତ୍ ସଂଯୋଗ ନାହିଁ। ଏହି ଗ୍ରାମର ସମସ୍ତ ୧୬ ପରିବାର ଆନ୍ଧ୍ର ବିଦ୍ୟୁତ୍ ବିଭାଗର ଉପଭୋକ୍ତା ରହିଛନ୍ତି। ଆନ୍ଧ୍ରର ବିଦ୍ୟୁତ୍ ସଂଯୋଗ କଟିଲେ ଓଡ଼ିଶା ମିଟରରେ ବିଦ୍ୟୁତ୍ ସଂଯୋଗ ଦେବାକୁ ଟିପିଏସ୍‌ଓଡିଏଲ୍ ବିଭାଗ ଅପେକ୍ଷା କରିରହିଛି। ଗ୍ରାମରେ ପାନୀୟ ଜଳ ଯୋଗାଣ ମଧ୍ୟ ସମାନ ସ୍ଥିତି। ଗ୍ରାମରେ ଆନ୍ଧ୍ର ଏବଂ ଓଡ଼ିଶାର ପାଣି ଟ୍ୟାପ୍ ରହିଛି। ଲୋକେ ଦୁଇ ରାଜ୍ୟରୁ ପାନୀୟ ଜଳ ସୁବିଧା ପାଉଛନ୍ତି। ରାଇପାହାଡ଼ ଗ୍ରାମର ୧୬ ପରିବାର ୨ ରାଜ୍ୟର ହିତାଧିକାରୀ ବୋଲି ଆଲୋଚନା ହେଉଛି। ସୂଚନା ଅନୁଯାୟୀ, ଗତ ୧୮ ତାରିଖରେ ରାଇପାହାଡ଼ବାସୀ ଓଡ଼ିଶା ଦ୍ୱାରା ଅଣଦେଖା ଅଭିଯୋଗ କରି ଆନ୍ଧ୍ରରେ ମିଶିବାକୁ ଇଚ୍ଛା ପ୍ରକାଶ କରିବା ସହ ଆନ୍ଧ୍ରପ୍ରଦେଶର ଡୁମୁରିଗୁଡ଼ା ବ୍ଲକ୍ ବିଡିଓ, ତହସିଲଦାର ଓ କୁଣ୍ଡୁମ୍ ପଞ୍ଚାୟତ ପ୍ରତିନିଧିଙ୍କୁ ଭେଟିଥିଲେ। ଏହାପରେ କୋରାପୁଟ ଜିଲାପାଳ ଭି.କୀର୍ତ୍ତିଭାସନ ନନ୍ଦପୁର ବିଡିଓ ଦୁର୍ଗାପ୍ରସାଦ ଦୋରା ଓ ତହସିଲଦାର ପ୍ରଭାତୀ ଝୋଡିଆଙ୍କୁ ରାଇପାହାଡ଼ ଗ୍ରାମକୁ ଯାଇ ତଦାରଖ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଦୁଇ ଅଧିକାରୀ ଶୁକ୍ରବାର ଗ୍ରାମକୁ ଯାଇ ଗ୍ରାମବାସୀ ଓ ଆନ୍ଧ୍ର ଦ୍ୱାରା ନିଯୁକ୍ତ ଆଶା ଓ ଅଙ୍ଗନୱାଡି କର୍ମୀଙ୍କ ସହ ଆଲୋଚନା କରିଥିଲେ। ୨୦୨୨ ପର୍ଯ୍ୟନ୍ତ ଓଡ଼ିଶା ପ୍ରଶାସନ ପକ୍ଷରୁ ରାଇପାହାଡ଼କୁ ଅଣଦେଖା କରାଯାଉଥିଲା। ଆନ୍ଧ୍ର ପକ୍ଷରୁ ବିଦ୍ୟୁତ୍, ପାଣି, ଆଧାର, ରାଶନ୍, ଭୋଟର କାର୍ଡ, ଶିକ୍ଷା ଓ ସ୍ୱାସ୍ଥ୍ୟ ଆଦି ସମସ୍ତ ସୁବିଧା ଗ୍ରାମକୁ ଯୋଗାଇ ଦିଆଯାଉଥିଲା। କିନ୍ତୁ ୨୦୨୩ରେ ଆନ୍ଧ୍ରର ଅନୁପ୍ରବେଶ ଓ ଗ୍ରାମବାସୀଙ୍କୁ ବିଭିନ୍ନ ଯୋଜନାରେ ସାମିଲ କରିବା ଘଟଣା ସାମ୍ନାକୁ ଆସିବା ପରେ ସେମାନେ କୌଣସି ଗୋଟିଏ ରାଜ୍ୟର ହୋଇପାରୁ ନ ଥିବା ଗ୍ରାମର ରାଜାରାଓ ହନ୍ତାଳ, ଦଶରଥ ଗେମେଲ, କମୂଲୁ ଖରା ଓ ରାମବାବୁ ଗେମେଲ ପ୍ରମୁଖ ନନ୍ଦପୁର ବ୍ଲକ୍ ପ୍ରଶାସନିକ ଟିମ୍‌କୁ କହିଛନ୍ତି। ଓଡ଼ିଶା ଦ୍ୱାରା ସ୍ଥାପିତ ଅଚଳ ସୌରଚାଳିତ ପାନୀୟ ଜଳ ପ୍ରକଳ୍ପକୁ ମରାମତି, ବିଦ୍ୟୁତ୍ ସଂଯୋଗ ପ୍ରଦାନ କରିବାକୁ ଅଧିକାରୀଙ୍କୁ ଅନୁରୋଧ କରିଛନ୍ତି। ସୌରଚାଳିତ ପ୍ରକଳ୍ପର ମରାମତି ଦୁଇଦିନରେ କରାଯିବ ବୋଲି ତଦାରଖ କରିବାକୁ ଯାଇଥିବା ନନ୍ଦପୁର ବିଡିଓ ଦୋରା, ତହସିଲଦାର ଝୋଡିଆ ଗ୍ରାମବାସୀଙ୍କୁ କହିଛନ୍ତି। ଟିପିଏସ୍‌ଓଡିଏଲ୍ ଏସ୍‌ଡିଓ ଗୋପାଳକୃଷ୍ଣ ପ୍ରଧାନ ଆନ୍ଧ୍ର ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କଲେ ହିଁ ଓଡ଼ିଶା ସ୍ଥାପିତ ମିଟରରେ ବିଦ୍ୟୁତ୍ ସଂଯୋଗ ଦିଆଯାଇପାରିବ ବୋଲି କହିଥିବା ଗ୍ରାମବାସୀ ଅଧିକାରୀଙ୍କୁ ଜଣାଇଥିଲେ। ଏ ନେଇ ଜିଲାପାଳଙ୍କୁ ଅବଗତ କରି ତାଙ୍କ ନିର୍ଦ୍ଦେଶ ମୁତାବକ କାର୍ଯ୍ୟ କରାଯିବ ବୋଲି ବିଡିଓ ଏବଂ ଅନ୍ୟ ଅଧିକାରୀ କହିଛନ୍ତି।

## ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଘଟଣା | ବାଲେଶ୍ୱର ପ୍ରଶାନ୍ତଙ୍କ ଘରେ ଏନ୍‌ଆଇଏ ଟିମ୍



ମୃତ ପ୍ରଶାନ୍ତଙ୍କ ବାସଭବନରେ ଏନ୍‌ଆଇଏ ଟିମ୍।

ବାଲେଶ୍ୱର,୨୬।୪ (ବାଞ୍ଛାନିଧି ଦେ)

ପହଲଗାମ୍ ଆତଙ୍କବାଦୀଙ୍କ ଗୁଳିରେ ପ୍ରାଣ ହରାଇଥିବା ବାଲେଶ୍ୱରର ପ୍ରଶାନ୍ତ ଶତପଥୀଙ୍କ ଘରେ ଶନିବାର ପହଞ୍ଚିଥିଲା ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ)ର ୩ଜଣିଆ ଟିମ୍। ଏହି ଟିମ୍ ଆତଙ୍କବାଦୀ ଆକ୍ରମଣ ଘଟଣାରେ ଅଧିକ ତଥ୍ୟ ସଂଗ୍ରହ ପାଇଁ ପ୍ରତ୍ୟକ୍ଷଦର୍ଶୀ ଥିବା ପ୍ରଶାନ୍ତଙ୍କ ସ୍ତ୍ରୀ ଓ ପୁଅଙ୍କୁ ପଚରାଉଚୁରା କରିଥିଲା। ଏକ କୋଠରିରେ ଦୀର୍ଘ ୫ ଘଣ୍ଟା ଧରି ପଚରାଉଚୁରା କରି ସେଠାରୁ ଫେରିଯାଇଥିଲେ। ଏହି ସମୟରେ ପ୍ରଶାନ୍ତଙ୍କ ମା’, ବଡ଼ଭାଇ, ଭାଉଜ, ଭଉଣୀ ଓ ଅନ୍ୟ ସଦସ୍ୟମାନେ ବାହାରେ ରହିଥିଲେ। ଦେଶର ସୁରକ୍ଷା ତଥା ତଦନ୍ତରେ ବାଧା ସୃଷ୍ଟି ହେବା ଆଶଙ୍କାରେ ଏନ୍‌ଆଇଏ ଟିମ୍ ପକ୍ଷରୁ କୌଣସି ସୂଚନା ଦିଆଯାଇ ନ ଥିଲା। ଏନ୍‌ଆଇଏ ଟିମ୍ ଦିଲ୍ଲୀରୁ କାର୍ (ନଂ.-ଡିଏଲ୍‌୩ସିସିୱାଇ-୦୯୫୭) ଯୋଗେ ଆସି ଇଶାଣୀ ଗ୍ରାମରେ ପୂର୍ବାହ୍ନ ପ୍ରାୟ ୧୦ଟା ବେଳେ ପହଞ୍ଚିଥିଲା। ସ୍ତ୍ରୀ, ପୁଅଙ୍କ ସହିତ କଶ୍ମୀରରେ ପ୍ରଶାନ୍ତ ଶତପଥୀ ଛୁଟି କାଟୁଥିବା ବେଳେ ଆତଙ୍କବାଦୀମାନେ ତାଙ୍କୁ ଗୁଳି କରି ହତ୍ୟା କରିଥିଲେ। ଆତଙ୍କବାଦୀଙ୍କ ଏହି ବର୍ବରୋଚିତ କାଣ୍ଡକୁ ନିଜ ଆଖିରେ ଦେଖିଥିଲେ ମୃତ ପ୍ରଶାନ୍ତଙ୍କ ସ୍ତ୍ରୀ ଓ ପୁଅ। ଘଟଣା ସମୟରେ କିପରି ଦୃଶ୍ୟପଟ ଥିଲା ସେନେଇ ଯାଞ୍ଚ କରିଥିଲେ ଟିମ୍‌ର ଅଧିକାରୀମାନେ। ଆତଙ୍କବାଦୀମାନେ ଆସିବା ସମୟରେ କେଉଁ ପ୍ରକାର ପୋଷାକ ପିନ୍ଧିଥିଲେ, କେଉଁ ଦିଗରୁ ଆସିଥିଲେ, କେଉଁ ପ୍ରକାରର ଅସ୍ତ୍ରଶସ୍ତ୍ର ଧରିଥିଲେ, ସେମାନେ ଲୋକଙ୍କୁ କ’ଣ ସବୁ କହିଥିଲେ, ଆକ୍ରମଣ ସମୟରେ କ’ଣ କହି ଗୁଳି ମାରୁଥିଲେ, କେତେ ସମୟ ଧରି ସେମାନେ ଆତଙ୍କ ଖେଳାଇଥିଲେ, ସେହି ସମୟରେ ସ୍ଥାନୀୟ ଲୋକ ବା ଦୋକାନୀମାନଙ୍କ ବ୍ୟବହାର କେମିତି ଥିଲା, ଏମିତି ଅନେକ ପ୍ରଶ୍ନ ଏନ୍‌ଆଇଏ ଟିମ୍ ପଚାରି ବୁଝିଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ଗତ ୨୨ତାରିଖରେ ଜମ୍ମୁ-କଶ୍ମୀରର ପର୍ଯ୍ୟଟନସ୍ଥଳୀ ପହଲଗାମ୍‌ରେ ଆତଙ୍କବାଦୀମାନେ ଆକ୍ରମଣ କରିଥିଲେ। ଯେଉଁଥିରେ ପ୍ରଥମେ ୨୬ ଜଣ ପ୍ରାଣ ହରାଇଥିଲେ। ପରେ ଚିକିତ୍ସାଧୀନ ଅବସ୍ଥାରେ ଆଉ ୨ଜଣଙ୍କର ମୃତ୍ୟୁ ହୋଇଥିଲା। ଏହି ଆତଙ୍କବାଦୀ ଆକ୍ରମଣରେ ମୋଟ୍ ୨୮ଜଣଙ୍କର ମୃତ୍ୟୁ ହୋଇଥିଲା। ଏହାର ତଦନ୍ତ ଭାର ଏନ୍‌ଆଇଏକୁ ଦିଆଯାଇଥିଲା।







# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ବରିଷ୍ଠ ଖବରଦାତା ଏସ୍ ଓ କଲିମ୍‌ଙ୍କ ସ୍ମୃତି ଶ୍ରଦ୍ଧାଞ୍ଜଳି, ସ୍ଥାନ: ଉତ୍କଳ କରାଟେ ସ୍କୁଲ ସଭାଗୃହ, ୟୁନିଟ୍-୯, ସମୟ: ଅପରାହ୍ନ ୪ଟା ୩୦।

## କଟକ
- ବାଜିରାଉତ କୈବର୍ତ୍ତ ଯୁବକ ସଂଘ ପକ୍ଷରୁ ମା' ଅଶ୍ୱେନୀ ବାସେଲୀଙ୍କ ଚୈତ୍ରପର୍ବ ମହୋତ୍ସବ, ସ୍ଥାନ: କଳାପ୍ରକାଶିନୀ କ୍ଲବ ପରିସର, ଚୌଦ୍ୱାର, ସମୟ: ସନ୍ଧ୍ୟା ୭ଟା।

## ପୁରୀ
- ସତ୍ୟଭାମା ସାରସ୍ୱତ ଅନୁଷ୍ଠାନ ପକ୍ଷରୁ କବିତା ପାଠୋତ୍ସବ ଓ ପତ୍ରିକା ଉନ୍ମୋଚନ, ସ୍ଥାନ: ବରାଳ, ସାକ୍ଷୀଗୋପାଳ, ସକାଳ ୯ଟା।
- ନବକୁଣ୍ଡିୟ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୂତି, ସ୍ଥାନ: ବୀରଗୋବିନ୍ଦପୁର ବ୍ରାହ୍ମଣ ଶାସନ, ସାକ୍ଷୀଗୋପାଳ, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର
- ଆର୍‌ଏସ୍‌ଏସ୍‌ର ପ୍ରଶିକ୍ଷଣ ଶିବିର, ସ୍ଥାନ: ମାର୍କୋଣା, ସିମୁଳିଆ, ସମୟ: ଦିବସବ୍ୟାପୀ।
- ଓଡ଼ିଶା ସାହିତ୍ୟ ଏକାଡେମୀ ଓ ମନ୍ମଥ-ମନୋଜ ଫାଉଣ୍ଡେଶନ ପକ୍ଷରୁ ପଦ୍ମଭୂଷଣ ମନୋଜ ଦାସଙ୍କ ୪ର୍ଥ ରାଜ୍ୟସ୍ତରୀୟ ଶ୍ରାଦ୍ଧବାର୍ଷିକୀ, ସ୍ଥାନ: ଶଙ୍ଖାରୀ ଗ୍ରାମ ମନ୍ମଥ-ମନୋଜ ସ୍ମାରକୀ ସ୍ମୃତି ସମ୍ମିଳନୀ କକ୍ଷ, ଭୋଗରାଇ, ସମୟ: ସକାଳ ୮ଟା ୩୦।
- ଖବରଦାତା ସମ୍ମିଳନୀ, ସ୍ଥାନ: ଷ୍ଟେଶନ କ୍ଲବ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଆଇନ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ, ସ୍ଥାନ: ସର୍କିଟ୍ ହାଉସ, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା।
- ପତ୍ରିକା ଲୋକାର୍ପଣ ଉତ୍ସବ, ସ୍ଥାନ: ଭଗବାନପୁର ବୈଠକ ବଙ୍ଗଳା, ରୂପସା, ସମୟ: ଅପରାହ୍ନ ୩ଟା ୩୦।
- ବାର୍ଷିକ ଉତ୍ସବ 'ସାଇ ଫେଷ୍ଟ'ର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ସତ୍ୟସାଇ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନ କ୍ୟାମ୍ପସ, ଶ୍ରୀକୋଣା, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ
- ମହାବୀରଙ୍କ ମନ୍ଦିର ବାର୍ଷିକ ଉତ୍ସବ, ସ୍ଥାନ: ମିଶ୍ରପୁର, ବାସୁଦେବପୁର, ସମୟ: ସକାଳ ୭ଟା।
- ରକ୍ତଦାନ ଶିବିର, ସ୍ଥାନ: ବିନାୟକପୁର, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ଭାଜପା ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ମନ୍ କି ବାତ୍ କାର୍ଯ୍ୟକ୍ରମର ସିଧାପ୍ରସାରଣ, ସ୍ଥାନ: ଭାଜପା କାର୍ଯ୍ୟାଳୟ, ଚାନ୍ଦବାଲି ଏନ୍‌ଏସି, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରଧାନମନ୍ତ୍ରୀଙ୍କ ମନ୍ କି ବାତ କାର୍ଯ୍ୟକ୍ରମର ସିଧାପ୍ରସାରଣ, ସ୍ଥାନ: ଜିଲା ଭାଜପା କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ଦିବଂଗତ ସାମାଜିକ କର୍ମୀ ତ୍ରିଲୋଚନ ପ୍ରଧାନଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ସ୍ମୃତିସଭା, ସ୍ଥାନ: ଧାମରା, ଚାନ୍ଦବାଲି, ସମୟ: ମଧ୍ୟାହ୍ନ ୧୨ଟା।
- ବୈତରଣୀ ମହୋତ୍ସବର ଚତୁର୍ଥ ସନ୍ଧ୍ୟା, ସ୍ଥାନ: ଦୁର୍ଗାପଡ଼ିଆ, ଚାନ୍ଦବାଲି, ସମୟ: ସନ୍ଧ୍ୟା ୬ଟା।
- ବାସୁଦେବପୁର ସୌରଭ ସମ୍ମାନ ମହୋତ୍ସବର ୩ୟ ସନ୍ଧ୍ୟା, ସ୍ଥାନ: ଯାଦବ ପଡ଼ିଆ, ବାସୁଦେବପୁର, ସମୟ: ସନ୍ଧ୍ୟା ୭ଟା।

## କେନ୍ଦୁଝର
- ଲକ୍ଷ୍ମୀନାରାୟଣ ମନ୍ଦିରରେ ପୂଜାର୍ଚ୍ଚନା ଓ ଭଜନ କୀର୍ତ୍ତନ, ସ୍ଥାନ: ଓରାଳି, ଛେନାପଦି, ସମୟ: ସକାଳ ୭ ଟା ଓ ସନ୍ଧ୍ୟା ୬ ଟା।
- ମା' ମଙ୍ଗଳା ମନ୍ଦିରର ପ୍ରତିଷ୍ଠା ଉତ୍ସବର ଅଧିବାସ ଓ ଅଙ୍କୁରା ରୋପଣ, ସ୍ଥାନ: ଅସିଆ, ଛେନାପଦି, ସମୟ: ସକାଳ ୮ ଟା।
- କଳିଙ୍ଗ କଲଚୁରାଲ ଏକାଡ଼େମୀ ବାର୍ଷିକ ଉତ୍ସବ, ସ୍ଥାନ: କେନ୍ଦୁଝର ଅଡିଟରିୟମ, ସମୟ: ଅପରାହ୍ନ ୫ଟା।
- ସୀତାରାଣୀ ବିଶ୍ୱାଳଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ସତ୍‌ସଙ୍ଗ, ସ୍ଥାନ: ଶାସଙ୍ଗ, ଛେନାପଦୀ, କେନ୍ଦୁଝର, ସମୟ: ସନ୍ଧ୍ୟା ୭ଟା।

## ମୟୂରଭଞ୍ଜ
- କ୍ରିକେଟ ମ୍ୟାଚ୍, ସ୍ଥାନ: ଷ୍ଟାଡିୟମ ପଡ଼ିଆ, ବାରିପଦା, ସମୟ: ସକାଳ ୭ଟା।
- ଅଣ ଆବାସିକ ଗ୍ରୀଷ୍ମକାଳୀନ ଫୁଟ୍‌ବଲ ପ୍ରଶିକ୍ଷଣ ଶିବିର, ସ୍ଥାନ: ଷ୍ଟାଡିୟମ ପଡ଼ିଆ, ବାରିପଦା, ସମୟ: ସକାଳ ୮ଟା।
- 'ଆମେ ୮୦' ପକ୍ଷରୁ ଜଳସେବା, ସ୍ଥାନ: ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ, ବାରିପଦା, ସମୟ: ସକାଳ ୯ଟା।
- ବାର୍ଷିକ ସାରସ୍ୱତ ସମାରୋହ, ସ୍ଥାନ: ଏମ୍‌ପିସି ଉଚ୍ଚ ବିଦ୍ୟାଳୟ, ବେତନଟୀ, ସମୟ: ସକାଳ ୯ଟା।

## ବ୍ରହ୍ମପୁର
- ମୁଖ୍ୟମନ୍ତ୍ରୀଙ୍କଠାକୁରାଣୀଙ୍କ ଦର୍ଶନ, ସ୍ଥାନ: ଦେଶୀ ବେହେରା ସାହି, ସମୟ: ସକାଳ ୯ଟା ୫୦।
- ରାମଚନ୍ଦ୍ର ନାୟକ ସ୍ମାରକୀ ବକ୍ତୃତା ପ୍ରତିଯୋଗିତା, ସ୍ଥାନ: ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲ, ସମୟ: ପୂର୍ବାହ୍ନ ୧୧ଟା।

## ଗଞ୍ଜାମ
- ଭୀମପୁର ବିଦ୍ୟାଳୟର ସତବାର୍ଷିକ ଉତ୍ସବ, ସ୍ଥାନ: ଭୀମପୁର, ସମୟ: ପୂର୍ବାହ୍ନ ୧୦ଟା।
- ମୁଖ୍ୟମନ୍ତ୍ରୀଙ୍କ ଆଗମନ, ସ୍ଥାନ: ଘୋଳପୁର ବୁଗୁଡ଼ା ବ୍ଲକ, ସମୟ: ଅପରାହ୍ନ ୧ଟା ୨୦।

## ଢେଙ୍କାନାଳ
- ସିନର୍ଜି କଲେଜରେ ମନ୍ କି ବାତ କାର୍ଯ୍ୟକ୍ରମ, ସ୍ଥାନ: ସିନର୍ଜି ଇଞ୍ଜିନିୟରିଙ୍ଗ୍ କଲେଜ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଇସ୍କନ ପକ୍ଷରୁ ହରେକୃଷ୍ଣ ଉତ୍ସବ, ସ୍ଥାନ: ଗୋପବନ୍ଧୁ ଟାଉନହଲ, ଢେଙ୍କାନାଳ, ସମୟ: ସନ୍ଧ୍ୟା ୬ଟା।

## ଜଗତ୍‌ସିଂହପୁର
- ସ୍ୱେଚ୍ଛାସେବୀ ସଙ୍ଗଠନ 'ପ୍ରସ୍ତୁତି' ପକ୍ଷରୁ ଜଳଛତ୍ର ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ପାରାଦୀପ ବନ୍ଦର ଚିକିତ୍ସାଳୟ ସମ୍ମୁଖ ଗେଟ୍, ବଡ଼ପଡ଼ିଆ, ପାରାଦୀପ, ସମୟ: ସକାଳ ୮ଟା
- ପାରାଦୀପ କ୍ରିକେଟ ଲିଗ୍(ପିସିଏଲ୍) ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ, ସ୍ଥାନ: ଏନ୍‌ଏସି ପଡ଼ିଆ, ମଧୁବନ, ପାରାଦୀପ, ସମୟ: ଅପରାହ୍ନ ୪ଟା।
- ପଞ୍ଚମ ଆମନ୍ତ୍ରଣୀୟ କର୍ପୋରେଟ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: ଅଫିସର୍ସ କ୍ଲବ, ମଧୁବନ, ପାରାଦୀପ, ସମୟ: ଅପରାହ୍ନ ୪ଟା।

## କେନ୍ଦ୍ରାପଡ଼ା
- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ, ସମୟ: ସକାଳ ୬ଟା।
- ଚଇତି ଘୋଡ଼ାନାଚ କାର୍ଯ୍ୟକ୍ରମ, ସ୍ଥାନ: ମା' ବାସୁଳେଇ ଦେବୀ ମନ୍ଦିର ପରିସର, ଡାହାଳପୁର, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର
- ନବଘନ ଜେନାଙ୍କ ଜନ୍ମଶତବାର୍ଷିକୀ ସମାରୋହ, ସ୍ଥାନ: ବରୀ ବ୍ଲକ୍‌ର ଅଭିମନ୍ୟୁ ବାଲିଆ, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼
- ଗଣିଆ ଲଙ୍କାପୋଡି ମହୋତ୍ସବରେ ବ୍ରହ୍ମଜ୍ଞାନ ଚର୍ଚ୍ଚା ଓ ମହିରାବଣ ବଧ, ସ୍ଥାନ: ଗଣିଆ ଯାତ୍ରା ପଡ଼ିଆ, ସମୟ:ରାତି ୧୦ଟା।
- ତ୍ରିନାଥ ଠାକୁରଙ୍କ ବାର୍ଷିକୋତ୍ସବ, ସ୍ଥାନ:ନୂଆଗାଁ ଥାନା ପରିସର, ସମୟ: ପୂର୍ବାହ୍ନ ୧୧ଟା ।

## ନବରଙ୍ଗପୁର
- ରକ୍ତଦାନ ଶିବିର, ସ୍ଥାନ: ପୁଜାରୀଗୁଡ଼ା ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ସକାଳ ୭ଟା।

## କୋରାପୁଟ
- ପ୍ରଶିକ୍ଷଣ ଶିବିର, ସ୍ଥାନ: ଶିଶୁ ବିଦ୍ୟା ମନ୍ଦିର, ପାରାବେଡ଼ା, ଜୟପୁର, ସମୟ: ପ୍ରାତଃ ୫ଟା ୩୦।
- କେସିସି ବ୍ୟାଙ୍କ ସାଧାରଣ ପରିଷଦ ବୈଠକ, ସ୍ଥାନ: ଜୟପୁର ମୁଖ୍ୟ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର
- ଯୋଗ ପରିବାର ପକ୍ଷରୁ ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ, ସମୟ : ସକାଳ ୭ଟା ।
- ଜିଲା କ୍ରୀଡା ସଂଘ ଆୟୋଜିତ ୬୦ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସକାଳ ୮ଟା ।
- ଭୁବନେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନ ଆୟୋଜିତ ସମ୍ଭାଗସ୍ତରୀୟ ବାସ୍କେଟ୍ ବଲ କ୍ରୀଡା ଉତ୍ସବ ଉଦ୍‌ଯାପନୀ, ସ୍ଥାନ : ସମ୍ବଲପୁରସ୍ଥିତ ପିଏମ୍‌ଶ୍ରୀ କେନ୍ଦ୍ରିୟ ବିଦ୍ୟାଳୟ ପରିସର, ସମୟ : ସକାଳ ୮ଟା ।
- ରାଷ୍ଟ୍ର ଗଠନରେ ଯୁବ ପ୍ରସ୍ତୁତି ଶିବିର, ସ୍ଥାନ : ପବ୍ଲିକ ଲାଇବ୍ରେରୀ ସମ୍ମିଳନୀ କକ୍ଷ, ସମୟ : ସକାଳ ୮ଟା ।
- ଓଶ୍ଲର ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ସକାଳ ୯ଟା ।
- ଅନ୍ୟା ସାହିତ୍ୟ ଅନୁଷ୍ଠାନ ଆୟୋଜିତ ସମ୍ପାଦନା ଏକ କଳା ଶୀର୍ଷକ ଆଲୋଚନାଚକ୍ର, ସ୍ଥାନ : ପବ୍ଲିକ ଲାଇବ୍ରେରୀ, ସମୟ : ସନ୍ଧ୍ୟା ୬ଟା ।
- ସମ୍ବଲପୁର କବାଡି କ୍ଲବ ଆୟୋଜନରେ ମହିଳା କବାଡି ପ୍ରଦର୍ଶନୀ ମ୍ୟାଚ, ସ୍ଥାନ : ଗଙ୍ଗାଧର ମୁକ୍ତ ମଣ୍ଡପ ପଡିଆ, ରାତି ୭ଟା ।
- ସମ୍ବଲପୁର କବାଡି କ୍ଲବ ଆୟୋଜନରେ ପଶ୍ଚିମ ଓଡ଼ିଶାସ୍ତରୀୟ କବାଡି ଲିଗର ଉଦ୍‌ଯାପନୀ ଉତ୍ସବ, ସ୍ଥାନ : ଗଙ୍ଗାଧର ମୁକ୍ତ ମଣ୍ଡପ ପଡିଆ, ସମୟ : ରାତି ୮ଟା ।

## ବଲାଙ୍ଗୀର
- ରାଜ୍ୟସ୍ତରୀୟ ବିଶ୍ୱାବସୁ ଶବର ସମାଜ ଚିନ୍ତନ ଶିବିର, ସ୍ଥାନ: ଏଆର ପ୍ୟାଲେସ ସମ୍ମିଳନୀ କକ୍ଷ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୯ଟା ।

## ରାଉରକେଲା
- ଶ୍ରୀ ଶ୍ରୀ ଦକ୍ଷିଣକାଳୀ ମନ୍ଦିରରେ ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: ସେକ୍ଟର-୧, ସମୟ: ସକାଳ ୬ଟା।
- ବାୟାବାବା ଆଶ୍ରମରେ ଶ୍ରାଦ୍ଧ ବାର୍ଷିକ ଉତ୍ସବ, ସ୍ଥାନ: କଳ୍ପତରୁ ଆଶ୍ରମ, ସମୟ: ସକାଳ ୬ଟା ୩୦।
- ଗାୟତ୍ରୀ ପୀଠରେ ସାମୂହିକ ହୋମଯଜ୍ଞ, ସ୍ଥାନ: ସେକ୍ଟର-୨ ଗାୟତ୍ରୀ ପୀଠ, ସମୟ: ସକାଳ ୭ଟା ୩୦ ।
- ଆହୂତି ଅନୁଷ୍ଠାନ ପକ୍ଷରୁ ଜଳସେବା, ସ୍ଥାନ: ସେକ୍ଟର-୬, ସମୟ: ସକାଳ ୮ଟା ୩୦।
- ଅଖିଳ ଜନସାହିତ୍ୟ ଉତ୍ସବ, ସ୍ଥାନ: ସେକ୍ଟର-୫ ଭଞ୍ଜ ଭବନ ଆଦର୍ଶ ପାଠାଗାର, ସମୟ: ସକାଳ ୯ଟା ୩୦।
- ଉତ୍କଳମଣି ହୋମିଓପାଥି ମେଡିକାଲ କଲେଜର ସୁବର୍ଣ୍ଣ ଜୟନ୍ତୀ ପାଳନ ସମାରୋହର ଦ୍ୱିତୀୟ ଦିବସ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୨୧, ସମୟ: ପୂର୍ବାହ୍ନ ୧୦ଟା।
- ସିଲେଇ କେନ୍ଦ୍ରରେ ପ୍ରମାଣପତ୍ର ବଣ୍ଟନ, ସ୍ଥାନ: ଜଗଦା, ନବଜୀବନ ମଣ୍ଡଳ, ସମୟ: ସନ୍ଧ୍ୟା ୬ଟା ୩୦।
- ଉତ୍କଳ ସାଂସ୍କୃତିକ ଶିଳ୍ପୀ ଅନୁଷ୍ଠାନ ପକ୍ଷରୁ ନାଟ୍ୟ ନାଟିକା କାର୍ଯ୍ୟକ୍ରମ, ସ୍ଥାନ: ସିଭିକ ସେଣ୍ଟର, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼
- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ଗୋଡ଼ଭଗା, ଅତାବିରା, ସମୟ:ସକାଳ ୭ଟା।
- ଡୁମାଳ ପରିବାରର ବନ୍ଧୁମିଳନ, ସ୍ଥାନ:ସାଇବାବା ମନ୍ଦିର, ନଦୀଖଣ୍ଡି, ବରଗଡ଼, ସମୟ: ସକାଳ ୮ଟା।
- ମନ୍ଦିର ପ୍ରତିଷ୍ଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଗୋଡ଼ଭଗା, ଅତାବିରା, ସମୟ:ଅପରାହ୍ନ ୨ଟା।

## ବୌଦ୍ଧ
- ମା' ଭୈରବୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବର ତୃତୀୟ ଦିନ ଧାନାଧିବାସ, ସ୍ଥାନ: ମା ଭୈରବୀଙ୍କ ପ୍ରାଙ୍ଗଣ ପୁରୁଣା କଟକ, ସମୟ: ସକାଳ ୯ଟା।

## ଦେବଗଡ଼
- ସତ୍ୟ ସାଇ ମନ୍ଦିର କମିଟି ପକ୍ଷରୁ ନଗର କିର୍ତ୍ତନ ପରିକ୍ରମା, ସ୍ଥାନ: ଦେବଗଡ଼ ସହର, ସମୟ:ଭୋର ୪ଟା।
- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ:ତିଲେଇବଣି ବ୍ଲକ କଲ୍ୟାଣ ମଣ୍ଡପ, ସମୟ:ପୂର୍ବାହ୍ନ ୧୦ଟା।
- ତ୍ରିନାଥ ମେଳା, ସ୍ଥାନ:ବାବୁ ସାହି, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୬ଟା।
- ମା କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ: ମଠ ସାହି ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ଡୁଙ୍ଗୁରିପାଲିରେ ବାବାସାହେବ ଡ. ଭୀମରାଓ ଆମ୍ବେଡ଼କରଙ୍କ ଜୟନ୍ତୀ ପାଳନ ସମାରୋହ, ସ୍ଥାନ: ଏସ୍‌ସି ଏସ୍‌ଟି ଷ୍ଟଲ ପରିସର, ସମୟ: ସକାଳ ୯ଟା।
- ତରଭା ଅନ୍ତର୍ଡା ସ୍ଥିତ ତ୍ରିନାଥ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ପୁରାଣପାଠ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା।

## ନୂଆପଡ଼ା
- ସଂସ୍କୃତି ରକ୍ଷା ଜାଗରଣ ବିଚାର ମନ୍ଥନ କାର୍ଯ୍ୟକ୍ରମ, ସ୍ଥାନ: ନୂଆପଡ଼ା ସଦର ବ୍ଲକ ଗୋଡଫୁଲା ପଞ୍ଚାୟତ ଜୁନାନୀ ଗାଁ ଗୁରୁକୂଳ ହରିପୁର, ସମୟ: ସକାଳ ୯ଟା ।
- ଜମ୍ମୁ କଶ୍ମୀର ପହଲଗାମ ଆକ୍ରମଣ ଘଟଣା ନେଇ କ୍ୟାଣ୍ଡେଲ ଶୋଭାଯାତ୍ରା, ସ୍ଥାନ: ନୂଆପଡ଼ା ଏକତା ଛକରୁ ଗାୟତ୍ରୀ ମନ୍ଦିର, ସମୟ: ସନ୍ଧା ୬ଟା ୩୦।

## ଝାରସୁଗୁଡ଼ା
- ଝାରସୁଗୁଡ଼ା, ରାଜସ୍ୱ ମନ୍ତ୍ରୀଙ୍କ ଦ୍ୱାରା ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ଲଖନପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ଅପରାହ୍ନ ୧ ଟା
- ବ୍ରଜରାଜନଗର ମହୋତ୍ସବ ଉଦ୍‌ଘାଟନ ଉତ୍ସବ, ସ୍ଥାନ:ବ୍ରଜରାଜନଗର ସୁଇମିଂପୁଲ ପଡ଼ିଆ, ସମୟ: ଅପରାହ୍ନ ସାଢ଼େ ୫ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ନିଜକୁ ଠିକ୍ ଭାବେ ଆଡ୍‌ଜଷ୍ଟ କରି ଚଳାଇ ନେବାରେ ଅସୁବିଧା ହେବ ନାହିଁ। ଦ୍ୱାଦଶସ୍ଥ ଗ୍ରହ ପ୍ରଭାବରେ ଦୀର୍ଘପଥ ଭ୍ରମଣଜନିତ ଅସୁସ୍ଥତା ଅନୁଭବ କରିପାରନ୍ତି। ଅଟକି ରହିଯାଇଥିବା କାର୍ଯ୍ୟ ତ୍ୱରାନ୍ୱିତ ହେବାରେ ବନ୍ଧୁ ସାହାଯ୍ୟ କରିବେ। କୃଷି, ବାଣିଜ୍ୟ, ପ୍ରଶାସନ ଓ ଆଇନ ଅଦାଲତ ପ୍ରଭୃତି କ୍ଷେତ୍ରରେ ଚେଷ୍ଟା ସଫଳ ହେବ।

**ବୃଷ** ପାରିବାରିକ ଜୀବନରେ ରହିଥିବା ସମସ୍ୟାକୁ ସୁଧାରି ନେବା ପାଇଁ ପ୍ରଯତ୍ନ କରିବେ। ସାମାଜିକ କ୍ଷେତ୍ରରେ ଓ ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବାରେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ। ଗୃହ ନିର୍ମାଣ କାର୍ଯ୍ୟ ଯୋଗୁ ଟେନସନ୍ ଲାଗି ରହିବ। ଖଳପ୍ରକୃତିର ଲୋକମାନେ ବିରୁଦ୍ଧାଚରଣ କରିପାରନ୍ତି, କିନ୍ତୁ କିଛି ଅସୁବିଧା ହେବ ନାହିଁ।

**ମିଥୁନ** ଏକାଦଶସ୍ଥ ରବିଙ୍କ ଯୋଗୁ ବନ୍ଧୁଙ୍କ ସହାନୁଭୂତିରେ ସୁଯୋଗ ଲାଭ କରି ନିଜକୁ ଧନ୍ୟ ମନେକରିବେ। ଯେଉଁ କାମଟିକୁ ଆଜିଯାଏ ଆପଣ କରି ପାରୁନଥିଲେ, ଆଜି ତାହା ସୁବିଧାରେ ସମ୍ପନ୍ନ ହୋଇପାରିବ। ବନ୍ଧୁଙ୍କ ଜରିଆରେ ପାରିବାରିକ ସମସ୍ୟାର ସମାଧାନ ଘଟିପାରେ। ଦର୍ଶନୀୟ ସ୍ଥାନ ପରିଭ୍ରମଣର ସୁଯୋଗ ଜୁଟିବ।

**କର୍କଟ** ଗତକାଲିଠାରୁ ଯାହା କରିବାକୁ ଚିନ୍ତା କରିଥିଲେ, ସେଥିରେ ଅସୁବିଧା ହେବନାହିଁ। କେତେକ କ୍ଷେତ୍ରରେ କଥାଁ କଥା କହି ପରିସ୍ଥିତିକୁ ସୁଧାରି ନେବେ। କାର୍ଯ୍ୟବ୍ୟସ୍ତତା ଯୋଗୁ ଖାଦ୍ୟପେୟ ଠିକ୍ ରହିବ ନାହିଁ କିମ୍ବା ଘରର କଥା ବୁଝିବାକୁ ସମୟ ପାଇବେ ନାହିଁ। ପରିଜନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ସାଙ୍ଗକୁ ବ୍ୟବସାୟିକ କ୍ଷେତ୍ର ଉନ୍ନତ ରହିବ।

**ସିଂହ** ଆଜି ପରିବାରର ଅଭାବ ଓ ଅସୁବିଧାକୁ ନେଇ ସରଗରମ ଆଲୋଚନା ହେବ। ବନ୍ଧୁଙ୍କ ସହିତ ବକେୟା ଟଙ୍କାକୁ କେନ୍ଦ୍ର କରି ଟଣାଓଟରା ଲାଗିପାରେ। ସାମାଜିକ ସ୍ତରରେ ପାରିପାର୍ଶ୍ୱିକ ପରିସ୍ଥିତି ଭଲ ରହିବ। ସ୍ଥଗିତ ରହିଥିବା କାମ ସମୂହକୁ ସମ୍ପନ୍ନ କରିବାରେ ପର ଉପରେ ନିର୍ଭର କରି ଦୁଶ୍ଚିନ୍ତାଗ୍ରସ୍ତ ହୋଇପାରନ୍ତି।

**କନ୍ୟା** ବୁଧଙ୍କ ବଳହୀନତା ଯୋଗୁ ଶାରୀରିକ ସ୍ୱାସ୍ଥ୍ୟ ହାନି କାରଣରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ବିଷମ ପରିସ୍ଥିତିରେ ବନ୍ଧୁଙ୍କଠାରୁ ପ୍ରତ୍ୟୁପକାର ଆଶା ନିରର୍ଥକ ହେବାରୁ ବ୍ୟସ୍ତତା ବଢ଼ିଯିବ। ଦୀର୍ଘଦିନ ହେଲା ଯେଉଁ କାମଟିକୁ କରିବାକୁ ମନ ବଳାଇଥିଲେ ଆଜି ତାହା କରିବାରୁ ମନ ଉଚ୍ଚାଟ ରହିବ। ସାମାଜିକ ସ୍ତରରେ ଲୋକସମ୍ପର୍କ ବୃଦ୍ଧି ପାଇବ।

**ତୁଳା** ଆଜି ବିଭିନ୍ନ ଦିଗରୁ ରୋଜଗାର କରିବାରେ ସମର୍ଥ ହେବେ। ଚତୁର୍ଥାଧିପ ଶନିଙ୍କ ଦୁର୍ବଳତାଜନିତ ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବ। ସାଂସ୍କୃତିକ କାର୍ଯ୍ୟକ୍ରମ କିମ୍ବା ଆନୁଷ୍ଠାନିକ କ୍ଷେତ୍ର ତଥା ସାହିତ୍ୟ ଓ ସାମ୍ବାଦିକତାରେ ପ୍ରଶଂସିତ ହେବେ। ବିବାଦୀୟ ଘଟଣାରେ ନୀରବତା ଅବଲମ୍ବନ କଲେ ସମସ୍ୟାକୁ ସୁଧାରି ନେଇପାରିବେ।

**ବିଛା** ମଙ୍ଗଳ ଏବଂ ଶନିଙ୍କ ଦୁର୍ବଳତା କାରଣରୁ ସ୍ୱାସ୍ଥ୍ୟଗତ ସମସ୍ୟା ମନକୁ ନିରୁତ୍ସାହିତ କରିବ। ଯାହାଠାରୁ ଯାହା ପାଇବା ପାଇଁ ପ୍ରତିଶ୍ରୁତି ପାଇଥିଲେ, ତାହା ନ ପାଇବା ହେତୁ ମନ ଭଲ ରହିବ ନାହିଁ। ପରିବହନ ପାଇଁ ଅସୁବିଧା ହେବ ନାହିଁ ଏବଂ ଆଜିର ବ୍ୟବସାୟ ଭଲ ହେବ। ନିକଟତର ଲୋକଟିର କାର୍ଯ୍ୟକଳାପ ସନ୍ଦେହଜନକ ହୋଇପାରେ।

**ଧନୁ** କେନ୍ଦ୍ରସ୍ଥ ଗ୍ରହଯୋଗ ପ୍ରଭାବରୁ ସହକର୍ମୀ କିମ୍ବା ଆତ୍ମୀୟଙ୍କ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। ଯେ କୌଣସି କ୍ଷେତ୍ରରେ ଭାବି ଚିନ୍ତି କାମ କରିବା ଭଲ। ଅଫିସରଙ୍କ ସମ୍ମୁଖରେ ମନକଥା କହିବାରେ ପଛାଇଯିବେ। ରୋଗପୀଡ଼ା ଭୋଗ କରୁଥିବା ବ୍ୟକ୍ତିଙ୍କ ଶାରୀରିକ ଅବସ୍ଥାରେ ଉନ୍ନତି ଘଟିବାରୁ ଆଶ୍ୱସ୍ତି ଅନୁଭବ କରିବେ।

**ମକର** ସକାଳୁ ବନ୍ଧୁଙ୍କ ଜରିଆରେ ଶୁଭ ଖବର ପାଇ ମନ ଖୁସି ହୋଇଯିବ। ଧନିଷ୍ଠା ନକ୍ଷତ୍ର ସକାଶେ ପରୋକ୍ଷ ଶତ୍ରୁତା, ଧାର କରଜ, ପିଲାଙ୍କ ସ୍ୱାସ୍ଥ୍ୟ ସମସ୍ୟା ମନକୁ ଭାରାକ୍ରାନ୍ତ କରିବ। ଯେତେ ଭଲ କାମ କରନ୍ତୁ ଆଦୌ ପଡୁନଥିବା ଲୋକମାନେ ନିନ୍ଦା କରିବେ। ସାଧାରଣ କଥାକୁ କେନ୍ଦ୍ରକରି ଗୃହରେ କିମ୍ବା ଅଫିସରେ କଳହ ସୃଷ୍ଟି ହୋଇପାରେ।

**କୁମ୍ଭ** ସବୁ ଦିଗରୁ ଭଲ ଥିଲେ ମଧ ମାନ୍ଦା ବେପାର, ବନ୍ଧୁଙ୍କ ଶତ୍ରୁତା, ପୁଅ ଝିଅଙ୍କ ବାହାଘର ନେଇ ବ୍ୟସ୍ତ ରହିବେ। କର୍ମକ୍ଷେତ୍ରରେ ଅଭାବନୀୟ ସ୍ଥିତିରୁ ସହସା ମୁକ୍ତି ମିଳିବା ଯୋଗୁ ଆନନ୍ଦିତ ହେବେ। ବହୁତ ଦିନର ଯୋଜନାଟିକୁ କାଯ୍ୟକାରୀ କରିବାକୁ ଗୁରୁତ୍ୱ ଦେବେ। ନୀଚ ସଂସର୍ଗରୁ ଦୂରେଇ ରହନ୍ତୁ , ଅନ୍ୟଥା ସମାଲୋଚିତ ହେବାକୁ ପଡ଼ିପାରେ।

**ମୀନ** ଗୋଟିଏ ସମସ୍ୟା ଶେଷ ହେଉ ହେଉ ଅନ୍ୟ ଏକ ସମସ୍ୟାରେ ମନ ଭାରାକ୍ରାନ୍ତ ରହିବ। କର୍ମକ୍ଷେତ୍ର ମନ୍ଥର ରହିବ, କିନ୍ତୁ କୌଣସି କାମ ଅଟକିବ ନାହିଁ। ବ୍ୟବସାୟ, ପରିବହନ, ନିର୍ମାଣ କ୍ଷେତ୍ରରେ ସମସ୍ୟା ଲାଗି ରହିବାଜନିତ ଟେନ୍ସନ ଲାଗି ରହିବ। ପାରିବାରିକ ଜୀବନରେ ସନ୍ତାନଙ୍କ ବୈବାହିକ ସମସ୍ୟା ଦୁଶ୍ଚିନ୍ତାର କାରଣ ହୋଇପାରେ।

ଆଜି ଏପ୍ରିଲ ୨୭ ତାରିଖ, ବୈଶାଖ ମାସର ରୁକ୍ମିଣୀ ଅମାବାସ୍ୟା ରବିବାର, ଅମାବାସ୍ୟାର ନିଶାପାଳନ, କରତୋୟା ଏବଂ ସୂର୍ଯ୍ୟମହତୀ ସ୍ନାନଯୋଗ। କବିବର ରାଧାନାଥଙ୍କ ତିରୋଧାନ ଦିବସ, ରାଶିନକ୍ଷତ୍ର-ଅଶ୍ୱିନୀ/ମେଷ, ଅମାବାସ୍ୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୨୩ ଗତେ ଘ.୦୯।୩୭ ମଧ୍ୟେ, ଘ.୦୧।୧୯ ଗତେ ଘ. ୦୧।୫୧ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୨୯ ଗତେ ଘ.୦୬।୦୪ ମଧ୍ୟେ ରାହୁକାଳ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ବାମରେ ଦେଖିଲେ ବାମ ଶିଆଳ**
**ଡାହାଣେ ଦେଖିଲେ ଶଙ୍ଖା**
**ଆଗରେ ଦେଖିଲେ ଭଦଭଦଳିଆ**
**ପାରି ହୋଇଯିବ ଲଙ୍କା।**

ବାମରେ ଶିଆଳ, ଡାହାଣରେ ଶଙ୍ଖଚିଲ ଓ ଆଗରେ ଭଦଭଦଳିଆ ଦେଖିଲେ ଅନୁକୂଳ ଶୁଭ ହୁଏ। ଏପରି ସ୍ଥିତିରେ ଯେ କୌଣସି କାର୍ଯ୍ୟରେ ଘରୁ ବାହାରିଲେ ସେଥିରେ ସଫଳତା ମିଳିଥାଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ବଡ଼ ବୋହୂ ବଡ଼ ହଟି**
**ଶହେ ମଣ୍ଡାକୁ କଳରେ ଜାକିଲା**
**ତେବେ ନ ହଲିଲା ପାଟି।**

କେତେଜଣ ବ୍ୟକ୍ତି ଅତ୍ୟନ୍ତ ଧୂର୍ତ୍ତ ପ୍ରକୃତିର ହୋଇଥାନ୍ତି। ଏମିତି ଖଞ୍ଜରେ କାର୍ଯ୍ୟ କରିଥାନ୍ତି ଯେ ତା'ର ଟେର୍ ମଧ କେହି ପାଇପାରି ନ ଥାନ୍ତି। ଲୁଚେଇ ଛପେଇ ସବୁ ନିଜ ଆୟତ୍ତରେ ରଖି ନୀରବତା ଅବଲମ୍ବନ କରୁଥିବା ଚତୁରୀ ନାରୀଟି ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ




ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପାକିସ୍ତାନୀ ଝିଅ, ଭାରତୀୟ ବୋହୂ: ରହିବାକୁ ଦିଆଯାଉ

ବଲାଙ୍ଗୀର/ ଭୁବନେଶ୍ୱର /ନଏଡା, ୨୬।୪
(ବୀରେନ୍ଦ୍ର କୁମାର ଝାଙ୍କର/ ସୌମ୍ୟ ରଞ୍ଜନ ରାଉତ)

ପହଲଗାମ୍ ଆକ୍ରମଣ ପରେ ଭାରତ ସରକାର ପାକିସ୍ତାନୀ ନାଗରିକମାନଙ୍କ ଭିଜା ତତ୍କାଳ ରଦ୍ଦ କରିବା ସହ ୨୭ ତାରିଖ ସୁଦ୍ଧା ଦେଶ ଛାଡ଼ି ଚାଲିଯିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି କ୍ରମେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଶୁକ୍ରବାର ସବୁ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କୁ ଫୋନ୍ କରି ଭିଜା ଅବଧି ବାହାରେ ସମ୍ପୃକ୍ତ ରାଜ୍ୟଗୁଡ଼ିକରେ ବସବାସ କରୁଥିବା ପାକିସ୍ତାନୀଙ୍କୁ ଖୋଜି ବିଦା କରିବାକୁ କହିଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଏହି ନିର୍ଦ୍ଦେଶ ପରେ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକର ସରକାରୀ କଳ ପାକିସ୍ତାନୀ ନାଗରିକମାନଙ୍କୁ ଠାବ କରି ତୁରନ୍ତ ଦେଶ ଛାଡ଼ି ଚାଲିଯିବାକୁ ନୋଟିସ୍ ଦେଇଛନ୍ତି। ହାତରେ ୨୪ ଘଣ୍ଟାରୁ କମ୍ ସମୟ ଥିବାବେଳେ ଏଥିପାଇଁ ପୂର୍ବରୁ ପ୍ରସ୍ତୁତ ହୋଇ ନ ଥିବା ଅନେକ ମହିଳା ପାକିସ୍ତାନୀ ଏବେ ଚିନ୍ତାରେ ପଡ଼ିଛନ୍ତି। ବଲାଙ୍ଗୀର ଠିକାଦାରପଡ଼ାର ଶାରଦା ବାଇଙ୍କଠୁ ନେଇ ଭୁବନେଶ୍ୱରରେ ରହୁଥିବା ନଗମା ୟୁସୁଫ ଏବଂ ଉତ୍ତରପ୍ରଦେଶର ଗ୍ରେଟର ନଏଡାରେ ବସବାସ କରୁଥିବା ସୀମା ହାଇଦର ଅତର୍କିତ ପ୍ରତ୍ୟର୍ପଣର ସମ୍ମୁଖୀନ ହୋଇଛନ୍ତି।

ପାକିସ୍ତାନୀ ମହିଳା ଶାରଦା ବାଇ ୩୫ ବର୍ଷ ତଳେ ବଲାଙ୍ଗୀରର ମହେଶ କୁକ୍ରେଜାଙ୍କୁ ବିବାହ କରିଥିଲେ। ୧୯୯୧ ମସିହାରୁ ତାଙ୍କର ଭିଜା ରଦ୍ଦ ହୋଇଯାଇଥିବା ଜଣାପଡ଼ିବା ପରେ ଶନିବାର ତାଙ୍କୁ ବଲାଙ୍ଗୀର ଜିଲା ପୋଲିସ କାର୍ଯ୍ୟାଳୟ ପକ୍ଷରୁ ନୋଟିସ ଜାରି କରାଯାଇଛି। ଶାରଦା କହିଛନ୍ତି, ସେ ବଲାଙ୍ଗୀରରେ ୩୫ ବର୍ଷ ହେଲା ସ୍ୱାମୀ ଏବଂ ପରିବାର ସହ ରହୁଛନ୍ତି। ଏଠି ସେ ସ୍ୱାମୀ, ପୁଅ,ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀଙ୍କ ସହ ଖୁସିରେ ଅଛନ୍ତି। ୧୯୯୫ରୁ ସେ ଭୋଟ ମଧ ଦେଇ ଆସୁଛନ୍ତି। ପାକିସ୍ତାନରେ ତାଙ୍କର କେହି ନାହାନ୍ତି। ପରିବାର ଛାଡ଼ି ସେଠାକୁ ଗଲେ କିପରି ରହିବି ବୋଲି ଶାରଦା ପ୍ରଶ୍ନ କରିଛନ୍ତି। ସେହିପରି ଭୁବନେଶ୍ୱରର ଜଣେ ବ୍ୟବସାୟୀଙ୍କୁ ୨୦୦୮ରେ ପ୍ରେମ ବିବାହ କରିଥିବା ନଗମା ୟୁସୁଫଙ୍କ ଭିଜା ଅବଧି ୨୦୨୪ରେ ଶେଷ ହୋଇଯାଇଥିଲା। ତେଣୁ ଭୁବନେଶ୍ୱର ଛାଡ଼ି ଯିବା ପାଇଁ ପୋଲିସ ତାଙ୍କୁ ନୋଟିସ୍ କରିଛି। ଘଟଣାକୁ ନେଇ ନଗମାଙ୍କ ସ୍ୱାମୀ ମହମ୍ମଦ ନିଜାମୁଦ୍ଦିନ କହିଛନ୍ତି, ଭିଜା ଅବଧି ଶେଷ ହେବା ପରେ ନଗମା ଏକ୍ସିଟ୍ ଭିଜା ପାଇଁ କମିଶନରେଟ ପୋଲିସ ନିକଟରେ ଆବେଦନ କରିଥିଲେ। ସାମ୍ପ୍ରତିକ ସ୍ଥିତି ଅନୁଯାୟୀ ସରକାର ନଗମାଙ୍କୁ ନୋଟିସ୍ ଜାରି କରିଛନ୍ତି। ସରକାରଙ୍କ ନିଷ୍ପତ୍ତିକୁ ସମ୍ମାନ ଦେବାର ଆବଶ୍ୟକତା ରହିଛି।


ସୀମା ହାଇଦର


ଶାରଦା ବାଈ

ଅନ୍ୟପକ୍ଷରେ, ଟିକ୍‌ଟକ୍ ଜରିଆରେ ପ୍ରେମ ସମ୍ପର୍କ ସ୍ଥାପନ କରି ୟୁପିର ସଚିନ ମୀନାଙ୍କୁ ବିବାହ କରିବା ପରଠାରୁ ପାକିସ୍ତାନୀ ମହିଳା ସୀମା ହାଇଦର ସ୍ୱାମୀଙ୍କ ସହ ନଏଡାରେ ରହି ଆସୁଛନ୍ତି। ବିଦା ହେବା ଭୟରେ ସୀମା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ଦେଶରେ ରହିବା ପାଇଁ ଅନୁମତି ପ୍ରଦାନ ସକାଶେ ନିବେଦନ କରିଛନ୍ତି। ସୀମା କହିଛନ୍ତି, ସେ ଏବେ ପାକିସ୍ତାନୀ ଝିଅ ନୁହନ୍ତି, ବରଂ ସେ ଭାରତର ବୋହୂ। ତେଣୁ ସେ ପାକିସ୍ତାନ ଯିବାକୁ ଚାହୁଁନାହାନ୍ତି। ପ୍ରେମିକ ସଚିନଙ୍କୁ ବିବାହ କରିବା ପରେ ସେ ହିନ୍ଦୁ ଧର୍ମକୁ ମଧ ଆପଣାଇଛନ୍ତି। ତାଙ୍କୁ ଭାରତରେ ନିଜ ପରିବାର ସହ ରହିବାକୁ ଦିଆଯାଉ ବୋଲି ସୀମା ଏକ ଭିଡିଓରେ କହିଛନ୍ତି, ଯାହା ଏବେ ସୋସିଆଲ ମିଡିଆରେ ବହୁଳ ପ୍ରସାରିତ ହେବାରେ ଲାଗିଛି। ପ୍ରକାଶ ଯେ, ୨୦୧୯ରେ ଏକ ଅନଲାଇନ ଗେମିଂ ଆପ୍ ମାଧ୍ୟମରେ ସୀମା ଏବଂ ସଚିନ ପ୍ରଥମ ଥର ପାଇଁ କଥା ହୋଇଥିଲେ। ଏହାପରେ ଉଭୟ ପରସ୍ପରକୁ ପ୍ରେମ କରିଥିଲେ। ୨୦୨୩ରେ ସୀମା କରାଚିସ୍ଥିତ ନିଜ ବାସଭବନ ଛାଡ଼ି ନେପାଳ ଦେଇ ବେଆଇନ ଭାବେ ନିଜ ୪ ପିଲାଙ୍କ ସହ ଭାରତରେ ପ୍ରବେଶ କରିଥିଲେ। ସେ ନଏଡାର ରବୁପୁରା ଅଞ୍ଚଳରେ ସଚିନଙ୍କ ସହ ରହିଥିଲେ। ଅବୈଧ ଭାବେ ଭାରତରେ ପ୍ରବେଶ କରିଥିବାରୁ ୨୦୨୩ ଜୁଲାଇରେ ତାଙ୍କୁ ଗିରଫ କରାଯାଇଥିଲା। ପରେ ସେ ଜାମିନରେ ମୁକୁଳିଥିଲେ। ଏହାପରେ ସଚିନ ଏବଂ ସୀମା ବିବାହ କରିଥିଲେ ଏବଂ ସୀମା ହିନ୍ଦୁ ଧର୍ମ ଗ୍ରହଣ କରିଥିଲେ, ଯାହାଫଳରେ ଏହି ମାମଲା ଶାନ୍ତ ପଡ଼ିଥିଲା।

# ଦୀଘା ମନ୍ଦିର ପୂଜାରେ ସାମିଲ ହେଲେ ବାସନ୍ଦ ହେବେ ଶ୍ରୀମନ୍ଦିର ନିଯୋଗ ସଦସ୍ୟ

ପୁରୀ,୨୬।୪(ଅଜିତ୍ କୁମାର ମହାନ୍ତି)

ଆସନ୍ତା ୩୦ ତାରିଖରେ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ପଶ୍ଚିମବଙ୍ଗ ସରକାରଙ୍କ ପକ୍ଷରୁ ଦୀଘାଠାରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ହେବାକୁ ଯାଉଛି। ତେବେ ଉକ୍ତ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ଶ୍ରୀମନ୍ଦିର ନିଯୋଗ ସଦସ୍ୟ ସହଯୋଗ କଲେ ବା ସାମିଲ ହେଲେ ସେମାନଙ୍କୁ ବାସନ୍ଦ କରାଯିବ ବୋଲି ଶ୍ରୀମନ୍ଦିର ପୁଷ୍ପାଳକ ନିଯୋଗ ପକ୍ଷରୁ ଚେତାବନୀ ଦିଆଯାଇଛି। ଏ ନେଇ ଶନିବାର ଶ୍ରୀମନ୍ଦିର ପଶ୍ଚିମଦ୍ୱାରରେ ପୁଷ୍ପାଳକ ନିଯୋଗ ପକ୍ଷରୁ ନୋଟିସ ଲଗାଯାଇଛି। ଦୀଘା ଶ୍ରୀଜଗନ୍ନାଥ ମନ୍ଦିର ପୂଜା କାର୍ଯ୍ୟକ୍ରମରେ କୌଣସି ସଭ୍ୟ ସହଯୋଗ କଲେ ଏହା ନିଯୋଗ ବିରୋଧୀ କାର୍ଯ୍ୟ ବୋଲି ପ୍ରମାଣିତ ହେବ ଏବଂ ତାଙ୍କୁ ନିଯୋଗରୁ ବାସନ୍ଦ କରାଯିବ ବୋଲି ପୁଷ୍ପାଳକ ନିଯୋଗ ସମ୍ପାଦକ ହରେକୃଷ୍ଣ ସିଂହାରୀ ଏକ ନୋଟିସ ମାଧ୍ୟମରେ ସୂଚନା ଦେଇଛନ୍ତି। କିଛିଦିନ ତଳେ ଶ୍ରୀମନ୍ଦିର ସୁଆର ମହାସୁଆର ନିଯୋଗ ପକ୍ଷରୁ ମଧ ଚାରିଦ୍ୱାରଠାରେ ନୋଟିସ ଲଗାଯାଇ ନିଯୋଗର ସମସ୍ତ ସଦସ୍ୟ ଓ କର୍ମଚାରୀଙ୍କୁ ଉକ୍ତ କାର୍ଯ୍ୟକ୍ରମରେ ସାମିଲ ହେବାକୁ ବାରଣ କରାଯାଇଥିଲା। ଏହି ନୋଟିସ୍‌କୁ ଉଲ୍ଲଂଘନ କଲେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେଥିରେ ଦର୍ଶାଯାଇଥିଲା।

# ଦେଶରେ ୫୧ ହଜାର, ଓଡ଼ିଶାରେ ୨୫୮ ଜଣଙ୍କୁ ନିଯୁକ୍ତିପତ୍ର

**୧୫ତମ ରୋଜଗାର ମେଳା**

- ନବନିଯୁକ୍ତଙ୍କୁ ଶୁଭକାମନା ଜଣାଇଲେ ପ୍ରଧାନମନ୍ତ୍ରୀ
- ଭୁବନେଶ୍ୱରରେ ନିଯୁକ୍ତିପତ୍ର ବାଣ୍ଟିଲେ କେନ୍ଦ୍ରମନ୍ତ୍ରୀ ହର୍ଷ ମାଲହୋତ୍ରା

ଭୁବନେଶ୍ୱର,୨୬।୪ (ଅନୁରାଧା ମହାରଣା)



କେନ୍ଦ୍ରମନ୍ତ୍ରୀ ହର୍ଷ ମାଲହୋତ୍ରା ଜଣେ ନବନିଯୁକ୍ତଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରୁଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଭିନ୍ନ ସରକାରୀ ବିଭାଗ ଓ ପ୍ରତିଷ୍ଠାନରେ ନିଯୁକ୍ତି ପାଇଥିବା ୫୧ହଜାରରୁ ଅଧିକ ନବନିଯୁକ୍ତ ଯୁବତୀଯୁବକଙ୍କୁ ଭିଡିଓ କନ୍ଫରେନ୍ସରେ ନିଯୁକ୍ତିପତ୍ର ବଣ୍ଟନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଶନିବାର ଦେଶର ୪୭ଟି ସ୍ଥାନରେ ୧୫ତମ ରୋଜଗାର ମେଳା ଅନୁଷ୍ଠିତ ହୋଇଥିବାବେଳେ ଭୁବନେଶ୍ୱରସ୍ଥିତ ସିଏସ୍ଆଇଆର୍-ଆଇଏମ୍ଏମ୍ଟି ପ୍ରେକ୍ଷାଳୟରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ରାଷ୍ଟ୍ରମନ୍ତ୍ରୀ ହର୍ଷ ମାଲହୋତ୍ରା ଯୋଗଦେଇ ଓଡ଼ିଶାର ୨୫୮ଜଣଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିଥିଲେ। ସେ କହିଲେ, ନବନିଯୁକ୍ତ କର୍ମଚାରୀମାନେ କେନ୍ଦ୍ର ସରକାରଙ୍କ ରାଜସ୍ୱ ବିଭାଗ, କାର୍ମିକ ଏବଂ ସାଧାରଣ ଅଭିଯୋଗ ଏବଂ ପେନସନ ମନ୍ତ୍ରଣାଳୟ, ଗୃହ ମନ୍ତ୍ରଣାଳୟ, ଡାକ ବିଭାଗ, ଉଚ୍ଚଶିକ୍ଷା ବିଭାଗ, ରେଳ ମନ୍ତ୍ରଣାଳୟ ଏବଂ ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟର ଅଂଶ ହେବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପରିକଳ୍ପନାକ୍ରମେ ୨୦୨୨ରୁ ଆରମ୍ଭ ହୋଇଥିବା ରୋଜଗାର ମେଳାଗୁଡ଼ିକରେ ୧୦ ଲକ୍ଷରୁ ଅଧିକ ଯୁବତୀଯୁବକଙ୍କୁ ସରକାରୀ ଚାକିରି ଦିଆଯାଇସାରିଛି। ସରକାରୀ କର୍ମଚାରୀଙ୍କୁ କର୍ମଯୋଗୀରେ ପରିଣତ କରିବା ଲାଗି ପ୍ରଧାନମନ୍ତ୍ରୀ ମିଶନ କର୍ମଯୋଗୀ ଏବଂ ଆଇ-ଗଟ୍ ପୋର୍ଟାଲର ଶୁଭାରମ୍ଭ କରିଛନ୍ତି। ଏହି ପୋର୍ଟାଲରେ ୧୪ଶହରୁ ଅଧିକ ପାଠ୍ୟକ୍ରମ ରହିଛି। ଏସବୁ ପାଠ୍ୟକ୍ରମ ମାଧ୍ୟମରେ ସରକାରୀ କର୍ମଚାରୀ ସ୍ୱତନ୍ତ୍ର ସହାୟତା ଲାଭ କରିବା ସହିତ ନିଜ ଦକ୍ଷତାରେ ସୁଧାର ଆଣିପାରୁଛନ୍ତି। ଏବେ ସୁଦ୍ଧା ୧କୋଟିରୁ ଅଧିକ କର୍ମଚାରୀ ଏସବୁ ପାଠ୍ୟକ୍ରମର ଲାଭ ଉଠାଇସାରିଛନ୍ତି ବୋଲି ସେ ସୂଚନା ଦେଇଥିଲେ। ବିଗତ ୧୦ବର୍ଷ ମଧ୍ୟରେ ଦେଶର ଅନେକ ପ୍ରଗତି ହୋଇଛି। ଆଜି ଯେଉଁସବୁ ନିଷ୍ପତ୍ତି ନିଆଯାଉଛି ତାହାର ପ୍ରଭାବ ଆଗାମୀ ଅନେକ ବର୍ଷ ପର୍ଯ୍ୟନ୍ତ ଅନୁଭୂତ ହେବ। ଯୁବବର୍ଗ ଓ ମହିଳାଙ୍କ ସ୍ୱପ୍ନ ଶିଖର ଛୁଇଁଛି ଏବଂ ସେମାନଙ୍କ ଆକାଂକ୍ଷା ପୂରଣ ହେଉଛି। ଦେଶରେ ଆସିଥିବା ବ୍ୟାପକ ପରିବର୍ତ୍ତନ କାରଣରୁ ନାଗରିକଙ୍କୁ ସବୁପ୍ରକାର ମୌଳିକ ସୁବିଧା ମିଳିପାରୁଛି। ଦେଶର ଯୁବବର୍ଗ ୨୦୪୭ ସୁଦ୍ଧା ବିକଶିତ ଭାରତର ସ୍ୱପ୍ନକୁ ସାକାର କରିପାରିବେ ବୋଲି କେନ୍ଦ୍ରମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି।

ଅନ୍ୟପକ୍ଷରେ ଭିଡିଓ କନଫରେନ୍ସରେ ପ୍ରଧାନମନ୍ତ୍ରୀ ମୋଦି ନବନିଯୁକ୍ତଙ୍କୁ ଶୁଭକାମନା ଜଣାଇଛନ୍ତି। ସେ କହିଲେ, ଦେଶର ଆର୍ଥିକ ସୁରକ୍ଷାକୁ ସୁଦୃଢ଼ କରିବା ନବନିଯୁକ୍ତ ଯୁବଶକ୍ତିର ଦାୟିତ୍ୱ। ସଚ୍ଚୋଟତା ଓ ଦାୟିତ୍ୱବୋଧତା ହିଁ ବିକଶିତ ଭାରତରେ ପ୍ରତିଫଳିତ ହେବ। ନିଯୁକ୍ତି ପତ୍ର ପାଇଥିବା ଯୁବପିଢ଼ିଙ୍କ ମଧ୍ୟରେ ୨୮ ପ୍ରତିଶତ ମହିଳା। ସେହିପରି ଯୁବପିଢ଼ି ଡିଜିଟାଲ ଆର୍ଥିକ ବ୍ୟବସ୍ଥାକୁ ସୁଦୃଢ଼ୀକରଣ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଉଥିବା ସେ କହିଥିଲେ। କାର୍ଯ୍ୟକ୍ରମରେ ସିଜିଏସ୍ଟି ଏବଂ ସୀମାଶୁଳ୍କ ଭୁବନେଶ୍ୱର ପ୍ରାନ୍ତ ମୁଖ୍ୟ ଆୟୁକ୍ତ ଏମ୍.ଏସ୍. ରେଡ୍ଡୀ, ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କର୍ମାଲକର, ଏମ୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ, ମୁଖ୍ୟ ଡାକପାଳ ନିର୍ମଳଜିତ ସିଂଙ୍କ ସମେତ କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଭାଗ ଓ ପ୍ରତିଷ୍ଠାନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଯୋଗ୍ୟ ବରିଷ୍ଠଙ୍କୁ ମିଳିବ ପଦୋନ୍ନତି

## ପୂର୍ତ୍ତ ବିଭାଗରେ ୩୦୫ ସହକାରୀ ନିର୍ବାହୀ ଯନ୍ତ୍ରୀ ପଦବୀରେ ପଦୋନ୍ନତି ମାମଲା

କଟକ,୨୬।୪(କାର୍ତ୍ତିକ ସାହୁ)

ବିଭାଗୀୟ ପଦୋନ୍ନତି କମିଟିର ସୁପାରିସ ସତ୍ତ୍ୱେ ପୂର୍ତ୍ତ ବିଭାଗର ୩୦୫ ସହକାରୀ ଯନ୍ତ୍ରୀଙ୍କ ପଦୋନ୍ନତି ସହକାରୀ ନିର୍ବାହୀ ଯନ୍ତ୍ରୀ (ଆସିଷ୍ଟାଣ୍ଟ ଏକ୍ଜିକ୍ୟୁଟିଭ ଇଞ୍ଜିନିୟର) ପଦବୀକୁ ହୋଇପାରୁ ନ ଥିଲା। ଏନେଇ ରୁଜୁ ମାମଲାରେ ହାଇକୋର୍ଟ ଦେଇଥିବା ଅନ୍ତରୀଣ ଆଦେଶ ଯୋଗୁ ପଦୋନ୍ନତି ନ ପାଇ ଇତିମଧ୍ୟରେ କେତେଜଣ ଯନ୍ତ୍ରୀ ଅବସର ଗ୍ରହଣ କରିସାରିଛନ୍ତି। ତେବେ ଶନିବାର ହାଇକୋର୍ଟର ବିଚାରପତି ଆଦିତ୍ୟ କୁମାର ମହାପାତ୍ରଙ୍କ ଖଣ୍ଡପୀଠ ଏ ସଂକ୍ରାନ୍ତୀୟ ମାମଲାର ଶୁଣାଣି କରି ପଦୋନ୍ନତି ଉପରେ ପୂର୍ବରୁ ଦିଆଯାଇଥିବା ଅନ୍ତରୀଣ ଆଦେଶକୁ ବଦଳାଇଛନ୍ତି। ଆବେଦନକାରୀଙ୍କଠାରୁ ଯେଉଁମାନେ ନିଜ ଯୋଗ୍ୟତା ଆଧାରରେ ଚାକିରିରେ ବରିଷ୍ଠ ଓ ଯେଉଁମାନେ ଆସନ୍ତା ଜୁନ ୩୦ ସୁଦ୍ଧା ଅବସର ଗ୍ରହଣ କରିବାକୁ ଯାଉଥିବେ, ସେମାନଙ୍କୁ ପଦୋନ୍ନତି ଦିଆଯାଇପାରିବ ବୋଲି ହାଇକୋର୍ଟ ତାଙ୍କ ଆଦେଶରେ ସ୍ପଷ୍ଟ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ପୂର୍ତ୍ତ ବିଭାଗରେ ଖାଲି ପଡ଼ିଥିବା ୩୦୫ଟି ସହକାରୀ ନିର୍ବାହୀ ଯନ୍ତ୍ରୀ ପଦବୀରେ ପଦୋନ୍ନତି ଦେବା ପାଇଁ ୨୦୨୪ ସେପ୍ଟେମ୍ବର ୪ ତାରିଖର ବିଭାଗୀୟ ପଦୋନ୍ନତି କମିଟି (ଡିପିସି) ବୈଠକରେ ସୁପାରିଶ କରାଯାଇଥିଲା। ତେବେ ସୁପାରିଶକୁ ତ୍ରୁଟିପୂର୍ଣ୍ଣ ଦର୍ଶାଇ ବିଭାଗୀୟ କର୍ତ୍ତୃପକ୍ଷ ଡିପିସି ନିଷ୍ପତ୍ତିକୁ ବାତିଲ କରି ୨୦୨୫ ମାର୍ଚ୍ଚ ୬ରେ ଅନ୍ୟ ଏକ ଡିପିସି ବସାଇଥିଲେ। ନୂଆ ଡିପିସିର ସୁପାରିଶ ଆଧାରରେ ପଦୋନ୍ନତି ଦିଆଯିବା ପୂର୍ବରୁ ଅଣସଂରକ୍ଷିତ ବର୍ଗର ୫ ଜଣ ସହକାରୀ ଯନ୍ତ୍ରୀ ହାଇକୋର୍ଟରେ ମାମଲା ରୁଜୁ କରିଥିଲେ। ଏହି ମାମଲାର ମାର୍ଚ୍ଚ ୧୮ ତାରିଖ ଶୁଣାଣିରେ ହାଇକୋର୍ଟ ପଦୋନ୍ନତି ଉପରେ ରହିତାଦେଶ ଜାରି କରିଥିଲେ। ଫଳରେ କାହାକୁ ପଦୋନ୍ନତି ଦିଆଯାଇପାରୁ ନ ଥିଲା। ଏପରିକି କେତେଜଣ ସହକାରୀ ଯନ୍ତ୍ରୀ ଚାକିରିରୁ ଅବସର ଗ୍ରହଣ କରିଥିଲେ ମଧ୍ୟ ପଦୋନ୍ନତି ପାଇପାରି ନ ଥିଲେ। ଅପରପକ୍ଷରେ ପଦୋନ୍ନତି ସୁଯୋଗରୁ ବଞ୍ଚିତ ଉଭୟ ସଂରକ୍ଷିତ ଓ ଅଣସଂରକ୍ଷିତ ବର୍ଗର କେତେକଜଣ ସହକାରୀ ଯନ୍ତ୍ରୀ ଅନ୍ତରୀଣ ଆଦେଶ ପ୍ରତ୍ୟାହାର ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ବି ଅନ୍ତରୀଣ ଆଦେଶ ହଟାଇବା ପାଇଁ ନିବେଦନ କରାଯାଇଥିଲା। ଅଣସଂରକ୍ଷିତ ଆସନ କୌଣସି ବର୍ଗଙ୍କ ପାଇଁ ସଂରକ୍ଷିତ ନୁହେଁ ଏବଂ ଉଭୟ ସଂରକ୍ଷିତ ଓ ଅଣସଂରକ୍ଷିତ ବର୍ଗର ପ୍ରାର୍ଥୀଙ୍କୁ ପ୍ରଚଳିତ ଆଇନ, ସୁପ୍ରିମକୋର୍ଟଙ୍କ ବିଭିନ୍ନ ମାମଲାର ରାୟ, ଆଇନ ବିଭାଗର ମତାମତ ଏବଂ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗର ସଫେଇ ଆଦି ଆଧାରରେ ଅଣସଂରକ୍ଷିତ ଆସନ ପାଇଁ ପ୍ରତ୍ୟକ୍ଷ ନିଯୁକ୍ତି ଓ ପଦୋନ୍ନତିରେ ବିଚାର କରାଯାଇପାରିବ ବୋଲି ବଞ୍ଚିତ ପ୍ରାର୍ଥୀମାନେ ଯୁକ୍ତି ବାଢ଼ିଥିଲେ। ଅଣସଂରକ୍ଷିତ ଆସନରେ ସଂରକ୍ଷିତ ବର୍ଗର ପ୍ରାର୍ଥୀଙ୍କୁ ପଦୋନ୍ନତି ଦିଆଯାଇପାରିବ ନାହିଁ ବୋଲି ଆବେଦନକାରୀଙ୍କ ପକ୍ଷରୁ ଯୁକ୍ତି ଦର୍ଶାଯାଇଛି। ଆବେଦନକାରୀଙ୍କ ପକ୍ଷରୁ ସୁବିର ପାଲିତ ଓ ବିଶ୍ୱବିହାରୀ ମହାନ୍ତି ମାମଲା ରୁଜୁ କରିଥିବା ବେଳେ ପଦୋନ୍ନତିରୁ ବଞ୍ଚିତ ଉଭୟ ସଂରକ୍ଷିତ ଓ ଅଣସଂରକ୍ଷିତ ବର୍ଗର ଯନ୍ତ୍ରୀମାନଙ୍କ ପକ୍ଷରୁ ପ୍ରହ୍ଲାଦ କୁମାର ସିଂହ ଏବଂ ଅମୀୟ କୁମାର ଛାଟୋଇ ମାମଲା ପରିଚାଳନା କରୁଛନ୍ତି।

# ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ୩ ବର୍ଷର ଶ୍ରେୟାସ

## ୮ ମିନିଟ୍‌ରେ କହିପାରୁଛନ୍ତି ୫୦୦ ଇଂଲିଶ ଶବ୍ଦ

ନବରଙ୍ଗପୁର, ୨୬।୪(ସଦାଶିବ ପ୍ରହରାଜ)


ମା' ବାପାଙ୍କ ସହ ଶ୍ରେୟାସ ଦାଶ।

୮ ମିନିଟ୍‌ରେ କହିପାରୁଛନ୍ତି ୫୦୦ ଇଂଲିଶ ଶବ୍ଦ। ଏହି ଅସାଧାରଣ ପ୍ରତିଭା ପାଇଁ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇଛନ୍ତି ନବରଙ୍ଗପୁରର ୩ ବର୍ଷର ଶ୍ରେୟାସ ଦାଶ। ଏହି ଖବର ଜଣାପଡ଼ିବା ପରେ ତାଙ୍କ ପାଖକୁ ଶୁଭେଚ୍ଛାର ସୁଅ ଛୁଟୁଛି।

ଭାଗ୍ୟଶ୍ରୀ ବେହେରା ଓ ନବରଙ୍ଗପୁର ପୌରପାଳିକାର ସହକାରୀ ଯନ୍ତ୍ରୀ ବିଶ୍ୱପ୍ରିୟ ଦାଶଙ୍କ ଏକମାତ୍ର ପୁଅ ହେଉଛନ୍ତି ଶ୍ରେୟାସ। ଅଢ଼େଇ ବର୍ଷ ବୟସରେ ଶ୍ରେୟାସ ଯୋଉଠି ଯାହା ଲେଖା ହେବାର ଦେଖୁଥିଲା ତାହାକୁ ତୁରନ୍ତ ପଢ଼ି ଦେଉଥିଲେ। ଭାଗ୍ୟଶ୍ରୀ ଓ ବିଶ୍ୱପ୍ରିୟଙ୍କ ସାଙ୍ଗମାନେ ଶ୍ରେୟାସଙ୍କ ଏହି ପ୍ରତିଭା ଦେଖି ଇଣ୍ଡିଆ ବୁକ ଅଫ ରେକର୍ଡରେ ଆବେଦନ କରିବା ପାଇଁ ପରାମର୍ଶ ଦେଇଥିଲେ। କିଛି ମାସ ପରେ ଶ୍ରେୟାସ ଇଂଲିଶ ଭାଷାରେ ଲେଖା ହୋଇଥିବା ଶବ୍ଦଗୁଡ଼ିକୁ ଶୀଘ୍ର ଓ ନିର୍ଭୁଲ ପଢ଼ିପାରୁଥିବା ଦେଖି ଇଣ୍ଡିଆ ବୁକ ଅଫ ରେକର୍ଡରେ ଆବେଦନ କରିବାକୁ ଭାଗ୍ୟଶ୍ରୀ ଓ ବିଶ୍ୱପ୍ରିୟ ମନ ବଳାଇଥିଲେ। ଆବେଦନ ପରେ ସେଠାରୁ ସତ୍ୟତା ପ୍ରମାଣିତ କରିବା ପାଇଁ କିଛି ନିର୍ଦ୍ଦେଶ ଆସିଥିଲା। ଶ୍ରେୟାସଙ୍କ ଭିଡିଓ ପଠାଇଥିଲେ ମାଆ ଓ ବାପା। ସମସ୍ତ ତଥ୍ୟକୁ ତର୍ଜମା କରି ଶେଷରେ ଇଣ୍ଡିଆ ବୁକ ଅଫ ରେକର୍ଡ ନବରଙ୍ଗପୁରର ୩ ବର୍ଷର ପିଲା ଶ୍ରେୟାସକୁ ସ୍ୱର୍ଣ୍ଣ ପଦକ ପ୍ରଦାନ କରିଛନ୍ତି। ଏ ଖବର ଜଣାପଡ଼ିବା ପରେ ଶ୍ରେୟାସଙ୍କୁ ଦେଖିବା ପାଇଁ ସେ ପଢୁଥିବା ସ୍କୁଲ ଆଉ ଘରେ ଏବେ ଲୋକଙ୍କ ଭିଡ଼ ଜମିଛି। ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏବେ ଶ୍ରେୟାସଙ୍କ ପାଇଁ ନବରଙ୍ଗପୁର ଗର୍ବିତ ବୋଲି କହିଛନ୍ତି।

# ବଳାତ୍କାର ଅଭିଯୁକ୍ତଙ୍କୁ ୨୦ ବର୍ଷ କାରାଦଣ୍ଡାଦେଶ

ଅନୁଗୋଳ,୨୬।୪(ମାନସ ବିଶ୍ୱାଳ)

ଏକ ନାବାଳିକା ବଳାତ୍କାର ମାମଲାର ବିଚାର କରି ଅନୁଗୋଳ ଅତିରିକ୍ତ ଜିଲା ଓ ସେସନ ଜଜ୍ ସୌମ୍ୟା ଶୁଭଦର୍ଶିନୀ ଅଭିଯୁକ୍ତ ତାଳଚେର ଥାନା ଅଞ୍ଚଳର ବିକ୍ରମ ଭାନ ସିଂ (୩୦)ଙ୍କୁ ଶନିବାର ଦୋଷୀ ସାବ୍ୟସ୍ତ କରିବା ସହ ୨୦ ବର୍ଷ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି। ମାମଲାରୁ ପ୍ରକାଶ, ୨୦୨୨ ଜୁନ ୫ରେ ଅଭିଯୁକ୍ତ ବିକ୍ରମ ସମ୍ପୃକ୍ତା ନାବାଳିକାଙ୍କୁ କିଛି ପ୍ରଲୋଭନ ଦେଖାଇ ଗାଁ ନଦୀବନ୍ଧକୁ ଗାଧୋଇବାକୁ ଡାକିନେଇଥିଲେ। ହେଲେ ଅଭିଯୁକ୍ତ ଏକ ନଟିବୁଦା ଆଡ଼କୁ ନାବାଳିକାଙ୍କୁ ନେଇଯାଉଥିବା ଦେଖି କେତେଜଣ ଲୋକ ନାବାଳିକାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକେ ପହଞ୍ଚି ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ଜାଣିବାକୁ ପାଇ ତାଳଚେର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ପୋକ୍ସୋ ଆକ୍ଟରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲାର ବିଚାର କରି ଅତିରିକ୍ତ ଜିଲା ଓ ସେସନ ଜଜ୍ ସାକ୍ଷ୍ୟ ପ୍ରମାଣ ଆଧାରରେ ଅଭିଯୁକ୍ତଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହିତ ପୀଡ଼ିତାଙ୍କୁ ୫ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ଅର୍ଥ ରାଶି ପ୍ରଦାନ କରିବା ପାଇଁ ଆଦେଶ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ସରୋଜ କୁମାର ପଟ୍ଟନାୟକ ମାମଲା ପରିଚାଳନା କରିଥିଲେ।

# ଡେପୁଟେଶନରେ ଆଇପିଏସ୍ ରବି କାନ୍ତ ଏବଂ ମିତ୍ରଭାନୁ ମହାପାତ୍ର

## ରବି କାନ୍ତ ବିଏସ୍ଏଫ୍ ଆଇଜି, ମିତ୍ରଭାନୁ ବିଏସ୍ଏଫ ଡିଆଇଜି ନିଯୁକ୍ତ

ଭୁବନେଶ୍ୱର, ୨୬।୪(ସୁନିତ୍ ମିଶ୍ର)

ରାଜ୍ୟର ଆଉ ଦୁଇ ଜଣ ଆଇପିଏସ୍ ଅଫିସର ଡେପୁଟେଶନରେ ଚାଲିଯାଇଛନ୍ତି। ୧୯୯୮ ବ୍ୟାଚ୍ ଆଇପିଏସ୍ ରବି କାନ୍ତ ଏବଂ ୨୦୧୦ ବ୍ୟାଚ୍ ଆଇପିଏସ୍ ଅଫିସର ମିତ୍ରଭାନୁ ମହାପାତ୍ର କେନ୍ଦ୍ରୀୟ ଡେପୁଟେଶନ ଲାଗି କରିଥିବା ଆବେଦନ ଗ୍ରହଣ ହୋଇସାରିଛି। ରବି କାନ୍ତ ବର୍ଡର ସିକ୍ୟୁରିଟି ଫୋର୍ସ(ବିଏସ୍ଏଫ)ର ଆଇଜି ଭାବେ ନିଯୁକ୍ତି ପାଇଛନ୍ତି। ବିଏସ୍ଏଫ୍‌ରେ ଖାଲି ଥିବା ଆଇଜି ପଦବୀରେ ତାଙ୍କୁ ନିଯୁକ୍ତି ଦିଆଯାଇଛି। ସେ ଦାୟିତ୍ୱ ଗ୍ରହଣ କରିବାଠାରୁ ୫ ବର୍ଷ ପର୍ଯ୍ୟନ୍ତ ଡେପୁଟେଶନରେ ରହିବେ। ତାଙ୍କୁ ତୁରନ୍ତ ରାଜ୍ୟରୁ ଛାଡ଼ିଲେ କେନ୍ଦ୍ର ତାଙ୍କୁ ନୂଆ ଦାୟିତ୍ୱ ଦେବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଗତ ୨୪ ତାରିଖରେ ପ୍ରକାଶ କରାଯାଇଥିବା ଚିଠିରେ ଉଲ୍ଲେଖ ରହିଛି। ସେହିପରି ମିତ୍ରଭାନୁଙ୍କୁ ବିଏସ୍ଏଫ୍‌ର ଡିଆଇଜି ଭାବେ ନୂଆ ଦାୟିତ୍ୱ ଦିଆଯାଇଛି। ସେ ମଧ୍ୟ ଦାୟିତ୍ୱ ନେବାଠାରୁ ୫ ବର୍ଷ ପର୍ଯ୍ୟନ୍ତ ଏହି ଦାୟିତ୍ୱରେ ରହିବେ। ଗତ ଜୁଲାଇ ମାସରେ ରବି କାନ୍ତ ଓଡ଼ିଶା ଗୃହ ବିଭାଗର ଓଏସ୍ଡି ଭାବେ ରାଜ୍ୟ ସରକାର ବଦଳି କରିଥିଲେ। ସେହିପରି ମିତ୍ରଭାନୁ ମଧ୍ୟ ଗୃହ ବିଭାଗ ଓଏସ୍ଡି ଭାବେ ନିଯୁକ୍ତି ପାଇଥିଲେ। ସୂଚନାଯୋଗ୍ୟ, ଏହି ଦୁଇ ଆଇପିଏସ୍ ଗତ ବିଜେଡି ସରକାର ସମୟରେ କ୍ଷମତା କେନ୍ଦ୍ରର ବହୁ ନିକଟତର ବୋଲି ଚର୍ଚ୍ଚା ଜୋର୍ ଧରିଥିଲା ; ଯେଉଁଥିଲାଗି ରାଜ୍ୟରେ ସରକାର ବଦଳିବା ପରେ ଉଭୟଙ୍କ ବଦଳି ଗୃହ ବିଭାଗର ଓଏସ୍ଡି ଭାବେ କରାଯାଇଥିବା ଚର୍ଚ୍ଚା ଜୋର୍ ଧରିଲା। ସେହିପରି ପୂର୍ବରୁ ମଧ୍ୟ ବିଜେଡି ସରକାର ସମୟରେ ବହୁତ କ୍ଷମତାଶାଳୀ ଥିବା ଆଇପିଏସ୍ ଡି.ଏସ୍ କୁଟେ ଏବଂ ଆଶିଷ ସିଂ କେନ୍ଦ୍ରୀୟ ଡେପୁଟେଶନରେ ଯାଇସାରିଛନ୍ତି।


# ପାଣିରେ ବୁଡ଼ି ୨ ଶିଶୁ ମୃତ


ନିଶ୍ଚିନ୍ତକୋଇଲି,୨୬।୪(ଅଶୋକ କୁମାର ମହାପାତ୍ର)


କାମେଶ୍ୱର ସାହୁ ଓ ଭାଗ୍ୟଲକ୍ଷ୍ମୀ ସାହୁ।

କଟକ ଜିଲା ନିଶ୍ଚିନ୍ତକୋଇଲି ଥାନା ରାମକୃଷ୍ଣପୁର ପଞ୍ଚାୟତରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଛି। ପୋଖରୀରେ ବୁଡି ୨ କୋମଳମତି ଶିଶୁଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ନିଶ୍ଚିନ୍ତକୋଇଲି ଥାନା ରାମକୃଷ୍ଣପୁର ଗ୍ରାମର ଦିଲୀପ କୁମାର ସାହୁଙ୍କ ପୁତ୍ର କାମେଶ୍ୱର (୨) ଓ ମାହାଙ୍ଗା ବ୍ଲକ ଉମର ପଞ୍ଚାୟତ ଅନ୍ତର୍ଗତ ଓସ୍ତପୁର ଗ୍ରାମର ବଲ୍ଲଭ ସାହୁଙ୍କ ଝିଅ ଭାଗ୍ୟଲକ୍ଷ୍ମୀ (୩)। ଏ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ, ବଲ୍ଲଭଙ୍କ ସ୍ତ୍ରୀ ମଧୁସ୍ମିତା ଝିଅ ଭାଗ୍ୟଲକ୍ଷ୍ମୀଙ୍କୁ ନେଇ ରାମକୃଷ୍ଣପୁରସ୍ଥିତ ଭାଇ ଦିଲୀପଙ୍କ ଘରକୁ ଆସିଥିଲେ। ଶନିବାର ପୂର୍ବାହ୍ନରେ ଦିଲୀପଙ୍କ ପରିବାର ଲୋକେ ଘରେ ବିଶ୍ରାମ ନେଉଥିଲେ। ଏହି ସମୟରେ କାମେଶ୍ୱର ଓ ଭାଗ୍ୟଲକ୍ଷ୍ମୀ ଘର ନିକଟରେ ଖେଳୁଥିଲେ। ଅସାବଧାନତା ହେତୁ ଏହି ୨ ଶିଶୁ ଘର ପାଖରେ ଥିବା ପୋଖରୀକୂଳକୁ ଯାଇ ପାଣିରେ ବୁଡ଼ିଯାଇଥିଲେ। ଉକ୍ତ ଗ୍ରାମର ଜଣେ ବ୍ୟକ୍ତି ପୋଖରୀକୁ ଶୌଚ ହେବାକୁ ଯାଇଥିବାବେଳେ ପାଣିରେ ଶିଶୁକନ୍ୟା ଭାସୁଥିବା ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ଏହାପରେ ପରିବାର ସଦସ୍ୟ ଘଟଣାସ୍ଥଳରେ ପହଞ୍ଚି ଭାଗ୍ୟଲକ୍ଷ୍ମୀଙ୍କୁ ପାଣିରୁ ବାହାର କରିବା ସହ ବହୁସମୟ ଧରି ଖୋଜାଖୋଜି କରି ପୋଖରୀରୁ କାମେଶ୍ୱରଙ୍କୁ ଉଦ୍ଧାର କରିଥିଲେ। ଉଭୟଙ୍କୁ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ସେମାନଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ଉଭୟ ଶିଶୁଙ୍କ ମୃତଦେହ ଜବତ କରିଛି। ଉଭୟଙ୍କ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ଡାକ୍ତରଖାନା ପଠାଯିବ ବୋଲି ସୂଚନା ମିଳିଛି।



# ନିକୃଷ୍ଟ ବିଚାର



ଆକାର ପଟେଲ

ଆମେରିକା କହୁଛି ବାଣିଜ୍ୟରେ ବିଶ୍ୱ ତାହାକୁ ଲୁଟିଛି ଏବଂ କ୍ଷତିପୂରଣ ଚାହେଁ। ଦେଖିବାକୁ ଗଲେ ଏହି ଲୁଣ୍ଠନ ନିଜେ ଆମେରିକା ଦ୍ୱାରା ହୋଇଛି କାରଣ ଏକ ମଜଭୁତ ଡଲାର ପାଇଁ ଆମେରିକା ଯେତିକି ଆମଦାନୀ କରିଛି ସେତିକି ରପ୍ତାନି କରିନାହିଁ। ଆମେରିକା ଏକ ଉଚ୍ଚ ବାଣିଜ୍ୟ ନିଅଣ୍ଟ ସ୍ଥିତିର ସମ୍ମୁଖୀନ ହେବାକୁ ବାଧ ହୋଇଛି। ଏହାର ମିତ୍ର ଦେଶଗୁଡ଼ିକ ସମେତ ଅଧିକାଂଶ ଦେଶ କମ୍ପାନୀଗୁଡ଼ିକୁ ସବ୍‌ସିଡି ଦେଇ ଏବଂ ସେମାନଙ୍କ ମୁଦ୍ରାକୁ ତ୍ରୁଟିପୂର୍ଣ୍ଣ ଭାବେ କମ୍ ରଖି ଆମେରିକାକୁ ଠକିଛନ୍ତି। ଅନ୍ୟପଟେ ଆମେରିକା ବିଶ୍ୱର ବିଭିନ୍ନ ଦେଶରେ ସାମରିକ ଘାଟି ପରିଚାଳନା ଏବଂ ଯୁଦ୍ଧ କରି ବିଶ୍ୱର ସୁରକ୍ଷା ପାଇଁ ଅନେକ ଟ୍ରିଲିୟନ ଡଲାର ଖର୍ଚ୍ଚ କରିଛି। ତେବେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏହାକୁ ଭରଣା କରିବା ପାଇଁ ନୂଆ ଟାରିଫ୍ ଲାଗୁ କରିଛନ୍ତି। ଏହି କାରଣରୁ ବିଶ୍ୱ ବିନା ପ୍ରତିବାଦରେ ଏହାକୁ ଗ୍ରହଣ କରି ଆମେରିକାକୁ ପରିଶୋଧ କରିବାକୁ ହେବ ଏବଂ ତା'ଠାରୁ ସାମଗ୍ରୀ କିଣିବାକୁ ପଡ଼ିବ, ଏପରି କି ସାମରିକ ଉପକରଣ କ୍ରୟ କରିବାକୁ ହେବ। ଅନ୍ୟଦେଶଗୁଡ଼ିକୁ ଆମେରିକା କମ୍ପାନୀଗୁଡ଼ିକରେ ନିବେଶ କରିବାକୁ ପଡ଼ିବ, ଯେଉଁଥିରେ ସରଳରେ ଆମେରିକା ରାଜକୋଷକୁ ଅର୍ଥ ଦେଇପାରିବେ। ବିଶ୍ୱ ସମ୍ମୁଖରେ ଏହି ଯୋଜନାକୁ ଆମେରିକା ରାଷ୍ଟ୍ରପତି ଉପସ୍ଥାପନ କରି ପରିଶୋଧ କରିବାକୁ କହିଛନ୍ତି। ଏହା ଉଚିତ କି ଅନୁଚିତ, ଭୁଲ୍ କି ଠିକ୍ ହେଉ ; ଏହା କିନ୍ତୁ ଏକ ଭିନ୍ନ ବିଷୟ। ଆମେରିକାର ବାଣିଜ୍ୟ ନିଅଣ୍ଟ ଏହାର ନିଅଣ୍ଟିଆ ବଜେଟ ଓ ଅତ୍ୟଧିକ ବ୍ୟୟ ସହ ସମ୍ପର୍କ ରହିଛି। ଏଣୁ ଏହି ନିଅଣ୍ଟ ବା ଅଭାବ ପୂରଣ କରିବା ପାଇଁ ବିଶ୍ୱର ବିଭିନ୍ନ ଦେଶରୁ ପୁଞ୍ଜି ଆସିବା ଦରକାର ହେଉଛି।

ନିଜ ଦେଶ ବାହାରେ ସାମରିକ ଘାଟିସବୁ ନିର୍ମାଣ କରିବାକୁ ବିଶ୍ୱ ଆମେରିକାକୁ କହିନାହିଁ। ଆମେରିକା ଯାହାକୁ ଆକ୍ରମଣ କରିଛି କିମ୍ବା ଆମେରିକା ଯାହାକୁ ରକ୍ଷା କରିଛି ତାହା ଉପରେ ମଧ ଆମେରିକା ଏକୁଟିଆ ଆକଳନ କରିଛି। ଟାରିଫ୍ ବୃଦ୍ଧି ଭଳି ଏହା ମଧ ଭିନ୍ନ ବିଷୟ। କିନ୍ତୁ ଏବକାର ସମସ୍ୟା ହେଉଛି, ଗୋଟିଏ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଏକ ଯୋଗ୍ୟ ଯୋଜନାକୁ କ'ଣ ଅଯୋଗ୍ୟତାପୂର୍ବକ ଭାବେ କ୍ରିୟାନ୍ୱିତ କରାଯାଇପାରେ କି? ଟାରିଫ୍ ଯୋଜନାର ଲକ୍ଷ୍ୟସବୁ ହେଉଛି ଆମେରିକାକୁ ମାନୁଫାକ୍‌ଚରିଂ ଫେରାଇ ଆଣି ଚାଇନା ଉପରେ ନିର୍ଭରଶୀଳତାକୁ ହ୍ରାସ କରିବା। ଡଲାର ମୂଲ୍ୟକୁ ଅପେକ୍ଷାକୃତ ହ୍ରାସ କରିବା ସହ ରିଜର୍ଭ କରେନ୍ସି ଭାବେ ତାହାର ସ୍ଥିତିକୁ ବଜାୟ ରଖିବା। ଏହା ବ୍ୟତୀତ ଟାରିଫ୍‌ରୁ ଅନେକ ବିଲିୟନ ଡଲାର ସଂଗ୍ରହ କରି ତାହାକୁ ଟିକସ ଛାଡ଼ରେ ଖର୍ଚ୍ଚ କରିବା ଏବଂ ବଜେଟରେ ସମନ୍ୱୟ ଆଣିବା। ସଂକ୍ଷେପରେ କହିବାକୁ ଗଲେ, ଆମେରିକାକୁ ମହାନ୍ କରିବା ଟାରିଫ୍ ଯୋଜନାର ଲକ୍ଷ୍ୟ। ଏହା ଏକ ଗମ୍ଭୀର ବିଷୟ ଓ ଏଥିପାଇଁ ଗମ୍ଭୀର ଯୋଜନା କରି ଲାଗୁ କରିବା ଦରକାର। କିନ୍ତୁ ଆମେରିକାର ଟାରିଫ୍ ଯୋଜନାରେ ବିରାମ, ପ୍ରତ୍ୟାହାର ଏବଂ ଛାଡ଼ ଭଳି ଘଟଣା ସାମ୍ନାକୁ ଆସିଛି। ଏହାର ପରିଣାମ ହେଉଛି ଅବ୍ୟବସ୍ଥା। ଆମେରିକାର ବିଜ୍‌ନେସ୍ ନେଟୱାର୍କକୁ ଲକ୍ଷ୍ୟ କଲେ ଏହା ସ୍ପଷ୍ଟ ଯେ, କୌଣସି ଦିନ ଟାରିଫ୍‌କୁ ନେଇ ସ୍ଥିତି କ'ଣ ହେବ ତାହା ଉପରେ କେହି ନିଶ୍ଚିତ ନୁହନ୍ତି। ଆମେରିକାର ଟ୍ରେଡ୍ ରିପ୍ରେଜେଣ୍ଟେଟିଭ୍ (ୟୁଏସ୍‌ଟିଆର୍) କଂଗ୍ରେସରେ ନିର୍ବାଚିତ ସଦସ୍ୟଙ୍କ ସମ୍ମୁଖରେ କହିଛନ୍ତି ଯେ, ନିର୍ଦ୍ଦିଷ୍ଟ ଭାବେ ଏହି ଘଟଣାରେ ହ୍ୱାଇଟ ହାଉସରେ କରାଯାଇଥିବା ପରିବର୍ତ୍ତନ ସମ୍ପର୍କରେ ଜାଣନ୍ତି ନାହିଁ। ଟ୍ରେଜେରି ସେକ୍ରେଟାରି (ଅର୍ଥ ମନ୍ତ୍ରୀ)ଙ୍କ ମନ୍ତବ୍ୟ ବାଣିଜ୍ୟ ସଚିବଙ୍କ ମନ୍ତବ୍ୟର ସମ୍ପୂର୍ଣ୍ଣ ବିପରୀତ ହୋଇଛି। ଟ୍ରମ୍ପ୍ ଟାଇମ୍ ମାଗାଜିନକୁ କହିଛନ୍ତି, ଚାଇନାର ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ ବୁଝାମଣା କରିବା ପାଇଁ ତାଙ୍କୁ କଲ୍ କରିଥିଲେ। ସଙ୍ଗେ ସଙ୍ଗେ ଚାଇନା ପକ୍ଷରୁ ବିବୃତି ଜାରି କରାଯାଇଛି ଯେ, ଏହା ସମ୍ପୂର୍ଣ୍ଣ ମିଥ୍ୟା। ୨୪ ଏପ୍ରିଲରେ ୱାଶିଂଟନ ପୋଷ୍ଟରେ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଥିଲା, ଭୂଗର୍ଭରୁ ମିଳୁଥିବା ତଥା ସାମରିକ ଡ୍ରୋନ ବ୍ୟବହାର ଯୋଗ୍ୟ ବୈଦ୍ୟୁତିକ ସରଞ୍ଜାମ ଏବଂ ବୈଦ୍ୟୁତିକ କାର୍ ନିର୍ମାଣରେ ବ୍ୟବହାର ହେଉଥିବା କେତେକ ଦୁର୍ଲଭ ଖଣିଜ ପଦାର୍ଥ ରପ୍ତାନି ଚାଇନା ବନ୍ଦ କରିଛି। ଏହା ଆମେରିକାର ବିଭିନ୍ନ ସଂସ୍ଥା ପାଇଁ ବଡ଼ ବିପଦ। ଯେଉଁମାନେ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ନେଇ ଯୋଜନା କରୁଛନ୍ତି ସେମାନେ ଆଗକୁ କ'ଣ ଘଟିବ ତାହା ଆକଳନ କରିବା ସହିତ ତାହାର ପରିଣାମ ସମ୍ପର୍କରେ ବ୍ୟାପକ ଅଧ୍ୟୟନ କରିବା ଉଚିତ।

ପାଗଳାମି ପ୍ରକାଶ ପାଇଥିବାରୁ ଏହାର ଶେଷ ଲକ୍ଷ୍ୟ କ'ଣ ହେବ ତାହା ଅସ୍ପଷ୍ଟ। ବାସ୍ତବରେ ମୁକ୍ତ ବାଣିଜ୍ୟ ଯଦି ଯୋଜନାର ଲକ୍ଷ୍ୟ ହୋଇଥାଏ, ତେବେ ବିଜ୍‌ନେସ୍ କାର୍ଯ୍ୟକଳାପ କମ୍ ରହିଥିବା ଦେଶଗୁଡ଼ିକରୁ ଆମେରିକାକୁ କିଭଳି ମାନୁଫାକ୍‌ଚରିଂ ଆସିବ? ଆଇଫୋନ, ଜୋତା, ପୋଷାକ, ଇସ୍ପାତ ଓ ସେମି କଣ୍ଡକ୍ଟର ଯଦି ପୁନର୍ବାର ଆମେରିକାକୁ ଫେରାଇ ଅଣାଯାଏ ଏବଂ ଆମଦାନୀ ହ୍ରାସ ପାଏ, ତେବେ ଟାରିଫ ଅଧିକ ରାଜସ୍ୱ ସଂଗ୍ରହ କରିପାରିବ ନାହିଁ ଏବଂ ନିଅଣ୍ଟିଆ ସ୍ଥିତି ଲାଗି ରହିବ। ଆମେରିକାର ଏବକାର ଦୃଷ୍ଟିକୋଣ ଦ୍ୱାରା ଉଭୟ ସମସ୍ୟା ସମାଧାନ ହୋଇପାରିବ ନାହିଁ। ଆମେରିକା ଯଦି ଅନ୍ୟ ଦେଶଗୁଡ଼ିକୁ ଚାଇନାଠାରୁ ଅଲଗା କରିବାକୁ ଲକ୍ଷ୍ୟ ରଖିଥାଏ ତେବେ ବୁଝାମଣାର କାରଣ କ'ଣ ରହିଛି? ଏହି ପ୍ରକ୍ରିୟା ଆରମ୍ଭ ହେବା ପୂର୍ବରୁ ଏହିସବୁ ପ୍ରଶ୍ନ ପଚାରିବା ଉଚିତ ହୋଇଥାଆନ୍ତା, କିନ୍ତୁ ଏସବୁ ଉଠି ନ ଥିଲା। ସେହି ପ୍ରଶ୍ନକୁ ଫେରିବାକୁ ଚାହୁଁଛି, ଯାହା ଆରମ୍ଭରେ ଉଠାଇଥିଲି, ତାହାର ଉତ୍ତର ହେଉଛି ନା। ଗୋଟିଏ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଏକ ସକ୍ଷମ ଯୋଜନାକୁ ଅଯୋଗ୍ୟତାପୂର୍ବକ କାର୍ଯ୍ୟରେ ପରିଣତ କରିବା ସମ୍ଭବ ନୁହେଁ। ଏହାର କାରଣ ହେଉଛି, ଗମ୍ଭୀରତାର ସହ କରାଯାଇଥିବା କୌଣସି ଯୋଜନା ବିଶେଷକରି ତାହାର ନକାରାତ୍ମକ ପରିଣାମ ସମ୍ପର୍କରେ ଆକଳନ କରିବା ଉଚିତ ଥିଲା। ଆମେରିକାର ଏଭଳି ଏକ ସାମୟିକ ଦୃଷ୍ଟିକୋଣ କାର୍ଯ୍ୟକାରିତାରେ ଏପରିକି ଯୋଜନାରେ ପ୍ରତିଫଳିତ ହେଉଛି। ଅର୍ଥାତ୍ ଏହାକୁ ସୃଷ୍ଟି କରିବାରେ ଠିକ୍ ଭାବେ ଚିନ୍ତା କରାଯାଇନାହିଁ। ଏହା ଈପ୍‌ସିତ ଲକ୍ଷ୍ୟ ହାସଲ କରିବ ନା ବିଫଳ ହେବ, ତାହା ଉପରେ ବିଚାର କରାଯାଇନାହିଁ କି ଗୁରୁତ୍ୱ ଦିଆଯାଇନାହିଁ। ଏହା ହେଉଛି ଏକ ନିକୃଷ୍ଟ କାମ ଏବଂ ନିକୃଷ୍ଟ ବିଚାର ; ଯାହା କ୍ରିୟାନ୍ୱୟନର ଅବ୍ୟବସ୍ଥାରୁ ପ୍ରକାଶ ପାଇଛି। ଏହା ହେଉଛି ଏକ ମାଷ୍ଟରଷ୍ଟ୍ରୋକ୍ ବା ଚତୁର କାମ।

Email:aakar.patel@gmail.com

# ମାଗଣା ସ୍ୱାସ୍ଥ୍ୟସେବା




ଡ. ସନ୍ତୋଷ କୁମାର ମହାପାତ୍ର

ସମ୍ପ୍ରତି ଓଡ଼ିଶା ସରକାର ୧୧ ଏପ୍ରିଲ ୨୦୨୫ରେ ଏକ ସମନ୍ୱିତ ସ୍ୱାସ୍ଥ୍ୟବୀମା ଯୋଜନା ଆୟୁଷ୍ମାନ୍ ଭାରତ–ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଆରମ୍ଭ କରିଛନ୍ତି। ଏହି ଯୋଜନା ବ୍ୟତୀତ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଯୋଜନା, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଏବଂ ବରିଷ୍ଠ ନାଗରିକଙ୍କ ପାଇଁ ନୂତନ ଭାବରେ ପ୍ରଚଳିତ ଆୟୁଷ୍ମାନ୍ ବୟୋ–ବନ୍ଦନା ଯୋଜନାକୁ ମଧ ଏହି ପଦକ୍ଷେପରେ ସାମିଲ କରାଯାଇଛି। ୨୦୧୮ରେ ଓଡ଼ିଶାର ପୂର୍ବ ବିଜେଡି ସରକାର କେନ୍ଦ୍ରର ଆୟୁଷ୍ମାନ୍ ଭାରତ ଯୋଜନା କାର୍ଯ୍ୟକାରୀ ନ କରି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (BSKY) କାର୍ଯ୍ୟକାରୀ କରିଥିଲେ। ବର୍ତ୍ତମାନର ଭାଜପା ସରକାର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ) ନାମକୁ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା (GJAY)କୁ ପରିବର୍ତ୍ତନ କରିଛନ୍ତି। ଜଣେ ଡାକ୍ତରଙ୍କ କହିବା ଅନୁଯାୟୀ ନୂତନ ଯୋଜନାରେ ସଫ୍ଟୱେୟାର, ଅପରେଶନାଲ ଓ ପ୍ୟାକେଜର ସମସ୍ୟା ରହିଛି। ଗୁଡ଼ାଏ ଓଟିପି ଦରକାର ପଡୁଛି, ପ୍ୟାକେଜ୍ ବହୁତ ମନ୍ଥର ଏବଂ ରୋଗୀକୁ ଆଡ୍‌ମିଶନ ବା ପଞ୍ଜୀକରଣ କରିବା ପାଇଁ ବହୁ ସମୟ ଲାଗୁଛି। ଗୁଡ଼ାଏ ଡାଟା ଦେବାକୁ ପଡୁଛି। ଡାକ୍ତର ଓ ରୋଗୀଙ୍କ ଫଟୋ ଦରକାର ପଡୁଛି, ଯାହା ଡାକ୍ତରମାନେ ଚାହୁଁନାହାନ୍ତି। ଏସବୁକୁ ସରକାର ଧ୍ୟାନ ଦେବା ଜରୁରୀ।

ଏଠାରେ ପ୍ରଶ୍ନ ନୁହେଁ କେଉଁ ଯୋଜନା ଭଲ। ପ୍ରଶ୍ନ ହେଉଛି ଉଭୟ ସରକାରୀ ସ୍ୱାସ୍ଥ୍ୟ ବୀମା ଯୋଜନା। କିନ୍ତୁ ଦେଶ ଯେତେବେଳେ ପ୍ରଗତି ଓ ଅଭିବୃଦ୍ଧି ପଥରେ ଆଗେଇ ଚାଲିଛି ବୋଲି ସରକାର କହୁଛନ୍ତି, ସେତେବେଳେ ସରକାର ସ୍ୱାସ୍ଥ୍ୟସେବା ମାଗଣାରେ ଯୋଗାଇ ନ ଦେଇ ସ୍ୱାସ୍ଥ୍ୟ ବୀମା କାହିଁକି ପ୍ରଚଳନ କରୁଛନ୍ତି? ବୀମା ସଂସ୍ଥାରୁ ଜଣେ ସ୍ୱାସ୍ଥ୍ୟ ବୀମା କ୍ରୟ କରିପାରେ, କିନ୍ତୁ ସରକାର ବୀମା ନ କରି ମାଗଣାରେ ସ୍ୱାସ୍ଥ୍ୟସେବା ଯୋଗାଇଦେଲେ ସବୁ ଶ୍ରେଣୀର ଲୋକ ଉପକୃତ ହେବେ। ରୋଗୀର କୌଣସି ଚିନ୍ତା ରହିବ ନାହିଁ। ଦେଖିବାକୁ ଗଲେ ସ୍ୱାସ୍ଥ୍ୟ ବୀମା ଦ୍ୱାରା ଘରୋଇ କର୍ପୋରେଟ ହସ୍ପିଟାଲ ବେଶି ଲାଭବାନ୍ ହେଉଛନ୍ତି। ସେମାନେ ବୀମା କଥା ଜାଣିଲେ ବହୁ ଅଧିକ ବିଲ୍ କରୁଛନ୍ତି। ରୋଗୀ କେତେ ଶୀଘ୍ର ଭଲ ହେବ ତାହା ଯେତେ ଗୁରୁତ୍ୱପୂର୍ଣ୍ଣ ନୁହେଁ, ରୋଗୀର ଚିକିତ୍ସା ମାଧ୍ୟମରେ କେତେ ଅର୍ଥ ରୋଗୀ ବା ସରକାରଙ୍କଠାରୁ ଆଦାୟ କରାଯାଇପାରିବ ତାହା ପ୍ରାଧାନ୍ୟ ପାଉଛି। ପୁନଶ୍ଚ ଦ୍ୱିତୀୟ ଏବଂ ତୃତୀୟ ସ୍ତରୀୟ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତିହେଲେ ସାହାଯ୍ୟ ମିଳିବ। ହସ୍ପିଟାଲରେ ଭର୍ତ୍ତି ନ ହୋଇ ମଧ ଲୋକ ବହୁମାତ୍ରାରେ ସ୍ୱାସ୍ଥ୍ୟ ଚିକିତ୍ସା ପାଇଁ ବ୍ୟୟ କରିଥାନ୍ତି।

ଦେଶର ବିଭିନ୍ନ ସ୍ଥାନରେ ୨୦୦୦ ଲୋକଙ୍କ ଉପରେ ଏକ ସ୍ୱାସ୍ଥ୍ୟସେବା ଫାର୍ମ GOQii ଦ୍ୱାରା କରାଯାଇଥିବା ସର୍ଭେ ଉପରେ ଆଧାରିତ 'ଇଣ୍ଡିଆ ଫିଟ୍ ରିପୋର୍ଟ–୨୦୨୫' ଅନୁସାରେ ସୁଲଭ ମୂଲ୍ୟରେ ସ୍ୱାସ୍ଥ୍ୟସେବା ପ୍ରାପ୍ତ ହେବା ଆଜି ଅସମ୍ଭବ ହୋଇଛି। ୭୧% କହିଛନ୍ତି ଯେ, ସ୍ୱାସ୍ଥ୍ୟଖର୍ଚ୍ଚ ଏପରି ଆକାଶଛୁଆଁ ହୋଇଛି ଯେ, ବୀମାଭୁକ୍ତ ଭାରତୀୟ ମଧ ଚିକିତ୍ସା ପାଇଁ ଡରୁଛନ୍ତି। ବୀମାଭୁକ୍ତ ଭାରତୀୟଙ୍କ ମଧ୍ୟରୁ ୩୬% କହିଛନ୍ତି– ସେମାନେ ଡାକ୍ତର ପାଖକୁ ଯିବା କମେଇ ଦେଇଛନ୍ତି। କାରଣ ପକେଟରୁ ବହୁତ ଖର୍ଚ୍ଚ କରିବାକୁ ପଡ଼ିଛି। ପ୍ରାୟ ୧୨.୩% ଆର୍ଥିକ ଚାପ ଯୋଗୁଁ ଚିକିତ୍ସା ସ୍ଥଗିତ ରଖିଛନ୍ତି। ପ୍ରାୟ ପାଞ୍ଚ ଜଣଙ୍କ ମଧ୍ୟରୁ ଜଣେ ପ୍ରକାଶ କରିଛନ୍ତି ଯେ, କେବଳ ସ୍ୱାସ୍ଥ୍ୟସେବା ବ୍ୟୟସାପେକ୍ଷ ହେବା ଯୋଗୁ ସେମାନେ ଅତ୍ୟାବଶ୍ୟକ ଚିକିତ୍ସାରୁ ମଧ ବଞ୍ଚିତ ହେଉଛନ୍ତି, ଯାହା ସ୍ୱାସ୍ଥ୍ୟସେବା ଆଜି କେତେ ଅପହଞ୍ଚ ତାହାର ଗମ୍ଭୀରତାକୁ ସ୍ପଷ୍ଟ କରୁଛି। ପ୍ରାୟ ୧୨.୩% କହିଛନ୍ତି ଯେ, ସ୍ୱାସ୍ଥ୍ୟସେବା ଆଜି ଅତ୍ୟାବଶ୍ୟକ ବା ଜରୁରୀ ସେବା ନ ହୋଇ ଏକ ବିଳାସପୂର୍ଣ୍ଣ ଜିନିଷ ପାଲିଟିଛି। ୨୦୨୫ରେ ସ୍ୱାସ୍ଥ୍ୟସେବା ପରିବ୍ୟୟ ୧୩% ବୃଦ୍ଧି ପାଇବ ବୋଲି ସେମାନେ ଭାବୁଛନ୍ତି। ପ୍ରାୟ ୩.୮୪% କହିଛନ୍ତି ଯେ, ସେମାନେ ଗତ ବର୍ଷ ଅସୁସ୍ଥ ଥିଲେ। ସେମାନଙ୍କ ମଧ୍ୟରୁ ୪୦% ପୁରୁଷ ଅସୁସ୍ଥ ହୋଇଥିଲାବେଳେ ୬୪% ମହିଳା ଅସୁସ୍ଥ। ଅର୍ଥାତ୍ ମହିଳାମାନେ ବେଶି ଅସୁସ୍ଥ। ଜୀବନଶୈଳୀ ରୋଗରେ ପୀଡ଼ିତଙ୍କ ସଂଖ୍ୟା ମଧ ବୃଦ୍ଧି ପାଉଛି। ୪୮.୭% ଉଚ୍ଚ ରକ୍ତଚାପରେ, ୩୯% ମଧୁମେହ ରୋଗ , ୨୪% କୋଲେଷ୍ଟରଲ ଜନିତ ସମସ୍ୟାରେ ପୀଡ଼ିତ।

ବର୍ତ୍ତମାନ ଆମ ରାଜ୍ୟ, ଏପରିକି ଅନ୍ୟ ରାଜ୍ୟରେ ସରକାରୀ ଡାକ୍ତରଖାନାରେ ରୋଗୀଙ୍କ ସଂଖ୍ୟା ଅତ୍ୟଧିକ ହେଉଥିବାବେଳେ ଆବଶ୍ୟକ



ଡାକ୍ତର ରହୁନାହାନ୍ତି। ଏହା ବ୍ୟତୀତ ଆନୁଷଙ୍ଗିକ ଯନ୍ତ୍ରପାତି, ରୋଗୀଙ୍କ ଶଯ୍ୟା ଓ ଭିତ୍ତିଭୂମିର ଘୋର ଅଭାବ ରହିଛି। ବହୁ ସମୟରେ ପିଜି ଛାତ୍ରୀଛାତ୍ର ଚିକିତ୍ସା କରୁଛନ୍ତି। ସରକାରୀ ଡାକ୍ତରଖାନାର ଭିଡ ତଥା ତତକ୍ଷଣାତ ଚିକିତ୍ସା ପ୍ରାପ୍ତ ହେବାର ସମ୍ଭାବନା ନଥିବାରୁ ଅଧିକାଂଶ ବଡ ବଡ ଘରୋଇ ହସ୍ପିଟାଲ ବା ନର୍ସିଂହୋମ ଯିବାକୁ ପସନ୍ଦ କରୁଛନ୍ତି। ପୁନଶ୍ଚ ତାହା ସବୁ ସହରରେ ଉପଲବ୍ଧ ନୁହେଁ। ପ୍ରାୟତଃ ଓଡ଼ିଶାରେ ଭୁବନେଶ୍ୱର, କଟକରେ ଉପଲବ୍ଧ। ଥରେ ପଶିଲେ ସର୍ବନିମ୍ନ ୫୦ ହଜାରରୁ ୧ ଲକ୍ଷ ଟଙ୍କା ଆବଶ୍ୟକ। ଚିକିତ୍ସା ପାଇବା ବହୁତ ବ୍ୟୟସାପେକ୍ଷ। ଏଥିପାଇଁ ଘରୋଇ ହସ୍ପିଟାଲ ବା ନର୍ସିଂହୋମ୍ ମାଲିକ ଯେତିକି ଦାୟୀ ନୁହନ୍ତି, ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟକ୍ଷେତ୍ରର ବ୍ୟାପକ ଘରୋଇକରଣ ନୀତି ଅଧିକ ଦାୟୀ। ଏକ ବ୍ୟକ୍ତି ବା ଘରୋଇ ସଂସ୍ଥା ଯେତେ ଭଲଲୋକ ହେଲେ ବି ସର୍ବଦା ଚାହିଁବେ ଅଧିକ ଲାଭ ଅର୍ଜନ କରିବା ପାଇଁ, କାରଣ ସେ ସେଥିପାଇଁ ସଂସ୍ଥା ଖୋଲିଛନ୍ତି। କିନ୍ତୁ ସରକାର ନିୟନ୍ତ୍ରଣ କରିବା ଉଚିତ, ଯାହା ଆମ ଦେଶରେ ସମ୍ଭବ ହେଉନାହିଁ।

ସେହିପରି ୫୦ ଲକ୍ଷ ଟଙ୍କାରୁ ଅଧିକ ଦେଇ ଡାକ୍ତରୀ ପଢ଼ି ସାରିବା ପରେ ଅନେକଙ୍କର ସେବା ମନୋବୃତ୍ତି ରହୁନାହିଁ। ବରଂ କେତେ ଅଧିକ ଅର୍ଥ ରୋଜଗାର କରିପାରିବେ ସେଥିପାଇଁ ଚେଷ୍ଟା କରୁଛନ୍ତି। ପୁନଶ୍ଚ ଆଗରୁ ଡାକ୍ତରମାନେ ନିଜ ବୁଦ୍ଧିଖଟାଇ ରୋଗ ନିରୂପଣ କରୁଥିଲେ। କିନ୍ତୁ ବର୍ତ୍ତମାନ ଆବଶ୍ୟକ ଥାଉ ବା ନଥାଉ ଗୁଡ଼ାଏ ପରୀକ୍ଷା ଓ ନିରୀକ୍ଷା କରିବାକୁ କହୁଛନ୍ତି। ରୋଗୀ ଅଯଥାରେ ଖର୍ଚ୍ଚାନ୍ତ ହେଉଛି। ସେହିପରି ଯେଉଁ କମ୍ପାନୀ ବେଶି କମିଶନ ଦେଉଛି, ଡାକ୍ତରମାନେ ସେହି ଔଷଧ ଲେଖୁଛନ୍ତି। ବେଳେବେଳେ ଆବଶ୍ୟକତାଠାରୁ ବହୁ ଅଧିକ ଔଷଧ ଲେଖୁଛନ୍ତି। ଔଷଧ କମ୍ପାନୀ ମନଇଚ୍ଛା ଔଷଧ ମୂଲ୍ୟ ବୃଦ୍ଧି କରୁଛନ୍ତି। ସରକାରଙ୍କ କିଛି ଅଙ୍କୁଶ ନାହିଁ। ବହୁ ଔଷଧର ଉତ୍ପାଦନ ମୂଲ୍ୟଠାରୁ ଔଷଧରେ ଲିଖିତ ସର୍ବାଧିକ ଖୁଚୁରା ମୂଲ୍ୟ ବହୁଗୁଣ ଅଧିକ। ସେବା ମନୋବୃତ୍ତିର ଅଭାବ ପାଇଁ ଆଜିର ଉପଭୋକ୍ତାବାଦ ହିଁ ଦାୟୀ। ଅବଶ୍ୟ ଏହା ସତ୍ତ୍ୱେ ଅନେକ ଡାକ୍ତରଙ୍କ ସେବା ମନୋବୃତ୍ତି ଓ ତ୍ୟାଗ ରହିଛି। ସବୁ ନର୍ସିଂହୋମ୍ ଖରାପ ବୋଲି କୁହାଯାଇପାରିବ ନାହିଁ। ସ୍ୱାସ୍ଥ୍ୟସେବା ସମସ୍ତଙ୍କୁ ଯୋଗାଇଦେବାର ଆବଶ୍ୟକତା ଥିଲାବେଳେ ସ୍ୱାସ୍ଥ୍ୟ କ୍ଷେତ୍ରରେ ସରକାରୀ ବ୍ୟୟ ଜିଡିପି ଅନୁସାରେ ହ୍ରାସ ପାଉଛି। ବିଶ୍ୱରେ ଏହା ହାରାହାରି ୬% ହୋଇଥିଲାବେଳେ ଭାରତରେ କେନ୍ଦ୍ର ଓ ରାଜ୍ୟ ମିଶିକି ୧.୩୫% ରୁ ୧.୯% ମଧ୍ୟରେ ରହୁଛି। ସେଥିରେ ଜଳ ଏବଂ ପରିମଳ ପାଇଁ ଖର୍ଚ୍ଚ, ବୀମା ଆଦି ଅନ୍ତର୍ଭୁକ୍ତ। ସ୍ୱାସ୍ଥ୍ୟ କ୍ଷେତ୍ରରେ ଜିଡିପି ଅନୁସାରେ କେନ୍ଦ୍ର ସରକାରଙ୍କ ବ୍ୟୟ ୨୦୧୪–୧୫ରେ ୦.୨୫% ଥିଲାବେଳେ ୨୦୨୦–୨୧ରେ ୦.୪୧% ଛୁଇଁଥିଲା। ଏହା କ୍ରମଶଃ ହ୍ରାସ ପାଇ ୨୦୨୫–୨୬ରେ ୦.୨୭% ହେବ ବୋଲି ଆକଳନ କରାଯାଇଛି। କିନ୍ତୁ ଜାତୀୟ ସ୍ୱାସ୍ଥ୍ୟ ନୀତି ଅନୁସାରେ ଏହା ଜିଡିପିର ୨.୫% ରହିବା କଥା।

ମୋ: ୯୪୩୭୨୦୮୭୬୨

# ଚାନ୍ଦା ଧର୍ମ



ହରେକୃଷ୍ଣ ଦାସ

ସେଦିନ ଘରକୁ ଫେରିବା ବାଟରେ ଗୋଟେ ଛକ ପାଖାପାଖି କେତେଜଣ ପିଲା ହାତରେ ଦି'ଟା ରସିଦ ବହି,କିଛି ରଙ୍ଗବେରଙ୍ଗର ପତାକା ଧରି ସାମ୍ନାକୁ ଚାଲିଆସି ଦିଟା ଯାକ ହାତ ମେଲେଇ ଗାଡ଼ି ଆଗରେ ଛିଡ଼ାହୋଇଯାଇ ଅଟକିବାକୁ ଇଙ୍ଗିତକଲେ। ମୁଁ ଅଟକିବା ମାତ୍ରେ ଚାରି ପାଞ୍ଚ ଜଣ ପିଲା ଘେରିଗଲେ। ଦି'ଜଣ ପାଖକୁ ମାଡ଼ି ଆସିଲେ ଏବଂ ତାଙ୍କ ଭିତରୁ ଜଣେ କହିଲା, ''ସାର୍ ନମସ୍କାର। ଆମ ଗାଆଁରେ ବିଶ୍ୱଶାନ୍ତି ଯଜ୍ଞ କରୁଛୁ। କିଛି ଚାନ୍ଦା ଦିଅନ୍ତୁ।'' ପାଖରେ ଥିବା ଆର ପିଲାଟି ଚଟ୍‌କିନା ସଂଶୋଧନକରି କହିଲା,''ହେଃ, ଚାନ୍ଦା କ'ଣ କହୁଛୁ? କହ, ସାର୍ କିଛି ସାହାଯ୍ୟ କରନ୍ତୁ।'' ରାସ୍ତା କଡ଼ରେ ଗାଡ଼ି ରଖି ଓହ୍ଲାଇ ଆସି ସେ ପିଲା ଦୁହିଁଙ୍କୁ ପାଖକୁ ଡାକି ପଚାରିଲି, ''ଆଚ୍ଛା, ତମ 'ଚାନ୍ଦା' ଓ 'ସାହାଯ୍ୟ' ଭିତରେ କ'ଣ ଫରକ ଅଛି ମତେ ବୁଝାଅ। ତା'ପରେ ମୁଁ ସ୍ଥିର କରିବି ଯେ ଏ ଦିଇଟା ଭିତରୁ ମୁଁ କୋଉଟା ଦେବି।'' ନମସ୍କାର କରିଥିବା ପିଲାଟି ମତେ ଚିହ୍ନିଥିବାରୁ କହିଲା,''ସାର୍, ଆପଣ ଆମ ଚିହ୍ନାଲୋକ। କିଛି ନ ଦେଇ ବି ଯାଇପାରନ୍ତି। କିନ୍ତୁ ଏମିତି ଅବାଗିଆ ପ୍ରଶ୍ନ ପଚାରନ୍ତୁନି।''

ରାଗି ଆସୁଥିବା ପିଲାଟିକୁ ଥାପୁଡ଼େଇ ଦେଇ କହିଲି,''ଆରେ, ମୁଁ ଖରାପ କରି କହୁନି। କିନ୍ତୁ ମୋର ସନ୍ଦେହ ଟିକିଏ ଦୂରକର।''ସେ କହିଲା, ''ସାର୍, ଆପଣଙ୍କୁ କାଳେ ଖରାପ ଲାଗିବ ବୋଲି ଚାନ୍ଦା ଶବ୍ଦ ବ୍ୟବହାର କରିବାକୁ ସେ ମନାକଲା। ନ ହେଲେ, ଆମେ ପ୍ରକୃତରେ ଚାନ୍ଦା ହିଁ ଆଦାୟ କରୁଛୁ।''''ଆଚ୍ଛା, ତମେ ଏମିତି ରାସ୍ତା ଉପରେ, ଗାଡ଼ି ଆଗକୁ ଚାଲିଆସି ଅଟକେଇଦଉଛ। ଏସବୁ ବେଆଇନ, କିଏ ଅଭିଯୋଗ କଲେ ତମ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇପାରେ ବୋଲି ଜାଣିଛ ତ? ଏମିତି ଅବସ୍ଥାରେ ଯଦି ପୋଲିସ ହାବୁଡ଼ରେ ପଡ଼ିଗଲ ତ ସବୁ ଗଲା।''

ତାଚ୍ଛଲ୍ୟଭରା ହସଟିଏ ହସିଦେଇ ସେ କହିଲା,''ସାର୍, ଆପଣ ସିନା ଆଜି ପ୍ରଥମ ଥର ଅଟକିଲେ, ହେଲେ ଆମେ ତ ଏ କାମ ଆଜି ନୂଆ କରୁନୁ। କେତେ ଲୋକ ଚାନ୍ଦା ଦେଇ ଯାଉଛନ୍ତି, କେହି ଜଣେ ବି କାହିଁକି ଅଭିଯୋଗ କରିନାହାନ୍ତି କହିଲେ? କାରଣ ହେଲା ଯେ ତାଙ୍କ ଭିତରୁ ଅଧିକାଂଶ ଲୋକ ସବୁଦିନ ଏଇ ରାସ୍ତାରେ ଯା'ଆସ କରନ୍ତି। ଭଲ ମନ୍ଦ ଚିନ୍ତା ଅଛି କି ନାହିଁ? ଆଉ, ପୋଲିସ ତ ଆମକୁ ସବୁଦିନ ଦେଖୁଛନ୍ତି। ତାଙ୍କୁ ଦେଖିଲେ ଆମେ ଆଡ଼େଇ ହୋଇଯାଉ, ସେମାନେ ବି ହସିଦେଇ ଚାଲିଯାଆନ୍ତି। ସେ ଆମକୁ କିଛି କହିବେ କାହିଁକି? ତା' ଛଡ଼ା, ଆମେ ତ ଆପଣମାନଙ୍କ ପାଇଁ ଧର୍ମକାର୍ଯ୍ୟ କରୁଛୁ ଏବଂ ଆପଣମାନଙ୍କୁ ଧର୍ମକାର୍ଯ୍ୟରେ ଲଗଉଛୁ ନା।''

''ଆମମାନଙ୍କ ପାଇଁ ଧର୍ମକାର୍ଯ୍ୟ କେମିତି କରୁଛ?'' ''ଦେଖନ୍ତୁ, ଆଜିକାଲି ଅଧିକାଂଶ ଲୋକଙ୍କ ପାଖରେ ଠାକୁର ଭକ୍ତି ବୋଲି କିଛି ନାହିଁ। ଘରଟେ କରିଛେ ମାନେ କିଛି ଠାକୁରଙ୍କ ଫଟୋ ନ ରଖିଲେ କାଳେ ଅମଙ୍ଗଳ ହେବ ବୋଲି ଡରରେ ଆମେ ଫଟୋ ରଖିଥାଉ। ବାସିପାଇଟି ସାରିଲା ଭଳିଆ ବହୁ ହିସାବ କିତାବରେ ପୂଜାକରୁ। ଭୋଗ ଲଗାଇସାରିବା ପରେ ସକାଳ ଜଳଖିଆରେ ଆମେ କ'ଣ ଓ କେତେ ପରିମାଣର ଖାଇବୁ, ତାକୁ ଆଖି



ଆଗରେ ରଖି ସେଓ, କଦଳୀ କି ଅଙ୍ଗୁର ଭୋଗ କରାଯାଏ। ପୁଣି ତୁଣ୍ଡରେ ଘର ଲୋକଙ୍କ ସହ କଳି ଝଗଡ଼ା ଚାଲୁଥିବ ଆଉ ହାତଟା ମେଶିନ ଭଳିଆ ଠାକୁରଙ୍କୁ ଭୋଗ, ଧୂପ, ଦୀପ ଲଗାଉଥିବ। କ'ଣ ମିଛ କହିଲି, ଆଜ୍ଞା? ଆପଣମାନେ କେତେ ଠାକୁର ଭକ୍ତିଆ ଲୋକ, ଆମେ ଜାଣିନୁ?''

ପିଲାଟାକୁ କି ଜବାବ ଦେବି ମୋ ପାଟି ଖନିମାରିଗଲା। ମୋ ମନ ପଢ଼ିପାରିଲା ଭଳି ସେ କହିଲା,''ବ୍ୟସ୍ତ ହୁଅନ୍ତୁନି, ଆଜ୍ଞା। ଏଇଟା କେବଳ ଆପଣଙ୍କ ଘର କଥା ନୁହେଁ, ଅନେକଙ୍କ ଘରର କାହାଣୀ ଇଏ। ଆମ ଘରେ ବି ମୁଁ ଦେଖିଛି ଏସବୁ।'' ମୁହଁ ଟାଣକରି କହିଲି, ''ତମକୁ ଚାନ୍ଦା ଦେବାରେ ଆମର ଧର୍ମ କେମିତି ହେଲା?'' ଏକେ ତ ଘରେ ଭକ୍ତିଭାବ ନାହିଁ। ବାହାରେ ବି କୋଉଠି ଠାକୁରଙ୍କ ଉଦ୍ଦେଶ୍ୟରେ ଟଙ୍କାଟିଏ ବି ଦେବା ପରିସ୍ଥିତି ଦେଖିଲେ ଆପଣମାନେ ବାଆଁରେଇ ହୋଇ ଚାଲିଯାଆନ୍ତି। ଆମେ ବହୁ ଫନ୍ଦିକରି ଆପଣଙ୍କ ପାଖରୁ ଯାହା କିଛି ଆଦାୟ କରୁଛୁ, ସେଥିରୁ କିଛି ତ ଠାକୁରଙ୍କ କାମରେ ଲାଗୁଛି ନା। ଆମକୁ ଚାନ୍ଦା ଦେଇ ପରୋକ୍ଷରେ ଆପଣ ଧର୍ମ ଅର୍ଜନ କଲେନି? ପୁଣ୍ୟ ହେଲାନି?'

''କିଛି ଠାକୁରଙ୍କ କାମରେ ଲାଗୁଛି। ବାକିତକ?'' ''ସେ ବି ବେକାର ଯାଉନି। ଆପଣଙ୍କର ପୁଣ୍ୟ ଅର୍ଜନ ପାଇଁ ଏତେ ପିଲା କେତେ ପରିଶ୍ରମ କରୁଛନ୍ତି, ସମୟ ଦେଉଛନ୍ତି। ଦିନଯାକର ପରିଶ୍ରମ ପରେ କ'ଣ ନିଜ ହାତରୁ ଖର୍ଚ୍ଚକରି ରାତିରେ ଖାଇପିଇ ବାଧା ମେଣ୍ଟେଇବେ? ଆପଣଙ୍କ ଟଙ୍କା ସେମାନଙ୍କ ପେଟ କଥା ବି ବୁଝୁଛି।''

''ବାଧା ମେଣ୍ଟେଇବାର ବ୍ୟବସ୍ଥା କ'ଣ?'' କୌତୂହଳରେ ପଚାରିଲି। ପିଲାଟି କହିଲା, ''ଟୋକାଟାକାଳିଆ କଥା। କେମିତି ଭୋଜିକରି କ'ଣ ଖିଆପିଆ କରନ୍ତି – ସେକଥା ଆପଣ ସତରେ ଜାଣିନାହାନ୍ତି?''

''ତା'ହେଲେ ଏମିତି କାର୍ଯ୍ୟକ୍ରମ ପାଇଁ ତମ ଭଳିଆ ଅନେକ ପିଲା ତ ଆଗେଇ ଆସିବା ଉଚିତ। ତା' ଦ୍ୱାରା ଅନେକ ଧର୍ମ କାର୍ଯ୍ୟ, ଅନେକ ଯଜ୍ଞ ଜରିଆରେ ବିଶ୍ୱଶାନ୍ତି ପାଇଁ ନିରନ୍ତର ପ୍ରୟାସ ଜାରିରହିବ।'' ପିଲାଟି କହିଲା, '' ଇଏ ବି ଏତେ ସହଜ କାମ ନୁହେଁ, ଆଜ୍ଞା। ଗୁଡ଼ାଏ ଝାମେଲା। ଯେମିତି ଆମେ ଆରମ୍ଭ କରିଛୁ ,ଆମକୁ ଦେଖି ସେ ପାଖ ଗାଁର ପିଲାମାନେ ବି ଯଜ୍ଞ କରିବେ ବୋଲି ଏକାଠି ହେଲେ। ଯେମିତି ଆମେ ଖବର ପାଇଲୁ, ସେ ଗାଆଁକୁ ଯାଇ ଗଣ୍ଡଗୋଳ କରି, ଧମକଚମକ ଦେଇ ତାଙ୍କୁ ଅଟକେଇବାକୁ ପଡ଼ିଲା। ''

''ପଚାରିଲି,ସେମାନେ କଲେ ତମର କ'ଣ ଅସୁବିଧା ?'' ''ସେମାନେ ଆଗ ଛକରେ ସବୁ ଗାଡ଼ି ଅଟକେଇବେ। ତାଙ୍କୁ ଦେଲା ପରେ ଆମକୁ କିଏ କେତେ ଚାନ୍ଦା ଦେବ? ଆମର କଲେକଶନ କମିଯିବନି?ଯଜ୍ଞ ପାଇଁ ଦେବୁ କେତେ, ଆମ ଖର୍ଚ୍ଚ ପାଇଁ ରଖିବୁ କେତେ?'' ତା' ମାନେ ବିଶ୍ୱଶାନ୍ତି ପାଇଁ କିଏ ନେତୃତ୍ୱ ନେବ ସେଥିପାଇଁ ବି କମ୍ପିଟିଶନ?

ଆଉ କିଛି ଅବାଞ୍ଛିତ ପ୍ରଶ୍ନ ଆଶଙ୍କାକରି ସେ କହିଲା, ''ମୋର ବହୁତ ସମୟ ଆପଣ ନଷ୍ଟ କଲେଣି। ଯଦି କିଛି ଦେବାକୁ ଚାହୁଁଛନ୍ତି ଦିଅନ୍ତୁ। ମୋର ଡେରି ହେଉଛି, ସାର୍।'' ମୁଁ ପକେଟ ଆଡ଼କୁ ହାତ ନେବା ଦେଖି ସେ ରସିଦ କାଟିବାକୁ ଯାଉଥିଲା। ତାକୁ ଅଟକେଇଦେଇ କହିଲି, ''ଯାକୁ ଚାନ୍ଦା କୁହ କି ସାହାଯ୍ୟ କୁହ, କିନ୍ତୁ ନାଆଁର ପ୍ରମାଣ ରଖନି। କେତେଜଣଙ୍କଠାରୁ ଚାନ୍ଦା ନେଇ ତାଙ୍କ ପାଇଁ ଧର୍ମ ଅର୍ଜନର ବ୍ୟବସ୍ଥା କରୁଛ, କେବଳ ତା'ର ହିସାବ ରଖ।''

ମୁହୂର୍ତ୍ତେ ଅପେକ୍ଷା ନ କରି ମୋଠାରୁ ଚାନ୍ଦା ନେଇ ନମସ୍କାରଟେ ଫିଙ୍ଗିଦେଇ ପିଲାଟି ଚାଲିଗଲା।

ଅଧ୍ୟାପକ, ଇଂରାଜୀ ବିଭାଗ
ନିଆଳି କଲେଜ, ନିଆଳି, କଟକ
ମୋ: ୯୮୬୧୩୪୫୬୫୮

## ଏଇ ଭାରତରେ

କାଗଜ ପାଇଁ ବହୁସଂଖ୍ୟାରେ ଗଛ ଓ ବାଉଁଶ କଟାଯାଉଛି, ଯାହା ପରିବେଶ ପାଇଁ କ୍ଷତିକାରକ। ତେବେ ଏହାର ସମାଧାନ ବାଟ ପାଇଛନ୍ତି ରୂପଙ୍କର ଭଟ୍ଟାଚାର୍ଯ୍ୟ ଏବଂ ଅଙ୍କିତ୍ ଧର୍। ସେମାନେ ପାଣିରେ ବଢୁଥିବା ଏକପ୍ରକାର ଦଳ(କଳିକତି ଦଳ)ରୁ କାଗଜ ତିଆରି କରୁଛନ୍ତି। ସେମାନଙ୍କ ଅନୁସୃତ ପଦ୍ଧତିରେ କମ୍ କାର୍ବନ ନିର୍ଗମନ ହେଉଛି। ଏହି ସବୁଜ ନୂତନତ୍ୱ ସ୍ଥାନୀୟ ଲୋକଙ୍କୁ ରୋଜଗାର ଦେଇପାରିଛି। କଳିକତି ଦଳକୁ ସଂସ୍କୃତରେ ଜଳକୁମ୍ଭି କୁହାଯାଏ। ଏଣୁ ଏଥିରୁ ତିଆରି ହେଉଥିବା କାଗଜର ନାମ ରଖାଯାଇଛି କୁମ୍ଭି କାଗଜ। ଏହି କାଗଜ ତିଆରି ପାଇଁ ସେମାନେ 'କୁମ୍ଭି କାଗଜ ପ୍ରାଇଭେଟ ଲିମିଟେଡ୍' ପ୍ରତିଷ୍ଠା କରିଛନ୍ତି। ଏହି ଜଳକୁମ୍ଭି ଆସାମର ଅଧିକାଂଶ ଜିଲାରେ ବହୁମାତ୍ରାରେ ବଢୁଥିବାରୁ ସେଠାରେ ସ୍ଥାନୀୟ ଲୋକଙ୍କ ମାଧ୍ୟମରେ ଏସବୁ ସଂଗ୍ରହ କରାଯାଉଛି। କୁମ୍ଭି କାଗଜ ସମ୍ପୂର୍ଣ୍ଣ ରସାୟନମୁକ୍ତ ଏବଂ ଏହା ସହଜରେ ମାଟିରେ ମିଶିଯାଉଛି। ଜଣେ ବନ୍ୟଜନ୍ତୁ ଉଦ୍ଧାରକାରୀ ଭାବେ ଥରେ ପାଇଥନ୍ ଉଦ୍ଧାର କରିବା ସମୟରେ ରୂପଙ୍କର କୁମ୍ଭିଦଳ ସମ୍ପର୍କରେ ଜାଣିପାରିଥିଲେ। ପରେ ସେ ଉଭୟଚର ଜୀବ ବିଶେଷଜ୍ଞ ଡ. ପୁରକାୟସ୍ଥଙ୍କ ତତ୍ତ୍ୱାବଧାନେର ଗବେଷଣା କରି କାଗଜ ତିଆରିର ଉପାୟ ପାଇପାରିଥିଲେ। ଆସାମ ସରକାରଙ୍କ ସହଯୋଗରେ ରୂପଙ୍କର ଓ ତାଙ୍କ ସାଥୀ ଅଙ୍କିତ୍ ଏକ କମ୍ପାନୀ ପ୍ରତିଷ୍ଠା କରି ୨୦୨୩ରୁ କାଗଜ ଉତ୍ପାଦନ ଆରମ୍ଭ କରିଥିଲେ।

## ୫୦ ବର୍ଷ ତଳର ଧରିତ୍ରୀ

୨୭ ଏପ୍ରିଲ ୧୯୭୬

- ଉତ୍ତର ଓ ଦକ୍ଷିଣ ଭିଏତ୍‌ନାମରେ ଏକତ୍ରୀକରଣ ଉଦ୍ଦେଶ୍ୟରେ ଉଭୟ ଦେଶର ସାଧାରଣ ଜାତୀୟ ଆସେମ୍ବ୍ଲି ପାଇଁ ସାଧାରଣ ନିର୍ବାଚନ ସମାପ୍ତ।
- ବିହାରର ଜଣେ ପୂର୍ବତନ ମନ୍ତ୍ରୀ ସୋସାଲିଷ୍ଟ ଦଳ ନେତା ଶ୍ରୀ ରାମଫଲ ଚୌଧୁରୀ ତାଙ୍କ ଦଳରୁ ଇସ୍ତଫା ଦେଇଛନ୍ତି।

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 1 | | | 9 | | | 3 |
| | 3 | | | | | | 6 | 5 |
| | 2 | | | | | 8 | 4 | |
| | 5 | | | | | | 2 | 7 |
| | | | | 6 | | | 9 | |
| | | | 2 | | | | 3 | |
| | 9 | 6 | 1 | 3 | | | | |
| | | | | 4 | 6 | | | |
| 7 | | 2 | | 5 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 4 | 3 | 1 | 5 | 7 | 8 | 9 | 6 |
| 8 | 9 | 6 | 2 | 3 | 4 | 1 | 7 | 5 |
| 7 | 1 | 5 | 8 | 9 | 6 | 4 | 2 | 3 |
| 4 | 2 | 8 | 5 | 1 | 3 | 9 | 6 | 7 |
| 9 | 6 | 7 | 4 | 2 | 8 | 3 | 5 | 1 |
| 5 | 3 | 1 | 7 | 6 | 9 | 2 | 4 | 8 |
| 3 | 7 | 2 | 9 | 8 | 5 | 6 | 1 | 4 |
| 6 | 5 | 9 | 3 | 4 | 1 | 7 | 8 | 2 |
| 1 | 8 | 4 | 6 | 7 | 2 | 5 | 3 | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଆଉ କେତେଦିନ ଆତଙ୍କବାଦ

ମହାଶୟ,

ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଜମ୍ମୁ–କଶ୍ମୀର ରାଜ୍ୟ ସରକାର ଓ ଭାରତ ସରକାରଙ୍କ ଗୋଇନ୍ଦା ବିଭାଗର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଆଉ କେତେଦିନ ଆତଙ୍କବାଦ୍‌ର ଶିକାର ହେଉଥିବ ଭାରତ। ପାକିସ୍ତାନ ସମର୍ଥିତ ଆତଙ୍କବାଦ ସଂଗଠନ ଏଭଳି ଆକ୍ରମଣ କରୁଛି। ଦୃଢ଼ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସେ ସବୁକୁ ସମୂଳେ ଧ୍ୱଂସ ନ କଲେ ଭାରତ ବାରମ୍ବାର ଆତଙ୍କବାଦୀ ଆକ୍ରମଣର ଶିକାର ହେଇ ଆଭ୍ୟନ୍ତରୀଣ ସୁରକ୍ଷା ବ୍ୟବସ୍ଥା ପ୍ରତି ବିପଦକୁ ଆମନ୍ତ୍ରଣ କରୁଥିବ। ଅମରନାଥ ଯାତ୍ରା ପୂର୍ବରୁ, ମାତ୍ର ୬/୭ ଜଣ ଆତଙ୍କବାଦୀ ପୋଲିସ ଓ ସୁରକ୍ଷାକର୍ମୀ ବେଶପୋଷାକରେ ସଜ୍ଜିତ ହୋଇ ଜମ୍ମୁ–କଶ୍ମୀରର ପହଲଗାମ୍‌ରେ ପର୍ଯ୍ୟଟକମାନଙ୍କ ନାମ ଓ ଧର୍ମ ପଚାରି କେବଳ ହିନ୍ଦୁମାନଙ୍କୁ ସଂହାର କରିଛନ୍ତି। ଆତଙ୍କବାଦୀମାନେ ୨ ବିଦେଶୀ ନାଗରିକଙ୍କ ସମେତ ପ୍ରାୟ ୨୮ ଜଣ ପର୍ଯ୍ୟଟକଙ୍କୁ ଗୁଳିକରି ହତ୍ୟା କରିଛନ୍ତି। ପାକିସ୍ତାନ ସୀମା ମଧ୍ୟରେ ଥିବା ସେମାନଙ୍କ ଆଡ୍ଡାସ୍ଥଳକୁ ଧ୍ୱଂସ ନ କଲେ ସେମାନେ ଏହିଭଳି ନରସଂହାର ବାରମ୍ବାର କରିବାକୁ ସାହସ କରୁଥିବେ।

**– ଅଶୋକ କୁମାର ଆଢ୍ୟ, ମରୀଚିକୋଟ ଗଳି, ପୁରୀ**

### ଚିରନ୍ତନୀ

ଅସଲ ସତଟି ଘୋଡ଼ାଇବା ପାଇଁ
ଭାଷାର ଚାତୁରୀ ଛଳନା କଥା
ବାକି ଅଛି ସେ କି, ବୁଝିବାକୁ ତାକୁ
ବେକ ପରେ ଯା'ର ରହିଛି ମଥା
(ପ୍ରେମର ଅର୍ଥ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଫିଟ୍‌ନେସ୍ ମାନ୍ତ୍ର ସ୍ୱିମିଂ


**ଶରୀରକୁ ଫିଟ୍ ରଖିବା ପାଇଁ ଅନେକେ ଯୋଗ କରିବାଠୁ ଆରମ୍ଭ କରି ଜଗିଂ, ସାଇକ୍ଲିଂ ଏବଂ ଜିମ୍ ଯାଇ ଏକ୍ସରସାଇଜ୍ କରୁଥିବା ମଧ ଦେଖିବାକୁ ମିଳିଥାଏ। ହେଲେ ସ୍ୱିମିଂ ଏକ ଏଭଳି ଏକ୍ସରସାଇଜ୍, ଯାହା ଶରୀରକୁ ଉଭୟ ଶାରୀରିକ ଓ ମାନସିକ ସ୍ତରରେ ଫିଟ୍ ରଖିଥାଏ। ଯେଉଁଥିପାଇଁ ଆଜିର ଯୁବପିଢି ଫିଟ୍‌ନେସ୍ ପାଇଁ ସ୍ୱିମିଂ ପ୍ରତି ଅଧିକ ଆଗ୍ରହୀ ହେଉଥିବା ଦେଖିବାକୁ ମିଳୁଛି...**



ଦିନଥିଲା ନଈ କିମ୍ବା ପୋଖରୀ ପାଖରେ ରହୁଥିବା ଅଧିକାଂଶ ପହଁରିବା ଜାଣିଥିଲେ କିମ୍ବା ଏହି ସ୍ପୋର୍ଟ୍ସରେ ଆଗ୍ରହ ରଖୁଥିବା ପିଲା ଅବା ଯୁବପିଢି ତାଲିମ ନେଉଥିଲେ। ହେଲେ ସ୍ୱିମିଂ ଏକ ଏଭଳି ଏକ୍ସରସାଇଜ୍, ଯେଉଁଥିରେ ଶରୀରକୁ ଅନେକ ପ୍ରକାରର ଉପକାରିତା ମିଳିଥାଏ। ଏହା ଶରୀରକୁ ଉଭୟ ଶାରୀରିକ ଓ ମାନସିକ ସ୍ତରରେ ଫିଟ୍ ରଖୁଥିବା ଜାଣିବା ପରେ ଅଧିକାଂଶ ଏଥିପ୍ରତି ଆଗ୍ରହୀ ହେଉଥିବାର ଦେଖିବାକୁ ମିଳୁଛି। ବର୍ତ୍ତମାନ ସ୍କୁଲ୍, କଲେଜ ଠାରୁ ଆରମ୍ଭ କରି ହୋଟେଲ୍ ଏବଂ ବିଭିନ୍ନ ସ୍ଥାନରେ ସ୍ୱିମିଙ୍ଗ୍ ପୁଲ୍ ବ୍ୟବସ୍ଥା କରାଯାଉଛି। ଏମିତିକି ଏଥିପାଇଁ ସ୍ପେଶାଲ୍ ଟ୍ରେନିଂ ବିଶେଷକରି ଖରାଦିନେ ସମର ସ୍ୱିମିଂ କ୍ଲାସ୍ ମଧ ଉପଲବ୍ଧ ରହୁଛି।

ପହଁରିବା ଦ୍ୱାରା ଅନେକ ଉପକାର ମିଳିଥାଏ। ଜାଣିବା ଏହା ସମ୍ପର୍କରେ...

- ପ୍ରତିଦିନ ସ୍ୱିମିଂ କଲେ ୱାକିଂ ତୁଳନାରେ ଅଧିକ କ୍ୟାଲୋରି ବର୍ନ ହୋଇଥାଏ, ଯାହାକି ମେଦବହୁଳତା ହେବାକୁ ଦିଏ ନାହିଁ ଏବଂ ସ୍ଲିମ୍ ଫିଟ୍ ରଖିବାରେ ସାହାଯ୍ୟ କରେ।
- ଏହାଦ୍ୱାରା ଶରୀର ଫୂର୍ତ୍ତି ହୋଇଥାଏ। ସମସ୍ତ ହାଡ଼ ଏବଂ ଜଏଣ୍ଟ ମଜଭୁତ ହୋଇଥାଏ। ତେଣୁ ଯୁବାବସ୍ଥାରେ ପ୍ରତିଦିନ ସ୍ୱିମିଂ କଲେ ଭବିଷ୍ୟତରେ ଆଣ୍ଠୁଗଣ୍ଠି ବିନ୍ଧା, ଆର୍ଥ୍ରାଇଟିସ୍ ଭଳି ସମସ୍ୟା ଦେଖାଦେଇ ନ ଥାଏ। ଏହାଦ୍ୱାରା ମାଂସପେଶୀ ମଧ ମଜଭୁତ ହୋଇଥାଏ।
- ପହଁରିବା ଯୋଗୁ ହୃତ୍‌ପିଣ୍ଡ ଏବଂ ଫୁସ୍‌ଫୁସ୍ ମଜଭୁତ ହୋଇଥାଏ। ରୋଗପ୍ରତିରୋଧକ ଶକ୍ତି ମଧ ବୃଦ୍ଧିପାଇଥାଏ।
- ମାନସିକ ସ୍ୱାସ୍ଥ୍ୟ ଉପରେ ମଧ ସ୍ୱିମିଂର ଖୁବ୍ ଭଲ ପ୍ରଭାବ ପଡ଼ିଥାଏ। ଏହା ମୁଡ୍ ଫ୍ରେଶ୍ କରିବା ସହ ଡିପ୍ରେଶନ୍ ସମସ୍ୟାକୁ ବି ଦୂର କରିଥାଏ। ଏହାଦ୍ୱାରା ନିଦ ମଧ ଭଲ ଭାବେ ହୋଇଥାଏ।
- ଶରୀରରେ ରକ୍ତସଞ୍ଚାଳନ ଠିକ୍ ଭାବେ ହୋଇଥାଏ। ଯଦ୍ୱାରା ରକ୍ତଚାପ ନିୟନ୍ତ୍ରଣରେ ରହିଥାଏ ଏବଂ ହୃଦ୍ ସମ୍ବନ୍ଧୀୟ ରୋଗ ଆଶଙ୍କା ହ୍ରାସ ପାଇଥାଏ।



## ପହଁରିବା ହୃତ୍‌ପିଣ୍ଡ ପାଇଁ ଉପକାରୀ

– ଡା. ରମାରମଣ ଷଡ଼ଙ୍ଗୀ



ପହଁରିବା ଏକ ସୁନ୍ଦର ବ୍ୟାୟାମ। ଅନେକେ ପିଲାଦିନରୁ ପହଁରିବା ଶିଖିଥାଆନ୍ତି ଏବଂ କାଳକ୍ରମେ ନିଜ ସନ୍ତାନ ତଥା ବନ୍ଧୁମାନଙ୍କୁ ମଧ ଶିଖାଇଥାଆନ୍ତି । କାରଣ ହଠାତ୍ କୌଣସି ବିପଜ୍ଜନିତ ପରିସ୍ଥିତି ସୃଷ୍ଟି ହେଲେ, ସେମାନେ ପହଁରା ଶିଖିଥିଲେ ଅନ୍ତତଃ ନିଜ ଜୀବନ ବା ଅନ୍ୟମାନଙ୍କର ଜୀବନ ବଞ୍ଚାଇ ପାରିବେ। ତେବେ ଯୁବାବସ୍ଥାରେ ପହଁରିବା ସବୁଠୁ ଭଲ ଏକ୍ସରସାଇଜ୍।

ଏବେ ଆସନ୍ତୁ ଜାଣିବା ପହଁରିବା ନିଜ ଦେହ ପାଇଁ ବିଶେଷ ଭାବରେ ନିଜ ହାର୍ଟ ପାଇଁ କେତେ ଜରୁରୀ ଓ ଉପକାରୀ– ହୃତ୍‌ପିଣ୍ଡ ପାଇଁ ପହଁରିବା ଏକ ଉତ୍ତମ ବ୍ୟାୟାମ । ନିୟମିତ ପହଁରିଲେ ଏହା ହୃତ୍‌ପିଣ୍ଡ ଓ ଫୁସ୍‌ଫୁସ୍‌କୁ ଶକ୍ତିଶାଳୀ କରିବା ସହ ରକ୍ତ ସଂଚାଳନ ଠିକ୍ ଭାବରେ ହୋଇଥାଏ, ଉଚ୍ଚ ରକ୍ତଚାପ କମାଇଦିଏ ତଥା କାର୍ଡିଓଭସ୍କୁଲାର ସିଷ୍ଟମକୁ ଫିଟ୍ ରଖିଥାଏ। ପହଁରିବା ଦ୍ୱାରା ହୃଦ୍‌ରୋଗ, ହୃଦ୍‌ଘାତ ଓ ମସ୍ତିଷ୍କଘାତ (ବ୍ରେନ୍ ଷ୍ଟ୍ରୋକ୍) କମିଯାଏ। ଏହା ରୋଗ ପ୍ରତିରୋଧ ଶକ୍ତି ମଧ ବଢ଼ାଇଥାଏ, ତେଣୁ ବ୍ୟକ୍ତି ବିଶେଷ ଖୁବ୍‌ଶୀଘ୍ର ରୋଗରେ ପଡ଼ନ୍ତି ନାହିଁ ତଥା ମୃତ୍ୟୁମୁଖରେ ପଡି ନ ଥା'ନ୍ତି। ପାଣିରେ ବୁଡ଼ି ପହଁରିବା ଦ୍ୱାରା ପାଣିର ଚାପ ହୃତ୍‌ପିଣ୍ଡ ଉପରେ ପଡ଼ିଲେ ମଧ ହାର୍ଟ ପାଇଁ ଏହା ଉପକାରୀ ହୋଇଥାଏ । ନିୟମିତ ପହଁରିଲେ ହୃତ୍‌ପିଣ୍ଡ ସହ ଫୁସ୍‌ଫୁସ୍, ଖାଦ୍ୟନଳୀ, ପାକସ୍ଥଳୀ, ବୃହଦନ୍ତ୍ର ଆଦି ସୁସ୍ଥ ରହିଥାଏ । ପହଁରିବା ଦ୍ୱାରା ଶରୀରର ଓଜନ ମଧ ନିୟନ୍ତ୍ରିତ ରହିଥାଏ।

ସ୍ୱିମିଂ ବା ପହଁରା ଏକ ଉପଯୁକ୍ତ ବ୍ୟାୟାମ ହେଲେ ମଧ ପହଁରିବା ପୂର୍ବରୁ ଡାକ୍ତରଙ୍କ ପରାମର୍ଶ ନେବା ଜରୁରୀ । କାରଣ କେତେକଙ୍କ କ୍ଷେତ୍ରରେ ଡାକ୍ତରମାନେ ପହଁରିବା ପାଇଁ ମନା କରିଥାନ୍ତି। ଜାଣିବା କେଉଁମାନଙ୍କ ପାଇଁ ପହଁରିବା ମନା ?

– କାନ ପାଚିଥିଲେ ବା' କାନରେ ରୋଗ (କ୍ରନିକ୍ ମିଡଲ ଇଅର ଡିଜିଜ, ଅଟାଇଟିସ୍ ମିଡିଆ) ଥିଲେ (ବିଶେଷକରି ଛୋଟ ପିଲାଙ୍କର) ପହଁରିବା ଠିକ୍ ନୁହେଁ।

– ଏହାଛଡ଼ା ଯେଉଁମାନଙ୍କ ଠାରେ ବିଶେଷ କରି ବୟସ୍କମାନଙ୍କର ହୃଦ୍‌ରୋଗ ଥିଲେ ବା ହାର୍ଟ ଫେଲିଅର ଥିଲେ, ଶ୍ୱାସରୋଗ ଥିଲେ, ଦେହରେ ଘା' ହୋଇଥିଲେ, ପରିସ୍ରା ବା ଝାଡ଼ାରେ କିଛି ଅସୁବିଧା ଥିଲେ ବେଶି ଜ୍ୱର ବା ସଂକ୍ରମଣ ହୋଇଥିଲେ ତଥା ଗର୍ଭଧାରଣ କରିଥିବା ମହିଳାମାନେ ପହଁରିବା ଆଦୌ ଉଚିତ ନୁହେଁ।

ଲିଙ୍କରୋଡ୍, କଟକ–୧୨
ମୋ: ୯୪୩୭୦୫୫୦୦୭

### କ'ଣ କୁହନ୍ତି ଏମାନେ...



**ସରୋଜ ନାୟକ(କର୍ମଜୀବୀ, ବାଙ୍ଗାଲୋର)–** ଆଜିର କାର୍ଯ୍ୟବ୍ୟସ୍ତତାପୂର୍ଣ୍ଣ ଜୀବନରେ ସମସ୍ତେ ଫିଜିକାଲ୍ ଓ ମେଣ୍ଟାଲ୍ ଷ୍ଟ୍ରେସ୍ ଦେଇ ଗତିକରୁଛନ୍ତି। ତେଣୁ ନିଜକୁ ଫିଟ୍ ରଖିବା ପାଇଁ କିଛି ସମୟ ଏକ୍ସରସାଇଜ୍ କରିବା ନିହାତି ଜରୁରୀ। ଆଉ ମୋ ପାଇଁ ସବୁଠୁ ବେଷ୍ଟ ଏକ୍ସରସାଇଜ୍ ହେଉଛି ସ୍ୱିମିଂ। ଏହାର ଅନେକ ସ୍ୱାସ୍ଥ୍ୟ ଉପକାରିତା ମଧ ରହିଛି। ତେଣୁ ଫାଙ୍କା ସମୟ ମିଳିଲେ କିଛି ସମୟ ସ୍ୱିମିଂ ପୁଲ୍‌ରେ ନିଶ୍ଚୟ ବିତାଏ। ଏହାଦ୍ୱାରା ବଡିକୁ ଆରାମ ମିଳିବା ସହିତ ମାଇଣ୍ଡ ବି ରିଲାକ୍ସ ଲାଗିଥାଏ।



**ରିକି ବେହେରା(ବାଙ୍କୀ, କଟକ)–** ପହଁରିବା ନିଶ୍ଚିତ ଭାବେ ସବୁଠୁ ଭଲ ଏକ୍ସରସାଇଜ୍ ବୋଲି ଅନୁଭବ କରିଛି। ଏହାଦ୍ୱାରା ଶରୀରର ସବୁ ଅଙ୍ଗ କାର୍ଯ୍ୟକ୍ଷମ ହୋଇଥାଏ ଏବଂ ପରେ ଖୁବ୍ ଆକ୍ଟିଭ୍ ଲାଗିବା ସହ ମାଇଣ୍ଡ ବି ରିଲାକ୍ସ ଫିଲ୍ ହୋଇଥାଏ। ସବୁ ଜଏଣ୍ଟ ଫ୍ରି ହୋଇଯାଏ ଏବଂ ବ୍ରିଦିଂ କଣ୍ଟ୍ରୋଲ ବି ଆସିଯାଏ। ପାଣି ଭିତରେ ଶରୀର ହାଲୁକା ଲାଗୁଥିବାରୁ ଏଥିରେ ଦୌଡ଼ିବା କିମ୍ବା ଅନ୍ୟ ଏକ୍ସରସାଇଜ୍ ଭଳି କଷ୍ଟ ବି ହୋଇ ନ ଥାଏ। ତେବେ କୌଣସି ସ୍ୱିମିଂପୁଲ୍ ନୁହେଁ, ଘର ପାଖରେ ମହାନଦୀ ବହିଯାଉଥିବାରୁ ପିଲାବେଳୁ ଏଠାରେ ପହଁରିବା ଶିଖିଛି। ଏଠାରେ ପହଁରିବାରେ ଯେଉଁ ଆନନ୍ଦ ଅଛି ତାହା ଅବର୍ଣ୍ଣନୀୟ।





### ଏ ସପ୍ତାହର ପ୍ରଶ୍ନ

୧– ୱାର୍ଲ୍ଡ ହେରିଟେଜ୍ ଡେ' .......... ତାରିଖରେ ପାଳନ କରାଯାଏ ?
୨– ମହାଦେବ କୋଲି ଜନଜାତି ମୁଖ୍ୟତଃ ........ ରାଜ୍ୟରେ ଦେଖାଯାଆନ୍ତି ?
୩– ଚଳିତବର୍ଷ ଆର୍ଥ ଡେ'ର ଥିମ୍ ........... ?
୪– ସିଲ୍କ୍ୟାରା ବେଣ୍ଡ ବାରକୋଟ ଟନେଲ ............ ରାଜ୍ୟରେ ଅବସ୍ଥିତ ?
୫– ମୀରକାଟ୍ ରେଡିଓ ଟେଲିସ୍କୋପ୍ ............ ଦେଶରେ ରହିଛି ?

### ଗତ ଥରର ଉତ୍ତର

୧ ମିନିଷ୍ଟ୍ରୀ ଅଫ୍ ଏନ୍‌ଭାଇରନ୍‌ମେଣ୍ଟ, ଫରେଷ୍ଟ ଆଣ୍ଡ କ୍ଲାଇମେଟ୍ ଚେଞ୍ଜ
୨ ମଧ୍ୟପ୍ରଦେଶ
୩ ନାଗାଲାଣ୍ଡ
୪ ତେଲଙ୍ଗାନା
୫ ହରିୟାଣା

### ଉତ୍ତରଦାତା



ଛବିଲାଲ୍ ଭାଟି, କଳାହାଣ୍ଡି



ପ୍ରଦୀପ କୁମାର ନାଏକ, ବଲାଙ୍ଗୀର

### ଟପ୍ ୧୦

## ଫାଷ୍ଟେଷ୍ଟ କାର୍–୨୦୨୫

୧– କୋଏନିଗ୍‌ସେଗ୍ ଜେସ୍କୋ ଆବ୍‌ସୋଲ୍ୟୁଟ୍ ............ ୪୯୯ କିମି. ପ୍ରତିଘଣ୍ଟା
୨– ଏସ୍‌ଏସ୍‌ସି ଟ୍ୱାଟାରା.................................. ୪୭୫ କିମି. ପ୍ରତିଘଣ୍ଟା
୩– ବୁଗାଟି ଚର୍‌ବିଲନ୍ .................................. ୪୪୬ କିମି. ପ୍ରତିଘଣ୍ଟା
୪– ହେନ୍ନେସେ ଭେନମ୍ ଏଫ୍୫ .......................... ୪୩୮ କିମି. ପ୍ରତିଘଣ୍ଟା
୫– ରିମ୍ୟାକ୍ ନେଭେରା.................................... ୪୧୨ କିମି. ପ୍ରତିଘଣ୍ଟା
୬– ମ୍ୟାକ୍‌ଲରେନ୍ ସ୍ପିଡ୍‌ଟେଲ୍ ............................ ୪୦୨ କିମି. ପ୍ରତିଘଣ୍ଟା
୭– କୋଏନିଗ୍‌ସେଗ୍ ରେଗେରା .......................... ୪୦୨ କିମି. ପ୍ରତିଘଣ୍ଟା
୮– ଅଷ୍ଟନ୍ ମାର୍ଟିନ୍ ଭଲ୍କାଇରୀ .......................... ୪୦୨ କିମି. ପ୍ରତିଘଣ୍ଟା
୯– ପାଗାନି ହୁଆଇରା ...................................... ୩୮୩ କିମି. ପ୍ରତିଘଣ୍ଟା
୧୦– ସେଭ୍ରୋଲେଟ୍ କରଭେଟ୍ ଜେଡ୍‌ଆର୍୧ ............ ୩୭୫ କିମି. ପ୍ରତିଘଣ୍ଟା



### ଜାଣନ୍ତୁ ଦୁନିଆ

## ଅଜବ ଗାଁ

**ପୃଥିବୀରେ ଏମିତି କିଛି ବିସ୍ମୟକର ଗାଁ ରହିଛି, ଯାହା ସମ୍ପର୍କରେ ଜାଣିଲେ ଯେକେହି ଆଶ୍ଚର୍ଯ୍ୟ ହେବେ ନିଶ୍ଚୟ। ଜାଣନ୍ତୁ ଏଭଳି କିଛି ନିଆରା ଗାଁ ସମ୍ପର୍କରେ...**

**ଚପଲ ପିନ୍ଧିଲେ ମିଳେ ଦଣ୍ଡ:** ପାଦର ସୁରକ୍ଷା ଲାଗି ଆମେ ସମସ୍ତେ ଚପଲ ପିନ୍ଧିଥାଉ। ବର୍ତ୍ତମାନ ଡ୍ରେସ୍ ସହ ମ୍ୟାଚିଂ କରି ବିଭିନ୍ନ ଡିଜାଇନ୍‌ର ଚପଲ ପିନ୍ଧିବା ଫ୍ୟାଶନ୍ ପାଲଟିଗଲାଣି। କେବଳ ମନ୍ଦିର କିମ୍ବା କୌଣସି ପବିତ୍ର ସ୍ଥାନ ବ୍ୟତୀତ ଚପଲ ନ ପିନ୍ଧି କେହି ଘରୁ ବି ବାହାରୁ ନାହାନ୍ତି। ହେଲେ ଏ ମଡର୍ନ ଯୁଗରେ ଏମିତିବି ଏକ ଗାଁ ରହିଛି, ଯେଉଁଠି ଚପଲ ପିନ୍ଧିବା ମନା। କଥାଟି ମିଛ ଭଳି ଲାଗୁଥିଲେ ବି ସତ।



ତାମିଲନାଡୁର ମଦୁରାଇଠାରୁ ପ୍ରାୟ ୨୦ କିମି. ଦୂରରେ ଥିବା କାଲିମାୟାନ ଗାଁର ଗ୍ରାମବାସୀ କେବେ ଚପଲ ପିନ୍ଧନ୍ତି ନାହିଁ। କୁହାଯାଏ, ସେହି ଗାଁର ଲୋକେ ଅପାଚ୍ଛି ନାମକ ଦେବତାଙ୍କୁ ପୂଜା କରିଥା'ନ୍ତି, ଆଉ ସେମାନଙ୍କର ବିଶ୍ୱାସ ଯେ ଗାଁ ଭିତରେ ଚପଲ ପିନ୍ଧିଲେ ଦେବତା ରାଗିବେ। ତେଣୁ ଦେବତାଙ୍କୁ ସମ୍ମାନ ଦେବା ଲାଗି ସେମାନେ ଏପରି କରିଥା'ନ୍ତି। ଗ୍ରାମରୁ ବାହାରକୁ ଯାଉଥିବା ଲୋକେ ଗ୍ରାମ ସୀମା ସରିବା ଯାଏ ଖାଲିପାଦରେ ଯିବା ପରେ ବାହାରେ ଚପଲ ପିନ୍ଧିଥା'ନ୍ତି। ସେହିପରି ତାମିଲନାଡୁର କୋଡାଇକେନାଲ୍ ନିକଟସ୍ଥ ଭିଲ୍ଲାଗାଭି ଗ୍ରାମରେ ମଧ ଚପଲ ନ ପିନ୍ଧିବାର ପରମ୍ପରା ପ୍ରଥମରୁ ଚଳି ଆସିଛି। ସେଠାରେ ଥିବା ସୌନ୍ଦର୍ଯ୍ୟପୂର୍ଣ୍ଣ ପାହାଡର ଦୃଶ୍ୟ ଦେଖିବା ଏବଂ ଟ୍ରେକିଂ କରିବାକୁ ପର୍ଯ୍ୟଟକଙ୍କୁ ବି ଗ୍ରାମ ଆରମ୍ଭରୁ ଚପଲ ଖୋଲି ଭିତରକୁ ଯିବାକୁ ହୋଇଥାଏ।

**ଦୀର୍ଘଦିନ ଶୋଇ ରୁହନ୍ତି ଗ୍ରାମବାସୀ:** ଏମିତି ଏକ ଗାଁ ରହିଛି, ଯେଉଁଠାରେ ଗ୍ରାମବାସୀ ଘର ଭିତରେ ନୁହେଁ, ଯାହାକୁ ଯେଉଁଠାରେ ନିଦ ଆସେ ; ରାସ୍ତା କଡ଼ ହେଉ ଅଥବା ଯେକୌଣସି ସ୍ଥାନ ସେ ସେହିଠାରେ ହିଁ ଶୋଇଥିବା ଦେଖିବାକୁ ମିଳେ। ଆଉ ଏହି ନିଦ କେବେ ଭାଙ୍ଗିବ ତାହାର କୌଣସି ନିର୍ଦ୍ଦିଷ୍ଟ ସମୟ ନ ଥାଏ। ଏହି ଗାଁଟି ରହିଛି କାଜାଖସ୍ତାନର ରାଜଧାନୀ ଆସ୍ତାନାଠାରୁ ପଶ୍ଚିମରେ ୩୦୦ ମାଇଲ୍ ଦୂରରେ। କାଲାଚି ନାମକ ଏହି ସୁନ୍ଦର ପାହାଡ଼ିଆ ଗାଁକୁ ପୃଥିବୀର ଏକ ବିସ୍ମୟ ସ୍ଥାନ କହିଲେ ଅତ୍ୟୁକ୍ତି ହେବ ନାହିଁ। କାରଣ ଆଜିର ଅତ୍ୟାଧୁନିକ ଜ୍ଞାନକୌଶଳ ଯୁଗରେ ଡାକ୍ତରଙ୍କଠାରୁ ଆରମ୍ଭ କରି ବୈଜ୍ଞାନିକଙ୍କ ପର୍ଯ୍ୟନ୍ତ କେହି ଏହି ରହସ୍ୟର ଠିକ କାରଣ ଖୋଜି ପାଇ ପାରିନାହାନ୍ତି। ଯେଉଁଥିପାଇଁ ଏହାର ନାମ ସ୍ଲିପିଂ ଏପିଡେମିକ୍ ବା ନିଦ୍ରା ମହାମାରୀ ବୋଲି ରଖାଯାଇଛି। ତେବେ ଆଶ୍ଚର୍ଯ୍ୟର କଥା, ଉକ୍ତ ଗାଁ ନିକଟରେ ଥିବା ଅନ୍ୟ ଗାଁରେ ଏହାର କୌଣସି ପ୍ରଭାବ ନାହିଁ।



### ୟୁଥ୍ ଆଲର୍ଟ

## ଖରାରେ ଥଣ୍ଡା ପାଣି ...

**ଅସହ୍ୟ ଗରମରେ ଟିକେ ଥଣ୍ଡା ପାଣି ପିଇବାକୁ ମିଳିଗଲେ ଯେଉଁ ଆତ୍ମତୃପ୍ତି ମିଳେ, ତାହା ଅବର୍ଣ୍ଣନୀୟ। ହେଲେ ଜାଣନ୍ତିକି ଖରାଦିନେ ଥଣ୍ଡା ପାଣି ପିଇବା ଅତ୍ୟନ୍ତ କ୍ଷତିକାରକ ହୋଇପାରେ...**

- ଖରାଦିନେ ବାହାରୁ ଆସି ଥଣ୍ଡା ପାଣି ପିଇବାର ଅଭ୍ୟାସ ଅନେକଙ୍କର ରହିଛି। ହେଲେ ଖରାରେ ଶରୀର ଗରମ ଥିବାବେଳେ ଥଣ୍ଡା ପାଣି ପିଇଲେ ହଠାତ୍ ଶରୀରର ତାପମାତ୍ରା ପରିବର୍ତ୍ତନ ହୋଇଥାଏ। ଏକ ଗବେଷଣା ରିପୋର୍ଟ ମୁତାବକ ଶରୀରର ତାପମାତ୍ରା ହଠାତ୍ ପରିବର୍ତ୍ତନ ହେବା ଦ୍ୱାରା ହୃତ୍‌ସ୍ପନ୍ଦନ ଧୀର ହୋଇଥାଏ, ଏମିତିକି ମୃତ୍ୟୁ ଆଶଙ୍କାକୁ ବି ଏଡ଼ାଇ ଦିଆଯାଇ ନ ପାରେ।
- ପାଣିରେ ବରଫ ପକାଇ ପିଇଲେ ଗଳା ଦରଜ, ଫୁଲିବା ଏବଂ ଥଣ୍ଡାରେ ନାକ ବନ୍ଦ ହେବା ଭଳି ସମସ୍ୟା ଦେଖାଦେଇପାରେ। ବିଶେଷକରି ଖାଇବା ପରେ ଥଣ୍ଡା ପାଣି ପିଇଲେ ଶ୍ୱାସନଳୀରେ ମ୍ୟୁକସ୍ ଜମା ହୁଏ ଏବଂ କେବେକେବେ ଇନ୍‌ଫେକ୍ସନ ହୋଇ ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି କରିଥାଏ। ଏଥିପାଇଁ ଏଦିନେ ଅନେକଙ୍କଠାରେ କାଶ ସମସ୍ୟା ବି ଲାଗି ରହେ।
- ଅନେକେ ଖାଇବା ପରେ ଥଣ୍ଡା ପାଣି ପିଇବାକୁ ଭଲପାଆନ୍ତି। ହେଲେ ଥଣ୍ଡା ପାଣି ଯୋଗୁ ଚର୍ବି ବା ଫ୍ୟାଟ୍ ଜାତୀୟ ଖାଦ୍ୟ କଠିନ ହୋଇଯିବା ଫଳରେ ହଜମ ହୋଇ ନ ପାରି ଶରୀରରେ ଜମା ହୋଇ ରୁହେ, ଯାହାକି ପରବର୍ତ୍ତୀ ସମୟରେ ମେଦବହୁଳତାର କାରଣ ସାଜିଥାଏ।
- ଥଣ୍ଡା ପାଣି ପିଇବା ଯୋଗୁ ହଠାତ୍ ରକ୍ତନଳୀ ସଂକୁଚିତ ହେବା ଯୋଗୁ ଅନେକଙ୍କଠାରେ ମାଇଗ୍ରେନ୍ ହୋଇ ଅସହ୍ୟ ମୁଣ୍ଡବିନ୍ଧା ମଧ ହୋଇଥାଏ।
- ଥଣ୍ଡା ପାଣି ପିଇବା ଦ୍ୱାରା ଦାନ୍ତମୂଳରେ ଥିବା ନର୍ଭ ଉପରେ ଚାପ ପଡ଼ିଥାଏ। ଫଳରେ ଦାନ୍ତବିନ୍ଧା, ଦାନ୍ତର ଏନାମେଲ୍ ନଷ୍ଟ ହେବା ଭଳି ସମସ୍ୟା ବି ଉପୁଜିଥାଏ।
- ଖରାରେ ଥଣ୍ଡା ପାଣି ପିଇବା ଦ୍ୱାରା ଶରୀରରେ ଥିବା ଶିରାଗୁଡ଼ିକ ସଂକୁଚିତ ହୋଇଯାଏ ଏବଂ ରକ୍ତ ସଞ୍ଚାଳନ ବାଧାପ୍ରାପ୍ତ ହୋଇଥାଏ। ଯଦ୍ୱାରା ପାକସ୍ଥଳୀ ଏବଂ ଅନ୍ୟ ଠିକ୍ ରକ୍ତ ପହଞ୍ଚି ନ ପାରିବାରୁ ହଜମକ୍ରିୟା ମଧ ପ୍ରଭାବିତ ହୋଇଥାଏ। ଫଳରେ ପେଟରେ ଯନ୍ତ୍ରଣା, କୋଷ୍ଠକାଠିନ୍ୟ, ପୋଷକତତ୍ତ୍ୱର ଅଭାବ ଦେଖାଦେଇଥାଏ। ତା'ଛଡ଼ା ଥଣ୍ଡା ପାଣି ପିଇବା ଦ୍ୱାରା ଡିହାଇଡ୍ରେଶନ୍ ସମସ୍ୟା ଦେଖାଦେବାର ଆଶଙ୍କା ବି ରହିଛି।





## ଭାରତୀୟ ମହିଳା ହକି ଦଳ ହାରିଲା

ପର୍ଥ,୨୬।୪(ପି.ଟି.)

ଲଢୁଆ ପ୍ରଦର୍ଶନ ସତ୍ତ୍ୱେ ଭାରତୀୟ ମହିଳା ହକି ଦଳ ୩-୫ ଗୋଲରେ ଅଷ୍ଟ୍ରେଲିଆ ଏ'ଠାରୁ ପରାସ୍ତ ହୋଇଛି। ଭାରତ ପାଇଁ ମହିମା ଟେଟେ(୨୭ତମ ମିନିଟ୍), ନବନୀତ କୌର (୪୫ତମ) ଓ ଲାଲରେସିଆମି (୫୦ତମ) ଗୋଲ କରିଥିଲେ। ସେହିଭଳି ଅଷ୍ଟ୍ରେଲିଆ ପକ୍ଷରୁ ନେସା ଫ୍ଲିନ (ତୃତୀୟ), ଓଲିଭିଆ ଡନେସ(ନବମ), ରୁବି ହ୍ୟାରିସ (୧୧ତମ), ଟାଟୁମ ଷ୍ଟିୱାର୍ଟ (୨୧ତମ) ଓ କେଣ୍ଡ୍ରା ଫିଜପାଟ୍ରିକ (୪୪ତମ) ଗୋଲ ଦେଇଥିଲେ। ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ଶୋକ ପ୍ରକାଶ କରିବା ଲାଗି ଭାରତୀୟ ଦଳର ଖେଳାଳିମାନେ କଳା ଆର୍ମବ୍ୟାଣ୍ଡ ପିନ୍ଧିଥିଲେ। ଅଷ୍ଟ୍ରେଲିଆ ବିପକ୍ଷ ପୂରା ସିରିଜରେ ଭାରତୀୟ ଖେଳାଳିମାନେ କଳା ଆର୍ମବ୍ୟାଣ୍ଡ ପିନ୍ଧିବେ।



କଳିଙ୍ଗ ଷ୍ଟାଡିୟମରେ ଶନିବାର ମୋହନ ବାଗାନ ସୁପର ଜାଏଣ୍ଟ ଓ କେରଳ ବ୍ଲାଷ୍ଟର୍ସ ମଧ୍ୟରେ ଅନୁଷ୍ଠିତ ସୁପର କପ୍ ଫୁଟ୍‌ବଲ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ। (ଫଟୋ: ବିକାଶ ନାୟକ)

## ମହିଳା ତ୍ରିରାଷ୍ଟ୍ରୀୟ ସିରିଜ୍ ଆଜିଠାରୁ

କଲମ୍ବୋ, ୨୬।୪(ପି.ଟି.)

ଶ୍ରୀଲଙ୍କାରେ ଖେଳାଯିବାକୁଥିବା ୫୦ ଓଭରବିଶିଷ୍ଟ ତ୍ରିରାଷ୍ଟ୍ରୀୟ କ୍ରିକେଟ ସିରିଜରେ ଭାରତ ରବିବାର ଆୟୋଜକ ଦଳ ବିପକ୍ଷରେ ଖେଳି ଏହାର ଅଭିଯାନ ଆରମ୍ଭ କରିବ। ଅଧିନାୟକ ହରମନପ୍ରୀତ୍ କୌର ନବାଗତ ସିମର କାଶ୍‌ଭି ଗୌତମଙ୍କ ସମେତ ତାଙ୍କ ଦଳର ପେସ୍ ବୋଲିଂ ସମ୍ବଳର ଦକ୍ଷତାକୁ ପରଖିବେ। ଚଳିତବର୍ଷର ପରବର୍ତ୍ତୀ ଭାଗରେ ୫୦ ଓଭରବିଶିଷ୍ଟ ବିଶ୍ୱକପ୍ ଭାରତରେ ଅନୁଷ୍ଠିତ ହେବ। ଏଥିପାଇଁ ଭାରତର ବ୍ୟାଟିଂ ବିଭାଗ ପ୍ରାୟତଃ ଠିକ୍ ଥିବା ଭଳି ମନେହେଉଛି। ତେବେ ବୋଲିଂ କମ୍ବୋଜିଶନକୁ ସଜାଡ଼ିବାକୁ ପଡ଼ିବ। କାଶ୍‌ଭି ହେଉଛନ୍ତି ପୂର୍ବର ୧୯ ବର୍ଷରୁ କମ୍ ମହିଳା ଟି୨୦ ବିଶ୍ୱକପ୍ ବିଜୟୀ ଦଳର ଅନ୍ୟତମ ସଦସ୍ୟା। ଓମେନ୍ସ ପ୍ରିମିୟର ଲିଗ୍(ଡବ୍ଲ୍ୟୁପିଏଲ୍)ରେ ସେ ଗୁଜରାଟ ଜାଏଣ୍ଟ୍ସ ତରଫରୁ ୯ଟି ଗେମ୍ ଖେଳି ୬.୪୫ ଇକୋନୋମି ରେଟ୍‌ରେ ୧୧ ଉଇକେଟ ଅକ୍ତିଆର କରିଥିଲେ। ତିତାସ ସାଧୁ ଓ ପୂଜା ବସ୍ତ୍ରାକାର ଆଘାତପ୍ରାପ୍ତ ଥିବାରୁ ଦଳରେ ଅରୁନ୍ଧତୀ ରେଡ୍ଡୀ, ଅମନଜୋତ୍ କୌର ଓ ଅନ୍ୟ ଦୁଇ ମିଡିୟମ ପେସର ରହିଛନ୍ତି। ପ୍ରେମାଦାସା ଷ୍ଟାଡିୟମ ସାଧାରଣତଃ ଧିମା ବୋଲରଙ୍କୁ ସୁହାଇଥାଏ। ତେଣୁ ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସର ସିନିୟର ଅଫ୍ ସ୍ପିନର ଶ୍ରୀଚାରାନିଙ୍କ ସହିତ ସିନିୟର ଅଫ୍ ସ୍ପିନରଦ୍ୱୟ ଦୀପ୍ତି ଶର୍ମା ଓ ସ୍ନେହ ରାଣା ସମ୍ଭବତଃ ୫୦ ଓଭରରୁ ୩୦ ଓଭର ପର୍ଯ୍ୟନ୍ତ ବୋଲିଂ କରିପାରନ୍ତି। ଆବଶ୍ୟକ ସ୍ଥଳେ କୌର ଫାଷ୍ଟ ଅଫ୍-ବ୍ରେକ୍ ବୋଲିଂ କରିପାରନ୍ତି। ଶେଫାଳୀ ବର୍ମାଙ୍କୁ ପୁଣି ଉପେକ୍ଷା କରାଯାଇଥିବା ବେଳେ ଅଧିନାୟିକା କୌର, ତାଙ୍କ ଡେପୁଟି ସ୍ମୃତି ମନ୍ଧାନା, ପାୱାର ହିଟର ରିଚା ଘୋଷ, ଜେମିମା ରୋଡ୍ରିଗ୍ସ ଓ ହାର୍ଲିନ ଦେଓଲଙ୍କୁ ନେଇ ଭାରତୀୟ ଦଳର ବ୍ୟାଟିଂ ବେଶ୍ ଶକ୍ତିଶାଳୀ। ଏହାଛଡ଼ା ଦୀପ୍ତି ଓ ଅମନଜୋତ୍ ମଧ୍ୟ ବ୍ୟାଟିଂ କରିପାରନ୍ତି।

### କଳିଙ୍ଗ ସୁପର କପ୍

(ଆଜିର ମ୍ୟାଚ)

**ଇଣ୍ଟର କାଶୀ ବନାମ ମୁମ୍ବାଇ ସିଟି**
ସମୟ: ଅପରାହ୍ନ ୪.୩୦

**ନର୍ଥଇଷ୍ଟ ୟୁନାଇଟେଡ ବନାମ ଜାମସେଦପୁର**
ସମୟ: ରାତି ୮.୦୦
ସ୍ଥାନ: କଳିଙ୍ଗ ଷ୍ଟାଡିୟମ

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ୩

## ଗୋଆ-ମୋହନ ବାଗାନ ସେମିଫାଇନାଲ

ଭୁବନେଶ୍ୱର, ୨୬।୪(ତପନ ସ୍ୱାଇଁ)

ଚଳିତ କଳିଙ୍ଗ ସୁପର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ଏଫ୍‌ସି ଗୋଆ ଓ ମୋହନ ବାଗାନ ସୁପର ଜାଏଣ୍ଟ ମଧ୍ୟରେ ଅନୁଷ୍ଠିତ ହେବ। ଶନିବାର ଅନୁଷ୍ଠିତ ୨ଟି ସେମିଫାଇନାଲରେ ମୋହନ ବାଗାନ ଏସ୍‌ଜି ୨-୧ ଗୋଲରେ କେରଳ ବ୍ଲାଷ୍ଟର୍ସକୁ ଏବଂ ଏଫ୍‌ସି ଗୋଆ ୨-୧ରେ ପଞ୍ଜାବ ଏଫ୍‌ସିକୁ ପରାସ୍ତ କରିଛି। ଫଳରେ କ୍ୱାର୍ଟର ଫାଇନାଲରୁ କେରଳ ବ୍ଲାଷ୍ଟର୍ସ ଓ ପଞ୍ଜାବ ଏଫ୍‌ସିର ଅଭିଯାନ ଶେଷ ହୋଇଛି। ଶନିବାର ଅନୁଷ୍ଠିତ ପ୍ରଥମ କ୍ୱାର୍ଟର ଫାଇନାଲରେ ଶକ୍ତିଶାଳୀ ମୋହନ ବାଗାନକୁ କଡ଼ା ଟକ୍କର ଦେଇଥିଲା ବ୍ଲାଷ୍ଟର୍ସ। ତେବେ ୨୨ତମ ମିନିଟରେ ସହଲ ଅବଦୁଲ ସମଦଙ୍କ ଗୋଲ ବଳରେ ମୋହନ ବାଗାନ ପ୍ରଥମାର୍ଦ୍ଧ ଶେଷ ବେଳକୁ ୧-୦ରେ ଅଗ୍ରଣୀ ହାସଲ କରିଥିଲା। ୪୪ତମ ମିନିଟରେ ଏହି ଦଳର ମହମ୍ମଦ ଆସିକ କୁରୁନିଆନ ୟେଲୋ କାର୍ଡ଼ ପାଇଥିଲେ। ଦ୍ୱିତୀୟାର୍ଦ୍ଧ ଆରମ୍ଭରୁ ମଧ୍ୟ ମୋହନ ବାଗାନ ଦଳ ଆଉ ଏକ ଗୋଲ ଦେଇ ଚାପ ସୃଷ୍ଟି କରିଥିଲା। ୫୧ତମ ମିନିଟରେ ସୁହେଲ ଅହମଦ ଭଟ ଏକ ଗୋଲ ଦେଇ ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପହଞ୍ଚାଇଥିଲେ। ବିପଜ୍ଜନକ ପ୍ରଦର୍ଶନ ପାଇଁ ୮୯ତମ ମିନିଟରେ କେରଳ ଦଳର ମିଲୋସ ଡ୍ରିନ୍‌କିକ୍ ଓ ୯୦+୨ ମିନିଟରେ ମୋହନ ବାଗାନର ସୌରଭ ଭାନୱାଲା ୟେଲୋ କାର୍ଡ ପାଇଥିଲେ। ଇଞ୍ଜୁରି ଟାଇମ୍ ୯୦+୪ ମିନିଟରେ କେରଳ ଦଳର ଶ୍ରୀକୁଟ୍ଟାନ ଏମ୍.ଏସ୍. ଗୋଟିଏ ଗୋଲ ପରିଶୋଧ କରିଥିଲେ। ମାତ୍ର ସେତେବେଳକୁ ବହୁ ବିଳମ୍ବ ହୋଇ ଯାଇଥିଲା। ଚର୍ଚ୍ଚିଲ ବ୍ରଦର୍ସ ଓହରି ଯିବାରୁ ୱାକ୍‌ଓଭର ପାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିବା ମୋହନ ବାଗାନ ସୁପର କପ୍ ପାଇଁ ଏକ ଯୁବଦଳ ଖେଳାଇଥିଲେ ହେଁ ଆଗକୁ ବଢ଼ିବାକୁ ସକ୍ଷମ ହୋଇଛି। ଦ୍ୱିତୀୟ କ୍ୱାର୍ଟର ଫାଇନାଲର ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିବା ପରେ ୫୭ତମ ମିନିଟରେ ନର୍ବେର୍ଟୋଇଜିକ୍‌ଭେଲ ଭିଡାଏ ଏକ ଗୋଲ ଦେଇ ପଞ୍ଜାବକୁ ଅଗ୍ରଣୀ କରିଥିଲେ। ତେବେ ଖେଳ ଶେଷ ହେବାର ଅଳ୍ପକିଛି ସମୟ ପୂର୍ବରୁ ଗୋଆ ଦଳ ଅପ୍ରତ୍ୟାଶିତଭାବେ ୨ଟି ଗୋଲ ଦେଇ ମ୍ୟାଚର ଫଳାଫଳକୁ ପାଲଟାଇ ଦେଇଥିଲା। ୮୯ତମ ମିନିଟରେ ବୋର୍ଜା ହେରେରା ଗୋଞ୍ଜାଲେଜ ଓ ୯୦+୩ ମିନିଟରେ ମହମ୍ମଦ ୟାସିର ଏହି ଗୋଲ ୨ଟି ଦେଇଥିଲେ।

## ସର୍ବଭାରତୀୟ ଗେଟ୍‌ବଲ ଆରମ୍ଭ


ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ କର୍ମକର୍ତ୍ତା।

ଭୁବନେଶ୍ୱର, ୨୬।୪ (ତପନ ସ୍ୱାଇଁ)

ଓଡ଼ିଶା ଗେଟ୍‌ବଲ ଆସୋସିଏଶନ ଆନୁକୂଲ୍ୟରେ ସର୍ବଭାରତୀୟ ଗେଟବଲ ପ୍ରତିଯୋଗିତା ଶନିବାର କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହୋଇଛି। ଏଥିରେ ଓଡ଼ିଶା ସମେତ ମହିଳାରେ ୪ ଓ ପୁରୁଷ ବିଭାଗରେ ୮ଟି ଦଳ ଅଂଶଗ୍ରହଣ କରିଛନ୍ତି। ସାମାଜିକକର୍ମୀ ଶକ୍ତିରଞ୍ଜନ ମହାନ୍ତି ମୁଖ୍ୟ ଅତିଥି ଓ ସୁନୀତା ହାଁସଦା ସମ୍ମାନିତ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ଆୟୋଜକ ଆସୋସିଏଶନ ସଭାପତି ରଞ୍ଜନ କୁମାର ନନ୍ଦ, ସମ୍ପାଦକ ମହମ୍ମଦ ଆଜମ ଓ ଗୌତମ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଜାତୀୟ ବାଳିକା ହ୍ୟାଣ୍ଡବଲ ପାଇଁ ଓଡ଼ିଶା ଦଳ


କ୍ରୀଡ଼ାମନ୍ତ୍ରୀଙ୍କ ସହ ଓଡ଼ିଶା ଦଳର ଖେଳାଳି ଓ ସପୋର୍ଟ ଷ୍ଟାଫ୍।

ଭୁବନେଶ୍ୱର, ୨୬।୪(ତପନ ସ୍ୱାଇଁ)

କର୍ଣାଟକର ଶ୍ରୀରଙ୍ଗାପଟନମ୍‌ଠାରେ ଆସନ୍ତା ୩୦ରୁ ମେ' ୫ ପର୍ଯ୍ୟନ୍ତ ୩୯ତମ ଜାତୀୟ ଜୁନିୟର ବାଳିକା ହ୍ୟାଣ୍ଡବଲ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏଥିପାଇଁ ଶନିବାର ଓଡ଼ିଶା ଦଳ ଘୋଷିତ ହୋଇଛି। ଗତ ୧୭ ତାରିଖରୁ କେନ୍ଦୁଝର ହ୍ୟାଣ୍ଡବଲ ଷ୍ଟାଡିୟମରେ ଓଡ଼ିଶା ଦଳର ପ୍ରଶିକ୍ଷଣ ଶିବିର ଚାଲିଥିଲା। କୋଚ୍ ପ୍ରଣୟ କୁମାର ପାଣି ଓ ସହକାରୀ କୋଚ୍ ଅନିତା ନାଏକ ଦଳକୁ ପ୍ରଶିକ୍ଷଣ ଦେଇଥିଲେ। ସେଥିରେ ଖେଳାଳିଙ୍କ ପ୍ରଦର୍ଶନ ଭିତ୍ତିରେ ୧୬ ଜଣିଆ ଦଳ ଚୟନ କରାଯାଇଛି। କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଓଡ଼ିଶା ହ୍ୟାଣ୍ଡବଲ ସଙ୍ଘର ସଭାପତି ବିପ୍ଳବ ଚୌଧୁରୀ, ସମ୍ପାଦକ ମାନସ କୁମାର ସିଂ, ଉପସଭାପତି ରୀତିକ ଅଧିକାରୀ, କୋଷାଧ୍ୟକ୍ଷ ଶୀତେନ୍ଦ୍ରନାଥ ଦାସ ପ୍ରମୁଖ ଓଡ଼ିଶା ଦଳକୁ ବିଦାୟୀ ଶୁଭେଚ୍ଛା ଜଣାଇଛନ୍ତି। ଓଡ଼ିଶା ଦଳ ରବିବାର ଶ୍ରୀରଙ୍ଗାପଟନମ୍ ଯିବ।

**ଓଡ଼ିଶା ଦଳ:** ଶ୍ରେୟଶ୍ରୀ ସୁଜୟା (ଅଧିନାୟିକା), ଶ୍ରେୟଂଶୀ ପାଣି, ପ୍ରତ୍ୟୁଷା ପଲ୍ଲବୀ, ନିକିତା ମହାନ୍ତ, ସୁଭଦ୍ରା ନାୟକ, ମଧୁସ୍ମିତା ମହାରଣା, ମାମାଲି ଜେନା, ଏସ୍. ପୁରଭି ପୃଷ୍ଟି, ଆରତି ସାହୁ, ଲିପ୍ସାରାଣୀ ଖଣ୍ଡୁଆଳ, ଶୁଭଲକ୍ଷ୍ମୀ ସାହୁ, ରୋଜାଲିନ ବାରିକ, ଟ୍ୱିଙ୍କିଲ ବାରିକ, ଶ୍ରୀନିକା ପଣ୍ଡା, ବୈଷ୍ଣବୀ ପୃଷ୍ଟି। କୋଚ୍: ପ୍ରଣୟ କୁମାର ପାଣି, ମ୍ୟାନେଜର: ଅନିତା ନାୟକ।

## ଛତ୍ରପୁର-ବିଏଚ୍‌ସି ଫାଇନାଲ

### ମାଇକେଲ କିଣ୍ଡୋ ସ୍ମାରକୀ ଜୁନିୟର ହକି

ଭୁବନେଶ୍ୱର, ୨୬।୪(ତପନ ସ୍ୱାଇଁ)

ଭୁବନେଶ୍ୱର ହକି କ୍ଲବ(ବିଏଚ୍‌ସି) ଟ୍ରଷ୍ଟ ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ମାଇକେଲ କିଣ୍ଡୋ ସ୍ମାରକୀ ଜୁନିୟର(୧୯ ବର୍ଷରୁ କମ୍) ହକି ଚାମ୍ପିୟନଶିପ୍‌ର ୨ଟି ସେମିଫାଇନାଲ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜୟୀ ହୋଇ ଏଚ୍‌ପିସି ଛତ୍ରପୁର ଓ ଆୟୋଜକ ବିଏଚ୍‌ସି ଦଳ ଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରଥମ ସେମିଫାଇନାଲରେ ଛତ୍ରପୁର ଶୁଟ୍‌ଆଉଟ ୨-୧ ଗୋଲରେ ଏଚ୍‌ପିସି ରଣପୁରକୁ ପରାସ୍ତ କରିଛି। ନିର୍ଦ୍ଧାରିତ ସମୟରେ ମ୍ୟାଚ୍ ୧-୧ ଗୋଲରେ ବରାବର ରହିଥିଲା। ଦ୍ୱିତୀୟ ସେମିରେ ବିଏଚ୍‌ସି ୨-୧ ଗୋଲରେ ଏଚ୍‌ପିସି ଭୁବନେଶ୍ୱରକୁ ହରାଇ ଦେଇଛି। କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କ ସହ ପରିଚିତ ହୋଇଥିଲେ। ହକି ତାରକା ଦୀପ୍‌ସାନ ତିର୍କୀ, ପୋଲିନା ସୋରେନ, କ୍ୟାପ୍‌ଟେନ ତରାଇ, ଧୂପତି ରାଉତ, ଦେବାଶିଷ ଗୌଡ଼ ପ୍ରମୁଖ ଅନ୍ୟତମ ଅତିଥିଭାବେ ଯୋଗଦେଇଥିଲେ। ରବିବାର ଫାଇନାଲ ଅନୁଷ୍ଠିତ ହେବ।


କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଖେଳାଳିଙ୍କ ସହ ପରିଚିତ ହେଉଛନ୍ତି।

### ଆଜିଠୁ ଜାତୀୟ ସିନିୟର ପୁରୁଷ ରଗ୍‌ବୀ ସେଭେନ୍ସ

## ପୁଲ୍ 'ସି'ରେ ଓଡ଼ିଶା

### କିସ୍‌ର ୬ ଖେଳାଳି ସାମିଲ

ଭୁବନେଶ୍ୱର, ୨୬।୪ (ତପନ ସ୍ୱାଇଁ)

ଆସାମର ଗୁଆହାଟୀଠାରେ ରବିବାର ଜାତୀୟ ସିନିୟର ପୁରୁଷ ରଗ୍‌ବୀ ସେଭେନ୍ସ ଚାମ୍ପିୟନଶିପ୍ ଆରମ୍ଭ ହେବ। ୨ ଦିନ ବିଶିଷ୍ଟ ପ୍ରତିଯୋଗିତା ପାଇଁ ଓଡ଼ିଶା ଗ୍ରୁପ୍ 'ସି'ରେ ସ୍ଥାନ ପାଇଛି। ଏଥିରେ ଖେଳିବାକୁ ଯାଉଥିବା ୧୨ ଜଣିଆ ଓଡ଼ିଶା ଦଳରେ କେବଳ କିସ୍‌ର ୬ ଖେଳାଳି ସାମିଲ ହୋଇଛନ୍ତି। ଏମାନେ ହେଲେ ବିନୋଦ ମାରାଣ୍ଡି, ଜୁଗଲ କିଶୋର ମାଝି, ଆଶିଷ ସବର, ଗଣେଷ ଧାଙ୍ଗଡ଼ା ମାଝି, ଅଶୋକ ହାଁସଦା ଓ ସଞ୍ଜୟ କିସାନ। ପ୍ରତିଯୋଗିତାରେ ମୋଟ ୨୬ଟି ଦଳ ଅଂଶଗ୍ରହଣ କରୁଥିବାବେଳେ ଓଡ଼ିଶା ସହିତ ଗ୍ରୁପ୍ 'ସି'ରେ ଉତ୍ତର ପ୍ରଦେଶ ଓ ମଣିପୁର ସ୍ଥାନ ପାଇଛି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, ଓଡ଼ିଶା ରଗ୍‌ବୀ ଫୁଟବଲ ଆସୋସିଏଶନ ସଭାପତି ପ୍ରୀୟଦର୍ଶୀ ମିଶ୍ର ଓ ସମ୍ପାଦକ ଉପେନ୍ଦ୍ର କୁମାର ମହାନ୍ତି ପ୍ରମୁଖ ଓଡ଼ିଶା ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।

**ଓଡ଼ିଶା ଦଳ:** ଶାନୱାଜ ଅହମଦ, ସମ୍ମିତ ପ୍ରଧାନ, ବିନୋଦ ମାରାଣ୍ଡି, ଜୁଗଲ କିଶୋର ମାଝି, ବିଭୂତି ଭୂଷଣ ଶେଟ୍ଟି, ଆଶିଷ ସବର, ଗଣେଷ ଧାଙ୍ଗଡ଼ା ମାଝି, ଅଶୋକ ହାଁସଦା, ସୌମ୍ୟ ରଞ୍ଜନ ସ୍ୱାଇଁ, ସଞ୍ଜୟ କିସାନ, ବିନୟ ବଚନ ହେମ୍ବ୍ରମ, ନାରାୟଣ ସାହୁ। କୋଚ୍: ମୁନା ମୁର୍ମୁ, ଫିଜିଓ: ଶିବାଶିଷ ପତି।



ଓଡ଼ିଶା ଦଳରେ ସାମିଲ କିସ୍‌ର ୬ ଖେଳାଳି।

## ନୀରଜଙ୍କ ସପକ୍ଷରେ ଯୋଗେଶ୍ୱର ଦତ୍ତ

ନୂଆଦିଲ୍ଲୀ,୨୬।୪

ଆସନ୍ତା ମାସରେ ବେଙ୍ଗାଲୁରୁରେ ହେବାକୁଥିବା ଏନ୍‌ସି କ୍ଲାସିକ୍ ଇଭେଣ୍ଟ ଲାଗି ଦୁଇଥରର ଅଲିମ୍ପିକ୍ ମେଡାଲିଷ୍ଟ ନୀରଜ ଚୋପ୍ରା ପାକିସ୍ତାନର ଆର୍ଶଦ ନଦିମଙ୍କୁ ଆମନ୍ତ୍ରଣ କରିଥିଲେ। ଏଥିଯୋଗୁ ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ନୀରଜଙ୍କୁ ସୋସିଆଲ ମିଡିଆରେ ଅନେକ ୟୁଜର ଖୁବ୍ ଗାଳିଗୁଲଜ କରିବା ସହ ତାଙ୍କ ଦେଶଭକ୍ତି ଉପରେ ପ୍ରଶ୍ନ ଉଠାଇଛନ୍ତି। ଏ ସମ୍ପର୍କରେ ନୀରଜ ନିଜ ମତାମତ ରଖିବା ପରେ ତାଙ୍କ ସପକ୍ଷରେ ଭାରତର ପୂର୍ବତନ ରେସ୍‌ଲର ଯୋଗେଶ୍ୱର ଦତ୍ତ ବାହାରିଛନ୍ତି। ପହଲଗାମ୍ ଆକ୍ରମଣର ଦୁଇଦିନ ପୂର୍ବରୁ ବିଶ୍ୱର ସମସ୍ତ ଶ୍ରେଷ୍ଠ ଜାଭେଲିନ୍ ଥ୍ରୋୟରଙ୍କୁ ଆମନ୍ତ୍ରଣ ପଠାଯାଇଥିଲା। ଏହାକୁ ନେଇ ତାଙ୍କୁ ଓ ତାଙ୍କ ପରିବାରକୁ ସୋସିଆଲ ମିଡିଆରେ ଗାଳି ଗୁଲଜ କରାଯିବା ତାଙ୍କୁ ଆଘାତ ଦେଇଥିବା ନୀରଜ କହିଛନ୍ତି। ତେବେ ନୀରଜଙ୍କୁ ତାଙ୍କ ଦେଶପ୍ରେମ କାହାକୁ ପ୍ରମାଣ ଦେବାର ଆବଶ୍ୟକତା ନ ଥିବା ୨୦୧୨ ଲଣ୍ଡନ ଅଲିମ୍ପିକ୍ସ ବ୍ରୋଞ୍ଜ ମେଡାଲିଷ୍ଟ ଯୋଗେଶ୍ୱର କହିଛନ୍ତି। ନୀରଜ ଭାଇ ତୁମକୁ ତୁମ ଦେଶଭକ୍ତିର ପ୍ରମାଣ କାହାକୁ ଦେବାର ଆବଶ୍ୟକତା ନାହିଁ। ଖେଳାଳି ଓ ସୈନିକମାନେ ବିଦେଶ ମାଟିରେ ନିଜର ତିରଙ୍ଗା ଉଡ଼ାଇ ଦେଶକୁ ଗୌରବାନ୍ୱିତ କରିଥାନ୍ତି। ତୁମେ ଜଣେ ଖେଳାଳି ହେବା ସହ ଜଣେ ସୈନିକ ମଧ୍ୟ ବୋଲି ଦତ୍ତ ଟୁଇଟ୍ କରିଛନ୍ତି।

## ପଞ୍ଜାବ-କୋଲକାତା ପଏଣ୍ଟ ବାଣ୍ଟିଲେ



ଶଟ୍ ଖେଳୁଛନ୍ତି ପ୍ରଭସିମରନ ସିଂ।

କୋଲକାତା,୨୬।୪

ଚଳିତ ଆଇପିଏଲ୍‌ରେ ଶନିବାର କୋଲକାତା ନାଇଟ୍ ରାଇଡର୍ସ (କେକେଆର୍) ଓ ପଞ୍ଜାବ କିଙ୍ଗ୍ସ (ପିବିକେଏସ୍) ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ବର୍ଷାରେ ଧୋଇଯାଇଛି। ଫଳରେ ଉଭୟ ଦଳକୁ ୧ ଲେଖାଏ ପଏଣ୍ଟ ଦିଆଯାଇଛି। ଏହି ପଏଣ୍ଟ ସହ ପଞ୍ଜାବ ପଏଣ୍ଟ ଟେବୁଲର ଚତୁର୍ଥ ସ୍ଥାନକୁ ଉନ୍ନିତ ହୋଇଥିବା ବେଳେ କୋଲକାତା ୭ ପଏଣ୍ଟ ସହ ପୂର୍ବ ଭଳି ସପ୍ତମ ସ୍ଥାନରେ ରହିଛି। ଚଳିତ ସିଜନ୍‌ରେ ପ୍ରଥମଥର ପାଇଁ ବର୍ଷା କାରଣରୁ ମ୍ୟାଚ୍ ବାତିଲ ହୋଇଛି।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ପଞ୍ଜାବକୁ ଦୁଇ ଓପନର ଭଲ ଆରମ୍ଭ ଦେଇଥିଲେ। ପ୍ରିୟାଂଶ ଆର୍ଯ୍ୟ ଓ ପ୍ରଭସିମରନ ସିଂ ୧୧.୫ ଓଭରରେ ୧୨୦ ରନ ଯୋଡ଼ିଥିଲେ। ପ୍ରିୟାଂଶ ୩୫ ବଲରେ ୮ ଚୌକା ଓ ୪ ଛକା ସହିତ ୬୯ ରନ କରି ଆଉଟ୍ ହୋଇଥିଲେ। ସେହିଭଳି ପ୍ରଭସିମରନ ୪୯ ବଲରେ ୬ ଲେଖାଏଁ ଚୌକା ଓ ଛକା ସହିତ ୮୩ ରନ କରି ପାଭିଲିଅନ ଫେରିଥିଲେ। ଶେଷ ଆଡ଼କୁ ଅଧିନାୟକ ଶ୍ରେୟସ ୧ ଲେଖାଏଁ ଚୌକା ଓ ଛକା ସହିତ ୨୫ ରନ କରି ଅପରାଜିତ ରହିଥିଲେ। ଫଳରେ ପଞ୍ଜାବ ନିର୍ଦ୍ଧାରିତ ୨୦ ଓଭରରେ ୪ ଉଇକେଟ ହରାଇ ୨୦୧ ରନ କରିବାକୁ ସକ୍ଷମ ହୋଇଥିଲା। କୋଲକାତା ପକ୍ଷରୁ ବୈଭବ ଆରୋରା ଦୁଇଟି ଉଇକେଟ ନେଇଥିଲେ। ଜବାବରେ କୋଲକାତା ପ୍ରଥମ ଓଭର ଶେଷ ସୁଦ୍ଧା ବିନା କ୍ଷତିରେ ୭ ରନ କରିଥିଲା। ଏହାପରେ ବର୍ଷା କାରଣରୁ ଖେଳ ସମ୍ଭବ ହୋଇପାରିନଥିଲା।

**ସଂକ୍ଷିପ୍ତ ସ୍କୋର**

ପଞ୍ଜାବ କିଙ୍ଗ୍ସ: ୨୦ ଓଭରରେ ୨୦୧/୪(ପ୍ରଭସିମରନ ସିଂ-୮୩, ପ୍ରିୟାଂଶ ଆର୍ଯ୍ୟ-୬୯, ଶ୍ରେୟସ ଆୟର-୨୫*, ବୈଭବ ଆରୋରା-୨/୩୪, ଆନ୍ଦ୍ରେ ରସେଲ-୧/୨୭, ବରୁଣ ଚକ୍ରବର୍ତ୍ତୀ-୧/୩୯)। କୋଲକାତା ନାଇଟ୍ ରାଇଡର୍ସ: ୧ ଓଭରରେ ୭/୦।

### ଆଇପିଏଲ୍ କାର୍ଯ୍ୟସୂଚୀ

(ଆଜିର ମ୍ୟାଚ)

**ମୁମ୍ବାଇ ବନାମ ଲକ୍ଷ୍ନୌ**
ସ୍ଥାନ: ମୁମ୍ବାଇ
ସମୟ: ଅପରାହ୍ନ ୩.୩୦

**ଦିଲ୍ଲୀ ବନାମ ବେଙ୍ଗାଲୁରୁ**
ସ୍ଥାନ: ଦିଲ୍ଲୀ
ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ବି.ଫ. | ପଏଣ୍ଟ | ରନ ହାର |
|---|---|---|---|---|---|---|
| ଗୁଜରାଟ ଟାଇଟନ୍ସ | ୮ | ୬ | ୨ | ୦ | ୧୨ | +୧.୧୦୪ |
| ଦିଲ୍ଲୀ କ୍ୟାପିଟାଲ୍ସ | ୮ | ୬ | ୨ | ୦ | ୧୨ | +୦.୬୫୭ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୯ | ୬ | ୩ | ୦ | ୧୨ | +୦.୪୮୨ |
| ପଞ୍ଜାବ କିଙ୍ଗ୍ସ | ୯ | ୫ | ୩ | ୧ | ୧୧ | +୦.୧୭୭ |
| ମୁମ୍ବାଇ ଇଣ୍ଡିଆନ୍ସ | ୯ | ୫ | ୪ | ୦ | ୧୦ | +୦.୬୭୩ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୯ | ୫ | ୪ | ୦ | ୧୦ | -୦.୦୫୪ |
| କୋଲକାତା ନାଇଟ ରାଇଡର୍ସ | ୯ | ୩ | ୫ | ୧ | ୭ | +୦.୨୧୨ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୯ | ୩ | ୬ | ୦ | ୬ | -୧.୧୦୩ |
| ରାଜସ୍ଥାନ ରୟାଲ୍ସ | ୯ | ୨ | ୭ | ୦ | ୪ | -୦.୬୨୫ |
| ଚେନ୍ନାଇ ସୁପର କିଙ୍ଗ୍ସ | ୯ | ୨ | ୭ | ୦ | ୪ | -୧.୩୦୨ |


4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ 51 Years
ପୃଷ୍ଠା-୮+୮
# ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ଏପ୍ରିଲ ୨୭/୨୦୨୫ (୮+୮=୧୬ ପୃଷ୍ଠା+ଛୁଟିଦିନ) Bhubaneswar, Sunday, April 27/2025 Page 16 ₹ 7.00
୫୧ଶ ଭାଗ ୧୫୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 152 ମୂଲ୍ୟ ₹୭/-

## ପହଲଗାମ୍ ଆକ୍ରମଣର ନିରପେକ୍ଷ ତଦନ୍ତ କରାଇବାକୁ କହିଲେ ଶରିଫ୍

# ତୃତୀୟ ପକ୍ଷଙ୍କୁ ଡାକିଲା ପାକିସ୍ତାନ

୧୯୭୦ ଦଶକରେ ପାକିସ୍ତାନର ପୂର୍ବତନ ରାଷ୍ଟ୍ରପତି ଜୁଲଫିକର ଅଲୀ ଭୁଟ୍ଟୋ କହିଥିଲେ, ଘାସ ଖାଇ ବଞ୍ଚିବୁ ପଛେ, କଶ୍ମୀର ପାଇଁ ହଜାରେ ବର୍ଷ ଲଢ଼ିବୁ। ପାକିସ୍ତାନର ସେନା ମୁଖ୍ୟ ଅସୀମ ମୁନିର ସମାନ ଚିନ୍ତାଧାରା ପୋଷଣ କରି କିଛିଦିନ ତଳେ ଭାରତ ବିରୋଧୀ ଆଭିମୁଖ୍ୟ ପୋଷଣ କରିବାକୁ ନିଜ ପିଲାଙ୍କୁ ପ୍ରବର୍ତ୍ତାଇବା ପାଇଁ ତାଙ୍କ ଦେଶର ନାଗରିକଙ୍କୁ ପରାମର୍ଶ ଦେଇଥିଲେ। ଏଭଳି ବ୍ୟକ୍ତିଙ୍କ ମନ୍ତବ୍ୟ ଅନେକ ପାକିସ୍ତାନୀଙ୍କୁ ବେଶ୍ ପ୍ରଭାବିତ କରି ଭାରତ ବିରୋଧରେ ଘୃଣାର ପାହାଡ଼ ସୃଷ୍ଟି କରୁଛି। ପହଲଗାମ୍ ଆକ୍ରମଣ ଏହାର ଏକ ପରିଣାମ ବୋଲି ଅନେକ ନିରାପତ୍ତା ବିଶେଷଜ୍ଞ ମତ ଦେଉଛନ୍ତି। ଖାଦ୍ୟାଭାବ, ବେରୋଜଗାରି ଓ ଆଭ୍ୟନ୍ତରୀଣ ଅସୁରକ୍ଷାରେ ଛନ୍ଦି ହୋଇପଡ଼ିଥିବା ପାକିସ୍ତାନ କଶ୍ମୀରକୁ ନିଜର କରିବା ନେଇ ଏବେ ମଧ୍ୟ ଅପଚେଷ୍ଟା ଜାରି ରଖିଛି। ପହଲଗାମ୍ ଆକ୍ରମଣର ଅନ୍ତର୍ଜାତୀୟ ତଦନ୍ତ ଦାବିକରି ତୃତୀୟ ପକ୍ଷର ହସ୍ତକ୍ଷେପକୁ ଭାରତ ଉପରେ ଲଦିଦେବା ପାଇଁ ଇସ୍‌ଲାମାବାଦ ଚାହୁଁଛି। ଅନ୍ୟପକ୍ଷେ ପାକିସ୍ତାନର ଏଭଳି ଦୁଃସାହସ ପଛରେ ଚାଇନା ଓ ଆମେରିକାର କୂଟନୀତି କାମ କରୁଥିବା ମନେହେଉଛି। ଆମେରିକା-ଚାଇନା ବାଣିଜ୍ୟ ଯୁଦ୍ଧର ଲାଭ ଯେପରି ଭାରତ ନ ପାଇବ, ତାହା ବେଜିଂର ଲକ୍ଷ୍ୟ ହୋଇଥିବାବେଳେ ଭାରତକୁ ନିଜ ନିୟନ୍ତ୍ରଣରେ ରଖିବା ଲାଗି ଆମେରିକା ଗୋଟି ଚଳାଉଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶନିବାର କହିଛନ୍ତି, ଭାରତ-ପାକିସ୍ତାନ ୧,୦୦୦ ବର୍ଷ ହେଲା ପରସ୍ପର ବିରୋଧରେ ଲଢ଼ିଆସୁଛନ୍ତି। ଉଭୟେ ହିଁ ନିଜ ବିବାଦର ସମାଧାନ କରନ୍ତୁ ବୋଲି ଟ୍ରମ୍ପ କହିଛନ୍ତି, ଯାହାକି କଶ୍ମୀର ପ୍ରସଙ୍ଗକୁ ଭିନ୍ନ ମୋଡ଼ ଦେଇପାରେ।


ଶେହବାଜ୍ ଶରିଫ୍

ଇସ୍‌ଲାମାବାଦ/ ୱାଶିଂଟନ,୨୬।୪

ଜମ୍ମୁ-କଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣରେ ୨୬ ଜଣଙ୍କ ମୃତ୍ୟୁର ନିରପେକ୍ଷ ଏବଂ ସ୍ୱଚ୍ଛ ତଦନ୍ତ ପାଇଁ ପ୍ରସ୍ତୁତ ଥିବା ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ୍ ଶରିଫ୍ ଶନିବାର କହିଛନ୍ତି। ତେବେ ଭାରତ ପଟୁ କୌଣସି ପ୍ରକାର ସାମରିକ ପଦକ୍ଷେପର ମୁକାବିଲା ପାଇଁ ପାକିସ୍ତାନ ପ୍ରସ୍ତୁତ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ୨୦୧୯ ଅଗଷ୍ଟରେ ଜମ୍ମୁ-କଶ୍ମୀରରୁ ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରେ ଗତ ମଙ୍ଗଳବାର ପହଲଗାମ୍‌ରେ ସବୁଠୁ ବଡ଼ ଆତଙ୍କବାଦୀ ଆକ୍ରମଣ ହୋଇଥିଲା। ଏହାକୁ ନେଇ ପାକ୍ ବିରୋଧରେ ଭାରତ କୂଟନୈତିକ ସ୍ତରରେ କେତେକ କଟକଣା ଲଗାଇଥିବାବେଳେ ଆତଙ୍କବାଦୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଚେତାବନୀ ଦେଇଛି। ଖାଇବର-ପାଖ୍‌ତୁନ୍‌ଖ୍ୱାର କକୁଲସ୍ଥିତ ପାକିସ୍ତାନ ମିଲିଟାରି ଏକାଡେମୀର ଏକ ଉତ୍ସବରେ ଉଦ୍‌ବୋଧନ ଦେଇ ଶେହବାଜ୍ କହିଛନ୍ତି, ଭାରତ କ୍ରମାଗତ ଭାବେ ଆମ ଉପରେ ଦୋଷ ଲଦି ଚାଲିଥିବାବେଳେ ପହଲଗାମ୍ ଆକ୍ରମଣ ଏହାର ଆଉ ଏକ ଦୃଷ୍ଟାନ୍ତ। ଏହାକୁ ବନ୍ଦ କରିବାକୁ ହେବ। ଏକ ଦାୟିତ୍ୱବାନ୍ ରାଷ୍ଟ୍ର ଭାବେ ଯେକୌଣସି ପ୍ରକାର ନିରପେକ୍ଷ, ସ୍ୱଚ୍ଛ ତଥା ନିର୍ଭରଯୋଗ୍ୟ ତଦନ୍ତରେ ଭାଗନେବାକୁ ଆମେ ପ୍ରସ୍ତୁତ ବୋଲି ସେ କହିଛନ୍ତି। ଅନ୍ତର୍ଜାତୀୟ ନିରୀକ୍ଷକମାନଙ୍କ ଦ୍ୱାରା ତଦନ୍ତ କରାଗଲେ ପାକିସ୍ତାନ ସହଯୋଗ କରିବ ବୋଲି ଶୁକ୍ରବାର ସେଠାକାର ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଅସିଫ୍ କହିଥିଲେ।

## ଓଡ଼ିଶା ସରକାର
### ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

No. T-: ଏତଦ୍ଵାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା28.04.2025ରିଖ ଦିନ ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ, ୟୁନିଟ୍-୫, ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀଙ୍କ **ଅଭିଯୋଗ ଶୁଣାଣି ବନ୍ଦ ରହିବ।** ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

**ଅତିରିକ୍ତ ମୁଖ୍ୟ ଶାସନ ସଚିବ**
**ସାଧାରଣ ପ୍ରଶାସନ ଓ**
**ସାଧାରଣ ଅଭିଯୋଗ ବିଭାଗ**

## କଶ୍ମୀର ପାଇଁ ଭାରତ, ପାକିସ୍ତାନ ୧୦୦୦ ବର୍ଷ ହେଲା ଲଢୁଛନ୍ତି: ଟ୍ରମ୍ପ୍

ପହଲଗାମ୍ ଆକ୍ରମଣକୁ ନେଇ ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଥିବାବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଉଭୟ ଦେଶ ମଧ୍ୟରେ ବିବାଦକୁ ନେଇ ଦେଇଥିବା ତ୍ରୁଟିପୂର୍ଣ୍ଣ ମନ୍ତବ୍ୟ ସାରା ବିଶ୍ୱକୁ ବିସ୍ମିତ କରିଛି। କଶ୍ମୀର ପ୍ରସଙ୍ଗକୁ ନେଇ ଭାରତ ଓ ପାକିସ୍ତାନ ୧,୦୦୦ ବର୍ଷ ହେଲା ଲଢ଼ିଆସୁଥିବାବେଳେ ସୀମାକୁ ନେଇ ଉତ୍ତେଜନା ୧,୫୦୦ ବର୍ଷ ଧରି ଲାଗି ରହିଥିବା ଟ୍ରମ୍ପ ଶୁକ୍ରବାର କହିଛନ୍ତି। ତାଙ୍କର ଏଭଳି ମନ୍ତବ୍ୟ ସୋସିଆଲ ମିଡିଆରେ ଭାଇରାଲ ହୋଇଥିବାବେଳେ ୟୁଜରମାନେ ତାଙ୍କୁ ସମାଲୋଚନା କରି ବିଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି। ପୋପ୍ ଫ୍ରାନ୍ସିସ୍‌ଙ୍କ ଶେଷକୃତ୍ୟରେ ଯୋଗଦେବା ଲାଗି ଟ୍ରମ୍ପ ଭାଟିକାନ୍ ସିଟି ଯାଉଥିବାବେଳେ ବିମାନରେ ଖବରଦାତାମାନଙ୍କୁ କହିଥିଲେ, ସେ ଭାରତ ଓ ପାକିସ୍ତାନ ସହ ବେଶ୍ ଘନିଷ୍ଠ। କଶ୍ମୀରକୁ ନେଇ ସେମାନେ ହଜାରେ ବର୍ଷ ହେଲା ଲଢ଼ିଆସୁଛନ୍ତି। ୨ ଦକ୍ଷିଣ ଏସୀୟ ରାଷ୍ଟ୍ର ମଧ୍ୟରେ ୧,୫୦୦ ବର୍ଷ ହେଲା ବିବାଦ ରହିଥିଲେ ମଧ୍ୟ ସେମାନେ ଏହାର ସମାଧାନ ବାହାର କରିବା ନେଇ ସେ ନିଶ୍ଚିତ ବୋଲି ଟ୍ରମ୍ପ କହିଥିଲେ। ୧୯୪୭ରେ ଦେଶ ବିଭାଜନ ହୋଇ ପାକିସ୍ତାନ ସୃଷ୍ଟି ହେବା ପରେ କାଶ୍ମୀର ଏକ ଅସମାହିତ ବିବାଦ ହୋଇ ରହିଆସିଛି।

## ୬ ଲକ୍ଷ ଯୋଗ୍ୟ ହିତାଧିକାରୀ ପାଇବେ ରାଶନ କାର୍ଡ

**ଭୁବନେଶ୍ୱର,୨୬।୪(ସୁନିତ୍ ମିଶ୍ର):** ରାଜ୍ୟରେ ପ୍ରାୟ ଲକ୍ଷେ ଲୋକଙ୍କ ରାଶନ କାର୍ଡ କଟିଛି। ଏହାବାଦ୍ ଅନ୍ୟ ୫ ଲକ୍ଷ ମୃତ ହିତାଧିକାରୀଙ୍କୁ ମିଶାଇ ମୋଟ ୬ ଲକ୍ଷ କାର୍ଡ କାଟି ଦିଆଯାଇଛି। ଏହି ୬ ଲକ୍ଷ କାର୍ଡ ଗରିବ ଲୋକଙ୍କୁ ଦିଆଯିବ ବୋଲି ଶନିବାର ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି। ଇ-କେୱାଇସି ବ୍ୟବସ୍ଥାରେ ବହୁ ହିତାଧିକାରୀ ତାଲିକାରୁ କଟିଯାଇଥିବା ନେଇ ଚାରିଆଡୁ ଅଭିଯୋଗ ଆସିବାରେ ଲାଗିଥିବାବେଳେ ମନ୍ତ୍ରୀ କହିଛନ୍ତି, ଯେଉଁଠି ଅଭିଯୋଗ ରହିଛି ସେ ବିଷୟରେ ତାଙ୍କୁ ଜଣାନ୍ତୁ। ସରକାରଙ୍କ ପାଖରେ ପର୍ଯ୍ୟାପ୍ତ କାର୍ଡ ରହିଛି, ସେସବୁ ନୂଆ ଲୋକଙ୍କୁ ଦିଆଯିବ। ଯୋଗ୍ୟ ହିତାଧିକାରୀଙ୍କ କାର୍ଡ ଭୁଲ୍‌ରେ କଟିଯାଇଥିଲେ ସେମାନେ ଆଉଥରେ ଆବେଦନ କରନ୍ତୁ।







DSPL-44


ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

# ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର : ମୁଫ୍ତ ବିଜୁଳି ଯୋଜନା
# (PMSG:MBY)

**ରାଜ୍ୟ ସରକାରଙ୍କ ଯୁଗାନ୍ତକାରୀ ପଦକ୍ଷେପ, ପ୍ରୋତ୍ସାହନ ରାଶି ଦେଶରେ ସର୍ବାଧିକ**

**ମାସକୁ ୩୦୦ ୟୁନିଟ୍ ପର୍ଯ୍ୟନ୍ତ ବିଜୁଳି ଦେୟ ଉପରେ ସଞ୍ଚୟ**

ପ୍ରତି ଘର ପିଛା ୩ କିଲୋୱାଟ ପର୍ଯ୍ୟନ୍ତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ତରଫରୁ ସବସିଡି


ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

| ରୁଫ୍-ଟପ ସୌର ପ୍ରକଳ୍ପ | କେନ୍ଦ୍ର ସରକାରଙ୍କ ସବସିଡି | ରାଜ୍ୟ ସରକାରଙ୍କ ଅତିରିକ୍ତ ସବସିଡି | ମୋଟ ସବସିଡି |
|---|---|---|---|
| ୧ କିଲୋୱାଟ୍ ପାଇଁ | ୩୦,୦୦୦/- ଟଙ୍କା | ୨୫,୦୦୦/- ଟଙ୍କା | **୫୫,୦୦୦/- ଟଙ୍କା** |
| ୨ କିଲୋୱାଟ୍ ପାଇଁ | ୬୦,୦୦୦/- ଟଙ୍କା | ୫୦,୦୦୦/- ଟଙ୍କା | **୧,୧୦,୦୦୦/- ଟଙ୍କା** |
| ୩ କିଲୋୱାଟ୍ ପାଇଁ | ୭୮,୦୦୦/- ଟଙ୍କା | ୬୦,୦୦୦/- ଟଙ୍କା | **୧,୩୮,୦୦୦/- ଟଙ୍କା** |


ଜଳବାୟୁ ସଂଶୋଧନ ପାଇଁ ସହାୟକ

**pmsuryaghar.gov.in** ରେ ଅନଲାଇନ ରେଜିଷ୍ଟ୍ରେସନ କରନ୍ତୁ ଏବଂ ଯୋଜନାର ଲାଭ ପାଆନ୍ତୁ।
ଅଧିକ ଜାଣିବା ପାଇଁ ସ୍ଥାନୀୟ ବିଦ୍ୟୁତ୍ ବିତରଣ କାର୍ଯ୍ୟାଳୟରେ ଯୋଗାଯୋଗ କରନ୍ତୁ।

**ଶକ୍ତି ବିଭାଗ, ଓଡ଼ିଶା ସରକାର**

ଅଧିକ ସୂଚନା ନିମନ୍ତେ ସ୍କାନ କରନ୍ତୁ

## ସଂକ୍ଷେପରେ

### ଗୁଜରାଟରେ ୧,୦୨୪ ବାଂଲାଦେଶୀ ଅଟକ

**ରହିଛନ୍ତି ଅଲ୍‌କାଏଦା ସ୍ଲିପର ସେଲ୍‌ର ୨ ସନ୍ଦିଗ୍ଧ**

ଅହମଦାବାଦ, ୨୬।୪

ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ଗୁଜରାଟ ପୋଲିସ ରାଜ୍ୟରେ ଅବୈଧ ଭାବରେ ରହୁଥିବା ବାଂଲାଦେଶୀ ଆପ୍ରବାସୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବା ଆରମ୍ଭ କରିଛି। ଅହମଦାବାଦ ଏବଂ ସୁରଟ ପୋଲିସ ପକ୍ଷରୁ ଏନେଇ ବଡ଼ ଅପରେଶନ ଚଳାଯାଇ ସେଠାରେ ବେଆଇନ ଭାବେ ରହୁଥିବା ପ୍ରାୟ ୧,୦୨୪ ବାଂଲାଦେଶୀଙ୍କୁ ଶନିବାର ଅଟକ ରଖାଯାଇଛି। ଘଟଣା ସମ୍ପର୍କରେ ଅହମଦାବାଦ କ୍ରାଇମବ୍ରାଞ୍ଚ ଡିସିପି ଅଜିତ ରାଜିୟନ କହିଛନ୍ତି, ପୋଲିସ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ଅବୈଧ ଭାବେ ରହୁଥିବା ବିଦେଶୀ ପ୍ରବାସୀମାନଙ୍କୁ ଧରିବା ପାଇଁ ସନ୍ଧାନ ଅଭିଯାନ ଆରମ୍ଭ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ କେବଳ ଅହମଦାବାଦରୁ ୮୯୦ ଅବୈଧ ବାଂଲାଦେଶୀ ଆପ୍ରବାସୀଙ୍କୁ ଅଟକ ରଖାଯାଇଛି। ସେହିପରି ସୁରଟ ପୋଲିସର ସ୍ପେଶାଲ ଅପରେଶନ ଗ୍ରୁପ୍ (ଏସ୍‌ଓଜି) ୧୩୪ ଜଣ ଅବୈଧ ବାଂଲାଦେଶୀ ଆପ୍ରବାସୀଙ୍କୁ ଅଟକ ରଖିଛି। ଅଟକ ୧୦୨୪ ଜଣଙ୍କ ମଧ୍ୟରୁ ୪ ଜଣ ବିଭିନ୍ନ ଆପରାଧିକ କାର୍ଯ୍ୟକଳାପ ସହ ଜଡ଼ିତ ଥିବାବେଳେ ୨ ଜଣ ଅଲକାଏଦା ସ୍ଲିପର ସେଲ ସହ ଜଡ଼ିତ ଥିବା ନେଇ ପୋଲିସ ସନ୍ଦେହ କରୁଛି।

### ମାଡ଼ିଗଲା ଭ୍ୟାନ୍, ୮ ସଫେଇ କର୍ମଚାରୀ ମୃତ

ନୂଆଦିଲ୍ଲୀ, ୨୬।୪

ହରିୟାଣାର ନୁହଁ ସ୍ଥିତ ଦିଲ୍ଲୀ, ମୁମ୍ବାଇ ଏକ୍ସପ୍ରେସ୍ ୱେରେ ଶନିବାର ଭୟଙ୍କର ଦୁର୍ଘଟଣା ଘଟିଛି। ସ୍ଥାନୀୟ ଇବ୍ରାହିମବାସ ଗ୍ରାମ ନିକଟରେ ଶନିବାର ସକାଳେ କେତେଜଣ ସଫେଇ କର୍ମଚାରୀ ରାସ୍ତା ସଫେଇ କାର୍ଯ୍ୟ କରୁଥିବାବେଳେ ଏକ ପିକଅପ୍ ଭ୍ୟାନ୍ ଦ୍ରୁତ ଗତିରେ ଆସି ସେମାନଙ୍କୁ ମଡ଼ାଇଦେଇଥିଲା। ଘଟଣାରେ ୮ ଜଣ ସଫେଇ କର୍ମଚାରୀଙ୍କ ମୃତ୍ୟୁ ଘଟିଥିବା ବେଳେ ୩ ଜଣ ଆହତ ହୋଇଛନ୍ତି। ସମସ୍ତ ଆହତଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

# ଇରାନ ବନ୍ଦରରେ ବିସ୍ଫୋରଣ: ୪ ମୃତ, ୫୧୬ ଆହତ

ତେହରାନ, ୨୬।୪



ଇରାନର ଶହୀଦ ରାଜାଇ ବନ୍ଦରରେ ବିସ୍ଫୋରଣ ପରେ ପ୍ରବଳ ଧୂଆଁ ଉଠୁଛି।

ଇରାନର ବନ୍ଦର ଆବ୍ବାସ ସହର ବାହାରେ ଥିବା ଶହୀଦ ରାଜାଇ ବନ୍ଦରରେ ଶନିବାର ଭୟାବହ ବିସ୍ଫୋରଣ ଘଟି ୪ ଜଣଙ୍କ ମୃତ୍ୟୁ ହେବା ସହ ଅନ୍ୟୂନ ୫୧୬ ଜଣ ଆହତ ହୋଇଛନ୍ତି। ମିଶାଇଲ ପ୍ରୋପେଲାଣ୍ଟ ପ୍ରସ୍ତୁତ ପାଇଁ ବ୍ୟବହୃତ ରାସାୟନିକ ଉପାଦାନ ପରିବହନ ସହ ବିସ୍ଫୋରଣର ସମ୍ପୃକ୍ତି ଥିବା କୁହାଯାଉଛି। ଏହି ବନ୍ଦର ଦେଇ ବର୍ଷକୁ ୭୨.୫ ନିୟୁତ ଟନ୍ ପଣ୍ୟ କାରବାର ହୋଇଥାଏ। ସେଠାରେ ପେଟ୍ରୋକେମିକାଲ କାରଖାନା ରହିଛି। ବିସ୍ଫୋରଣ ପରେ ସେଠାରୁ କଳା ଧୂମକୁଣ୍ଡଳୀ ବହୁତ ଉଚ୍ଚ ପର୍ଯ୍ୟନ୍ତ ଉଠୁଥିବା ଦେଖିବାକୁ ମିଳିଛି। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ, ବହୁ କିଲୋମିଟର ଦୂରରେ ଥିବା କୋଠାଗୁଡ଼ିକର କାଚ ଭାଙ୍ଗିଯାଇଛି। ଅନ୍ୟପକ୍ଷରେ ବିସ୍ଫୋରଣରେ କୌଣସି ଶକ୍ତି ଭିତ୍ତିଭୂମି କ୍ଷତିଗ୍ରସ୍ତ ହୋଇ ନ ଥିବା ଇରାନର ସରକାରୀ ଟିଭି ପକ୍ଷରୁ କୁହାଯାଇଛି।

ରାଜାଇ ବନ୍ଦରରେ ଥିବା କଣ୍ଟେନରଗୁଡ଼ିକରୁ ବିସ୍ଫୋରଣ ଘଟିଥିବା ସେଠାର ପ୍ରାଦେଶିକ ବିପର୍ଯ୍ୟୟ ପରିଚାଳନା ଅଧିକାରୀ ମେହର୍ଦାଦ ହାସନଜାଦେ କହିଛନ୍ତି। ବିସ୍ଫୋରଣ ଯୋଗୁ ଏକ ବିଲ୍ଡିଂ ଭୁଶୁଡ଼ି ପଡ଼ିଛି। ଇରାନ ରାଜଧାନୀ ତେହରାନଠାରୁ ୧,୦୫୦ କିଲୋମିଟର ଦୂରରେ ଅବସ୍ଥିତ ଏହି ବନ୍ଦର ଦେଇ ଦେଶର ୨୦ ପ୍ରତିଶତ ତୈଳ ପରିବହନ ହୋଇଥାଏ। ତେହରାନ୍ ଆଣବିକ କାର୍ଯ୍ୟକ୍ରମରେ ଦ୍ରୁତ ଅଗ୍ରଗତି କରିଚାଲିଥିବାବେଳେ ଏହା ଉପରେ ବୁଝାମଣା ପାଇଁ ଓମାନରେ ଶନିବାର ଇରାନ ଏବଂ ଆମେରିକା ମଧ୍ୟରେ ତୃତୀୟ ପର୍ଯ୍ୟାୟ ଆଲୋଚନା ଚାଲିଥିବାବେଳେ ବିସ୍ଫୋରଣ ଘଟିଛି।

# ପହଲଗାମ୍ ଆକ୍ରମଣ ପରେ କଶ୍ମୀରରେ ବ୍ୟାପକ ଚଢ଼ାଉ

**ଶତାଧିକ ଅଟକ, ଆତଙ୍କବାଦୀଙ୍କ ଘର ଧ୍ୱଂସ**

ଶ୍ରୀନଗର, ୨୬।୪ (ପି.ଟି.)



ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ କଶ୍ମୀରରେ ଥିବା ଆତଙ୍କବାଦୀ ଓ ସେମାନଙ୍କ ସମର୍ଥକମାନଙ୍କୁ ଧରିବା ପାଇଁ ବ୍ୟାପକ ଚଢ଼ାଉ ଜାରି ରହିଛି। କେତେଜଣ ଆତଙ୍କବାଦୀଙ୍କ ଘର ଭଙ୍ଗାଯିବା ସହ ସେମାନଙ୍କ ସୁରକ୍ଷିତ ଆଡ୍ଡା ଉପରେ ଚଢ଼ାଉ କରାଯାଇ ଶତାଧିକ ସହାୟକଙ୍କୁ ଅଟକ ରଖାଯାଇଛି।

ଗତ ମଙ୍ଗଳବାର ଆତଙ୍କବାଦୀମାନେ ପହଲଗାମ୍‌ର ଲୋକପ୍ରିୟ ପର୍ଯ୍ୟଟନ ସ୍ଥଳ ବୈସରନରେ ଆକ୍ରମଣ କରି ୨୬ ପର୍ଯ୍ୟଟକଙ୍କୁ ହତ୍ୟା କରିଥିଲେ। ସୁରକ୍ଷା ବଳ ସମଗ୍ର ଉପତ୍ୟକାରେ ଥିବା ଜଣାଶୁଣା ଆତଙ୍କବାଦୀ ସଂଗଠନ ଏବଂ ସେମାନଙ୍କ ସହଯୋଗୀଙ୍କୁ ଧରିବା ପାଇଁ ଚଢ଼ାଉ ଜାରି ରଖିଛି। ଗତ ୪୮ ଘଣ୍ଟା ମଧ୍ୟରେ ୫ ଜଣ ଆତଙ୍କବାଦୀଙ୍କ ଘର ଭଙ୍ଗାଗଲାଣି। ଆତଙ୍କବାଦ ସହ ଜଡ଼ିତ ଅନ୍ୟମାନଙ୍କ ବିରୋଧରେ ମଧ୍ୟ ଅନୁରୂପ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅଧିକାରୀମାନେ କହିଛନ୍ତି। ଗୁରୁବାର ରାତିରେ ଏକ ରହସ୍ୟମୟ ବିସ୍ଫୋରଣରେ ୨ ସକ୍ରିୟ ଆତଙ୍କବାଦୀ ବିଜବେହରା ଅଞ୍ଚଳର ଆଦିଲ ଠୋକର ଏବଂ ତ୍ରାଲ ଅଞ୍ଚଳର ଅସିଫ୍ ଶେଖ୍‌ଙ୍କ ଘର ଧ୍ୱଂସ ହୋଇଥିଲା। ଉଭୟ ପହଲଗାମ୍ ଆକ୍ରମଣ ସହ ସମ୍ପୃକ୍ତ ଥିବା କୁହାଯାଉଛି।

୪ ଦକ୍ଷିଣ କଶ୍ମୀର ଜିଲ୍ଲାରୁ ସୁରକ୍ଷା ବଳ ଶତାଧିକ ଓଭରଗ୍ରାଉଣ୍ଡ ୱାର୍କର(ଓଡବ୍ଲ୍ୟୁଜି) ଓ ସେମାନଙ୍କ ସହଯୋଗୀଙ୍କୁ ଅଟକ ରଖି ପଚରାଉଚରା କରୁଛି। ଶୁକ୍ରବାର ବନ୍ଦିପୋରା ଜିଲାରେ ଏଭଳି କାର୍ଯ୍ୟାନୁଷ୍ଠାନ ବେଳେ ଆତଙ୍କବାଦୀଙ୍କ ଗୁଳିରେ ଓଡବ୍ଲ୍ୟୁଜି ଅଲତାଫ ଲାଲ୍ଲି ନିହତ ହେବା ସହ ୨ ଜଣ ପୋଲିସ ଆହତ ହୋଇଥିଲେ। ଶନିବାର ଶ୍ରୀନଗରରେ ୨ ଡଜନରୁ ଊର୍ଦ୍ଧ୍ୱ ସ୍ଥାନରେ ଚଢ଼ାଉ କରାଯାଇଛି। ଅନନ୍ତନାଗ ଜିଲାରେ ୨୪ ଘଣ୍ଟିଆ ତଲାସି ଅଭିଯାନ ଜାରି ରହିଥିବାବେଳେ ସୁରକ୍ଷା ବଳ ସଜାଗ ରହିଛନ୍ତି।

### ପହଲଗାମ୍ ଆତଙ୍କବାଦୀ ଆକ୍ରମଣକୁ କଡ଼ା ନିନ୍ଦା କଲା ୟୁଏନ୍‌ଏସ୍‌ସି

ଜାତିସଂଘ, ୨୬।୪

ଜମ୍ମୁ-କଶ୍ମୀରର ପହଲଗାମ୍‌ରେ ଗତ ମଙ୍ଗଳବାର ହୋଇଥିବା ଆତଙ୍କବାଦୀ ଆକ୍ରମଣକୁ ଶନିବାର ମିଳିତ ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି) କଡ଼ା ଭାଷାରେ ନିନ୍ଦା କରିଛି। ୟୁଏନ୍‌ଏସ୍‌ସି ପକ୍ଷରୁ ଜାରି ହୋଇଥିବା ଏକ ନିନ୍ଦା ପ୍ରସ୍ତାବରେ କୁହାଯାଇଛି, ଅନ୍ତର୍ଜାତୀୟ ଶାନ୍ତି ଏବଂ ସୁରକ୍ଷା ପାଇଁ ଆତଙ୍କବାଦ ହେଉଛି ସବୁଠାରୁ ବଡ଼ ବିପଦ। ୧୫ ଦେଶ ସଦସ୍ୟ ଥିବା ଏହି ପରିଷଦ ପକ୍ଷରୁ ଜାରି କରାଯାଇଥିବା ପ୍ରେସ୍ ବିବୃତିରେ କୁହାଯାଇଛି, ପହଲଗାମ୍‌ରେ ଘଟିଥିବା ଆତଙ୍କବାଦୀ ଆକ୍ରମଣ ଅତ୍ୟନ୍ତ ଘୃଣ୍ୟ ଏବଂ ନିନ୍ଦନୀୟ କାର୍ଯ୍ୟ ଥିଲା। ଏହାର ଅପରାଧୀ ଏବଂ ଷଡ଼ଯନ୍ତ୍ରକାରୀଙ୍କୁ ଯଥାଶୀଘ୍ର ଦଣ୍ଡବିଧାନ ଉପରେ ୟୁଏନ୍‌ଏସ୍‌ସି ପକ୍ଷରୁ ଗୁରୁତ୍ୱାରୋପ କରାଯାଇଛି।

# ସାମରିକ ସଞ୍ଚାଳନର ସିଧା ପ୍ରସାରଣରୁ ଦୂରେଇ ରୁହ

**ଗଣମାଧ୍ୟମ ଚ୍ୟାନେଲ୍‌କୁ କେନ୍ଦ୍ରର ପରାମର୍ଶ**

ନୂଆଦିଲ୍ଲୀ, ୨୬।୪

ଆତଙ୍କବାଦୀ ନିରୋଧୀ ଅଭିଯାନ, ଜାତୀୟ ସୁରକ୍ଷା ସ୍ୱାର୍ଥରେ ସୁରକ୍ଷାବଳର ଗତିବିଧି ଆଦିର ସିଧା ପ୍ରସାରଣଠାରୁ ଗଣମାଧ୍ୟମ ଚ୍ୟାନେଲଗୁଡ଼ିକ ଦୂରେଇ ରହିବା ପାଇଁ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଆଡଭାଇଜରି ଜାରି କରିଛି। ଜାତୀୟ ସ୍ୱାର୍ଥର ସୁରକ୍ଷାରେ ଗଣମାଧ୍ୟମ, ଡିଜିଟାଲ ପ୍ଲାଟଫର୍ମ ଏବଂ ବ୍ୟକ୍ତିବିଶେଷ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବାକୁ ପରାମର୍ଶ ଦିଆଯାଇଛି। ସାମରିକ ସଞ୍ଚାଳନ କିମ୍ବା ସୈନ୍ୟ ପ୍ରେରଣ ସମ୍ପର୍କିତ ସୂତ୍ର ଆଧାରିତ ରିପୋର୍ଟ ପ୍ରକାଶ ନ କରିବାକୁ ମନ୍ତ୍ରଣାଳୟ କହିଛି। ସମ୍ବେଦନଶୀଳ ତଥ୍ୟଗୁଡ଼ିକର ଆଗୁଆ ପ୍ରଘଟ ଶତ୍ରୁଙ୍କ ପାଇଁ ସହାୟକ ହୋଇପାରେ ଏବଂ ପ୍ରଭାବୀ କାର୍ଯ୍ୟାନୁଷ୍ଠାନ ଏବଂ ସୁରକ୍ଷା ବଳର ନିରାପତ୍ତା ପ୍ରତି ବିପଦ ଆଣିପାରେ। ପୂର୍ବରୁ କାର୍ଗିଲ ଯୁଦ୍ଧ, ୨୬/୧୧ ମୁମ୍ବାଇ ଆକ୍ରମଣ ଏବଂ କାନ୍ଦାହାର ବିମାନ ଅପହରଣ ଘଟଣାରେ କଟକଣାବିହୀନ ଖବର ପ୍ରସାରଣ ଯୋଗୁ ଜାତୀୟ ସ୍ୱାର୍ଥ ଉପରେ ଉଦ୍ୟମହୀନ ପ୍ରତିକୂଳ ପ୍ରଭାବ ପଡ଼ିଥିଲା। ସୁରକ୍ଷା ବଳ ଦ୍ୱାରା କୌଣସି ଆତଙ୍କବାଦ ନିରୋଧୀ ଅଭିଯାନର ସିଧା ପ୍ରସାରଣ କେବୁଲ ସର୍ଭିସ ଜରିଆରେ କରାଯିବା ଉଚିତ ନୁହେଁ ବୋଲି କେବୁଲ ଟେଲିଭିଜନ ନେଟ୍‌ୱର୍କ ସଂଶୋଧନ ନିୟମାବଳୀରେ ବ୍ୟବସ୍ଥା ରହିଛି। ତେଣୁ ଜାତୀୟ ସୁରକ୍ଷା ସ୍ୱାର୍ଥକୁ ଦୃଷ୍ଟିରେ ରଖି ସମସ୍ତ ଗଣମାଧ୍ୟମ ପ୍ଲାଟ୍‌ଫର୍ମ, ନ୍ୟୁଜ୍ ଏଜେନ୍ସି ଏବଂ ସୋସିଆଲ ମିଡିଆ ୟୁଜରମାନଙ୍କୁ ପ୍ରତିରକ୍ଷା ବା ସୁରକ୍ଷା ଅଭିଯାନ ସମ୍ପର୍କିତ ବିଷୟ ଉପରେ ଅତ୍ୟନ୍ତ ଦାୟିତ୍ୱବାନ୍ ସହ କାର୍ଯ୍ୟ କରିବା ଏବଂ ପ୍ରଚଳିତ ଆଇନ ଓ ନିୟମାବଳୀକୁ କଡ଼ାକଡ଼ି ଅନୁପାଳନ କରିବାକୁ ପରାମର୍ଶ ଦିଆଯାଇଛି।

# ଏଲ୍‌ଓସିରେ ପୁଣି ପାକ୍ ସେନାର ଗୁଳିବର୍ଷା

ଶ୍ରୀନଗର/ ନୂଆଦିଲ୍ଲୀ, ୨୬।୪

ପାକିସ୍ତାନୀ ସେନା କ୍ରମାଗତ ଦ୍ୱିତୀୟ ଦିନ ପାଇଁ ଅସ୍ତ୍ରବିରତି ଉଲ୍ଲଂଘନ କରି ନିୟନ୍ତ୍ରଣ ରେଖା ଆରପଟୁ ଜୋର୍‌ଦାର ଗୁଳିମାଡ଼ କରିଛି। ଭାରତୀୟ ସେନା ଏହାର ଠିକଣା ଜବାବ ଦେଇଥିବା ସାମରିକ ସୂତ୍ରରୁ ଜଣାପଡ଼ିଛି। ଗୁରୁବାର ରାତିରେ ଭାରତୀୟ ଘାଟିଗୁଡ଼ିକୁ ଟାର୍ଗେଟ କରି ପାକ୍ ସୈନ୍ୟ ଗୁଳିମାଡ଼ କରିବାରୁ ସେନା ଏହାର ଉପଯୁକ୍ତ ଜବାବ ଦେଇଥିଲା। ଶୁକ୍ରବାର ମଧ୍ୟ ଅନୁରୂପ ଭାବେ ଗୁଳି ବିନିମୟ ହୋଇଛି। ଏଥିରେ କେହି ମୃତାହତ ହୋଇନାହାନ୍ତି।

ପହଲଗାମ୍ ଆକ୍ରମଣରେ ସମ୍ପୃକ୍ତ ଆତଙ୍କବାଦୀଙ୍କୁ ଖୋଜି ବାହାର କରିବୁ ବୋଲି ଭାରତ ଘୋଷଣା କରିବା ପରେ ପାକିସ୍ତାନୀ ସେନା ହାଇ ଆଲର୍ଟରେ ରହିଛି। ଯେଉଁ ପାକିସ୍ତାନୀ ଅଟ୍ଟାରୀ ସୀମା ଦେଇ ଭାରତ ଆସିଥିଲେ, ସେମାନେ ମେ’ ୧ ସୁଦ୍ଧା ଦେଶଛାଡ଼ି ଚାଲିଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହାର ଜବାବରେ ପାକିସ୍ତାନ ଏହାର ବାୟୁସୀମାକୁ ଭାରତୀୟ ବିମାନଗୁଡ଼ିକ ପାଇଁ ବନ୍ଦ କରିଦେବା ସହ ନୂଆଦିଲ୍ଲୀ ସହ ବାଣିଜ୍ୟ କାରବାରକୁ ସ୍ଥଗିତ ରଖିଛି।

# ସ୍ତନ ସ୍ପର୍ଶ ଉଦ୍ୟମ ବଳାତ୍କାର ନୁହେଁ : କୋଲକାତା ହାଇକୋର୍ଟ

କୋଲକାତା, ୨୬।୪


ଶିଶୁ ଯୌନ ଅପରାଧ ସୁରକ୍ଷା (ପୋକ୍‌ସୋ) ଆଇନ ଅନୁଯାୟୀ, ପୀଡ଼ିତାଙ୍କ ସ୍ତନ ସ୍ପର୍ଶ କରିବା ଉଦ୍ୟମ ବଳାତ୍କାର ନୁହେଁ ବରଂ ଗମ୍ଭୀର ଯୌନ ଉତ୍ପୀଡ଼ନ ବୋଲି କୋଲକାତା ହାଇକୋର୍ଟ ଟିପ୍ପଣୀ ଦେଇଛନ୍ତି। ଏଭଳି ଏକ ମାମଲାରେ ପଶ୍ଚିମବଙ୍ଗର ଏକ ତଳକୋର୍ଟ ଜଣେ ଅଭିଯୁକ୍ତଙ୍କୁ ଦୋଷୀସାବ୍ୟସ୍ତ କରି ଦଣ୍ଡ ଶୁଣାଇଥିବାବେଳେ ଶୁକ୍ରବାର ହାଇକୋର୍ଟ ଏହାକୁ ସ୍ଥଗିତ ରଖିଛନ୍ତି। ତଳକୋର୍ଟ ଅଭିଯୁକ୍ତଙ୍କୁ ଯୌନ ଉତ୍ପୀଡ଼ନ ଓ ବଳାତ୍କାର ଉଦ୍ୟମରେ ଦୋଷୀସାବ୍ୟସ୍ତ କରି ୧୨ ବର୍ଷ ଜେଲ ଦଣ୍ଡାଦେଶ ଦେଇଥିଲେ। ଏହା ବିରୋଧରେ ହୋଇଥିବା ଅପିଲ୍‌ର ଶୁଣାଣି କରି ଜଷ୍ଟିସ୍ ଅରିଜିତ ବାନାର୍ଜୀ ଏବଂ ବିଶ୍ୱରୂପ ଚୌଧୁରୀଙ୍କ ଖଣ୍ଡପୀଠ କହିଛନ୍ତି, ପୀଡ଼ିତାଙ୍କୁ ବଳାତ୍କାର କିମ୍ବା ବଳାତ୍କାର ଉଦ୍ୟମ ହୋଇଥିବା ଡାକ୍ତରୀ ରିପୋର୍ଟରୁ ଜଣାପଡ଼ିନାହିଁ। ପୀଡ଼ିତାଙ୍କ ବୟାନ ଅନୁଯାୟୀ, ନିଶାଗ୍ରସ୍ତ ଅଭିଯୁକ୍ତ ତାଙ୍କ ସ୍ତନ ସ୍ପର୍ଶ କରିବାକୁ ଉଦ୍ୟମ କରିଥିଲେ।



ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ବିରୋଧରେ ଶନିବାର ମୀରଟରେ ସଂଯୁକ୍ତ ବ୍ୟାପାର ସଂଘ ପକ୍ଷରୁ ବନ୍ଦ ପାଳନ ବେଳେ ଲୋକେ ବିକ୍ଷୋଭ କରୁଛନ୍ତି।

# ପୋପ୍ ଫ୍ରାନ୍ସିସ୍‌ଙ୍କୁ ଅଶ୍ରୁଳ ବିଦାୟ ଦେଲା ବିଶ୍ୱ

ଭାଟିକାନ୍ ସିଟି, ୨୬।୪



ଭାଟିକାନ୍‌ର ସେଣ୍ଟ ପିଟର୍ସ ସ୍କୋୟାରରେ ପୋପ୍ ଫ୍ରାନ୍ସିସ୍‌ଙ୍କ ଶେଷକୃତ୍ୟରେ ନେତୃତ୍ୱ ନେଇଥିବା କାର୍ଡିନାଲ ଗିଓଭାନି ବାଟ୍ଟିଷ୍ଟା।

ରୋମାନ କାଥୋଲିକ୍‌ର ସର୍ବୋଚ୍ଚ ଧର୍ମଗୁରୁ ପୋପ୍ ଫ୍ରାନ୍ସିସ୍‌ଙ୍କ ଶେଷକୃତ୍ୟ ଶନିବାର ସମ୍ପନ୍ନ ହୋଇଯାଇଛି। ରୋମ୍ ସମେତ ସମଗ୍ର ବିଶ୍ୱ ତାଙ୍କୁ ଅଶ୍ରୁଳ ବିଦାୟ ଜଣାଇଛି। ତାଙ୍କ ଅନ୍ତିମ ଶୋଭାଯାତ୍ରାରେ ୨.୫ ଲକ୍ଷ ଲୋକ ସାମିଲ ହୋଇଥିଲେ। ରୋମ୍‌ର ସେଣ୍ଟ ମେରି ମେଜର ବାସିଲିକାରେ କାର୍ଡିନାଲମାନେ ପୋପ୍‌ଙ୍କ ଶେଷକୃତ୍ୟ ସମ୍ପନ୍ନ କରିଛନ୍ତି। ଏଥିରେ କେବଳ ଶୀର୍ଷ କାର୍ଡିନାଲ ଏବଂ ପୋପ୍‌ଙ୍କ ଘନିଷ୍ଠମାନେ ସାମିଲ ହୋଇଥିଲେ। ପୋପ୍‌ଙ୍କ କଫିନ୍ କବର ମଧ୍ୟରେ ପ୍ରବେଶ ପୂର୍ବରୁ ଭାଟିକାନ ଚଳାଉଥିବା କାର୍ଡିନାଲ କେଭିନ୍ ଫାରେଲ୍ ଆଶୀର୍ବାଦ ଦେଇଥିଲେ। ଏହା ପୂର୍ବରୁ ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏବଂ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କ ସମେତ ବହୁସଂଖ୍ୟାରେ ବିଶ୍ୱନେତା ପୋପ୍‌ଙ୍କୁ ଶେଷ ବିଦାୟ ଜଣାଇଥିଲେ। ମୁର୍ମୁଙ୍କ ସହ କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ, ସଂଖ୍ୟାଲଘୁ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଜର୍ଜ କୁଏନ୍, ଗୋଆ ବିଧାନସଭାର ଉପବାଚସ୍ପତି ଜୋଶୁଆ ଡେ ସୁଜା ଭାରତୀୟ ପ୍ରତିନିଧି ଦଳରେ ସାମିଲ ରହି ପୋପ୍‌ଙ୍କ ଶେଷକୃତ୍ୟ ବେଳେ ଉପସ୍ଥିତ ଥିଲେ। ପାଖାପାଖି ୧,୩୦୦ ବର୍ଷ ପରେ ଜଣେ ଅଣୟୁରୋପୀୟ ଭାବେ ଫ୍ରାନ୍ସିସ୍ ପୋପ୍ ହୋଇଥିଲେ। ଗତ ସୋମବାର ୮୮ ବର୍ଷ ବୟସରେ ତାଙ୍କର ପରଲୋକ ଘଟିଥିଲା।

## ଫୁର୍‌ସତ୍

# ବିମାନରେ ବିଶ୍ୱବିଦ୍ୟାଳୟ ଯାଉଛନ୍ତି ଜାପାନୀ ଗାୟିକା

**ଦୈନିକ ୨୦ ହଜାର ଟଙ୍କା ଖର୍ଚ୍ଚ**

ଟୋକିଓ



ଜାପାନର ପପ୍ ସିଙ୍ଗର ନାକାସିମା ୟୁଜୁକି (୨୨) ନିଜ ବିଶ୍ୱବିଦ୍ୟାଳୟ ପାଠପଢ଼ା ପାଇଁ ଦୈନିକ ବିମାନରେ ୪ ଘଣ୍ଟା ଯାତ୍ରା କରୁଛନ୍ତି। ୟୁଜୁକି ନିଜର ଏଣ୍ଟରଟେନ୍‌ମେଣ୍ଟ କ୍ୟାରିୟର ପାଇଁ ଜାପାନର ରାଜଧାନୀ ଟୋକିଓରେ ରହୁଥିବା ବେଳେ ତାଙ୍କ ବିଶ୍ୱବିଦ୍ୟାଳୟ ଦକ୍ଷିଣ-ପଶ୍ଚିମ ଜାପାନର ଫୁକୁଓକାଠାରେ ରହିଛି, ଯାହା ଟୋକିଓଠାରୁ ପ୍ରାୟ ହଜାରେ କିଲୋମିଟର ଦୂର। ପପ୍ ସିଙ୍ଗର ଭାବେ ନିଜ କ୍ୟାରିୟରକୁ ଦୃଷ୍ଟିରେ ରଖି ସେ ଟୋକିଓ ଛାଡ଼ି ଫୁକୁଓକାରେ ରହିବାକୁ ସକ୍ଷମ ହୋଇପାରିନାହାନ୍ତି ବୋଲି ୟୁଜୁକି କହିଛନ୍ତି। ଫଳରେ ପ୍ରତିଦିନ ବିମାନ ଯୋଗେ ତାଙ୍କୁ ଫୁକୁଓକାସ୍ଥିତ ବିଶ୍ୱବିଦ୍ୟାଳୟକୁ କ୍ଲାସ୍ ଆଟେଣ୍ଡ୍ କରିବା ପାଇଁ ଯିବାକୁ ପଡ଼ିଥାଏ। ତେଣୁ ପ୍ରତିଦିନ ସେ ଭୋର୍ ୫ଟାରେ ଉଠିଥାନ୍ତି ବୋଲି ୟୁଜୁକି କହିଛନ୍ତି। ସକାଳ ୬.୩୦ ସୁଦ୍ଧା ସେ ବିଶ୍ୱବିଦ୍ୟାଳୟ ପାଇଁ ପ୍ରସ୍ତୁତ ହୋଇ ଟୋକିଓସ୍ଥିତ ହନେଡା ଏୟାରପୋର୍ଟରେ ପହଞ୍ଚି ଯାଆନ୍ତି। ସେଠାରୁ ଯାଉଥିବା ପ୍ରଥମ ଫ୍ଲାଇଟ୍‌ରେ ୟୁଜୁକି ଫୁକୁଓକା ଅଭିମୁଖେ ବାହାରିଯାଆନ୍ତି। ସେ ପୂର୍ବାହ୍ନ ୯.୩୦ ସୁଦ୍ଧା କିତାକ୍ୟୁଶୁ ଏୟାରପୋର୍ଟରେ ପହଞ୍ଚି ସେଠାରୁ ଟାକ୍ସି କିମ୍ବା ବସ୍ ଧରି ପୂର୍ବାହ୍ନ ୧୦ଟା ସୁଦ୍ଧା ୟୁନିଭର୍ସିଟି କ୍ୟାମ୍ପସ୍‌ରେ ପହଞ୍ଚିଥାନ୍ତି। ଏହିପରି ତାଙ୍କୁ ପ୍ରତିଦିନ ଘରୁ ବିଶ୍ୱବିଦ୍ୟାଳୟକୁ ଏବଂ ବିଶ୍ୱବିଦ୍ୟାଳୟରୁ ଘରକୁ ଯିବା ଆସିବା କରିବା ପାଇଁ ସମୁଦାୟ ୪ ଘଣ୍ଟାର ବିମାନ ଯାତ୍ରା କରିବାକୁ ପଡ଼ିଥାଏ। ଏହି ବିମାନ ଯାତ୍ରା ପାଇଁ ସେ ଦୈନିକ ୩୦ ହଜାର ୟେନ୍ (ପ୍ରାୟ ୨୦ ହଜାର ଟଙ୍କା) ଖର୍ଚ୍ଚ କରନ୍ତି ବୋଲି ୟୁଜୁକି କହିଛନ୍ତି। ସମୟର ସଦୁପଯୋଗ କରିବା ପାଇଁ ୟୁଜୁକି ନିଜ ବିମାନ ଯାତ୍ରା ସମୟରେ ପଢ଼ାପଢ଼ି କରିବା ସହ ନିଜ ହୋମ୍‌ୱର୍କକୁ ଶେଷ କରି ଦେଇଥାନ୍ତି। କ୍ଲାସ୍ ସରିବା ପରେ ସେ ପୁଣି ବିମାନରେ ବସି ଟୋକିଓ ଫେରି ଆସନ୍ତି। ସନ୍ଧ୍ୟା ସୁଦ୍ଧା ୟୁଜିକି ଟୋକିଓରେ ପହଞ୍ଚିବା ସହ ନିଜ ନୃତ୍ୟ ଏବଂ ଗୀତ ତାଲିମ ପାଇଁ ଷ୍ଟୁଡିଓକୁ ଯାଇଥାନ୍ତି। ଗତ ୪ ବର୍ଷ ଧରି ସେ ଏହିପରି ଭାବେ ନିଜ କଠିନ ଦିନଚର୍ଯ୍ୟା ଜାରି ରଖିଛନ୍ତି ବୋଲି ୟୁଜୁକି କହିଛନ୍ତି। କେବଳ ୱିକ୍‌ଏଣ୍ଡ ଏବଂ ବିଶ୍ୱବିଦ୍ୟାଳୟର ଛୁଟିଦିନଗୁଡ଼ିକରେ ତାଙ୍କୁ ପର୍ଯ୍ୟାପ୍ତ ସମୟ ମିଳିଥାଏ ଏବଂ ସେ ବିଭିନ୍ନ ସ୍ଥାନରେ ଷ୍ଟେଜ୍ ଶୋ’ କରି ଅର୍ଥ ଉପାର୍ଜନ କରନ୍ତି। ଉଭୟ ଶିକ୍ଷା ଏବଂ କ୍ୟାରିୟର ପ୍ରତି ୟୁଜୁକିଙ୍କର ଏହି ପ୍ରତିବଦ୍ଧତାକୁ ସବୁଆଡୁ ପ୍ରଶଂସା କରାଯାଇଛି।

# ଅମୃତସରରେ ‘ଧୁରନ୍ଧର’ର ଶୁଟିଂ

ଅମୃତସର



ରଣବୀର ସିଂ

ଅଭିନେତା ରଣବୀର ସିଂ ସମ୍ପ୍ରତି ନିଜର ଆଗାମୀ ଫିଲ୍ମ ‘ଧୁରନ୍ଧର’ର ଶୁଟିଂରେ ବ୍ୟସ୍ତ ଅଛନ୍ତି। ଆଦିତ୍ୟ ଧର ଏହି ଫିଲ୍ମର ନିର୍ଦ୍ଦେଶନା ଦେଉଛନ୍ତି। ବିଭିନ୍ନ ଜାତୀୟ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, ଏହି ଫିଲ୍ମର ପ୍ରଥମ ପର୍ଯ୍ୟାୟ ଶୁଟିଂ ମୁମ୍ବାଇରେ ଶେଷ ହୋଇସାରିଛି। ଫିଲ୍ମର ଦ୍ୱିତୀୟ ତଥା ଅନ୍ତିମ ପର୍ଯ୍ୟାୟ ଶୁଟିଂ ଅମୃତସରରେ ହେବ। ତେଣୁ ଫିଲ୍ମର ପୂରା ଟିମ୍ ଏବେ ଅମୃତସରରେ ପହଞ୍ଚିବା ସହ ପ୍ରସିଦ୍ଧ ସ୍ୱର୍ଣ୍ଣ ମନ୍ଦିରର ଦର୍ଶନ କରିଛନ୍ତି। ରିପୋର୍ଟ ଅନୁଯାୟୀ, ଗତ ପ୍ରାୟ ବର୍ଷେ ଧରି ମୁମ୍ବାଇର ମଧ ଦ୍ୱୀପରେ ଏହି ଫିଲ୍ମର ପ୍ରଥମ ପର୍ଯ୍ୟାୟ ଶୁଟିଂ ଜାରି ରହିଥିଲା, ଯାହା ଏବେ ଶେଷ ହୋଇଛି। ମଧ୍ ଦ୍ୱିପରେ ଫିଲ୍ମର ଅନେକ ଗୁରୁତ୍ୱପୂର୍ଣ୍ଣ ଦୃଶ୍ୟକୁ ଶୁଟ୍ କରାଯାଇଛି, ଯେଉଁଥିରେ ବହୁ ଆକ୍ସନ ଦୃଶ୍ୟ ମଧ୍ୟ ରହିଛି। ‘ଧୁରନ୍ଧର’ ଫିଲ୍ମରେ ରଣବୀରଙ୍କ ବ୍ୟତୀତ ଅଭିନେତା ଆର୍ ମାଧବନ୍, ସଞ୍ଜୟ ଦତ୍ତ, ଅର୍ଜୁନ ରାମପାଲ, ଅଭିନେତ୍ରୀ ୟାମି ଗୌତମଙ୍କୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ। ଏହି ଫିଲ୍ମ ଚଳିତ ବର୍ଷର ଶେଷ ଆଡ଼କୁ ରିଲିଜ୍ ହେବ। ଏକ ସତ୍ୟ ଘଟଣାକୁ ନେଇ ‘ଧୁରନ୍ଧର’ର କାହାଣୀ ଆଧାରିତ ଥିବା ନେଇ ଫିଲ୍ମ ନିର୍ମାତାଙ୍କ ସୂତ୍ରରୁ ଜଣାପଡିଛି। ଫିଲ୍ମରେ ରଣବୀରଙ୍କୁ ଜଣେ ପ୍ରଭାଶାଳୀ ର’ ଏଜେଣ୍ଟଙ୍କ ଭୂମିକାରେ ଦେଖିବାକୁ ମିଳିବ।

# ପଥର ଖାଦାନକୁ ଠେଲିଦେଇଥିଲେ ଜେଜେମା'

**ଦ୍ୱିତୀୟ ବିବାହ ପାଇଁ ପୁଅଙ୍କୁ ହତ୍ୟା ଘଟଣା**

- ମୁଖ୍ୟ ଅଭିଯୁକ୍ତ ଜେଜେ ମା'ଙ୍କ ସମେତ ୫ ଗିରଫ


ଗୁଣ୍ଠି ରାଉତ


ବର୍ଷାରାଣୀ ରାଉତ


ବିରଞ୍ଚି ରାଉତ


ବାହୁଡ଼ା ରାଉତ


ମଦନ ରାଉତ

**ଧର୍ମଶାଳା/ଜେନାପୁର,୨୬।୪ (ବଟକୃଷ୍ଣ ପରିଡ଼ା/ଅଶୋକ ଦାସ):** ଯାଜପୁର ଜିଲା ଜେନାପୁର ଥାନା ସାହାଣୀଡ଼ିହ ପଞ୍ଚାୟତ ଚାରଗୋଠ ଗ୍ରାମର ୬ ବର୍ଷର ନାବାଳକ ଶିବୁ ରାଉତଙ୍କୁ ପଥର ଖାଦାନକୁ ଠେଲି ହତ୍ୟା କରିଥିଲେ ତାଙ୍କ ଜେଜେମା' ଗୁଣ୍ଠି ରାଉତ। ପୋଲିସ ଏହି ଘଟଣାରେ ଗୁଣ୍ଠି ରାଉତଙ୍କ ସମେତ ପରିବାରର ୫ଜଣଙ୍କୁ ଗିରଫ କରି ଶନିବାର ଚଣ୍ଡିଖୋଲ କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଯାଜପୁର ଜେଲ ହାଜତକୁ ପଠାଇ ଦିଆଯାଇଛି। ଗିରଫ ଅନ୍ୟ ଅଭିଯୁକ୍ତମାନେ ହେଲେ ଶିବୁଙ୍କ ଜେଜେବାପା ମଦନ ରାଉତ, ବାପା ବାହୁଡ଼ା ରାଉତ ଓରଫ୍ ଦୀପକ, ବଡ଼ବାପା ବିରଞ୍ଚି ରାଉତ ଓ ବଡ଼ ବୋଉ ବର୍ଷା ରାଣୀ ରାଉତ। ଶିବୁଙ୍କୁ ତାଙ୍କ ବାପା ହତ୍ୟା କରିଥିବା ସନ୍ଦେହ କରାଯାଉଥିଲା। ମାତ୍ର ପ୍ରକୃତ ହତ୍ୟାକାରୀ ଜେଜେମା' ଗୁଣ୍ଠି ରାଉତ ବୋଲି ସେ ନିଜେ ଏକଥା ପୋଲିସ ନିକଟରେ ସ୍ୱୀକାର କରିଛନ୍ତି। ଦୀପକ ତାଙ୍କ ସ୍ତ୍ରୀଙ୍କୁ ନାବାଳିକା ଅବସ୍ଥାରେ ଗର୍ଭବତୀ କରି ବିବାହ କରିଥିଲେ। ଦୀପକଙ୍କୁ ଦ୍ୱିତୀୟ ବିବାହ କରାଇବା ପାଇଁ ପରିବାର ଲୋକେ ଏଭଳି ଘଟଣା ଘଟାଇଥିବା ପୋଲିସ ନିକଟରେ କହିଛନ୍ତି।

ଶିବୁ ୨୩ ତାରିଖ ସନ୍ଧ୍ୟାରେ ଟ୍ୟୁଶନରୁ ଫେରି ମାମୁଘର ଗାଁ ଦାଣ୍ଡରେ ଖେଳୁଥିଲେ। ଏହି ସମୟରେ ଜେଜେ ମା' ସେଠାରୁ ତାଙ୍କୁ ନେଇ ଯାଇ ଗ୍ରାମ ନିକଟ ପାହାଡ଼ ସଂଲଗ୍ନ ଏକ ପରିତ୍ୟକ୍ତ ସ୍ଥାନରେ ଥିବା ପଥର ଖାଦାନକୁ ଠେଲି ଦେଇଥିଲେ। ପରେ ସେ ଘରକୁ ଆସି ପରିବାର ଲୋକଙ୍କୁ ଏକଥା ଜଣାଇଥିଲେ। ପରିବାର ଲୋକେ ଘଟଣାକୁ ଲୁଚାଇବାକୁ ଚେଷ୍ଟା କରିଥିଲେ। ମାତ୍ର ଶିବୁ ନିଖୋଜ ନେଇ ତାଙ୍କ ମାମୁ ଘର ଲୋକେ ଥାନାରେ ଅଭିଯୋଗ କରିଥିଲେ। ପରଦିନ ଅର୍ଥାତ୍ ଗୁରୁବାର ସକାଳୁ ଗ୍ରାମବାସୀ ପଥର ଖାଦାନ ପାଣିରେ ଶିବୁଙ୍କ ମୃତଦେହ ଭାସୁଥିବା ଦେଖିବାକୁ ପାଇଥିଲେ। ପୋଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଶିବୁଙ୍କ ମୃତଦେହ ମିଳିବା ପରେ ଗ୍ରାମବାସୀ ଉତ୍ତ୍ୟକ୍ତ ହୋଇ ଗୁଣ୍ଠିଙ୍କ ଘରକୁ ଘେରାଉ କରିଥିଲେ। ପୋଲିସ ଆସି ବୁଝାଶୁଝା କରିବା ସହ ଅଭିଯୁକ୍ତମାନଙ୍କୁ ଗିରଫ କରିବା ପରେ ଗ୍ରାମବାସୀ ଶାନ୍ତ ପଡ଼ିଥିଲେ। ଏନେଇ ଥାନାରେ ନଂ.୧୪୭/୨୫ରେ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ ନିରୁପମା ଜେନା ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଦୀପକ ସେହି ଗ୍ରାମର ମମତା ରାଉତଙ୍କୁ ବିବାହ କରିଥିଲେ। ଦମ୍ପତିଙ୍କ ମଧ୍ୟରେ ମନୋମାଳିନ୍ୟ ହେବାରୁ ମମତା ପୁଅକୁ ଧରି ଆସି ବାପଘରେ ରହୁଥିଲେ। ତେବେ ଦ୍ୱିତୀୟ ବିବାହ ପାଇଁ ଶିବୁ କଣ୍ଟା ସାଜିବା ଆଶଙ୍କା କରି ତାଙ୍କୁ ହତ୍ୟା କରାଯାଇଥିବା ଥାନାରେ ଅଭିଯୋଗ ହୋଇଥିଲା। ଶିବୁଙ୍କ ଅଜା କଳାକାର ରାଉତ ଏହି ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲା।

# ମେଡିକାଲ ଛାତରୁ ଖସିଲା ସିଲିଂ





**ଯାଜପୁର ଟାଉନ,୨୬।୪ (ପ୍ରଜ୍ଞା ପ୍ରିୟଦର୍ଶିନୀ ମହାନ୍ତି):** ଯାଜପୁର ମହାରାଜା ଯଯାତି କେଶରୀ ମେଡିକାଲରେ ଶନିବାର ପୂର୍ବାହ୍ନରେ ରୋଗୀ ସେବା ବେଳେ ଛାତରୁ ସିଲିଂ ଖସିପଡ଼ିଛି। ମେଡିକାଲର ଇସିଜି ରୁମ୍ ଓ ଏମରଜେନ୍ସି ରୁମରେ ସିଲିଂ ଖସିବା ଯୋଗୁ ରୋଗୀ ସେବା ବାଧାପ୍ରାପ୍ତ ହୋଇଛି। ରୋଗୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଅଣ୍ଡରଓ୍ୱାରିଂ ପାଣି ଲିକ୍ ଯୋଗୁ ଛାତରୁ ସିଲିଂ ଖସିବା ସହ ମେଡିକାଲ ଭିତରେ ପାଣି ଭର୍ତ୍ତି ହୋଇଯାଇଥିଲା। ନିମ୍ନମାନର କାମ ଯୋଗୁ ଏପରି ହୋଇଥିବା ଅଭିଯୋଗ ହୋଇଛି। ସପ୍ତାହ ପୂର୍ବରୁ ମଧ୍ୟ ଏଭଳି ଘଟଣା ଘଟିଥିଲା।

# ମୋବାଇଲ ଲାଇଟ୍‌ରେ ପ୍ରସୂତିଙ୍କ ଅସ୍ତ୍ରୋପଚାର

**ଯାଜପୁରରୋଡ୍,୨୬।୪ (ପବିତ୍ର ରଞ୍ଜନ ମହାନ୍ତି):** ଯାଜପୁରରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୋବାଇଲ ଫୋନ୍ ଲାଇଟ୍‌ରେ ଜଣେ ପ୍ରସୂତିଙ୍କ ଅସ୍ତ୍ରୋପଚାର କରାଯାଇଛି। ଅସ୍ତ୍ରୋପଚାର ସମୟରେ ଲାଇନ କଟିଯିବାରୁ ଡାକ୍ତରମାନେ ମୋବାଇଲ ଫୋନ ଲାଇଟ ଲଗାଇ ଏହି କାର୍ଯ୍ୟ ଶେଷ କରିଛନ୍ତି। ଗତ ବୁଧବାର ଜଣେ ଆଦିବାସୀ ମହିଳାଙ୍କ ଅସ୍ତ୍ରୋପଚରାବେଳେ ଏହି ଘଟଣା ଘଟିଛି। ଏହାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାପରେ ଏଠାରେ ସୁରକ୍ଷିତ ଅସ୍ତ୍ରୋପଚରାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୂଚନାଯୋଗ୍ୟ, ସ୍ୱାସ୍ଥ୍ୟକେନ୍ଦ୍ର ଡିଜି ଅଚଳଥିବାରୁ ଅସ୍ତ୍ରୋପଚରା କାର୍ଯ୍ୟରେ ବାଧା ଉପୁଜିଥିଲା। ଡାକ୍ତରମାନେ ବାଧହୋଇ ମୋବାଇଲ ଫୋନ୍ ଲାଇଟର ସାହାରା ନେଇଥିଲେ। ପ୍ରସୂତିଙ୍କ ଏକ ସନ୍ତାନ ଜନ୍ମ ହେବାପରେ ଅସ୍ତ୍ରୋପଚରା କରାଯାଉଥିଲା ବୋଲି ଜଣାପଡ଼ିଛି। ଏ ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧିମାନେ ସମ୍ପୃକ୍ତ ମହିଳାଙ୍କ ସ୍ୱାମୀଙ୍କୁ ପଚାରିବାରେ ସେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଥିସହିତ ଡାକ୍ତର ତାଙ୍କ ସ୍ତ୍ରୀ ଓ ସନ୍ତାନଙ୍କ ଜୀବନ ବଞ୍ଚାଇଥିବା ସେ କହିଛନ୍ତି। ଏନେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଦେବାଶିଷ ସାହୁଙ୍କୁ ପଚାରିବାରେ ସ୍ୱାସ୍ଥ୍ୟକେନ୍ଦ୍ରର ଡିଜି ଖରାପ ଥିବାବେଳେ ଇନଭର୍ଟର ବ୍ୟାକପ ଦେଉନାହିଁ। ଏସଂକ୍ରାନ୍ତରେ ସେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଅବଗତ କରାଇଥିବା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଏହି ସମସ୍ୟାର ସମାଧାନ ପାଇଁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଯାଜପୁର ଜିଲାପାଳ ଓ ବିଧାୟକଙ୍କୁ ସହରର ବିଭିନ୍ନ ସଂଘଠନ ପକ୍ଷରୁ ଦାବି କରାଯାଇଛି।


ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୋବାଇଲ ଲାଇଟ୍‌ରେ ଅସ୍ତ୍ରୋପଚାର କରାଯାଉଛି।

# ଥାନା ଦ୍ୱାରସ୍ଥ ହେଲେ ଖଣି କର୍ମଚାରୀ



ଥାନାକୁ ଦାବିପତ୍ର ଦେବାକୁ ଆସିଥିବା କର୍ମଚାରୀମାନେ।

**କାଳିଆପାଣି,୨୬।୪(ଅସିତ ମହାନ୍ତ):** ଇମ୍ପା ଖଣିର ଲୋଡିଂ ଶ୍ରମିକଙ୍କ ଧାରଣା ୧୦ ଦିନରେ ପହଞ୍ଚିଥିବାବେଳେ କମ୍ପାନୀର ନୋ ୱାର୍କ ନୋ ପେ ବିରୋଧରେ ଠିକା ସଂସ୍ଥାର ଶ୍ରମିକମାନେ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଶନିବାର ନାରାୟଣୀ ଆଣ୍ଡ ସନ୍ସ, ମାହେଶ୍ୱରୀ ପ୍ରାଇଭେଟ ଲିମିଟେଡ ପରି କ୍ରୋମାଇଟ ଉତ୍ପାଦନ ଠିକାସଂସ୍ଥା କର୍ମଚାରୀ ମିଳିତ ହୋଇ ଶଶିଭୂଷଣ ମହାନ୍ତଙ୍କ ନେତୃତ୍ୱରେ କାଳିଆପାଣି ଥାନାକୁ ଯାଇ ତୁରନ୍ତ ସମସ୍ୟାର ସମାଧାନ କରିବାକୁ ଦାବିପତ୍ର ଦେଇଛନ୍ତି। ଲୋଡିଂ ଶ୍ରମିକମାନେ ପୁନଃ ନିଯୁକ୍ତି ଓ ଇପିଏଫ ଦାଖଲ ପାଇଁ ୧୦ ଦିନ ହେବ ଖଣି ଗେଟ ସମ୍ମୁଖରେ ଧାରଣାରେ ବସିଛନ୍ତି। ହେଲେ କମ୍ପାନୀ ସମାଧାନ ସୂତ୍ର ବାହାର କରିବା ବଦଳରେ ଆର୍ଥିକ ଦଣ୍ଡ ଦେଉଛି ବୋଲି କର୍ମଚାରୀମାନେ କହିଛନ୍ତି। ସଂପୃକ୍ତ ଠିକାସଂସ୍ଥା କର୍ମଚାରୀମାନେ ପ୍ରତିଦିନ ନିଜ ସିଫ୍ଟରେ ପହଞ୍ଚି ଖଣି ଭିତରକୁ ପଶିବାକୁ ଠିକାଦାରଙ୍କୁ କହୁଛନ୍ତି। ହେଲେ ଲୋଡିଂ ଶ୍ରମିକମାନେ ଧାରଣା ଦେଇଥିବାରୁ କର୍ମଚାରୀମାନେ ଖଣି ଭିତରକୁ ଯାଇ ପାରୁନାହାନ୍ତି। ଫଳରେ ଏହାକୁ ନେଇ ସେମାନଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ କମ୍ପାନୀ ଜିଏମ୍ ସନ୍ଦୀପ ବାପୁ ନାରଡେଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ କିଛି ଉତ୍ତର ମିଳି ପାରିନାହିଁ।

# କଂଗ୍ରେସ କର୍ମୀ ମହେଶ୍ୱର ରାଉତଙ୍କ ପରଲୋକ

**ଧର୍ମଶାଳା,୨୬।୪(ବଟକୃଷ୍ଣ ପରିଡ଼ା):** ଧର୍ମଶାଳା ବ୍ଲକ ଗଙ୍ଗାଧରପୁର ପଞ୍ଚାୟତ ଇମାମନଗର ଗ୍ରାମ ମୁରବୀ ତଥା ବର୍ଷୀୟାନ କଂଗ୍ରେସ କର୍ମୀ ମହେଶ୍ୱର ରାଉତଙ୍କ ଗୁରୁବାର ସକାଳେ ପରଲୋକ ହୋଇଯାଇଛି। ତାଙ୍କୁ ୮୯ ବର୍ଷ ବୟସ ହୋଇଥିଲା। ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିଲେ। ଅର୍ଦ୍ଧଶତାବ୍ଦୀ ଧରି ଥାନୁଆଳ ପଞ୍ଚାୟତର ନାଏବ ସରପଞ୍ଚ ଓ ୱାର୍ଡ ସଭ୍ୟ ରହି ଅନେକ ଜନହିତକାରୀ କାର୍ଯ୍ୟ କରିଥିଲେ। ଭାରତୀୟ ଜାତୀୟ କଂଗ୍ରେସର ଜଣେ ଦୃଢ଼ ସମର୍ଥକ ଥିଲେ। ଗାନ୍ଧିଜୀଙ୍କ ନୀତି ଆଦର୍ଶରେ ଅନୁପ୍ରାଣୀତ ହୋଇ ନିଜର ଜୀବନ ଅତିବାହିତ କରୁଥିଲେ। ତାଙ୍କ ମୃତ୍ୟୁ ଖବର ପାଇ କଂଗ୍ରେସ ନେତା କିଶାନ ପଣ୍ଡା, ସ୍ଥାନୀୟ ସରପଞ୍ଚ ତ୍ରିଲୋଚନ ଜେନା, ଯୁବ ସଂଗଠକ ଦେବବ୍ରତ ରାଉତ, ବରିଷ୍ଠ ନାଗରିକ ନକୁଳ ଚନ୍ଦ୍ର ନାୟକ, କୃଷକ ନେତା ବସନ୍ତ ପରିଡ଼ା, ସମାଜିକ କର୍ମୀ ଗୋଲେଖ ପଲେଇ, ଦୁର୍ଗା ପ୍ରସନ୍ନ ଦାଶ, ନୃସିଂହ ମିଶ୍ର, ଦିଲୀପ ଜେନା, ପ୍ରଫୁଲ୍ଲ ରାୟ, ଅଶୋକ ଜେନା, ଭାଜପା ସଂଗଠକ ରବୀନ୍ଦ୍ର ବରାଳ, ସୁଇନ ବରାଳ, ଦେବ ପ୍ରସାଦ ରାୟ, ନିରଞ୍ଜନ ମିଶ୍ର ଓ ଶରତ ସ୍ୱାଇଁ ପ୍ରମୁଖ ତାଙ୍କ ଶେଷ ଦର୍ଶନ କରିଥିଲେ। ମରଶରୀରକୁ ଶୋଭଯାତ୍ରାରେ ନିଆଯାଇ ଗାଁ ଶ୍ମଶାନରେ ସତ୍କାର କରାଯାଇଥିଲା। ତାଙ୍କର ଏକମାତ୍ର ପୁତ୍ର ପ୍ରମୋଦ ରାଉତ ମୁଖାଗ୍ନି ଦେଇଥିଲେ।

# ନାବାଳିକାଙ୍କୁ ଅସଦାଚରଣ ମାମଲାରେ ଯୁବକ ଗିରଫ

**କାଏମା,୨୬।୪(ଶିବ ପ୍ରସାଦ ମହାନ୍ତି):** ଧର୍ମଶାଳା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅସଦାଚରଣ ମାମଲାରେ ପୋଲିସ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେ ହେଲେ ଉକ୍ତ ଥାନା ଅଧୀନ ନୀଳକଣ୍ଠପୁର ଗ୍ରମର ମୁନା ବେହେରା(୨୦)। ନାବାଳିକା ଗତ ବର୍ଷ ମେ' ମାସ ରାତିରେ ବାହାରକୁ ପରିସ୍ରା ଯାଇଥିବାବେଳେ ମୁନା ତାଙ୍କୁ ଅସଦାଚରଣ କରିଥିଲେ। ଏ ସମ୍ପର୍କରେ ନାବାଳିକା ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୪୧୦/୨୪ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ତେବେ ସେ ଗ୍ରାମକୁ ଆସିଥିବା ଖବର ପାଇ ଶୁକ୍ରବାର ରାତିରେ ପୋଲିସ ଚଢ଼ାଉ କରିଥିଲା।

**ସେଲ୍ଫି କର୍ଣ୍ଣର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ଗୌତମ


@ ଜିପୁନ୍


@ ସୁନୀଲ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପହଲଗାମ୍ ମୃତକଙ୍କୁ ଶ୍ରଦ୍ଧାଞ୍ଜଳି

**କାଏମା,୨୬।୪(ଶିବ ପ୍ରସାଦ ମହାନ୍ତି):** ଧର୍ମଶାଳା ବ୍ଲକ ବଡ଼କାଏମା ପଞ୍ଚାୟତର ହିନ୍ଦୁମାନଙ୍କୁ ନେଇ ଏକ ବୈଠକ ପଞ୍ଚାୟତ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ତପନ ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜମ୍ମୁ-କଶ୍ମୀରର ପହଲଗାମ୍‌ଠାରେ ଆତଙ୍କବାଦୀଙ୍କ ଗୁଳିରେ ପ୍ରାଣ ହରାଇଥିବା ପର୍ଯ୍ୟଟକଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ବୈଠକରେ ବିଭିନ୍ନ ପଞ୍ଚାୟତର ଲୋକେ ସାମିଲ ହୋଇ ଘଟଣାକୁ ନିନ୍ଦା କରିବା ସହ ସରକାର ଏହା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଆତଙ୍କବାଦୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ଏକ ଦାବିପତ୍ର ପ୍ରଦାନ କରାଯିବାକୁ ଆଲୋଚନା ହୋଇଛି। ରବିବାର ପାଖ ଆଖ ପଞ୍ଚାୟତର ୨ ହଜାରରୁ ଊର୍ଦ୍ଧ୍ୱ ହିନ୍ଦୁଙ୍କୁ ନେଇ ମୃତକଙ୍କ ଉଦ୍ଦେଶ୍ୟରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯିବା ପାଇଁ ସ୍ଥିର କରାଯାଇଛି। ଶୋଭାଯାତ୍ରା କାଏମା କଲ୍ୟାଣ ମଣ୍ଡପଠାରୁ ବାହାରି ଉତ୍ତର ପ୍ରତାପ ପଞ୍ଚାୟତର ନରସିଂହପୁର ପଡ଼ିଆଠାରେ ପହଞ୍ଚିବ ବୋଲି କୁହାଯାଇଛି। ବୈଠକରେ ଧ୍ରୁବ ଚରଣ ପୃଷ୍ଟି, ସୁଧାକର ସାହୁ, ଅଭିଷେକ ରାଉତ, ମାନସ ରଞ୍ଜନ ମଲ୍ଲିକ, ସତ୍ୟାନନ୍ଦ ସାହୁ, ପୂର୍ଣ୍ଣଚନ୍ଦ୍ର ମଳିକ, ଦେବଦତ୍ତ ପଣ୍ଡା, ଦେବଦତ୍ତ ବିଶ୍ୱାଳ ଓ କୁଳମଣି ସାହୁ ପ୍ରମୁଖ ସାମିଲ ହୋଇଥିଲେ।

# ଅଘୋଷିତ ବିଦ୍ୟୁତ୍ କାଟ୍: ଜନଜୀବନ ଅସ୍ତବ୍ୟସ୍ତ

**ସିଂହପୁର,୨୬।୪(ଅନଙ୍ଗ ଉଦୟ ବେଉରିଆ):** ବିଞ୍ଝାରପୁର ବ୍ଲକର ବିଭିନ୍ନ ସ୍ଥାନରେ ଏବେ ଅଘୋଷିତ ବିଦ୍ୟୁତ୍ କାଟ ନିତିଦିନିଆ ଘଟଣା ହୋଇଛି। ଲୋକେ ଗରମରେ ହନ୍ତସନ୍ତ ହେଉଥିବାବେଳେ ବାରମ୍ବାର ଅଘୋଷିତ ବିଦ୍ୟୁତ୍ କାଟ ଯନ୍ତ୍ରଣାକୁ ବଢ଼ାଇଦେଉଛି। ଖରାବେଳେ, ସନ୍ଧ୍ୟାରେ ଓ ରାତିରେ ମଧ୍ୟ ବିଦ୍ୟୁତ୍ କାଟରୁ ନିସ୍ତାର ମିଳୁନାହିଁ। ଗ୍ରୀଷ୍ମରେ ବିଦ୍ୟୁତ୍ କାଟ କରାଯିବନି ବୋଲି ସରକାର ଘୋଷଣା କରିଥିଲେ ମଧ୍ୟ ଏଥିପ୍ରତି ବିଭାଗ ଗୁରୁତ୍ୱ ଦେଉନ ଥିବା ଉପଭୋକ୍ତା ଅଭିଯୋଗ କରିଛନ୍ତି। ତେଣୁ ଏ ଦିଗରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ଜିଲାପାଳ ଦୃଷ୍ଟି ଦେବାକୁ ଉପଭୋକ୍ତାମାନେ ଦାବି କରିଛନ୍ତି।

## ଫଟୋରେ ଖବର



ପହଲଗାମ୍‌ଠାରେ ଆତଙ୍କବାଦୀ ନରସଂହାରକୁ ସଂଖ୍ୟାଲଘୁ ସମ୍ପ୍ରଦାୟ ଯୁବ ସଙ୍ଗଠନ ପକ୍ଷରୁ ନିନ୍ଦା କରାଯିବା ସହ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଯାଜପୁର ଜିଲାପାଳ ପି.ଅନ୍ୱେଷା ରେଡ୍ଡୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଯାଜପୁର ଗାନ୍ଧିଛକଠାରୁ ସଂଗଠନ କର୍ମକର୍ତ୍ତା ଶୋଭାଯାତ୍ରାରେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିବା ସହ ଆତଙ୍କବାଦୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବିପତ୍ର ଦେଇଛନ୍ତି। ଏଥିରେ ଏସ୍‌କେ ସାହାଜୁଦିନ, ସେକ୍ ମୁର୍ତ୍ତୁଜା, ସେକ୍ ସଲିମ, ଅକ୍ତାର ଖାଁ ପ୍ରମୁଖ ସାମିଲ ହୋଇଥିଲେ। (ଫଟୋ: ପ୍ରଜ୍ଞା ପ୍ରିୟଦର୍ଶିନୀ ମହାନ୍ତି।)


ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁ ବିଞ୍ଝାରପୁର ବ୍ଲକର ସିଂହପୁର ବଜାର ରାସ୍ତା ଶନିବାର ଜନଶୂନ୍ୟ ହୋଇପଡ଼ିଛି। (ଫଟୋ: ଅନଙ୍ଗ ଉଦୟ ବେଉରିଆ।)

# ଦୁଗ୍ଧ, ମାଂସ, ଅଣ୍ଡା ଉତ୍ପାଦନରେ ଜଗତ୍‌ସିଂହପୁର ଅଗ୍ରଣୀ ଜିଲା

## ଜିଲାସ୍ତରୀୟ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ



ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସରେ ଯୋଗଦେଇଥିବା ଅତିଥି।

ଜଗତ୍‌ସିଂହପୁର, ୨୬।୪
(ପ୍ରମୋଦ କୁମାର ନାୟକ)

ଆମ୍ଭମାନଙ୍କ ଜୀବନ ଓ ଜୀବିକା ସହ ପ୍ରାଣୀ ସମ୍ପଦ ଓତଃପ୍ରୋତଃ ଭାବେ ଜଡିତ। ଏହି ସମ୍ପଦର ବିକାଶ କ୍ଷେତ୍ରରେ ପ୍ରାଣୀପାଳକଙ୍କ ସମେତ ପ୍ରାଣୀ ଚିକିତ୍ସକମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏଥିଯୋଗୁ ଦୁଗ୍ଧ, ମାଂସ ଓ ଅଣ୍ଡା ଉତ୍ପାଦନ କ୍ଷେତ୍ରରେ ଜଗତ୍‌ସିଂପୁର ଅଗ୍ରଣୀ ଜିଲାରେ ପରିଣତ ହୋଇପାରିଛି। ଶନିବାର ଜିଲାସ୍ତରୀୟ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ପାଳନ ଅବସରରେ ଆୟୋଜିତ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ଅତିରିକ୍ତ ଜିଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ (ଏଡିଏମ୍‌ଓ) ଡ. ସରୋଜ କୁମାର ଜେନା ଏହା କହିଛନ୍ତି। ସ୍ଥାନୀୟ ସଂସ୍କୃତି ଭବନ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ସେ ଏକଥା ମଧ୍ୟ କହିଥିଲେ, ଜଗତ୍‌ସିଂହପୁର ଏକ ପ୍ରାକୃତିକ ବିପର୍ଯ୍ୟୟ ଜିଲା। ଏହି ଜିଲା ବିଭିନ୍ନ ସମୟରେ ବନ୍ୟା ଓ ବାତ୍ୟା ଆଦି ବିପର୍ଯ୍ୟୟର ସମ୍ମୁଖୀନ ହେଉଛି। ଏହା ସତ୍ତ୍ୱେ ଜିଲାର ସୁନାମ ବୃଦ୍ଧି ପାଇଛି। ବିପର୍ଯ୍ୟୟ ସମୟରେ ପ୍ରାଣୀ ଚିକିତ୍ସକମାନେ ଜରୁରିକାଳୀନ ସେବା ଯଥା ପ୍ରାଣୀ ଚିକିତ୍ସା ସେବା, ଗୋଖାଦ୍ୟ ଯୋଗାଣ ଓ ଟିକାକରଣ ଆଦି କାର୍ଯ୍ୟକ୍ରମକୁ ଯଥା ସମ୍ଭବ ଠିକ କରିବାକୁ ଚେଷ୍ଟା କରିଥାନ୍ତି ବୋଲି ଏଡିଏମ୍‌ଓ ଡ. ଜେନା କହିଥିଲେ। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ (ସିଡିଭିଓ) ଡ.ଶଶାଙ୍କ ଶେଖର ନାୟକ ସ୍ୱାଗତ ଭାଷଣ ଦେବା ସହ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଦିବସର ମୁଖ୍ୟ ବାର୍ତ୍ତା ହେଉଛି ପ୍ରାଣୀ ସ୍ୱାସ୍ଥ୍ୟ ପାଇଁ ମିଳିତ ପ୍ରଚେଷ୍ଟା। ଅର୍ଥାତ୍ ପ୍ରାଣୀ ଚିକିତ୍ସା ସେବା, ଦୁଗ୍ଧ, ମାଂସ ଓ ଅଣ୍ଡା ଆଦିର ଉତ୍ପାଦନ ବୃଦ୍ଧି। ଜୀବିକା ନିର୍ବାହ କ୍ଷେତ୍ରରେ ପ୍ରାଣୀ ଚିକିତ୍ସକମାନଙ୍କ ଅବଦାନକୁ ଡ. ନାୟକ ପ୍ରଶଂସା କରିଥିଲେ। ଏହି ଅବସରରେ ଜିଲା ସସ୍କୃତି ଅଧିକାରୀ ଦିଲ୍ଲୀପ ଜେନା ଯୋଗଦେଇ ଗ୍ରାମାଞ୍ଚଳର ସାମାଜିକ ଓ ଆର୍ଥିକ ବିକାଶ ଧାରରେ ପ୍ରାଣୀ ସମ୍ପଦର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଜିଲା ପ୍ରାଣୀ ଚିକିତ୍ସାଳୟ ଉପନିର୍ଦ୍ଦେଶକ ଡ. ସରୋଜ କୁମାର ମଲ୍ଲିକ ଓ ପ୍ରାଣୀ ସହାୟତା ସେବାର ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ବିଦ୍ୟାଧର ଶତପଥୀ ଭେଟେରୀନାରୀ ଡାକ୍ତରମାନଙ୍କର ଭୂମିକା ଉପରେ ଆଲୋକପାତ କରିଥିଲେ। ଏହା ପରେ ବୈଷୟିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ରୋଗ ନିରୁପଣ ଅନୁଷ୍ଠାନର ଭାରପ୍ରାପ୍ତ ଅଧିକାରୀ ଡ. ଅଭିଳାଷ ରାଉତରାୟ ଯୋଗଦେଇ ପ୍ରାଣୀ ଚିକିତ୍ସକମାନଙ୍କ ବିଭିନ୍ନ ଭୂମିକା ଉପରେ ମତ ରଖିଥିଲେ। ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ (ପ୍ରାଣୀ ସମ୍ପଦ ଉତ୍ପାଦକ) ଡ. ଭୁବନ ମୋହନ ସାହୁ ସରକାରଙ୍କ ବିଭିନ୍ନ ପ୍ରଣୀପାଳନ ଯୋଜନା ଉପରେ ଆଲୋକପାତ କରିଥିଲେ। ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ (ରୋଗ ନିୟନ୍ତ୍ରଣ) ଡା. ପ୍ରଭୁଦତ୍ତ ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ (ପ୍ରାଣୀ ମଙ୍ଗଳ) ଡ. ଯଦୁମଣୀ ପରିଡ଼ା ଧନ୍ୟବାଦ ଦେଇଥିଲେ।

# ୩୦ ପୂର୍ବରୁ କାର୍ଯ୍ୟ ସାରିବାକୁ ତାଗିଦ

## ଗୋରେଖନାଥ ପୀଠରେ ଅଷ୍ଟଦିନାତ୍ମକ ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ ପ୍ରସ୍ତୁତି



ବୈଠକରେ ଯୋଗଦେଇଥିବା ଗ୍ରାମବାସୀ, ଉପଦେଷ୍ଟା, ଯନ୍ତ୍ରୀ ଓ ଠିକାଦାର।

ରଘୁନାଥପୁର, ୨୬।୪
(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ କେରେକେରାସ୍ଥିତ ପ୍ରସିଦ୍ଧ ବିଭୂତି କ୍ଷେତ୍ର ପ୍ରଭୁ ଗୋରେଖନାଥ ପୀଠରେ ଏପ୍ରିଲ ୩୦ ପବିତ୍ର ଅକ୍ଷୟ ତୃତୀୟାରୁ ଅଷ୍ଟଦିନାତ୍ମକ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହେବାକୁ ଯାଉଛି। ଏନେଇ ପୀଠ ପରିସର ଚଟାଣରେ ଟାଇଲ ପକାଯାଉଛି। ମାତ୍ର ଏହି କାର୍ଯ୍ୟରେ ସିମେଣ୍ଟ ଓ ବାଲି ମାପଚୂପ ଠିକ୍ ରହୁନାହିଁ। ମହାଯଜ୍ଞ ଆରମ୍ଭ ପୂର୍ବରୁ ଠିକ ଭାଗମାପ ସହ କାର୍ଯ୍ୟ ଶେଷ କରିବାକୁ ଗ୍ରାମବାସୀ, ଉପଦେଷ୍ଟା କର୍ମୀ, ଯନ୍ତ୍ରୀ ଓ ଠିକାଦାରଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗତ ୪ ଦିନ ତଳେ ପୀଠ ପରିସର ଚଟାଣରେ ଠିକାଦାରଙ୍କ ଦ୍ୱାରା ଟାଇଲ ପକାଇବା କାର୍ଯ୍ୟ ଆରମ୍ଭ ହୋଇଥିଲା। ତେବେ ସିମେଣ୍ଟ ଓ ବାଲି ଭାଗମାପରେ ସ୍ୱଚ୍ଛତା ରହୁନଥିବାରୁ ଛପଡା ସରପଞ୍ଚଙ୍କ ପ୍ରତିନିଧି ନିରାକାର ଖୁଣ୍ଟିଆ ଓ ସ୍ଥାନୀୟ କେତେଜଣ ଗ୍ରାମବାସୀ ବିରୋଧ କରିଥିଲେ। ଏହାପରେ ଉକ୍ତ କାର୍ଯ୍ୟ ବନ୍ଦ ହୋଇଥିଲା। ଶନିବାର ଆର ଆଣ୍ଡବି ଯନ୍ତ୍ରୀ ବିନୟ କୁମାର ସାହୁ, ସମିତି ସଭ୍ୟ ରଞ୍ଜନ କୁମାର ସ୍ୱାଇଁ, ଉପଦେଷ୍ଟା ଶୁଶାନ୍ତ ଦାଶ, ରମେଶ ମହାନ୍ତି ଓ ବିଜୟ କୁମାର ସ୍ୱାଇଁ, ଆଇନଜୀବି ଜୀବନବଲ୍ଲଭ ମହାନ୍ତି, ପ୍ରଦୀପ୍ତ ମହାନ୍ତି, ବାଦଲ ଯୋଗାଣିଆ, ଅମିତ ମହାପାତ୍ର, ରାଜକିଶୋର ସାହୁ, ଅନ୍ତର୍ଯ୍ୟାମୀ ସାମଲ ଓ ଠିକାଦାରଙ୍କ ଉପସ୍ଥିତିରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟରେ ଭାଗମାପ ଠିକ୍ ରଖିବା ପାଇଁ ଠିକାଦାରଙ୍କୁ ତାଗିଦ କରାଯାଇଥିଲା। ଯଜ୍ଞ ସମୟରେ ବହୁ ଶ୍ରଦ୍ଧାଳଙ୍କ ଆଗମନକୁ ଦୃଷ୍ଟିରେ ରଖି କେତେକ ସ୍ଥାନରେ ବାକି ରହିଯାଇଥିବା କାର୍ଯ୍ୟକୁ ତୁରନ୍ତ ସାରିବାକୁ ଠିକାଦାରଙ୍କୁ କୁହାଯାଇଛି।

# ନଡ଼ିଆ ଗଛ ପଡ଼ି ମହିଳା ମୃତ, ୪ ଗୁରୁତର

## ରାମଲୀଳା ପରିବେଷଣବେଳେ ଅଘଟଣ



ମୃତ କୁନି ଦାସ।

କୁଜଙ୍ଗ, ୨୬।୪(ମନୋଜ ପ୍ରଧାନ)

କୁଜଙ୍ଗ ଥାନା ଅନ୍ତର୍ଗତ ବଳରାମପୁର ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ଅଘଟଣ ଘଟିଛି। ରାମଲୀଳା ଚାଲିଥିବାବେଳେ ନଡ଼ିଆ ଗଛ ଭାଙ୍ଗିପଡ଼ିବାରୁ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ୪ ଜଣ ଗୁରୁତର ହୋଇଛନ୍ତି।

ପ୍ରକାଶ ଯେ, ଚୈତ୍ରମାସ ଉପଲକ୍ଷେ ପ୍ରତିବର୍ଷ ପରି ଚଳିତବର୍ଷ ବଳରାମପୁର ଗ୍ରାମରେ କୈବର୍ତ୍ତମାନଙ୍କ ଆରାଧ୍ୟା ଦେବୀ ବାସୁଳେଇଙ୍କ ସମ୍ମୁଖରେ ଶୁକ୍ରବାର ରାତିରେ ରାମଲୀଳା ଚାଲିଥିଲା। ଏଥିରେ ହନୁମାନ ଚରିତ୍ରରେ ଅଭିନୟ କରୁଥିବା ବ୍ୟକ୍ତି ନଡ଼ିଆ ଗଛରୁ ଦଉଡ଼ି ସାହାଯ୍ୟରେ ଖସିବା ପାଇଁ ଯୋଜନା କରାଯାଇଥିଲା। ଏନେଇ ନଡ଼ିଆ ଗଛର ଅଗ୍ରଭାଗକୁ ଦଉଡ଼ିର ଗୋଟିଏ ମୁଣ୍ଡରେ ବାନ୍ଧିବା ପରେ ଅନ୍ୟ ପଟଟି ଟ୍ରାକ୍ଟରରେ ବନ୍ଧାଯାଇଥିଲା। ଏହି ଦଉଡ଼ିକୁ ଶକ୍ତ ରଖିବା ପାଇଁ ଟ୍ରାକ୍ଟରକୁ ଷ୍ଟାର୍ଟ କରି ଆଗକୁ ଗଡ଼ାଇବା ମାତ୍ରେ ନଡ଼ିଆଗଛଟି ଅଧାରୁ ଭାଙ୍ଗି ଦର୍ଶକଙ୍କ ଉପରେ ପଡ଼ିଥିଲା। ଫଳରେ ଘଟଣାସ୍ଥଳରେ ସମାଗୋଳ ଗ୍ରାମର ଟୁଟୁ ଦାସଙ୍କ ସ୍ତ୍ରୀ କୁନି ଦାସ(୩୦)ଙ୍କ ମୃତ୍ୟୁ ଘଟିଥିବାବେଳେ ୪ ଜଣ ଗୁରୁତର ହୋଇଛନ୍ତି। ଗୁରୁତରମାନଙ୍କୁ ପ୍ରଥମେ କୁଜଙ୍ଗ ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ମୃତାଙ୍କ ସ୍ୱାମୀ ଟୁଟୁ ଦାସଙ୍କ ଅଭିଯୋଗକ୍ରମେ ପୋଲିସ ଥାନାରେ ଅପମୃତ୍ୟୁ ମାମଲା(ନଂ.୮/୨୫) ରୁଜୁ କରି କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ କରାଇଛି। ଅପରପକ୍ଷେ ଗୁରୁତରମାନଙ୍କୁ ସ୍ଥାନାନ୍ତର ପାଇଁ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆମ୍ବୁଲାନ୍ସ ଆସିବାରେ ବିଳମ୍ବ ହେବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ବିଳମ୍ବରେ ଆମ୍ବୁଲାନ୍ସ ପହଞ୍ଚିବାରୁ ଉତ୍ତ୍ୟକ୍ତ ଲୋକେ ତାକୁ ଭଙ୍ଗାରୁଜା କରିଥିଲେ। ଏନେଇ ଅଭିଯୋଗକ୍ରମେ ପୋଲିସ ଥାନାରେ ମାମଲା (ନଂ. ୧୬୧/୨୫) ରୁଜୁ କରଛି। ଏହି ଅଭିଯୋଗରେ ବଳରାମପୁର ଗ୍ରାମର ବିଶ୍ୱଜିତ୍ ମଲ୍ଲିକଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି ବୋଲି ଇନ୍ସପେକ୍ଟର ରଶ୍ମିରଞ୍ଜନ ସାହୁ କହିଛନ୍ତି। ଏହି ଘଟଣା ପରେ ରାମଲୀଳା ପରିବେଷଣ କରୁଥିବା ଯାତ୍ରାଦଳ ତୁରନ୍ତ ଉକ୍ତ ସ୍ଥାନ ଛାଡ଼ି ପଳାଇ ଯାଇଥିବାବେଳେ ମଞ୍ଚକୁ ମଧ୍ୟ ଖୋଲି ଦିଆଯାଇଥିବା ଜଣାପଡ଼ିଛି। ଖବରପାଇ ପୂର୍ବତନ ଏମ୍‌ପି ଡା. କୁଳମଣି ସାମଲ ଶୋକବ୍ୟକ୍ତ କରିବା ସହ ମୃତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ଦାବି କରିଛନ୍ତି।

## ଗଛଡାଳ ପଡ଼ି ଜଣେ ମୃତ

ନାଉଗାଁ, ୨୬।୪(ସୁଧା ବେହୁରା)

ନାଉଗାଁ ଥାନା ଅନ୍ତର୍ଗତ ଏରେଡ଼ା ଗ୍ରାମରେ ଶନିବାର ଗଛଡାଳ ଭାଙ୍ଗିପଡ଼ିବାରୁ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନିଆଳି ଥାନା ଅନ୍ତର୍ଗତ ନାଟି ଗ୍ରାମର କୁଶନି ଖଟୁଆଙ୍କ ପୁଅ ଲିଙ୍ଗା(୪୫)। ସ୍ଥାନୀୟ ଲୋକଙ୍କ ସୂଚନା ମୁତାବକ, ଏରଡ଼ା ଗ୍ରାମର ଶରତ ସାହୁଙ୍କ ବାଡ଼ିରେ ଗଛ କଟା ହେଉଥିଲା। ଜଣେ ବ୍ୟକ୍ତି ଗଛ ଉପରେ ଚଢ଼ି ଡାଳଗୁଡ଼ିକୁ କାଟୁଥିବା ବେଳେ ଲିଙ୍ଗା ଉକ୍ତ ଡାଳରେ ବନ୍ଧା ହୋଇଥିବା ରଶିକୁ ଧରି ତଳେ ଛିଡ଼ା ହୋଇଥିଲେ। ଏହି ସମୟରେ ହଠାତ୍ ଗୋଟିଏ ଡାଳ ଖସି ଲିଙ୍ଗାଙ୍କ ଉପରେ ପଡ଼ିଥିଲା। ଫଳରେ ସେ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଲିଙ୍ଗାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।





କଶ୍ମୀରର ପହଲଗାମ୍‌ଠାରେ ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ଓଡ଼ିଆ ପୁଅ ପ୍ରଶାନ୍ତ ଶତପଥୀ ଓ ଅନ୍ୟ ପର୍ଯ୍ୟଟକଙ୍କ ଆତ୍ମାର ସଦଗତି କାମନା କରି ଶନିବାର ସନ୍ଧ୍ୟାରେ ତିର୍ତ୍ତୋଲ ନିର୍ବାଚନମଣ୍ଡଳୀର କଂଗ୍ରେସ କମିଟି ପକ୍ଷରୁ ନୀରବ ପ୍ରାର୍ଥନା କରାଯାଇଥିଲା। ପିସିସି ସଭ୍ୟ ଦେବପ୍ରସାଦ ନାୟକ, ରଘୁନାଥପୁର ବ୍ଲକ କଂଗ୍ରେସ ସଭାପତି ଆର୍ତ୍ତତ୍ରାଣ ପଣ୍ଡା, ପୂର୍ବତନ ଜିଲା କଂଗ୍ରେସ ଉପ ସଭାପତି ସର୍ବେଶ୍ୱର ପଣ୍ଡାଙ୍କ ତତ୍ତ୍ୱାବଧାନରେ ବହୁ କଂଗ୍ରେସ କର୍ମୀ ଏକତ୍ରିତ ହୋଇ ସେଠାରେ ସମୂହ ଦୀପଦାନ କରିଥିଲେ।

# ପଙ୍ଖାରେ ଝୁଲି ମହିଳାଙ୍କ ଆତ୍ମହତ୍ୟା

କୁଜଙ୍ଗ, ୨୬।୪(ମନୋଜ ପ୍ରଧାନ)

କୁଜଙ୍ଗ ଥାନା ଅନ୍ତର୍ଗତ ତେନ୍ତୁଳିଆ ଗ୍ରାମରେ ଜଣେ ମହିଳା ପଙ୍ଖାରେ ଝୁଲି ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ସେ ହେଲେ ବିଶ୍ୱଜିତ ମିଶ୍ରଙ୍କ ସ୍ତ୍ରୀ ପ୍ରିୟଙ୍କା ମିଶ୍ର (୩୦)। ବିଶ୍ୱଜିତ୍‌ଙ୍କ ଘର କରତୁଠା ଗ୍ରାମରେ ହୋଇଥିଲେ ମଧ୍ୟ ତେନ୍ତୁଳିଆ ଗ୍ରାମ ଛକରେ ଧାନ କଳ କରିଥିବାରୁ ସେଠାରେ କିଛି ବର୍ଷ ହେବ ରହି ଆସୁଥିଲେ।

ଶୁକ୍ରବାର ରାତିରେ ପ୍ରିୟଙ୍କା ଓ ତାଙ୍କ ୮ ବର୍ଷର ପୁଅ ପାଖରେ ଶୋଇଥିଲେ। ବିଶ୍ୱଜିତ ଶନିବାର ଭୋରୁ ଉଠି ଧାନ କୁଟାରେ ବ୍ୟସ୍ତ ଥିଲେ। କିଛି ସମୟ ପରେ ପୁଅର ନିଦ ଭାଙ୍ଗିବାରୁ ମା'ଙ୍କୁ ଶାଢ଼ୀ ସାହାଯ୍ୟରେ ପଙ୍ଖାରେ ଝୁଲୁଥିବା ଦେଖି ଜେଜେମା'ଙ୍କୁ ଡାକିଥିଲେ। ଜେଜେମା ଆସି ଶାଢ଼ୀ କାଟିବା ସହ ପରିବାର ଅନ୍ୟ ସଦସ୍ୟଙ୍କ ସାହାଯ୍ୟରେ ତାଙ୍କୁ ନେଇ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରିୟଙ୍କାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ଅପମୃତ୍ୟୁ ମାମଲା (ନଂ. ୯/୨୫) ରୁଜୁ କରି ମୃତଦେହ ଜବତ ପରେ ବ୍ୟବଚ୍ଛେଦ କରାଇଛି। ପ୍ରିୟଙ୍କାଙ୍କ ଆତ୍ମହତ୍ୟାର କାରଣ ଜଣାପଡି ନ ଥିବା ବେଳେ ଏନେଇ ତଦନ୍ତ ଜାରି ରହିଛି ବୋଲି ପୋଲିସ କହିଛି।

## ସେଲ୍‌ଫି କର୍ନରରେ ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଗୌତମ



@ ଜିପୁନ୍



@ ସୁନୀଲ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୧୦ରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

ଜଗତ୍‌ସିଂହପୁର, ୨୬।୪
(ପ୍ରମୋଦ କୁମାର ନାୟକ)

ମେ' ୧୦ରେ ଜଗତ୍‌ସିଂହପୁର ଜିଲାର ସମସ୍ତ ଅଦାଲତ, ସ୍ଥାନୀୟ ପୌରପରିଷଦ ଅନ୍ତର୍ଗତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଓ ସମସ୍ତ ତହସିଲ କାର୍ଯ୍ୟାଳୟ ପରିସରରେ ଚଳିତ ବର୍ଷର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବାକୁ ଯାଉଛି। ଜିଲାସ୍ତରୀୟ ଓ ତାଲୁକସ୍ତରୀୟ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧିନ ମୋକଦ୍ଦମା ଯଥା ଫୌଜଦାରୀ (ସାଲିସ ଯୋଗ୍ୟ), ଚେକ ବାଉନ୍ସ ମାମଲା, ବ୍ୟାଙ୍କ ଋଣ, ରାଜସ୍ୱ, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ, ଜଳ, ଅନ୍ୟ ବିଲ ଦେୟଜନିତ ବିବାଦ (ସାଲିସ ବିହୀନ ବିବାଦକୁ ବାଦ ଦେଇ), ବୈବାହିକ ବିବାଦ (ଛାଡପତ୍ର ବ୍ୟତୀତ), ଜମି ଅଧିଗ୍ରହଣ, ଚାକିରି ସମ୍ବନ୍ଧୀୟ (ଦରମା, ଭତ୍ତା ଓ ଅବସରକାଳିନ ପ୍ରାପ୍ୟ), ମୋଟର ଯାନ ସମ୍ବନ୍ଧୀୟ ଓ ଅନ୍ୟାନ୍ୟ ଦେୱାନୀ ମୋକଦମା ଆଦିର ଆପୋଷ ସହମତିରେ ସମାଧାନ କରାଯିବ। କେବଳ ବିଚାରାଧିନ ମୋକଦ୍ଦମା ନୁହେଁ, ପ୍ରାକ ମୋକଦ୍ଦମାସ୍ତରୀୟ (କଚେରୀରେ ଦାୟର ହୋଇ ନ ଥିବା), ଚେକ ବାଉନ୍ସ ମାମଲା, ବିଏସ୍‌ଏନଏଲ୍, ବ୍ୟାଙ୍କ ଋଣ ବିବାଦ, ଶ୍ରମ ଓ ନିଯୁକ୍ତି ବିବାଦ, ଅନ୍ୟ ସାଲିସ ଯୋଗ୍ୟ ଫୌଜଦାରୀ ଓ ଅନ୍ୟ ଦିୱାନୀ ମୋକଦ୍ଦମା ଆଦିର ମଧ୍ୟ ସମାଧାନ ହୋଇପାରିବ। ବଡ କଥା ହେଲା ଅଦାଲତରେ ମୋକଦ୍ଦମା ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡିବ ନାହିଁ। ରାଷ୍ଟ୍ରୀୟ ଲୋକ ଅଦାଲତର ରାୟ ବୈଧ, ଚୂଡାନ୍ତ ଏବଂ ଅମଳଯୋଗ୍ୟ। ଯଦି କୌଣସି ବିଚାରାଧୀନ ମୋକଦ୍ଦମାର ସମାଧାନ ଲୋକ ଅଦାଲତ ମାଧ୍ୟମରେ ହୁଏ ଆଗରୁ ପଇଠ ହୋଇଥିବା କୋର୍ଟ ଫି ମଧ୍ୟ ଫେରସ୍ତ ହୋଇପାରିବ। ଦୀର୍ଘଦିନ ଧରି ଚାଲୁ ରହିଥିବା ମୋକଦ୍ଦମାର ସହଜ ସମାଧାନ, ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇଁ ଏହି ସୁଯୋଗର ସଦୁପଯୋଗ କରିବାକୁ ଆହ୍ୱାନ ଦିଆଯାଇଛି। ଅଧିକ ଜାଣିବା ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ଜିଲା ଆଇନ ସେବା ପ୍ରାଧିକରଣ କାର୍ଯ୍ୟାଳୟ ସହ ଯୋଗାଯୋଗ କରିବାକୁ ସୂଚନା ଦିଆଯାଇଛି।

# ଡିଏଲ୍‌ଆର୍ ଶ୍ରମିକଙ୍କ କ୍ରମୋନ୍ନତି ସମ୍ପର୍କରେ ଆଲୋଚନା



ଶ୍ରମିକଙ୍କ ସହ ବନ୍ଦର ଅଧକ୍ଷ ପି.ଏଲ୍ ହାରା ଆଲୋଚନା କରୁଛନ୍ତି।

ପାରାଦୀପ, ୨୬।୪(ଶରତ ରାଉତ)

ପାରାଦୀପ ବନ୍ଦରରେ କାର୍ଯ୍ୟରତ ଡିଏଲ୍‌ଆର (ଡେଲି ଲେବର ରେଟ୍)ମାନଙ୍କ ଅପଗ୍ରେଡେସନ (କ୍ରମୋନ୍ନତି)ଓ ରେସନାଇଜେଶନ (ଯୁକ୍ତିକରଣ)ଉପରେ ଶନିବାର ଆଲୋଚନା ହୋଇଛି। ଏଚଏମ୍‌ଏସ୍(ହିନ୍ଦ ମଜ୍‌ଦୁର ସଭା)ଅନୁବନ୍ଧିତ ପୋର୍ଟ ୱାର୍କର୍ସ ୟୁନିୟନ ପ୍ରତିନିଧି ଓ ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ. ହାରାନ୍ଧଙ୍କ ମଧ୍ୟରେ ଏହି ଆଲୋଚନା ହୋଇଥିଲା। ଏହି ଆଲୋଚନା ସଫଳ ହୋଇଥିବା କୁହାଯାଇଛି। ଡିଏଲ୍‌ଆର୍‌ମାନଙ୍କ ସମସ୍ୟାର ସମାଧାନ ପାଇଁ ଅଧକ୍ଷ ହାରାନ୍ଧ ଏକ ୯ ଜଣିଆ କମିଟି ଗଠନ କରିଛନ୍ତି। ଉକ୍ତ କମିଟି ରିପୋର୍ଟ ଆଧାରରେ ଡିଏଲଆରମାନଙ୍କ କ୍ରମୋନ୍ନତି ଓ ଯୁକ୍ତିକରଣ ହେବ। କର୍ମକ୍ଷେତ୍ରରେ ମୃତ କର୍ମଚାରୀଙ୍କ ସନ୍ତାନ ଯେଉଁମାନେ ଡିଏଲଆରଭାବେ କାର୍ଯ୍ୟ କରୁଛନ୍ତି, ସେମାନଙ୍କୁ ସ୍ୱତନ୍ତ୍ର ବର୍ଗୀକରଣ କରାଯାଇ ସୁବିଧା ଯୋଗାଇ ଦିଆଯିବ। ଡିଏଲ୍‌ଆରମାନଙ୍କ ଅନେକ ଦାବି ଉପରେ ଦୀର୍ଘଦିନ ହେଲା ୟୁନିୟନ ଦାବି କରି ଆସୁଥିଲା। ଏବେର ୟୁନିୟନ ସଭାପତି ତଥା ଜଗତ୍‌ସିଂହପୁର ଏମ୍‌ପି ବିଭୁପ୍ରସାଦ ତରାଇ ଏନେଇ ଜାହାଜ ଚଳାଚଳ ମନ୍ତ୍ରଣାଳୟ ଓ ବନ୍ଦର କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବା ପରେ ଏପରି ସକରାତ୍ମକ ପଦକ୍ଷେପ ବନ୍ଦର ଅଧକ୍ଷ ନେଇଛନ୍ତି ବୋଲି ୟୁନିୟନ ସମ୍ପାଦକ ନୃସିଂହ ପ୍ରସାଦ ଶତପଥୀ ସୂଚନା ଦେଇଛନ୍ତି। ଏହି ଅବସରରେ ୟୁନିୟନ ପ୍ରତିନିଧି ଗୁଣନିଧି ଚୌଧୁରୀ, ବ୍ରିଜେଶ କୁମାର ଲେଙ୍କା ଓ ଅନ୍ୟମାନେ ଅଧକ୍ଷ ହାରାନ୍ଧଙ୍କୁ ପୁଷ୍ପଗୁଚ୍ଛ ଦେଇ ଧନ୍ୟବାଦ ଜଣାଇଥିଲେ।

# ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ କୃଷ୍ଣଚନ୍ଦ୍ରଙ୍କ ଅବଦାନ ଚିରସ୍ମରଣୀୟ





ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜିଲାସ୍ତରୀୟ ଜୟନ୍ତୀ ସମାରୋହରେ ଯୋଗଦେଇଥିବା ଅତିଥି।

ଜଗତ୍‌ସିଂହପୁର, ୨୬।୪
(ପ୍ରମୋଦ କୁମାର ନାୟକ)

ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜିଲାସ୍ତରୀୟ ଜୟନ୍ତୀ ସମାରୋହ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦ୍‌ଭାବନା ସଭାଗୃହରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସଭାରେ ଅତିରିକ୍ତ ଜିଲାପାଳ ଜ୍ୟୋତି ଶଙ୍କର ରାୟ ସଭାପତିତ୍ୱ କରି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ କରିବାରେ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଅବଦାନ ଚିରସ୍ମରଣୀୟ ବୋଲି କହିଥିଲେ। ମୁଖ୍ୟ ବକ୍ତାଭାବେ ମହେନ୍ଦ୍ର କୁମାର ଆଚାର୍ଯ୍ୟ ଅତୀତକୁ ମନେ ପକେଇ ଆଗକୁ ବଢ଼ିବାକୁ ଆହ୍ୱାନ ଦେଇଥିଲେ। କୃଷ୍ଣଚନ୍ଦ୍ର ଗଜପତିଙ୍କ ଭଳି ଅନ୍ୟାୟ ବିରୋଧରେ ମୁହଁ ଖୋଲି ଆଗକୁ ବଢ଼ିବାକୁ ଶିଖିବା ଦରକାର ବୋଲି ସେ କହିଥିଲେ। ସଭାରେ ମଞ୍ଚାସୀନ ଅତିଥି ଭାବେ ଜିଲା ସଂସ୍କୃତି ଅଧିକାରୀ ଦିଲୀପ କୁମାର ଜେନା ଯୋଗଦେଇ ପାରଳା ମହାରାଜାଙ୍କ ଓଡ଼ିଶା ଗଠନର ସଂଗ୍ରାମ ଓ ତାଙ୍କ ଅବଦାନ ଉପରେ ବକ୍ତବ୍ୟ ରଖିଥିଲେ। ଜଣେ ସୁଦକ୍ଷ ପ୍ରଜାବତ୍ସଳ ରାଜାଙ୍କର ପ୍ରତ୍ୟେକ ଗୁଣ ତାଙ୍କ ପାଖରେ ଭରି ରହିଥିଲା ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଡ଼ିଓ ତହସିଲଦାର, ସଞ୍ଜୟ କୁମାର ବେହେରା, ଜିଲା ସୂଚନା ଓ ଲୋକସଂପର୍କ ଅଧିକାରୀ, ପୌର ନିର୍ବାହୀ ଅଧିକାରୀ ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲା ସୂଚନା ଏବଂ ଲୋକ ସମ୍ପର୍କ ଅଧିକାରୀ ପ୍ରିତିଟୀ ତନୟା ମହାନ୍ତି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଜଗତ୍‌ସିଂହପୁର ପୌର ପରିଷଦ ନିର୍ବାହୀ ଅଧିକାରୀ ସୀମା ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷାବିତ୍ ସୁଭାଷ ଚନ୍ଦ୍ର ରାଉତ ସଭା କାର୍ଯ୍ୟ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଜିଲା କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀ, ସହରର ବୁଦ୍ଧିଜୀବି, ଆଇନଜୀବି, ମିଶନ ଶକ୍ତିର ମହିଳା, ଗଣମାଧ୍ୟମ ପ୍ରତିନିଧି, ସ୍ୱଚ୍ଛ ସାଥୀ, ସୁପର ଭାଇଜର ପ୍ରମୁଖ ଉପସ୍ଥିତ ଥିଲେ।

- ମୃତ୍ୟୁର କାରଣ ଅଲଗା ଦର୍ଶାଯାଉଛି
- ଶ୍ରମ ଆଇନରେ ହେଉନି ପଞ୍ଜୀକରଣ
- ବେଆଇନ ପଥର, ବାଲି ଖାଦାନ ଯୋଗୁ ସମସ୍ୟା
- ମିଳୁନି ସାମାଜିକ ନିରାପତ୍ତା

# ବଢୁଛି ଶ୍ରମିକଙ୍କ ମୃତ୍ୟୁ

**ନୟାଗଡ଼,୨୬।୪(ଲୋକନାଥ ମିଶ୍ର)**

ନୟାଗଡ଼ ଜିଲାରେ ପଥର ଓ ବାଲିଖାଦାନ ବେଆଇନ ଭାବେ ଚାଲୁଥିବାରୁ ଅଣ ପଞ୍ଜିକୃତ ଶ୍ରମିକମାନଙ୍କୁ ନେଇ କାମ କରାଯାଉଛି। ଏଣୁ ଅଣସଙ୍ଗଠିତ ଶ୍ରମିକ ଓ ସେମାନଙ୍କ ପରିବାର ସରକାରୀ ଯୋଜନାର ସୁଫଳ ନେଇ ନ ପାରି ବେସାହାରା ହୋଇ ପଡୁଛନ୍ତି। ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକ ନିଯୁକ୍ତି ସର୍ତ୍ତାବଳୀକୁ ନିୟନ୍ତ୍ରଣ କରିବା ଓ ସେମାନଙ୍କ ସାମାଜିକ ନିରାପତ୍ତା ନିମନ୍ତେ ଅଣ ସଙ୍ଗଠିତ ଶ୍ରମିକ ଆଇନ ରହିଛି। ହେଲେ ଅଣସଙ୍ଗଠିତ ଶ୍ରମିକ ଓ ସେମାନଙ୍କ ଉପରେ ନିର୍ଭରଶୀଳ ଲୋକଙ୍କୁ ସାମାଜିକ ନିରାପତ୍ତା ମିଳୁନି ବୋଲି ଅଭିଯୋଗ ହୋଇ ଆସୁଛି। ବେଆଇନ ଖଣି ଓ ଖାଦାନକୁ ଲୁଚାଇବାକୁ ଯାଇ ନୟାଗଡ଼ ଜିଲାରେ ବାଲି ଓ ପଥର ଖାଦାନରେ ମରୁଥିବା ଶ୍ରମିକଙ୍କ ମୃତ୍ୟୁକୁ ଭିନ୍ନ ଦର୍ଶାଯାଉଛି। କାରଣ ମୃତ୍ୟୁର କାରଣ ବଦଳି ଯାଉଥିବାରୁ ମୃତ ଶ୍ରମିକଙ୍କ ପରିବାର ଅଣସଙ୍ଗଠିତ ଶ୍ରମିକ ଆଇନର ପରିସର ଭୁକ୍ତ ହୋଇ ପାରୁନାହାନ୍ତି। ଏନେଇ ଜିଲାରେ ଆବଶ୍ୟକୀୟ ସଚେତନତା ମଧ୍ୟ ହେଉନାହିଁ।

ପ୍ରକାଶ ଯେ, ଖଣି ମନ୍ତ୍ରଣାଳୟ ପକ୍ଷରୁ ଅଣ ସଙ୍ଗଠିତ ଶ୍ରମିକମାନଙ୍କୁ ବୃତ୍ତି, ନିଯୁକ୍ତିର ପ୍ରକାର, ବିଶେଷ ଭାବେ ଗରୀବ ଶ୍ରେଣୀ ଓ ଚାକିରିଆ ଶ୍ରେଣୀ ଆଦି ୪ ଭାଗରେ ବିଭକ୍ତ କରାଯାଇଛି। ଏହି ବର୍ଗର ଶ୍ରମିକମାନଙ୍କ ପାଇଁ ସରକାର ଅନେକ ଯୋଜନା କରିଛନ୍ତି। ହେଲେ ଯୋଜନା ତଳସ୍ତରକୁ ଆସୁନାହିଁ। ଏପରି କି ଯୋଜନା ଅଛି ବୋଲି ଅନେକ ଜାଣନ୍ତି ନାହିଁ। କେତେଜଣ ଲୋକ ଧରାଧରି କରି ଏହାର ଫାଇଦା ନେବାରେ ବ୍ୟସ୍ତ। ସେପଟେ ବିଭିନ୍ନ କାର୍ଯ୍ୟରେ ନିୟୋଜିତ ଶ୍ରମିକ ପରିଶ୍ରମ କରି ଯୋଜନାର ସୁଫଳ ପାଇପାରୁନି। ଏମାନଙ୍କ ପାଇଁ କୌଣସି ସଙ୍ଗଠନ ମଧ୍ୟ କାମ କରୁ ନାହିଁ। ଜିଲାରେ କଳା ମୁଗୁନି ଓ ମାଙ୍କଡ଼ା ପଥର ଖାଦାନ, କ୍ରଶର, ବାଲି ଖାଦାନ ରହିଛି। ଏଥିରୁ ଅଧିକାଂଶ ବେଆଇନ ଭାବେ ଚାଲିଛି। ବେଆଇନ ଭାବେ ଚାଲିଥିବା ଖାଦାନ ଓ ଖଣିରେ ଅଣ ପଞ୍ଜୀକୃତ ଶ୍ରମିକ କାମ କରୁଛନ୍ତି। ଏପରିକି ଲିଜ୍ ଖଣିରେ ମଧ୍ୟ ଅଣ ପଞ୍ଜୀକୃତ ଶ୍ରମିକ କାମ କରୁଛନ୍ତି। ପ୍ରଶାସନ ପକ୍ଷରୁ ଚଢ଼ାଉ ଓ ଧରପଗଡ଼ ନାହିଁ। ଏଣୁ ଆଇନ ତା'ବାଟରେ ରହୁଛି ସବୁ ବେନିୟମ ଭାବେ ଚାଲିଛି। ଏନେଇ ଗଣିଆର ରାମଚନ୍ଦ୍ର ପ୍ରଧାନ, ନୟାଗଡ଼ର ସୀତାରାମ ସ୍ୱାଇଁ, ଖଣ୍ଡପଡ଼ାର ବିକ୍ରମ ନାୟକ, ନୂଆଗାଁର ଉର୍ମିଳା ନାୟକ, ଦଶପଲ୍ଲାର ଉଲାସ ପ୍ରଧାନ ନାମକ ଶ୍ରମିକ କୁହନ୍ତି, କାମ କରିବା ପାଇଁ ପଞ୍ଜୀକରଣ କରାଯିବା ନେଇ ଅନେକ ଶ୍ରମିକ ଜାଣନ୍ତି ନାହିଁ। ଅନ୍ୟପକ୍ଷେ ପଞ୍ଜିକୃତ ଶ୍ରମିକଙ୍କୁ କାମରେ ଲଗାଇବାକୁ ଖଣି ଖାଦାନ ମାଲିକଙ୍କର ଆଗ୍ରହ ନାହିଁ। ଏଥିରେ ଝାମେଲା ରହିଛି ଓ ରିସ୍କ ଅଛି। କୌଣସି ଅଘଟଣ ଘଟିଲେ ସମ୍ପୃକ୍ତ ପରିବାରକୁ ଅଳ୍ପକିଛି କ୍ଷତିପୂରଣ ଦେଇ ମୃତ୍ୟୁର କାରଣ ବଦଳା ଯାଏ। ଏଥିପାଇଁ ଥାନାରେ କିଛି ଖର୍ଚ୍ଚ କରିବାକୁ ପଡେ। ବେନିୟମ କାର୍ଯ୍ୟକୁ ଲୁଚାଇବାକୁ ଏସବୁ ଚାଲେ। ହେଲେ ପ୍ରଶାସନ ପକ୍ଷରୁ ଏହାର ଠିକ ଯାଞ୍ଚ କରାଗଲେ ପ୍ରକୃତ ତଥ୍ୟ ଲୋକ ଲୋଚନକୁ ଆସନ୍ତା। କିନ୍ତୁ ବେନିୟମ କାର୍ଯ୍ୟରେ ତଳସ୍ତରରୁ ଉପରସ୍ତର ପର୍ଯ୍ୟନ୍ତ ସଂପୃକ୍ତି ରହୁଥିବାରୁ ଆଇନକୁ ଖୋଜିବାକୁ କେହି ନାହିଁ। ଏପରିକି ମୃତ୍ୟୁ ବରଣ କରିଥିବା ପରିବାରର ସଦସ୍ୟମାନେ କିଛି ଟଙ୍କା ପାଇଁ ମୃତ୍ୟୁର କାରଣ ବଦଳାଇବାକୁ ପଛାନ୍ତି ନାହିଁ। ସରକାରୀ ସହାୟତା ଆଇନ ଅନୁସାରେ ପାଇବା କଷ୍ଟକର ଜାଣି ଏଭଳି ପନ୍ଥା ଆପଣେଇ ଥାନ୍ତି। ଏଣୁ ଶ୍ରମିକଙ୍କ ପରିବାର ଯୁଗେ ଯୁଗେ ଉପେକ୍ଷିତ ଓ ଅବହେଳିତ ହୋଇ ରହିଯାଉଛନ୍ତି। ଏଥିରେ ପରିବର୍ତ୍ତନ କରିବା ମୁସ୍କିଲ ବୋଲି ସୂଚନା ଦେଇଛନ୍ତି।

ନୟାଗଡ଼ ଜିଲା ଶ୍ରମିକ ମହାସଂଘ ସଭାପତି ଶୂନ୍ୟ ବିଜୟୀ ମିଶ୍ର ଓ ଶ୍ରମିକ ନେତା ବସୁଦେବ ମହାନ୍ତି କୁହନ୍ତି, ଶ୍ରମ ବିଭାଗ ପର୍ଯ୍ୟନ୍ତ କଥା ଆସେନି। ସବୁ ଚାପରେ ଚେପା ହୋଇ ରହିଯାଏ। ଯଦି କେତେବେଳେ ଅଭିଯୋଗ ପହଞ୍ଚେ ତୁରନ୍ତ ଚାପି ଦିଅ ବୋଲି ପରାମର୍ଶ ମିଳେ। ଏଣୁ ଏଭଳିଆ ମୃତ୍ୟୁର ତଦନ୍ତକୁ ଶ୍ରମ ବିଭାଗ ଗୁରୁତ୍ୱ ଦିଏ ନାହିଁ। ବେଳେ ବେଳେ କିଛି ସ୍ଥାନରେ ଅଭିଯୋଗ କଲେ ମଧ୍ୟ ସୁଫଳ ମିଳେନା ବୋଲି କହିଛନ୍ତି। ଭାପୁରର ବିଶ୍ୱନାଥ ସାହୁ କୁହନ୍ତି, ଗତ ୨ ବର୍ଷ ଭିତରେ ନୟାଗଡ଼ ଜିଲାରେ ୧୦ରୁ ଊର୍ଦ୍ଧ୍ୱ ଶ୍ରମିକଙ୍କ ମୃତ୍ୟୁ ହୋଇସାରିଲାଣି। ହେଲେ ସମସ୍ତଙ୍କର ମୃତ୍ୟୁର କାରଣ ବଦଳି ଯାଇଛି। କିନ୍ତୁ ସେମାନଙ୍କ ମୃତ୍ୟୁ ପଥର ଓ ବାଲି ଖାଦାନ ଯୋଗୁ ହୋଇଥିଲେ ମଧ୍ୟ ସତ ଲୁଚି ଯାଉଛି ବୋଲି କହି କ୍ଷୋଭ ପ୍ରକାଶ କରିଥିଲେ।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ଗୌତମ



@ ଜିପୁନ୍



@ ସୁନୀଲ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବିବାହ ପ୍ରଲୋଭନ ଦେଖାଇ ବଳାତ୍କାର ଅଭିଯୋଗ

**ନୂଆଗାଁ,୨୬।୪(ଧନେଶ୍ୱର ସାହୁ)**

ନୟାଗଡ଼ ଜିଲା ନୂଆଗାଁ ଥାନା ମହିପୁର ଫାଣ୍ଡି ଅଧୀନ ବକଳବନ୍ଧ ଗ୍ରାମର ଜଣେ ବିବାହିତା ମହିଳାଙ୍କୁ ପ୍ରେମ କରି ବିବାହର ପ୍ରଲୋଭନ ଦେଖାଇ ତାଙ୍କ ସହିତ ଶାରୀରିକ ସମ୍ପର୍କ ରଖିବା ଏବଂ ପ୍ରେମିକାଙ୍କ ଘରେ ରହି ସମସ୍ତେ ଶୋଇଥିବା ସମୟରେ ସ୍କୁଟି , ସୁନାଚେନ୍ ଓ ଟଙ୍କା ଚୋରି କରିବା ସମ୍ପର୍କରେ ନୂଆଗାଁ ଥାନାରେ ଶୁକ୍ରବାର ଅଭିଯୋଗ ହୋଇଛି । ଏହି ଅଭିଯୋଗକୁ ଭିତ୍ତି କରି ନୂଆଗାଁ ଥାନା ପୋଲିସ ଜଣେ ଯୁବକଙ୍କୁ ମୋହନାରୁ ଆଣି ଥାନାରେ ଅଟକ ରଖି ପଚରା ଉଚରା କରୁଛି ।

ସୂଚନା ଅନୁଯାୟୀ, ନୂଆଗାଁ ଥାନା ମହିପୁର ଫାଣ୍ଡିରେ ପୀଡ଼ିତା କରିଥିବା ଅଭିଯୋଗ ଅନୁଯାୟୀ, ୨୦୧୯ରୁ ଗଞ୍ଜାମ ଜିଲା ପାଟକୁରା ଥାନା ରଥପୁର ଗ୍ରାମର ଗଣେଶ ବିଷୋଇ ତାଙ୍କୁ ଏକତରଫା ପ୍ରେମ କରୁଥିଲେ । ଧିରେ ଧିରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା । ସେ ବିବାହର ପ୍ରତିଶ୍ରୁତି ଦେଇ ପୀଡ଼ିତାଙ୍କ ସହିତ ଶାରୀରିକ ସମ୍ପର୍କ ରଖିଥିଲେ । ଏପରି କି ଅଧିକାଂଶ ସମୟରେ ଗଣେଶ ଆସି ପୀଡ଼ିତାଙ୍କ ଘରେ ମଧ୍ୟ ରହୁଥିଲେ । ଗତ ୧୯।୪।୨୦୨୫ରେ ଗଣେଶ ଆସି ଦିନ ତମାମ ପୀଡ଼ିତାଙ୍କ ଘରେ ରହିଥିଲେ । ରାତିରେ ଖାଇପିଇ ପରିବାରର ସମସ୍ତେ ଶୋଇବା ପରେ ରାତି ୩ ଟାରେ ଉଠି ଗଣେଶ ପୀଡ଼ିତାଙ୍କ ସ୍କୁଟି ( ନଂ.ଓଡି ୧୨ ଇ୮୯୭୫) ସହିତ ଡିକିରେ ଥିବା ୧ ଲକ୍ଷ ଟଙ୍କା , ୧୨ ଗ୍ରାମ ଓଜନର ଏକ ସୁନା ଚେନ , ଆଧାର କାର୍ଡ , ଗାଡି କାଗଜ ପତ୍ର ଓ ବ୍ୟାଙ୍କ ପାସ୍ ବୁକ ନେଇ ଫେରାର ହୋଇଯାଇଥିଲେ ବୋଲି ଥାନାରେ ଅଭିଯୋଗ ହୋଇଛି । ଏହାକୁ ଭିତ୍ତି କରି ପୋଲିସ ଏକ ମାମଲା(ନଂ.୮୪/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛି । ମହିପୁର ଫାଣ୍ଡି ଅଧିକାରୀ ବିରଞ୍ଚି ନାରାୟଣ ଅମାତ ଗଣେଶଙ୍କ ମୋବାଇଲ ଟ୍ରାକ କରି ସଦଳବଳେ ଯାଇ ମୋହନା ଅଞ୍ଚଳରୁ ତାଙ୍କୁ ଉଠାଇ ଆଣିବା ପୀଡ଼ିତାଙ୍କ ସ୍କୁଟିକୁ ଜବତ କରିଛି । ଗଣେଶଙ୍କୁ ଥାନାରେ ଅଟକ ରଖି ପୋଲିସ ପଚରାଉଚରା କରୁଥିବା ଫାଣ୍ଡି ଅଧିକାରୀ ଅମାତ ସୂଚନା ଦେଇଛନ୍ତି।

# ମାଘମେଳା ପଡ଼ିଆରେ ୪ବର୍ଷ ହେଲା ଜବତ ଗୋରୁଗାଡ଼ି ପଡ଼ିଛି



ଜବତ ହୋଇପଡି ରହିଥିବା ୭ କଣ୍ଟେନର ।

**ଖଣ୍ଡପଡ଼ା,୨୬।୪(ଅଜୟ କୁମାର ମହାରଣା)**

ରାଜ୍ୟ ତଥା ରାଜ୍ୟ ବାହାରର ବିଭିନ୍ନ ଅଞ୍ଚଳକୁ ଚୋରାରେ ଗୋରୁ ଚାଲାଣ କରାଯାଉଥିବା ୭ ଗାଡ଼ିକୁ କଣ୍ଟିଲୋ ଫାଣ୍ଡି ଓ ଖଣ୍ଡପଡ଼ା ଥାନା ପୋଲିସ ୨୦୨୦ ଜୁନ୍ ୨୬ରେ ମିଳିତ ଭାବେ ଚଢାଉ କରି ଜବତ କରିଥିଲା। ସେହି ଗାଡ଼ିଗୁଡ଼ିକୁ କଣ୍ଟିଲୋ ଫାଣ୍ଡି ସମ୍ମୁଖ ମାଘମେଳା ପଡ଼ିଆରେ ରଖାଯାଇଥିଲା । ଇତିମଧ୍ୟରେ ୪ବର୍ଷ ବିତିଥିଲେ ବି ସେହି ଗୋରୁ ଗାଡ଼ି(କଣ୍ଟେନର) ସେଠାରେ ରହିଛି। ଫଳରେ ମେଳାପଡ଼ିଆର କିଛି ଅଂଶ ଅବରୋଧ ହୋଇ ରହିଛି। କଣ୍ଟିଲୋ ନୀଳମାଧବ ପୀଠକୁ ବିଭିନ୍ନ ଯାନବାହନରେ ଆସୁଥିବା ପର୍ଯ୍ୟଟକମାନେ ସେଠାରେ ଗାଡ଼ି ପାର୍କିଂ କରିବା ପାଇଁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ସେହି ଗାଡ଼ିଗୁଡିକ ସ୍ଥାନାନ୍ତର କରିବା ପାଇଁ ଦାବି ହୋଇଛି। ସୂଚନାଯୋଗ୍ୟ, ୮୮ ଗୋରୁ ନେଇ ୭ଟି କଣ୍ଟେନର ଯାଉଥିବା ବେଳେ ଖଣ୍ଡପଡ଼ା ପୋଲିସ ଜବତ କରି ମାଘମେଳା ପଡ଼ିଆରେ ରଖିଥିଲା। ମେଳା ପଡ଼ିଆରେ ଉକ୍ତ ଗାଡ଼ିଗୁଡିକ ରହିଥିବାରୁ ପ୍ରତିବର୍ଷ ମେଳାକୁ ଆସୁଥିବା ବ୍ୟବସାୟମାନେ ବ୍ୟବସାୟ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ମେଳା ପରିଚାଳନାରେ ତାହା ବାଧ ସୃଷ୍ଟି କରୁଛି ବୋଲି ଅଭିଯୋଗ ହୋଇଛି । ଏହାଛଡା ଦେବୋତ୍ତର ବିଭାଗ ଠାକୁରଙ୍କ ଉନ୍ନତି ତଥା ବିକାଶ ପାଇଁ ପ୍ରତିବର୍ଷ ଉକ୍ତ ପଡ଼ିଆକୁ ପାର୍କିଂ ପାଇଁ ବ୍ୟବହାର କରିଥାନ୍ତି । ସେହି ପଡ଼ିଆକୁ ନିଲାମ ଦିଆଯାଇ ଲକ୍ଷାଧିକ ଟଙ୍କା ରାଜସ୍ୱ ଆଦାୟ ହୋଇଥାଏ। ସେଥିପାଇଁ ଉକ୍ତ ଗାଡ଼ିଗୁଡ଼ିକୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ଦାବି ହୋଇ ଆସୁଛି । ତେବେ ଜବତ ଗାଡ଼ିକୁ ନେଇ ମାମଲା କୋର୍ଟରେ ବିଚାରାଧୀନ ରହିଛି । ସେଥିପାଇଁ ଗାଡ଼ିଗୁଡ଼ିକ ଅନ୍ୟତ୍ର ସ୍ଥାନାନ୍ତର ହୋଇପାରୁନାହିଁ ବୋଲି ସୂଚନା ମିଳିଛି।

# ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ



ଜିଲାସ୍ତରୀୟ ଜୟନ୍ତୀ ଉତ୍ସବରେ ମଞ୍ଚାସୀନ ଅତିଥି ।

**ନୟାଗଡ଼,୨୬।୪(ଲୋକନାଥ ମିଶ୍ର)**

ଶନିବାର ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜିଲାସ୍ତରୀୟ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ଇଂ.ଦେବାଶିଷ ପଟ୍ଟନାୟକ,ଶିକ୍ଷାବିତ୍ ମହମ୍ମଦ ଓମର ମାଲିକ ଅତିଥି ରୂପେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା । ବୈଠକର ପ୍ରାରମ୍ଭରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ ସ୍ୱାଗତ ଭାଷଣ ରଖିଥିଲେ। ମୁଖ୍ୟଅତିଥି ଇଂ. ପଟ୍ଟନାୟକ ନିଜ ବକ୍ତବ୍ୟରେ କହିଥିଲେ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ଚିର ନମସ୍ୟ। ଶିକ୍ଷା ବିନା ସବୁ କିଛି ଅଧୁରା ହୃଦୟଙ୍ଗମ କରି ଛାତ୍ରୀମାନେ ମାଗଣାରେ ପଢିବା ଓ ରହିବା ପାଇଁ ସ୍କୁଲ ସ୍ଥାପନ କରିଥିଲେ । ବାଣୀବିହାର ଅନୁଷ୍ଠାନ ପାଇଁ ସେ ନିଜ ଅର୍ଥଦାନ କରିଥିଲେ । ସେ ଇଂରେଜ ସରକାରଙ୍କୁ ପ୍ରଭାବିତ କରି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ଦାବି କରିଥିଲେ। ସେହିପରି ଅତିଥି ମଲିକ କହିଥିଲେ ଇତିହାସକୁ ଜାଣିବା ଆମର ଓଡ଼ିଆ ଅସ୍ମିତା । ସଂକ୍ଷିପ୍ତ ଇତିହାସ ଜାଣିଲେ ଓଡ଼ିଆର ଅସ୍ମିତା ରହିବ । ଖବରଦାତା ରାମକୃଷ୍ଣ ରଥ ଓ ରଜତ କୁମାର ପଟ୍ଟନାୟକ,ଶିକ୍ଷକ ଶରତ ଆଚାର୍ଯ୍ୟ ପ୍ରମୁଖ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ଉପରେ ବକ୍ତବ୍ୟ ରଖିଥିଲେ।

# ଲଘୁ ଖଣିଜ ସମ୍ପଦ ଚାଲାଣକୁ ରୋକି ପାରୁନି ପ୍ରଶାସନ

**ଖଣ୍ଡପଡ଼ା,୨୬।୪ (ଅଜୟ କୁମାର ମହାରଣା)**

ଲଘୁ ଖଣିଜ ସମ୍ପଦରେ ଭରପୁର ଖଣ୍ଡପଡ଼ା ତହସିଲ ଅଞ୍ଚଳର ବିଭିନ୍ନ ଇଲାକାରେ ମାଫିଆମାନେ ବହୁ ବର୍ଷ ଧରି ସେମାନଙ୍କ ବ୍ୟବସାୟ ଚଳାଇ ଆସିଛନ୍ତି । ମହାନଦୀର ବାଲି, ପଥର ଓ ମୋରମ ଆଦିକୁ ମାଫିଆମାନେ ଲୁଚାଛପାରେ ବିକ୍ରି କରୁଛନ୍ତି। ଫଳରେ ରାଜ୍ୟ ସରକାର ପ୍ରତିବର୍ଷ ବିପୁଳ ପରିମାଣର ରାଜସ୍ୱ ହରାଉଛନ୍ତି । ଗତ ୨ମାସ ଧରି ପୋଲିସ ଓ ଖଣି ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ଲଘୁ ଖଣିଜ ସମ୍ପଦ ଚାଲାଣ କରୁଥିବା ହାଇୱାଗୁଡ଼ିକୁ ଜବତ କରାଯାଇ ଜୋରିମାନା ବାବଦରେ ଅର୍ଥ ଆଦାୟ କରାଯାଇଥିବା ତହସିଲ ପ୍ରଶାସନ ସୂତ୍ରରୁ ଜଣାପଡିଛି । ପ୍ରଶାସନ ପକ୍ଷରୁ ଚଢାଉ ସତ୍ତ୍ୱେ ଲଘୁ ଖଣିଜ ସମ୍ପଦର ଅବାଧ ଲୁଟକୁ ରୋକିବାରେ ପ୍ରଶାସନ ବିଫଳ ହୋଇଛି। ଖଣ୍ଡପଡ଼ା ତହସିଲ ଅଧୀନ ବିଭିନ୍ନ ଉତ୍ସରୁ ମାଫିଆମାନେ ଲଘୁ ଖଣିଜ ସମ୍ପଦ ଲୁଟ କରିବା ପଛରେ କେତେଜଣ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ପ୍ରଚ୍ଛନ୍ନ ହାତ ରହିଥିବା ଅଭିଯୋଗ ହୋଇଛି।

# କାଳବୈଶାଖୀ ପ୍ରଭାବରେ ଆମ୍ବ ଫସଲ କ୍ଷତିଗ୍ରସ୍ତ

**ଖଣ୍ଡପଡ଼ା,୨୬।୪ (ଅଜୟ କୁମାର ମହାରଣା)**

ଖଣ୍ଡପଡ଼ା ଅଞ୍ଚଳରେ ଶନିବାର ଅପରାହ୍ନରେ କାଳବୈଶାଖୀ ଯୋଗୁ ଲୋକମାନେ ପ୍ରଚଣ୍ଡ ତାତି ଓ ଗୁଳୁଗୁଳିରୁ ଆଶ୍ୱସ୍ତି ଲାଭ କରିଛନ୍ତି । ଅପରପକ୍ଷେ ବର୍ଷାର ପ୍ରଭାବରେ ବନାଗ୍ନି କମିଛି। ହେଲେ ଅନେକ ଗଛର ଡ଼ାଳ ଭାଙ୍ଗି ମୁଖ୍ୟ ରାସ୍ତା ଓ ବିଦ୍ୟୁତ ତାର ଉପରେ ପଡ଼ିଛି। ଗାଁ ଗାଁରେ କଚ୍ଚାଘରଗୁଡିକ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଆମ୍ବ ଚାଷର କ୍ଷତି ଘଟିଛି । ବହୁ ଛୋଟ ଆମ୍ବ ଗଛରୁ ଖସିପଡି ନଷ୍ଟ ହୋଇଛି। ଆମ୍ବ ତୋଟା ମାଳରେ ଗଛତଳେ ଅନେକ କଷି ଆମ୍ବ ଝଡ଼ି ପଡିଛି। କ୍ଷତିଗ୍ରସ୍ତ ଆମ୍ବ ଚାଷୀମାନେ ଏଥିପାଇଁ ଭାଙ୍ଗି ପଡ଼ିଛନ୍ତି ।

# ଗଣିଆରେ କାଳବୈଶାଖୀ



ରାସ୍ତାରେ ପଡ଼ିଥିବା ଗଛକୁ ଅଗ୍ନିଶମ କର୍ମଚାରୀମାନେ କାଟି ସଫା କରୁଛନ୍ତି ।

## ଆମ୍ବଗଛ ପଡ଼ି ଦୋକାନଘର ଭାଙ୍ଗିଲା

**ଗଣିଆ,୨୬।୪(ସନ୍ତୋଷ କୁମାର ପ୍ରଧାନ)**

ଶନିବାର ଅପରାହ୍ନରେ କାଳବୈଶାଖୀର ପ୍ରଭାବରେ ଗଣିଆ ଅଞ୍ଚଳର ବିଭିନ୍ନ ସ୍ଥାନରେ ବ୍ୟାପକ କ୍ଷୟକ୍ଷତି ହୋଇଛି। କାଳବୈଶାଖୀ ପ୍ରଭାବରେ ବହୁ ଜୋରରେ ପବନ ବହିବାରୁ ଚଉବଙ୍ଗ ଛକରେ ଥିବା ବରଗଛ ଓ ଆମ୍ବଗଛ ଭାଙ୍ଗି ନିକଟରେ ଥିବା ୫ଟି ଦୋକାନ ଭାଙ୍ଗିଯାଇଛି। ମଇଁଷିବିନ୍ଧା ଗ୍ରାମର ସୁଶାନ୍ତ କୁମାର ପ୍ରଧାନଙ୍କ ସ୍ନାକ୍ସ ଦୋକାନ, କିଶୋରପ୍ରସାଦର କାର୍ତ୍ତିକ ବାରିକଙ୍କ ସେଲୁନ, ଢୋଲମରାର ରଞ୍ଜନ ମହାନ୍ତିଙ୍କର ଟିଭି ରିପ୍ୟାରିଂ ଦୋକାନ, କିଶୋରପ୍ରସାଦ ମୁନା ବେହେରାଙ୍କ ବାଇକ ଗ୍ୟାରେଜ, କିଶୋରପ୍ରସାଦର ଚୈତନ୍ୟ ନାୟକଙ୍କ ଟେଷ୍ଟ ଦୋକାନ ଉପରେ ବିରାଟକାୟ ଆମ୍ବ ଓ ବରଗଛ ପଡିଥିଲା । ଫଳରେ ଦୋକାନ ଘର ସବୁ ଭାଙ୍ଗି ଚୁରମାର ହୋଇଯାଇଛି। ସେହିପରି ଚଉବଙ୍ଗ ଛକଠାରୁ ଢୋଲମରା ରାସ୍ତାର ବାଲିସାହି ପାଖରେ ଏକ ବିରାଟକାୟ ଆମ୍ବ ଗଛ ଭାଙ୍ଗି ରାସ୍ତା ଉପରେ ଇଲେଭେନ କେଭି ବିଦ୍ୟୁତ୍ ତାର ଛିଡ଼ିବା ସହିତ ଖୁଣ୍ଟି ଭାଙ୍ଗି ଚୁରମାର୍ ହୋଇଯାଇଛି। ସେହିପରି ଗଣିଆ ଛାମୁଣ୍ଡିଆ ରାସ୍ତର ଗଣିଆ ଡାକବଙ୍ଗଳା ନିକଟରେ ଆମ୍ବଗଛ ଭାଙ୍ଗି ରାସ୍ତା ଅବରୋଧ ହୋଇଥିଲା। ଗଣିଆ ଅଗ୍ନିଶମ ଅଧିକାରୀ ବିଜୟାନନ୍ଦଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କାଳ ବୈଶାଖୀ ପ୍ରଭାବରେ ବିଭିନ୍ନ ସ୍ଥାନରେ ଭାଙ୍ଗିଥିବା ଗଛକୁ କାଟି ରାସ୍ତା ସଫା କରିଥିଲେ। ବିଦ୍ୟୁତ ବିଭାଗର କର୍ମଚାରୀମାନେ ତୁରନ୍ତ ବିଦ୍ୟୁତ ସଂଯୋଗ ପାଇଁ ଚେଷ୍ଟା ଜାରି ରଖିଛନ୍ତି। ତେବେ ଅଦିନିଆ କାଳ ବୈଶାଖୀ ଗରିବ ଲୋକଙ୍କ ଭାତହାଣ୍ଡି ଛଡ଼ାଇ ନେଇଛି। କାଳବୈଶାଖୀ ପ୍ରଭାବରେ କ୍ଷୟକ୍ଷତି ହୋଇଥିବା ୫ଜଣ ବ୍ୟକ୍ତିଙ୍କ ସରକାରୀ ସହାୟତା ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଖବର ପାଇ ଗଣିଆ ସରପଞ୍ଚ ଗିରିଧାରୀ ସେଠୀ ଓ ସମିତିସଭ୍ୟ ଫକୀର ମୋହନ ଡାକୁଆ ପହଞ୍ଚି କ୍ଷୟକ୍ଷତି ହୋଇଥିବା ଲୋକଙ୍କ ସହିତ ଆଲୋଚନା କରିଥିଲେ ।

## ଗଛ ପଡ଼ି ଘର ଭାଙ୍ଗିଲା

**ଦଶପଲ୍ଲା,୨୬।୪(ପ୍ରକାଶ କୁମାର ପାଣି)**

ଶନିବାର ଅପରାହ୍ନରେ ଦଶପଲ୍ଲା ଅଞ୍ଚଳର ବିଭିନ୍ନ ସ୍ଥାନରେ କାଳ ବୈଶାଖୀ ପ୍ରଭାବରେ ବହୁ ଘର ଭାଙ୍ଗିଛି। ଏଥିସହ ଗଛ ପଡ଼ି ଜଣେ ବ୍ୟକ୍ତିଙ୍କ ଘର ଭାଙ୍ଗି ଯାଇଛି। ଖମାରସାହି ପଞ୍ଚାୟତର ଖମାରସାହି ଠାରୁ ପୁରୁଣା ଦଶପଲ୍ଲା ପର୍ଯ୍ୟନ୍ତ ୪ଟି ସ୍ଥାନରେ ଗଛ ଭାଙ୍ଗି ରାସ୍ତା ଅବରୋଧ ହୋଇଥିଲା। ଉକ୍ତ ପଞ୍ଚାୟତର ପଦ୍ମପୁର ଗ୍ରାମର ଦୀନବନ୍ଧୁ ସାହୁଙ୍କ ଘର ଉପରେ ଏକ ଗଛ ଉପୁଡି ପଡିବାରୁ ତାଙ୍କ ଘରର ବହୁ କ୍ଷତି ଘଟିଛି । ଦଶପଲ୍ଲା ଅଗ୍ନିଶମସେବା କର୍ମଚାରୀମାନେ ପହଞ୍ଚି ଗଛ କାଟିବାରୁ ରାସ୍ତା ଅବରୋଧ ହଟିଛି ।



ଘର ଉପରେ ପଡ଼ିଥିବା ଗଛକୁ କଟାଯାଉଛି।

# କାନପୁରଠାରୁ ବୈତରଣୀରେ ଜଳ ପ୍ରବାହ ବନ୍ଦ

## ୮୦ ଦଶକର ତ୍ରୁଟି ପାଇଁ ଚାଷ, ଶିଳ୍ପ ପ୍ରଭାବିତ



ବୈତରଣୀ ଜଳସ୍ରୋତ ବନ୍ଦ କରାଯାଇ ନିର୍ମାଣ କାର୍ଯ୍ୟ ଚାଲିଛି।

**ଯୋଡ଼ା,୨୬।୪(ମାନସ ରଞ୍ଜନ ମହାନ୍ତି)**

ଓଡ଼ିଶାର ଦ୍ୱିତୀୟ ନଦୀବନ୍ଧ ଯୋଜନା କାନପୁର ଡ୍ୟାମ ନିର୍ମାଣ ଚାଲିଛି। ଏହା ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇ ନ ଥିବା ବେଳେ ଏହା ମଧ୍ୟରେ ବୈତରଣୀ ନଦୀର ତଳମୁଣ୍ଡକୁ ଜଳ ପ୍ରବାହ ବନ୍ଦ ହୋଇଯାଇଛି। ୮୦ ଦଶକରେ ହୋଇଥିବା ତ୍ରୁଟି କାରଣରୁ ଏଭଳି ସମସ୍ୟା ଦେଖାଯାଇଥିବା କୁହାଯାଉଛି। ଏବେ କୌଣସି ବିକଳ୍ପ ବ୍ୟବସ୍ଥା ନ କରି ଜଳ ସ୍ରୋତ ବନ୍ଦ କରି ଡିଫ୍ଲେସନ ସୁଇଚ୍ ନିର୍ମାଣ ଚାଲିଛି। ଏ ନେଇ ନଦୀର ଜଳକୁ ସମ୍ପୂର୍ଣ୍ଣ ବନ୍ଦ କରି ଦିଆଯାଇଥିବାରୁ ବିଶେଷକରି ଚାଷ ଓ ଶିଳ୍ପ ପ୍ରଭାବିତ ହେଉଛି। ପ୍ରକାଶ ଯେ, କେନ୍ଦୁଝର ଜିଲା ଗୋନାସିକାଠାରୁ ଦୀର୍ଘ ୩୬୦କିମି ପଥ ଅତିକ୍ରମ କରି ବୈତରଣୀ ନଦୀ ଧାମରା ନିକଟ ବ୍ରାହ୍ମଣୀ ନଦୀରେ ମିଶିଥାଏ। ପରେ ଏହା ବଙ୍ଗୋପସାଗରରେ ମିଶିଛି। ବୈତରଣୀ ନଦୀ ଉପରମୁଣ୍ଡ ଯୋଡ଼ା ବ୍ଲକ୍ କାନପୁରଠାରେ ବୃହତ୍ ନଦୀବନ୍ଧ ଯୋଜନା ନିର୍ମାଣ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ମାତ୍ର କିଛି ଦିନ ହେବ ଅଚାନକ ନଦୀର ସ୍ରୋତକୁ ବନ୍ଦ କରି ଦିଆଯାଇଛି। ଫଳରେ ନଦୀବନ୍ଧର ତଳମୁଣ୍ଡରେ ଜଳ ବ୍ୟବହାର କରୁଥିବା ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ନଦୀରେ ଜଳ ନ ଥିବାରୁ ଏବଂ ଜଳସ୍ତର ହ୍ରାସ ପାଇଥିବାରୁ ଏକ ପ୍ରକାର ହାହାକାର ପରିସ୍ଥିତି ଉପୁଜିଛି। ଚାଷୀମାନେ ଆନ୍ଦୋଳନକୁ ଓହ୍ଲାଇ ଆସିଲେଣି। ନଦୀରେ ଜଳ ହ୍ରାସ ଯୋଗୁ ନଦୀରୁ ଜଳ ନେଉଥିବା ବିଭିନ୍ନ ଶିଳ୍ପ କମ୍ପାନୀ ତଥା ଜେଏସ୍‌ପିଏଲ୍, ଟାଟା, ବିଆର୍‌ପିଏଲ କମ୍ପାନୀ ସମସ୍ୟାରେ ପଡ଼ିଛନ୍ତି। ସେହିପରି ନାର୍ଭେରାମ କମ୍ପାନୀ ଜଳ ନେବା ପାଇଁ ନିଜର ପାଇପ୍‌ଲାଇନ୍ ବିଛାଇବା ଆରମ୍ଭ କରିଛି। ଏବେ ଜଳସ୍ରୋତ କମିଥିବାରୁ କମ୍ପାନୀଗୁଡ଼ିକର ଜଳ ନିଅଣ୍ଟ ଦେଖାଯାଇଛି। ତେଣେ ଚାଷୀଙ୍କ ଜମିକୁ ଜଳଯୋଗାଣ ବ୍ୟାହତ ହୋଇଛି। ପ୍ରଚଣ୍ଡ ଖରା ଯୋଗୁ ଜଳ ଶୁଖିଯିବାରୁ ନଦୀ ଅବବାହିକାରେ ଥିବା ଜନବସତିର ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜଳସଙ୍କଟ ଅବସ୍ଥା ଯୋଡ଼ା ବ୍ଲକ୍ କାନପୁର ଡ୍ୟାମଠାରୁ ଆରମ୍ଭ ହୋଇ ଚମ୍ପୁଆ, ଡୁରୁମୁଙ୍ଗା, ଉଦୟପୁର, ପାଟଣା, ଆନନ୍ଦପୁର, ଯାଜପୁର ପର୍ଯ୍ୟନ୍ତ ଦେଖାଦେଇଛି। ଘଟଣା ସମ୍ପର୍କରେ କାନପୁର ଜଳସେଚନ ପ୍ରକଳ୍ପର ବରିଷ୍ଠ ଯନ୍ତ୍ରୀ ପ୍ରସାଦ ପଣ୍ଡା କହିଛନ୍ତି, ୮୦ ଦଶକର ବୈଷୟିକ ତ୍ରୁଟି ଏବେ ଅସୁବିଧାର କାରଣ ହୋଇଛି। ନଦୀକୁ ଶୁଷ୍କ ନ ରଖିବା ପାଇଁ ଏବଂ ଅତି ଆବଶ୍ୟକ ସ୍ଥଳେ ଡିଫ୍ଲେସନ ସୁଇଚ ମାଧ୍ୟମରେ ଜଳ ବନ୍ଧରୁ ନିଷ୍କାସନ କରାଯାଇଥାଏ, ଯାହାକି ସେ ସମୟରେ ନିର୍ମାଣ କରାଯିବାର ଥିଲା। ଏହା ହୋଇ ନ ଥିବାରୁ ଏହି ଡି ସୁଇଚ୍ ନିର୍ମାଣ କାର୍ଯ୍ୟ ଚାଲିଛି। ଏଥିପାଇଁ ଡ୍ୟାମ୍‌ରେ ପାଣି ଜମା ରଖାଯାଉଛି। ଏହା ସମୟସାପେକ୍ଷ ହୋଇଥିବାରୁ ନଦୀରେ ପୂର୍ବ ପରି ଜଳ ପ୍ରବାହ ନାହିଁ। ଜୁନ ବେଳକୁ ନଦୀବନ୍ଧରେ ଖୋଲା ଯାଇଥିବା କେନାଲ ଉଚ୍ଚତାରେ ଜଳପ୍ରବାହ ନଦୀକୁ କରାଯିବ। ବନ୍ଧର ସ୍ପିଲ ୱେ ନିର୍ମାଣ ବେଳେ ଏହି ଡିଫ୍ଲେସନ ସୁଇଚ୍ କରାଯାଇଥିଲେ ଆଜି ଏହି ପରିସ୍ଥିତି ଉପୁଜି ନ ଥା'ନ୍ତା। ଏହାର ନିର୍ମାଣ ଦ୍ୱାରା ବନ୍ଧର ସ୍ଥାୟିତ୍ୱ ସ୍ଥିର ରହିବ। ନଦୀରେ ଜଳସ୍ରୋତ ସ୍ୱାଭାବିକ ରହିବ। ବର୍ଷା ଦିନ ପୂର୍ବରୁ ଏହି କାର୍ଯ୍ୟ କରାଯାଉଛି ବୋଲି ସେ କହିଥିଲେ।

# ବୈତରଣୀ, ପର୍ଯ୍ୟଟନସ୍ଥଳରେ ତ୍ରିଲୋଚନଙ୍କ ସଫେଇ ଅଭିଯାନ

**ଆନନ୍ଦପୁର,୨୬।୪(ସୁଶାନ୍ତ କୁମାର ସାହୁ)**

ବୈତରଣୀ ନଦୀକୂଳ ଓ ଏହାର ପାର୍ଶ୍ୱବର୍ତ୍ତୀ ପର୍ଯ୍ୟଟନସ୍ଥଳଗୁଡ଼ିକୁ ପ୍ଲାଷ୍ଟିକମୁକ୍ତ କରିବା ପାଇଁ ପ୍ରକୃତିବନ୍ଧୁ ତ୍ରିଲୋଚନ ସାହୁ ଅଭିଯାନ ଆରମ୍ଭ କରିଛନ୍ତି। ପ୍ରାଥମିକ ଭାବେ ବୈତରଣୀ ନଦୀକୁ ଲାଗି ରହିଥିବା ବିଭିନ୍ନ ପର୍ଯ୍ୟଟନସ୍ଥଳ ଏବଂ ଦର୍ଶନୀୟ ସ୍ଥାନଗୁଡ଼ିକୁ କିଭଳି ପ୍ଲାଷ୍ଟିକ ଏବଂ ଆବର୍ଜନାମୁକ୍ତ କରାଯାଇପାରିବ ସେ ନେଇ କାମ କରୁଛନ୍ତି। ଏହି କ୍ରମରେ ଶନିବାର ପୂର୍ବାହ୍ନ ୧୦ଟାରେ ଆନନ୍ଦପୁରସ୍ଥିତ ଶହୀଦ ସୁଶାନ୍ତ ଖୁଣ୍ଟିଆ ଫିଟ୍‌ନେସ ପାର୍କ ଏବଂ ଏହାର ଆଖପାଖ ଅଞ୍ଚଳରେ ପଡ଼ିଥିବା ବିଭିନ୍ନ ପ୍ଲାଷ୍ଟିକ୍ ବୋତଲ, ଜରି, କାଚ ଏବଂ ପ୍ଲାଷ୍ଟିକ୍ ଗ୍ଲାସ ଆଦି ସଫା କରିଥିଲେ। ପାଖାପାଖି ୨୦ କେଜିରୁ ଊର୍ଦ୍ଧ୍ୱ ପ୍ଲାଷ୍ଟିକ୍ ଓ ଆବର୍ଜନା ସଫା କରାଯାଇଥିଲା। ବର୍ତ୍ତମାନ ଉକ୍ତ ପାର୍କଟି ସମ୍ପୂର୍ଣ୍ଣ ପ୍ଲାଷ୍ଟିକମୁକ୍ତ ହୋଇପାରିଛି। ଆଗାମୀ ଦିନରେ ବୈତରଣୀ ନଦୀକୁ ଲାଗିଥିବା ପର୍ଯ୍ୟଟନସ୍ଥଳଗୁଡ଼ିକୁ ପ୍ଲାଷ୍ଟିକ୍‌ମୁକ୍ତ କରିବା ପାଇଁ ଉଦ୍ୟମ ଜାରି ରଖିବେ ବୋଲି ତ୍ରିଲୋଚନ କହିଛନ୍ତି। ସମସ୍ତେ ବୈତରଣୀ ସଫେଇ ଅଭିଯାନ ତଥା ପର୍ଯ୍ୟଟନସ୍ଥଳଗୁଡ଼ିକୁ ପ୍ଲାଷ୍ଟିକ୍‌ମୁକ୍ତ ଅଭିଯାନକୁ ସହଯୋଗ କରିବା ଆବଶ୍ୟକ। ପର୍ଯ୍ୟଟନସ୍ଥଳୀ ଏବଂ ବିଭିନ୍ନ ପାର୍କକୁ ଅଳିଆ ନ କରିବା ପାଇଁ ସେ ଅନୁରୋଧ କରିଛନ୍ତି। ନିଜ ବ୍ୟବହାରରେ ପରିବର୍ତ୍ତନ ଆଣିବା ସହିତ ନିଜେ ବ୍ୟବହାର କରୁଥିବା ପ୍ଲାଷ୍ଟିକ୍‌କୁ ଏଣେତେଣେ ନ ପକାଇ ଡଷ୍ଟବିନ୍ ବ୍ୟବହାର କରିବା। ନିଜେ ନିଜ ଭିତରେ କିଛି ପରିବର୍ତ୍ତନ ଆଣିପାରିବେ, ଏ ଅଭିଯାନ ଶୀଘ୍ର ସଫଳ ହୋଇପାରିବ ବୋଲି ତ୍ରିଲୋଚନ କହିଛନ୍ତି। ସଫେଇ ଅଭିଯାନରେ ତାଙ୍କୁ ରାଜକିଶୋର ବାରିକ, ରଞ୍ଜିତ ନାୟକ, ପ୍ରସନ୍ନ ନାହାକ ସହଯୋଗ କରୁଛନ୍ତି।



ବୈତରଣୀ ନଦୀକୂଳରୁ ତ୍ରିଲୋଚନା ପ୍ଲାଷ୍ଟିକ ସଫା କରିବା ସହ ସଚେତନତା ବାର୍ତ୍ତା ଦେଉଛନ୍ତି।



## Office of the Chief District Medical & Public Health Officer, Boudh

**Quotation/Tender Call Notice For Hiring of Vehicle**

**Notification No.1365** **Date : 22.04.2025**

**No.E-39** : Sealed Quotation /tenders are invited from interested reputed Travel Agencies/ Tour Operators/Private individuals for hiring of 1 (One) no. of AC Petrol /Diesel/ driven vehicles having sitting capacity not more than 7 (Seven) including Driver, which shall conform to the Terms and conditions (Appendix-A) for official use in CDM&PHO, Boudh Department/Office on monthly rent/daily hiring basis. The Quotation completed in all respect should reach to the office of CDM & PHO, Boudh on or before 14.05.2025 by 1.00 P.M. through Regd. Post/ Speed Post/Courier Only and shall be opened on the same day at 1.00 P.M. in presence of the bidders or their authorized representatives in the office chamber of the undersigned.

The undersigned reserves the right to reject any or all the tender without any reason thereof.

**Sd./- CDM&PHO-cum-District Mission Director, Boudh**

## ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାର
## ହସ୍ତଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା

୨୦୨୫-୨୬ ଆର୍ଥିକ ବର୍ଷରେ ହସ୍ତଶିଳ୍ପ କାରିଗରମାନଙ୍କର ଉନ୍ନତି ନିମନ୍ତେ ଉପଯୁକ୍ତ କାରିଗରମାନଙ୍କଠାରୁ ନିମ୍ନଲିଖିତ ଯୋଜନାରେ **ତା.୩୧.୦୫.୨୦୨୫** ସୁଦ୍ଧା ଅନଲାଇନ୍ ମାଧ୍ୟମରେ ଦରଖାସ୍ତ ଆହ୍ୱାନ କରାଯାଉଅଛି।

| କ୍ର.ସଂ. | ଯୋଜନାର ନାମ | ଯୋଜନା ସମ୍ବନ୍ଧୀୟ ସଂକ୍ଷିପ୍ତ ସୂଚନା |
|---|---|---|
| ୧ | **ସାମର୍ଥ୍ୟ ବୃଦ୍ଧି (Capacity Building)** | |
| | **(କ) ଗୁରୁଶିଷ୍ୟ ପରମ୍ପରା ତାଲିମ (GSP Training)** | ଜାତୀୟ ହସ୍ତଶିଳ୍ପ ପୁରସ୍କାରପ୍ରାପ୍ତ / ଜାତୀୟ ହସ୍ତଶିଳ୍ପ ମେରିଟ୍ ପୁରସ୍କାରପ୍ରାପ୍ତ / ରାଜ୍ୟ ହସ୍ତଶିଳ୍ପ ପୁରସ୍କାରପ୍ରାପ୍ତ / ରାଜ୍ୟ ହସ୍ତଶିଳ୍ପ ମେରିଟ ପୁରସ୍କାରପ୍ରାପ୍ତ ଓ ରାଜ୍ୟ ହସ୍ତଶିଳ୍ପ ନମୁନା ପୁରସ୍କାରପ୍ରାପ୍ତ ବ୍ୟକ୍ତିବିଶେଷଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ (ଗୁରୁ ଭାବରେ) ୧୫ ଜଣ କାରିଗରଙ୍କୁ ତାଲିମ ପ୍ରଦାନ । ଶିକ୍ଷାର୍ଥୀ ଅନ୍ୟୂନ ଓଡ଼ିଆ ଭାଷାରେ ଲେଖା ଏବଂ ପଢ଼ା ଜାଣିଥିବେ ଓ ୧୮ରୁ ୫୦ ବର୍ଷ ବୟସ ମଧ୍ୟରେ ହୋଇଥିବେ। ସେମାନେ ୬ ମାସ କିମ୍ବା ଅଧିକ ଅବଧିର ପ୍ରାଥମିକ ତାଲିମ ନେଇଥିବେ କିମ୍ବା ଅନ୍ୟୂନ ୩ ବର୍ଷ କାମ କରିବାର ଅଭିଜ୍ଞତା ଥିବ। ଆବେଦନକାରୀଙ୍କ ନାମ ହସ୍ତଶିଳ୍ପ ସର୍ବେକ୍ଷଣ ତାଲିକାରେ ଥିବା ଆବଶ୍ୟକ । ଗୁରୁଙ୍କ ମାସିକ ପାରିତୋଷିକ ଟ.୩୦,୦୦୦/- (ଜାତୀୟସ୍ତରୀୟ ହସ୍ତଶିଳ୍ପ ପୁରସ୍କାରପ୍ରାପ୍ତ) ଓ ଟ.୨୫,୦୦୦/- (ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପୁରସ୍କାରପ୍ରାପ୍ତ) ଏବଂ ଶିକ୍ଷାର୍ଥୀଙ୍କ ମାସିକ ବୃତ୍ତି ଟ.୫,୦୦୦/-। ତାଲିମ ଅବଧି: ଗ୍ରୁପ୍ A ହସ୍ତଶିଳ୍ପ-୬ ମାସ ଓ ଗ୍ରୁପ୍ B ହସ୍ତଶିଳ୍ପ-୪ ମାସ। |
| | **(ଖ) ନିପୁଣ ଶିଳ୍ପୀଙ୍କ ମାଧ୍ୟମରେ ତାଲିମ (MCP Training)** | ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ଅଧୀନରେ ସୂଚୀଭୁକ୍ତ ହୋଇଥିବା ନିପୁଣ ଶିଳ୍ପୀ (Empanelled MCP) ମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୧୫ ଜଣ ନୂତନ କାରିଗରଙ୍କୁ ତାଲିମ୍ ପ୍ରଦାନ। ଶିକ୍ଷାର୍ଥୀ ଅନ୍ୟୂନ ଓଡ଼ିଆ ଭାଷାରେ ଲେଖା ଏବଂ ପଢ଼ା ଜାଣିଥିବେ ଓ ୧୮ରୁ ୫୦ ବର୍ଷ ବୟସ ମଧ୍ୟରେ ହୋଇଥିବେ। ସେମାନଙ୍କର ହସ୍ତଶିଳ୍ପ ପ୍ରତି ରୁଚି ଏବଂ ଆଗ୍ରହ ଥିବ। ସେମାନେ ହସ୍ତଶିଳ୍ପର ଅନ୍ୟ କୌଣସି ଯୋଜନାରେ ଏହି ପ୍ରକାରର ତାଲିମ ନେଇନଥିବେ। ନିପୁଣ ଶିଳ୍ପୀଙ୍କ ମାସିକ ପାରିତୋଷିକ ଟ.୨୨,୫୦୦/- (ଗ୍ରୁପ୍ A) ଓ ଟ.୨୦,୦୦୦/- (ଗ୍ରୁପ୍ B) ଏବଂ ଶିକ୍ଷାର୍ଥୀଙ୍କ ମାସିକ ବୃତ୍ତି ଟ.୨,୦୦୦/-। ତାଲିମ୍ ଅବଧି: ଗ୍ରୁପ୍ A ହସ୍ତଶିଳ୍ପ-୧୨ ମାସ ଓ ଗ୍ରୁପ୍ B ହସ୍ତଶିଳ୍ପ - ୬ ମାସ। |
| | **(ଗ) ଶିଳ୍ପୀଗ୍ରାମ ଯୋଜନା (CVP Training)** | ହସ୍ତଶିଳ୍ପ ପୁଞ୍ଜର କାରିଗରମାନଙ୍କୁ ଆତ୍ମନିଯୁକ୍ତି ସହାୟତା ପ୍ରଦାନ କରିବା ନିମନ୍ତେ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରାଯାଇ ସେମାନଙ୍କର ଦକ୍ଷତା ବୃଦ୍ଧି, କାରିଗରୀ କୌଶଳ ଅଭିବୃଦ୍ଧି ତାଲିମ୍ ଓ ଯନ୍ତ୍ରପାତି ଯୋଗାଣ କାର୍ଯ୍ୟକ୍ରମ ପାଇଁ ୨ଗୋଟି ବା ତତୋଧିକ ସ୍ୱୟଂ ସହାୟକ ଗୋଷ୍ଠୀର ଅନ୍ୟୂନ ୩୦ ଜଣ କାରିଗରଙ୍କୁ ବିଚାରକୁ ନିଆଯିବ। ଶିକ୍ଷାର୍ଥୀ ଅନ୍ୟୂନ ଓଡ଼ିଆ ଭାଷାରେ ଲେଖା ଓ ପଢ଼ା ଜାଣିଥିବେ ଓ ୧୮ରୁ ୫୦ ବର୍ଷ ବୟସ ମଧ୍ୟରେ ହୋଇଥିବେ । ପ୍ରଶିକ୍ଷକଙ୍କ ମାସିକ ପାରିତୋଷିକ ଟ.୨୨,୫୦୦/- (ଗ୍ରୁପ୍ A) ଓ ଟ.୨୦,୦୦୦/- (ଗ୍ରୁପ୍ B) ଏବଂ ଶିକ୍ଷାର୍ଥୀଙ୍କ ମାସିକ ବୃତ୍ତି ଟ.୨,୦୦୦/- । ତାଲିମ୍ ଅବଧି: ଗ୍ରୁପ୍ A ହସ୍ତଶିଳ୍ପ - ୧୨ ମାସ ଓ ଗ୍ରୁପ୍ B ହସ୍ତଶିଳ୍ପ - ୬ ମାସ । |
| ୨. | **ହସ୍ତଶିଳ୍ପ କାରିଗରଙ୍କ କର୍ମଶାଳା ନିର୍ମାଣ ଯୋଜନା (Construction of Workshed for Handicraft Artisans)** | ହସ୍ତଶିଳ୍ପ କାରିଗରମାନଙ୍କୁ ୨୪୦ ବର୍ଗଫୁଟର କର୍ମଶାଳା ନିର୍ମାଣ ନିମନ୍ତେ ଟ.୧,୨୦,୦୦୦/- (IAP ଜିଲ୍ଲା ପାଇଁ ଟ.୧,୩୦,୦୦୦/-)ର ଅନୁଦାନ। ଆବେଦନକାରୀଙ୍କର ନାମ ହସ୍ତଶିଳ୍ପ ସର୍ବେକ୍ଷଣ ତାଲିକାରେ ଥିବା ଆବଶ୍ୟକ/ କାରିଗରଙ୍କ ପରିବାରର କେବଳ ଜଣେ ସଦସ୍ୟ ଏହି ଯୋଜନା ଅଧୀନରେ ଲାଭ ପାଇବାକୁ ଯୋଗ୍ୟ ହେବେ / ପରିବାରର କୌଣସି ସଦସ୍ୟ ସରକାରୀ ଚାକିରି କରିନଥିବେ / କାରିଗରଙ୍କ ବାର୍ଷିକ ଆୟ ୧ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହୋଇନଥିବ / କାରିଗରଙ୍କ ବାର୍ଷିକ ରୋଜଗାରର ପ୍ରାୟ ୫୦ ପ୍ରତିଶତ ଟଙ୍କା ତାଙ୍କର ହସ୍ତଶିଳ୍ପ ବୃତ୍ତିରୁ ରୋଜଗାର ହେଉଥିବା ଆବଶ୍ୟକ । |
| ୩. | **ଶିଳ୍ପୀ ଉନ୍ନତି ଯୋଜନା (Silpi Unnati Yojana)** | ୧୮ରୁ ୬୦ ବର୍ଷ ବୟସ ସୀମା ମଧ୍ୟରେ ପାରମ୍ପରିକ / ତାଲିମ୍‌ପ୍ରାପ୍ତ ହସ୍ତଶିଳ୍ପ କାରିଗରମାନଙ୍କର ଉନ୍ନତି ନିମନ୍ତେ ବ୍ୟାଙ୍କ ମାଧ୍ୟମରେ ସର୍ବାଧିକ ଟ.୫୦,୦୦୦/- ଟଙ୍କାର ଋଣ ପ୍ରଦାନ। କେବଳ ଚାନ୍ଦୁଆ ଶିଳ୍ପ, ପଟ୍ଟଚିତ୍ର, କାଠ ଖୋଦେଇ, ପଥର ଖୋଦେଇ, ଆଦିବାସୀ ଅଳଙ୍କାର, କଂସା ଓ ପିତ୍ତଳ ଏବଂ ଢୋକ୍ରା କାମ ପାଇଁ ସର୍ବାଧିକ ଟ.୧,୦୦,୦୦୦/- ଋଣ ପ୍ରଦାନ। ପ୍ରକଳ୍ପ ମୂଲ୍ୟର ୨୦% (ସର୍ବାଧିକ ଟ.୨୦,୦୦୦/-ର) ଆର୍ଥିକ ଅନୁଦାନ ସହାୟତା। ଆବେଦନକାରୀଙ୍କ ନାମ ହସ୍ତଶିଳ୍ପ ସର୍ବେକ୍ଷଣ ତାଲିକାରେ ଥିବା ଆବଶ୍ୟକ । |

ବି.ଦ୍ର: **ଗ୍ରୁପ୍ A ହସ୍ତଶିଳ୍ପ- ପଟ୍ଟଚିତ୍ର, ତାଳପତ୍ର ଖୋଦେଇ, କାଠ ଖୋଦେଇ, ପଥର ଖୋଦେଇ, ରୁପା ତାରକସି କାମ, କଂସା ଓ ପିତ୍ତଳ କାମ ଏବଂ ଢୋକ୍ରା କାମ ।**
**ଗ୍ରୁପ୍ B ହସ୍ତଶିଳ୍ପ- ଅନୁମୋଦିତ ଅନ୍ୟାନ୍ୟ ୪୮ ଗୋଟି ହସ୍ତଶିଳ୍ପ ।**

ଉପରୋକ୍ତ ସମସ୍ତ ଯୋଜନାଗୁଡ଼ିକର ସବିଶେଷ ତଥ୍ୟ ସମ୍ପୃକ୍ତ ଜିଲ୍ଲା ହସ୍ତଶିଳ୍ପ କାର୍ଯ୍ୟାଳୟରେ ଉପଲବ୍ଧ । ଆଗ୍ରହୀ ହସ୍ତଶିଳ୍ପ କାରିଗରମାନଙ୍କୁ ଅନୁରୋଧ ସେମାନେ ଉପରୋକ୍ତ ଯୋଜନାଗୁଡ଼ିକରେ ସହାୟତା ପାଇଁ ଅନଲାଇନ୍ ମାଧ୍ୟମରେ https://crafts.odisha.gov.in/ ୱେବସାଇଟ୍ ପରିଦର୍ଶନ କରି Apply Online ଉପରେ Click କରି https://spdp.odisha.gov.in/ରେ ପ୍ରବେଶ କରିବା ପରେ ଆବେଦନ କରିବାକୁ ଚାହୁଁଥିବା ଯୋଜନାରେ Apply Now ଉପରେ Click କରି ଆବେଦନ କରିପାରିବେ । ଏହି ୱେବସାଇଟ୍ ତା.୨୮.୦୪.୨୦୨୫ରିଖରୁ ତା.୩୧.୫.୨୦୨୫ରିଖ ପର୍ଯ୍ୟନ୍ତ ଆବେଦନ କରିବା ପାଇଁ ଉନ୍ମୁକ୍ତ ରହିବ । ଏଥି ସମ୍ବନ୍ଧୀୟ ବିଶେଷ ତଥ୍ୟ ପାଇଁ ସମ୍ପୃକ୍ତ ଉପ ନିର୍ଦ୍ଦେଶକ (ହସ୍ତଶିଳ୍ପ) ସହକାରୀ ନିର୍ଦ୍ଦେଶକ (ହସ୍ତଶିଳ୍ପ) / ହସ୍ତଶିଳ୍ପ ବିକାଶ ଅଧିକାରୀ ତଥା ଏହି ନିର୍ଦ୍ଦେଶାଳୟର ନିଃଶୁଳ୍କ ଟେଲିଫୋନ୍ ସେବା- ୧୮୦୦ ୩୪୫ ୭୮୫୦ରେ ଯୋଗାଯୋଗ କରିବାକୁ ଅନୁରୋଧ । ଆବଶ୍ୟକ ସ୍ଥଳେ ଓଡ଼ିଶା ସରକାର ଉପରୋକ୍ତ ନିୟମାବଳୀର ପରିବର୍ତ୍ତନ କରିପାରିବେ ।

**ସ୍ୱା./- ନିର୍ଦ୍ଦେଶିକା, ହସ୍ତଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା**



## ଓଡ଼ିଶା ସରକାର
## ରାୟଗଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
### ଅଧିସୂଚନା

No.-୩୬୨ Date:୦୯.୦୪.୨୦୨୫

**No.XXVII-01:** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ରାୟଗଡା ଜିଲ୍ଲାରେ ବେଦାନ୍ତ ଲିମିଟେଡ ଦ୍ୱାରା ପ୍ରସ୍ତାବିତ ସିଜିମାଳି ବକ୍ସାଇଟ ଖଣି ପ୍ରକଳ୍ପ ନିର୍ମାଣ ନିମନ୍ତେ ନିଜସ୍ୱ ବ୍ୟୟରେ ମୌଜା-ମାଳିପଦର, ତହସିଲ-କାଶୀପୁର, ଥାନା-କାଶୀପୁର, ଜିଲ୍ଲା-ରାୟଗଡାରେ ନିମ୍ନ ତଫସିଲମତେ ପ୍ରାୟ ରକବା ଏ.୨୪୭.୬୮୦ ଡି. ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି । ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି । ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ। ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ରାୟଗଡା ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ :- ବେଦାନ୍ତ ଲିମିଟେଡ ଦ୍ୱାରା ପ୍ରସ୍ତାବିତ ସିଜିମାଳି ବକ୍ସାଇଟ ଖଣି ପ୍ରକଳ୍ପ ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ :- IDCO, Bhubaneswar.
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ - ଏହି ପ୍ରକଳ୍ପ ନିମନ୍ତେ ସାମାଜିକ ପ୍ରଭାବ ନିର୍ଦ୍ଧାରଣ ବିବରଣୀ ଅନୁଯାୟୀ ୩୪ ଜମିମାଲିକଙ୍କ ୧୬୧ ଜଣ ସଦସ୍ୟ ବିସ୍ଥାପନ ହେବେ । ଯେହେତୁ ମାଳିପଦର ଗ୍ରାମ ଖଣି ଲିଜ୍‌ର କୋର ଅଞ୍ଚଳରେ ଅବସ୍ଥିତ, ଏଣୁ ସମ୍ପୂର୍ଣ୍ଣ ଅଧିଗ୍ରହଣ ହେବ ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ - ଉକ୍ତ ପ୍ରକଳ୍ପ ପାଇଁ SIA Study vide No.SIA-୨୦୨୮/NCDS ତା.୦୨.୧୨.୨୦୨୪ ରିଖ ଦ୍ରଷ୍ଟବ୍ୟ ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ - ଉପ-ଜିଲ୍ଲାପାଳ, ରାୟଗଡ଼।
୬. ଜମିର ବିବରଣୀ

| ଜିଲ୍ଲା | ତହସିଲ | ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ |
| ରାୟଗଡା | କାଶୀପୁର | ମାଳିପଦର | ଗ୍ରାମାଞ୍ଚଳ | ଏଥିସହ ସଂଲଗ୍ନ ଅଛି | ଏଥିସହ ସଂଲଗ୍ନ ଅଛି | ଏ. ୨୪୭.୬୮୦ ଡି | ଏ. ୨୪୭.୬୮୦ ଡି. | ଏଥିସହ ସଂଲଗ୍ନ ଅଛି |

ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ରାୟଗଡାଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ, ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦେୟ ସୃଷ୍ଟି ରାୟଗଡ଼ା ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./- ଜିଲ୍ଲାପାଳ, ରାୟଗଡ଼**

**ଭୂମି ଅଧିଗ୍ରହଣ ଅନୁସୂଚୀ**

**ମୌଜା-ମାଳିପଦର (ଗ୍ରାମାଞ୍ଚଳ), ତହସିଲ-କାଶୀପୁର, ଥାନା-କାଶୀପୁର, ଥାନା ନଂ.୮୩, ଜିଲ୍ଲା-ରାୟଗଡା**

**ବେଦାନ୍ତ ଦ୍ୱାରା ସିଜିମାଳି ବକ୍ସାଇଟ ଖଣି ପ୍ରକଳ୍ପ ନିମନ୍ତେ**

| କ୍ରମିକ. ନଂ. | ଖତିୟାନ ନଂ. | ପ୍ଲଟ ନଂ. | ମୋଟ ରକବା (ଏକରରେ) | ଅଧିଗ୍ରହଣ ରକବା (ଏକରରେ) | କିସମ | ଅଭିଲିଖିତ ରୟତ ନାମ |
|---|---|---|---|---|---|---|
| ୧ | ୧ | ୧୭୧ | ୦.୧୨୦ | ୦.୧୨୦ | ଆଟ | ଏସଫୁଲମାଡି, ପି:ସାଉଁମାଝି, ଜା:କନ୍ଧ, ବା:ନିଜଗାଁ |
| ୨ | ୨ | ୨୫ | ୧.୨୭୦ | ୧.୨୭୦ | ଆଟ | ଜଗୁ ମାଝି, ଜବୁରୁ ମାଝି, ସୁନା ମାଝି, ପି:ସରକାର ମାଝି, ଲେଲାଡ ମାଝି, ସ୍ୱା:ସରକାର ମାଝି, ଲାୟୁ ମାଝି, ପୁଙ୍ଗେର ମାଝି, ସାନା ମାଝି, ପି:ଜବୁରୁ ମାଝି, ଲାକି ମାଝି, ପି:ନିଲା ମାଝି, ଜନଦେଇ ମାଝି, ସ୍ୱା: ନିଲା ମାଝି, ଜା:କନ୍ଧ, ବା:ନିଜଗାଁ |
| ୩ | | ୨୭ | ୩.୭୦୦ | ୩.୭୦୦ | ଆଟ | |
| ୪ | | ୫୭ | ୨.୨୦୦ | ୨.୨୦୦ | ଆଟ | |
| ୫ | | ୮୧ | ୦.୨୦୦ | ୦.୨୦୦ | ଆଟ | |
| ୬ | | ୮୮ | ୦.୩୫୦ | ୦.୩୫୦ | ଆଟ | |
| ୭ | | ୯୩ | ୦.୦୭୦ | ୦.୦୭୦ | ଆଟ | |
| ୮ | | ୧୦୦ | ୧.୦୫୦ | ୧.୦୫୦ | ଆଟ | |
| ୯ | | ୧୦୧ | ୦.୬୦୦ | ୦.୬୦୦ | ଆଟ | |
| ୧୦ | | ୧୦୫ | ୦.୦୮୦ | ୦.୦୮୦ | ଆଟ | |
| ୧୧ | | ୧୦୬ | ୦.୧୨୦ | ୦.୧୨୦ | ଆଟ | |
| ୧୨ | | ୧୦୭ | ୦.୧୫୦ | ୦.୧୫୦ | ଆଟ | |
| ୧୩ | | ୧୧୧ | ୩.୦୦୦ | ୩.୦୦୦ | ଆଟ | |
| ୧୪ | | ୧୧୨ | ୦.୧୦୦ | ୦.୧୦୦ | ଆଟ | |
| ୧୫ | | ୧୧୩ | ୧.୨୫୦ | ୧.୨୫୦ | ଆଟ | |
| ୧୬ | | ୧୨୦ | ୦.୭୦୦ | ୦.୭୦୦ | ଆଟ | |
| ୧୭ | | ୧୨୯ | ୧.୦୦୦ | ୧.୦୦୦ | ଆଟ | |
| ୧୮ | | ୧୩୦ | ୦.୨୦୦ | ୦.୨୦୦ | ଆଟ | |
| ୧୯ | | ୧୩୩ | ୧.୮୫୦ | ୧.୮୫୦ | ଆଟ | |
| ୨୦ | | ୧୫୬ | ୦.୮୦୦ | ୦.୮୦୦ | ଆଟ | |
| ୨୧ | | ୧୬୧ | ୦.୧୩୦ | ୦.୧୩୦ | ଆଟ | |
| ୨୨ | | ୧୬୨ | ୦.୧୩୦ | ୦.୧୩୦ | ଆଟ | |
| ୨୩ | | ୧୬୩ | ୦.୨୩୦ | ୦.୨୩୦ | ଆଟ | |
| ୨୪ | | ୧୬୫ | ୦.୨୦୦ | ୦.୨୦୦ | ଆଟ | |
| ୨୫ | | ୧୭୬ | ୦.୪୦୦ | ୦.୪୦୦ | ଆଟ | |
| ୨୬ | | ୧୭୭ | ୩.୩୦୦ | ୩.୩୦୦ | ଆଟ | |
| ୨୭ | | ୧୮୨ | ୦.୨୦୦ | ୦.୨୦୦ | ଆଟ | |
| ୨୮ | | ୧୮୩ | ୦.୦୮୦ | ୦.୦୮୦ | ଆଟ | |
| ୨୯ | | ୩୧/୨୫୬ | ୦.୧୦୦ | ୦.୧୦୦ | ଆଟ | |
| ୩୦ | | ୮୭/୨୫୭ | ୦.୦୩୦ | ୦.୦୩୦ | ଆଟ | |
| ୩୧ | ୩ | ୭୫ | ୧.୬୦୦ | ୧.୬୦୦ | ଆଟ | ଜଗୁ ମାଝି, ପି:ସରକାର ମାଝି, ଜା:କନ୍ଧ, ବା:ନିଜଗାଁ |
| ୩୨ | | ୨୬/୨୫୫ | ୦.୩୩୦ | ୦.୩୩୦ | ଆଟ | |
| ୩୩ | ୪ | ୧୬ | ୦.୩୦୦ | ୦.୩୦୦ | ଆଟ | ଜମା ମାଝି, ପି:ରାମସିଙ୍ଗ ମାଝି, ଜା:କନ୍ଧ, ବା:ନିଜଗାଁ |
| ୩୪ | | ୧୭ | ୦.୧୦୦ | ୦.୧୦୦ | ଆଟ | |
| ୩୫ | | ୩୬ | ୦.୧୧୦ | ୦.୧୧୦ | ଆଟ | |
| ୩୬ | | ୪୫ | ୭.୭୫୦ | ୭.୭୫୦ | ଆଟ | |
| ୩୭ | | ୪୬ | ୧.୫୬୦ | ୧.୫୬୦ | ଆଟ | |
| ୩୮ | | ୫୨ | ୨.୦୦୦ | ୨.୦୦୦ | ଆଟ | |
| ୩୯ | | ୫୩ | ୧.୨୦୦ | ୧.୨୦୦ | ଆଟ | |
| ୪୦ | | ୬୬ | ୦.୯୦୦ | ୦.୯୦୦ | ଆଟ | |
| ୪୧ | | ୭୨ | ୦.୧୦୦ | ୦.୧୦୦ | ଆଟ | |
| ୪୨ | | ୯୧ | ୦.୦୨୦ | ୦.୦୨୦ | ଘରବାରି | |
| ୪୩ | | ୯୬ | ୧.୬୦୦ | ୧.୬୦୦ | ଆଟ | |
| ୪୪ | | ୯୯ | ୦.୧୦୦ | ୦.୧୦୦ | ଆଟ | |
| ୪୫ | | ୧୧୫ | ୦.୧୦୦ | ୦.୧୦୦ | ଆଟ | |
| ୪୬ | | ୧୨୧ | ୧.୯୦୦ | ୧.୯୦୦ | ଆଟ | |
| ୪୭ | | ୧୨୪ | ୦.୪୫୦ | ୦.୪୫୦ | ଆଟ | |
| ୪୮ | | ୧୩୭ | ୦.୬୦୦ | ୦.୬୦୦ | ଆଟ | |
| ୪୯ | | ୧୩୮ | ୧.୫୦୦ | ୧.୫୦୦ | ଆଟ | |
| ୫୦ | | ୧୩୯ | ୧.୫୦୦ | ୧.୫୦୦ | ଆଟ | |
| ୫୧ | | ୧୬୬ | ୦.୦୨୦ | ୦.୦୨୦ | ଆଟ | |
| ୫୨ | | ୧୭୫ | ୦.୮୫୦ | ୦.୮୫୦ | ଆଟ | |
| ୫୩ | | ୧୮୪ | ୦.୦୨୦ | ୦.୦୨୦ | ଘରବାରି | |
| ୫୪ | | ୧୮୫ | ୦.୦୧୦ | ୦.୦୧୦ | ଘରବାରି | |
| ୫୫ | | ୧୮୭ | ୦.୧୮୦ | ୦.୧୮୦ | ଆଟ | |
| ୫୬ | | ୧୮୮ | ୦.୧୦୦ | ୦.୧୦୦ | ଆଟ | |
| ୫୭ | | ୧୪୮/୨୪୮ | ୦.୩୦୦ | ୦.୩୦୦ | ଆଟ | |
| ୫୮ | ୫ | ୯୪ | ୦.୦୫୦ | ୦..୦୫୦ | ଆଟ | ଜୟ ମାଝି, ପି:ମେର୍ଦୀ ମାଝି, ଜା:କନ୍ଧ, ବା:ନିଜଗାଁ |
| ୫୯ | ୬ | ୨୩୩/୨୫୨ | ୨.୫୪୦ | ୨.୫୪୦ | ଆଟ | ଜୟୁ ମାଝୀ, ପି:ମେର୍ଦୀ ମାଝୀ, ଜା:କନ୍ଧ, ବା:ନିଜଗାଁ, ପଡାବାଡିଙ୍ଗମାଲି |
| ୬୧ | ୭ | ୨ | ୦.୩୦୦ | ୦.୩୦୦ | ଆଟ | ଦାନୁ ମାଝୀ, ବଲିଆରସିଙ୍ଗ ମାଝୀ, ଧନସିଙ୍ଗ ମାଝୀ, ଲୟୁମୁ ମାଝୀ, ପି:ସମ୍ବାରୁ ମାଝି, ଜା:କନ୍ଧ, ବା:ନିଜଗାଁ |
| ୬୨ | | ୩ | ୦.୧୪୦ | ୦.୧୪୦ | ଆଟ | |
| ୬୨ | | ୪ | ୦.୪୦୦ | ୦.୪୦୦ | ଆଟ | |
| ୬୩ | | ୬ | ୧୧.୨୫୦ | ୧୧.୨୫୦ | ଆଟ | |
| ୬୪ | | ୮ | ୦.୭୦୦ | ୦.୭୦୦ | ଆଟ | |
| ୬୫ | | ୧୧ | ୦.୨୦୦ | ୦.୨୦୦ | ଆଟ | |
| ୬୬ | | ୧୨ | ୦.୧୦୦ | ୦.୧୦୦ | ଆଟ | |
| ୬୭ | | ୧୮ | ୧.୧୦୦ | ୧.୧୦୦ | ଆଟ | |
| ୬୮ | | ୫୦ | ୦.୪୦୦ | ୦.୪୦୦ | ଆଟ | |
| ୬୯ | | ୬୯ | ୨.୩୦୦ | ୨.୩୦୦ | ଆଟ | |
| ୭୦ | | ୭୦ | ୧.୩୦୦ | ୧.୩୦୦ | ଆଟ | |
| ୭୧ | | ୭୧ | ୦.୦୮୦ | ୦.୦୮୦ | ଆଟ | |
| ୭୨ | | ୮୬ | ୦.୪୫୦ | ୦.୪୫୦ | ଆଟ | |
| ୭୩ | | ୯୨ | ୦.୦୨୦ | ୦.୦୨୦ | ଘରବାରି | |
| ୭୪ | | ୯୫ | ୦.୦୪୦ | ୦.୦୪୦ | ଘରବାରି | |
| ୭୫ | | ୧୦୨ | ୦.୮୫୦ | ୦.୮୫୦ | ଆଟ | |
| ୭୬ | | ୧୦୩ | ୦.୨୫୦ | ୦.୨୫୦ | ଆଟ | |
| ୭୭ | | ୧୦୪ | ୦.୧୦୦ | ୦.୧୦୦ | ଆଟ | |
| ୭୮ | | ୧୧୪ | ୦.୨୨୦ | ୦.୨୨୦ | ଆଟ | |
| ୭୯ | | ୧୧୭ | ୦.୨୨୦ | ୦.୨୨୦ | ଆଟ | |
| ୮୦ | | ୧୧୮ | ୦.୭୦୦ | ୦.୭୦୦ | ଆଟ | |
| ୮୧ | | ୧୧୯ | ୦.୫୫୦ | ୦.୫୫୦ | ଆଟ | |
| ୮୨ | | ୧୨୨ | ୦.୬୦୦ | ୦.୬୦୦ | ଆଟ | |
| ୮୩ | | ୧୨୩ | ୦.୨୬୦ | ୦.୨୬୦ | ଆଟ | |
| ୮୪ | | ୧୨୫ | ୦.୮୦୦ | ୦.୮୦୦ | ଆଟ | |
| ୮୫ | | ୧୨୬ | ୩.୫୦୦ | ୩.୫୦୦ | ଆଟ | |
| ୮୬ | | ୧୪୭ | ୨.୭୦୦ | ୨.୭୦୦ | ଆଟ | |
| ୮୭ | | ୧୪୮ | ୦.୪୦୦ | ୦.୪୦୦ | ଆଟ | |
| ୮୮ | | ୧୪୯ | ୦.୭୦୦ | ୦.୭୦୦ | ଆଟ | |
| ୮୯ | | ୧୫୦ | ୧୬.୫୦୦ | ୧୬.୫୦୦ | ଆଟ | |
| ୯୦ | | ୧୫୧ | ୦.୮୫୦ | ୦.୮୫୦ | ଆଟ | |
| ୯୧ | | ୧୫୭ | ୪.୪୫୦ | ୪.୪୫୦ | ଆଟ | |
| ୯୨ | | ୧୫୮ | ୦.୫୦୦ | ୦.୫୦୦ | ଆଟ | |
| ୯୩ | | ୧୫୯ | ୦.୪୦୦ | ୦.୪୦୦ | ଆଟ | |
| ୯୪ | | ୧୬୦ | ୦.୦୫୦ | ୦.୦୫୦ | ଆଟ | |
| ୯୫ | | ୧୬୪ | ୦.୫୦୦ | ୦.୫୦୦ | ଆଟ | |
| ୯୬ | | ୧୭୨ | ୨.୮୦୦ | ୨.୮୦୦ | ଆଟ | |
| ୯୭ | | ୧୮୧ | ୦.୮୫୦ | ୦.୮୫୦ | ଆଟ | |
| ୯୮ | | ୧୮୬ | ୦.୦୪୦ | ୦.୦୪୦ | ଘରବାରି | |
| ୯୯ | | ୧୮୯ | ୦.୯୦୦ | ୦.୯୦୦ | ଆଟ | |
| ୧୦୦ | | ୧୯୨ | ୦.୭୦୦ | ୦.୭୦୦ | ଆଟ | |
| ୧୦୧ | ୮ | ୨୮ | ୮.୦୦୦ | ୮.୦୦୦ | ଆଟ | ବାଲି ମାଝୀ, କୁମାରୀ ମାଝୀ, ହିତା ମାଝୀ, ପି:ଲାକିଆ ମାଝୀ, ଗାସି ମାଝୀ, ସ୍ୱା:ଲାକିଆ ମାଝୀ, ବଡବିରସିଂ ମାଝୀ, ଫୁଲସିଙ୍ଗ ମାଝୀ, ଉଦେସିଙ୍ଗ ମାଝୀ, ପି:ଦାନମୁଣ୍ଡା ମାଝୀ, ଜମାଦେଇ ମାଝୀ, ସ୍ୱା:ଦାନମୁଣ୍ଡା ମାଝୀ, ଡିସ୍କା ମାଝୀ, ବିରସିଙ୍ଗ ମାଝୀ, ପି:ବାଲି ମାଝୀ, ଜା:କନ୍ଧ, ବା:ନିଜଗାଁ |
| ୧୦୨ | | ୨୯ | ୫.୫୦୦ | ୫.୫୦୦ | ଆଟ | |
| ୧୦୩ | | ୩୦ | ୪.୮୦୦ | ୪.୮୦୦ | ଆଟ | |
| ୧୦୪ | | ୩୧ | ୦.୯୦୦ | ୦.୯୦୦ | ଆଟ | |
| ୧୦୫ | | ୩୨ | ୦.୦୭୦ | ୦.୦୭୦ | ଆଟ | |
| ୧୦୬ | | ୩୩ | ୬.୫୦୦ | ୬.୫୦୦ | ଆଟ | |
| ୧୦୭ | | ୩୪ | ୧.୨୦୦ | ୧.୨୦୦ | ଆଟ | |
| ୧୦୮ | | ୩୫ | ୦.୩୦୦ | ୦.୩୦୦ | ଆଟ | ବାଲି ମାଝୀ, କୁମାରୀ ମାଝୀ, ହିତା ମାଝୀ, ପି:ଲାକିଆ ମାଝୀ, ଗାସି ମାଝୀ, ସ୍ୱା:ଲାକିଆ ମାଝୀ, ବଡବିରସିଂମାଝୀ, ଫୁଲସିଙ୍ଗମାଝୀ, ଉଦେସିଙ୍ଗ ମାଝୀ, ପି:ଦାନମୁଣ୍ଡା ମାଝୀ, ଜମାଦେଇ ମାଝୀ, ସ୍ୱା:ଦାନମୁଣ୍ଡା ମାଝୀ, ଡିସ୍କା ମାଝୀ, ବିରସିଙ୍ଗ ମାଝୀ, ପି:ବାଲି ମାଝୀ, ଜା:କନ୍ଧ, ବା: ନିଜଗାଁ |
| ୧୦୯ | | ୫୪ | ୯.୫୦୦ | ୯.୫୦୦ | ଆଟ | |
| ୧୧୦ | | ୫୮ | ୦.୨୨୦ | ୦.୨୨୦ | ଆଟ | |
| ୧୧୧ | | ୬୦ | ୮.୨୫୦ | ୮.୨୫୦ | ଆଟ | |
| ୧୧୨ | | ୬୨ | ୦.୨୫୦ | ୦.୨୫୦ | ଆଟ | |
| ୧୧୩ | | ୬୩ | ୦.୭୨୦ | ୦.୭୨୦ | ଆଟ | |
| ୧୧୪ | | ୬୪ | ୦.୨୮୦ | ୦.୨୮୦ | ଆଟ | |
| ୧୧୫ | | ୬୫ | ୪.୭୫୦ | ୪.୭୫୦ | ଆଟ | |
| ୧୧୬ | | ୬୭ | ୦.୪୫୦ | ୦.୪୫୦ | ଆଟ | |
| ୧୧୭ | | ୬୮ | ୨.୫୦୦ | ୨.୫୦୦ | ଆଟ | |
| ୧୧୮ | | ୮୦ | ୮.୩୮୦ | ୮.୩୮୦ | ଆଟ | |
| ୧୧୯ | | ୯୭ | ୦.୨୦୦ | ୦.୨୦୦ | ଆଟ | |
| ୧୨୦ | | ୯୮ | ୧.୮୦୦ | ୧.୮୦୦ | ଆଟ | |
| ୧୨୧ | | ୧୦୮ | ୦.୪୮୦ | ୦.୪୮୦ | ଆଟ | |
| ୧୨୨ | | ୧୦୯ | ୧.୬୦୦ | ୧.୬୦୦ | ଆଟ | |
| ୧୨୩ | | ୧୨୮ | ୦.୪୦୦ | ୦.୪୦୦ | ଆଟ | |
| ୧୨୪ | | ୧୩୧ | ୧.୫୦୦ | ୧.୫୦୦ | ଆଟ | |
| ୧୨୫ | | ୧୩୨ | ୧.୧୦୦ | ୧.୧୦୦ | ଆଟ | |
| ୧୨୬ | | ୧୩୪ | ୧.୫୫୦ | ୧.୫୫୦ | ଆଟ | |
| ୧୨୭ | | ୧୭୩ | ୦.୬୫୦ | ୦.୬୫୦ | ଆଟ | |
| ୧୨୮ | | ୧୭୪ | ୧.୦୬୦ | ୧.୦୬୦ | ଆଟ | |
| ୧୨୯ | | ୧୯୦ | ୦.୫୬୦ | ୦.୫୬୦ | ଆଟ | |
| ୧୩୦ | ୯ | ୧୬୭ | ୦.୦୨୦ | ୦.୦୨୦ | ଘରବାରି | ବାଲି ମାଝୀ, ପି:ଲାକିଆ ମାଝୀ, ଜା:କନ୍ଧ, ବା:ନିଜଗାଁ |
| ୧୩୧ | ୧୦ | ୧୬୮ | ୦.୦୨୦ | ୦.୦୨୦ | ଘରବାରି | ବୀରସିଂ ମାଝୀ, ପି:ମସ୍କୁ ମାଝୀ, ବାନାଙ୍ଗ ମାଝୀ, ସ୍ୱା:ମସ୍କୁ ମାଝୀ, ଜା:କନ୍ଧ, ବା:ନିଜଗାଁ |
| ୧୩୨ | ୧୧ | ୭୬ | ୧.୬୦୦ | ୧.୬୦୦ | ଆଟ | ହଲାର ମାଝି, ପି:ଲାୟୁ ମାଝି, ଜା:କନ୍ଧ, ବା:ନିଜଗାଁ |
| ୧୩୩ | ୧୨ | ୨୩୧/୨୫୧ | ୨.୭୦୦ | ୨.୭୦୦ | ଆଟ | ହିନ୍ଦିକା ମାଝୀ, ପି:ଧାନଫୁଲ ମାଝି, ଜା:କନ୍ଧ, ବା:ନିଜଗାଁ (ପଡା) ବାଡିଙ୍ଗମାଲି |
| ୧୩୪ | ୧୨/୩୫ | ୩୭ | ୨.୮୦୦ | ୨.୮୦୦ | ଆଟ | କାଶିନାଥ ଜାନି, ପି:ଭାଗୁ ଜାନି, ଜା:କନ୍ଧ, ବା:କାଶିପୁର |
| ୧୩୫ | | ୩୮ | ୧.୫୦୦ | ୧.୫୦୦ | ଆଟ | |
| ୧୩୬ | | ୩୯ | ୨.୨୦୦ | ୨.୨୦୦ | ଆଟ | |
| ୧୩୭ | ୧୨/୩୬ | ୨୧ | ୧୦.୨୫୦ | ୧୦.୨୫୦ | ଆଟ | କାଶିନାଥ ଜାନି, ପି:ଭାଗୁ ଜାନି, ଜା:କନ୍ଧ, ବା:କାଶିପୁର |
| ୧୩୮ | ୧୨/୩୭ | ୫୯ | ୧୧.୯୦୦ | ୧୧.୯୦୦ | ଆଟ | କାଶିନାଥ ଜାନି, ପି:ଭାଗୁ ଜାନି, ଜା:କନ୍ଧ, ବା:କାଶିପୁର |
| ୧୩୯ | ୧୨/୩୮ | ୨୮/୨୯୩ | ୨.୦୦୦ | ୨.୦୦୦ | ଆଟ | ସନ୍ଧ୍ୟା ମାଝୀ, ପି:ବିରସିଂ ମାଝୀ, ଜା:କନ୍ଧ, ବା:ସିନ୍ଦୁରଘାଟି |
| ୧୪୦ | ୧୨/୩୯ | ୪୫/୨୯୪ | ୪.୦୦୦ | ୪.୦୦୦ | ଆଟ | ଆଦୁ ମାଝୀ, ପି:ମାଣ୍ଡିଆ ମାଝୀ, ଜା:କନ୍ଧ, ବା:ତେନ୍ତୁଳିପଡା |
| ୧୪୧ | ୧୨/୪୦ | ୧୮/୨୯୫ | ୪.୦୦୦ | ୪.୦୦୦ | ଆଟ | ଗଜେନ୍ଦ୍ର ତାଡିଙ୍ଗି, ପି:ବାସୁ ତାଡିଙ୍ଗି, ଜା:କନ୍ଧ, ବା:ଗରୁଠିଗୁଡା, ଜି:ରାୟଗଡା |
| ୧୪୨ | ୧୨/୪୧ | ୭୩ | ୨.୧୬୦ | ୨.୧୬୦ | ଆଟ | ଜିଲ୍ଲା ମାଝି, ପି:କମ୍ବୁ ମାଝି, ଜା:କନ୍ଧ, ବା:ଗୋରଖପୁର |
| ୧୪୩ | | ୭୩/୩୨୨ | ୦.୨୪୦ | ୦.୨୪୦ | ଘରବାରି | |
| ୧୪୪ | ୧୨/୪୨ | ୬୧ | ୩.୧୦୦ | ୩.୧୦୦ | ଆଟ | ସୁନାସିଂ ମାଝି, ପି:ପିଡଲୁ ମାଝି, ଜା:କନ୍ଧ, ବା:କଡକିପଦର |
| ୧୪୫ | | ୬୧/୩୦୧ | ୦.୧୫୦ | ୦.୧୫୦ | ଘରବାରି | |
| ୧୪୬ | ୧୨/୪୩ | ୫୫ | ୦.୪୦୦ | ୦.୪୦୦ | ଆଟ | ଧରମସିଙ୍ଗ ମାଝୀ, ପି:ତୁପୁରୀ ମାଝୀ, ଜା:କନ୍ଧ, ବା:ସାଗବାରି |
| ୧୪୭ | | ୫୬ | ୩.୬୦୦ | ୩.୬୦୦ | ଆଟ | |
| ୧୪୮ | ୧୨/୪୪ | ୭୮ | ୧.୫୦୦ | ୧.୫୦୦ | ଆଟ | ମୁକ୍ତା ଲାକାରା, ପି:ସ୍ୱ.ସୀମାନ ଲାକାରା, ଜା:କିଶାନ, ବା:କାଶିପୁର |
| ୧୪୯ | | ୧୧୬ | ୦.୬୦୦ | ୦.୬୦୦ | ଆଟ | |
| ୧୫୦ | ୧୨/୪୫ | ୧୨୭ | ୩.୦୦୦ | ୩.୦୦୦ | ଆଟ | ହିନ୍ଦୁଚନ୍ଦ୍ର ମାଝି, ପି:ବେଳଧର ମାଝି, ଜା:କନ୍ଧ, ବା:ଉପରଝିରି, ପୋଷ୍ଟ/ଥାନା-କାଶୀପୁର, ଜିଲ୍ଲା-ରାୟଗଡା, ଓଡ଼ିଶା |
| ୧୫୧ | ୧୨/୪୬ | ୬୫/୨୯୬ | ୨.୦୦୦ | ୨.୦୦୦ | ଆଟ | ସୀତାରାମ ମାଝି, ପି:ତୁଲୁ ମାଝି, ଜା:କନ୍ଧ, ବା: ଗ୍ରାମ- ତେନ୍ତୁଳିପଡା, ଲକରିଶ, ପୋଷ୍ଟ-ସୁଙ୍ଗେର, ଥାନା-କାଶୀପୁର, ଜିଲ୍ଲା-ରାୟଗଡା,ଓଡ଼ିଶା |
| ୧୫୨ | ୧୨/୪୭ | ୧୨୪/୨୯୭ | ୦.୭୫୦ | ୦.୭୫୦ | ଆଟ | ଜୟ ମାଝି, ପି:ଦେଖୁନୁ ମାଝି, ଜା:କନ୍ଧ, ବା:ଗଦେଲପାସ, ପୋଷ୍ଟ-ମୁନୁଷଗାଁ, ଥାନା-କାଶୀପୁର, ଜିଲ୍ଲା-ରାୟଗଡା,ଓଡ଼ିଶା |
| ୧୫୩ | ୧୨/୪୮ | ୧୨୪/୨୯୮ | ୧.୦୦୦ | ୧.୦୦୦ | ଆଟ | ଜୟସିଙ୍ଗ ମାଝି, ପି:ହରଫୁଲ ମାଝି,ଜା:କନ୍ଧ, ବା:ସାଗବାରି, ପୋଷ୍ଟ:ସୁଙ୍ଗେର, ଥାନା:କାଶୀପୁର, ଜିଲ୍ଲା-ରାୟଗଡ଼ା |
| ୧୫୪ | ୧୨/୪୯ | ୧୨୪/୨୯୯ | ୦.୯୦୦ | ୦.୯୦୦ | ଆଟ | ସନ୍ଧ୍ୟା ମାଝି, ପି:ବିରସିଙ୍ଗ ମାଝି, ଜା:କନ୍ଧ, ବା:ସିନ୍ଦୁରଘାଟି, ପୋଷ୍ଟ-ସୁଙ୍ଗେର, ଥାନା-କାଶୀପୁର, ଜିଲ୍ଲା-ରାୟଗଡ଼ା, ଓଡିଶା |
| ୧୫୫ | ୧୨/୫୩ | ୬୧/୩୦୬ | ୦.୧୦୦ | ୦.୧୦୦ | ଆଟ | ଶିଙ୍ଗୀ ମାଝି, ପି:ଧନସିଙ୍ଗ ମାଝି, ଜା:କନ୍ଧ, ବା:ଯୋଡିପାଇ, ପୋଷ୍ଟ-କାଶୀପୁର |
| ୧୫୬ | ୧୨/୫୭ | ୬୧/୩୧୦ | ୦.୦୫୦ | ୦.୦୫୦ | ଆଟ | ବାଳସିଙ୍ଗ ମାଝି, ପି:ରାଇମାଝି, ଜା:କନ୍ଧ, ବା:ତଳପାଡିଖାଲ, ପୋଷ୍ଟ:କାଶୀପୁର |
| ୧୫୭ | ୧୨/୫୮ | ୬୧/୩୧୧ | ୦.୫୦୦ | ୦.୫୦୦ | ଆଟ | ଚଞ୍ଚଳା ମାଝି, ସ୍ୱା:ବିଦ୍ୟାଧର ମାଝି, ଜା:କନ୍ଧ, ବା:ରାଉତଘାଟି, ପୋଷ୍ଟ-ମାଣ୍ଡିବିଶି |
| ୧୫୮ | ୧୨/୫୯ | ୬୧/୩୧୨ | ୦.୦୫୦ | ୦.୦୫୦ | ଆଟ | ଚକ୍ର ମାଝି, ପି:ପିଦୁଲୁ ମାଝି, ଜା:କନ୍ଧ, ବା:କୋଡିକିପଦର |
| ୧୫୯ | ୧୨/୬୧ | ୫୯/୩୧୮ | ୦.୧୦୦ | ୦.୧୦୦ | ଆଟ | ରାମ ମୁଦୁଲି, ପି:ଭଗବାନ ମୁଦୁଲି, ଜା:ପରଜା, ବା:ବଡଚିନ୍ଦ୍ରି, ଜିଲ୍ଲା-କୋରାପୁଟ |
| ୧୬୦ | ୧୨/୬୨ | ୫୯/୩୧୯ | ୦.୧୦୦ | ୦.୧୦୦ | ଆଟ | ବସୁମତି ଜାନି, ପି:ନରସିଂହ ଜାନୀ, ଜା:ପରଜା, ବା:ବଡଚିନ୍ଦ୍ରି, ଜିଲ୍ଲା-କୋରାପୁଟ |
| ୧୬୧ | ୧୨/୬୩ | ୫୯/୩୨୦ | ୦.୧୦୦ | ୦.୧୦୦ | ଆଟ | ସନିଆ ଜାନି, ପି:ନରସିଂହ ଜାନି, ଜା:ପରଜା, ବା:ବଡଚିନ୍ଦ୍ରି, ଜିଲ୍ଲା-କୋରାପୁଟ |
| ୧୬୨ | ୧୨/୬୪ | ୫୯/୩୨୧ | ୦.୧୦୦ | ୦.୧୦୦ | ଆଟ | ଚକ୍ରଧର ଜାନି, ପି:ଲକ୍ଷ୍ମଣ ଜାନି, ଜା:ପରଜା, ବା:ବଡଚିନ୍ଦ୍ରି, ଜିଲ୍ଲା-କୋରାପୁଟ |
| ୧୬୩ | ୧୨/୬୫ | ୫୯/୩୨୨ | ୦.୧୦୦ | ୦.୧୦୦ | ଆଟ | ଦାସ ଜାନୀ, ପି:ଚାଲା ଯାନୀ, ଜା:ପରଜା, ବା:ବଡଚିନ୍ଦ୍ରି, ଜିଲ୍ଲା-କୋରାପୁଟ |
| ୧୬୪ | ୧୨/୬୬ | ୫୯/୩୨୩ | ୦.୧୦୦ | ୦.୧୦୦ | ଆଟ | ବିଙ୍ଗୁ ଯାନୀ, ନାବାଳକ ହେତୁ ଅଭିଭାବକ ଚାଲା ଯାନୀ, ପି-ଦଗା ଯାନୀ, ଜା:ପରଜା, ବା:ବଡଚିନ୍ଦ୍ରି, ଜିଲ୍ଲା-କୋରାପୁଟ |
| | ମୋଟ ଏକର | | ୨୪୭.୬୮୦ | ୨୪୭.୬୮୦ | | |

OIPR-

**ସ୍ୱା./-ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ରାୟଗଡ଼**

# କାଳ ବୈଶାଖୀରେ ଉଜୁଡ଼ିଲା ୩ଶହ ଏକର ଡାଲୁଅ ଧାନ

## ପରିବାର ପ୍ରତିପୋଷଣ ଚିନ୍ତାରେ ଚାଷୀ

ରାଜକନିକା,୨୬।୪
(ସଞ୍ଜୟ କୁମାର ଦାଶ)



ପାଣିରେ ପଡି ଧାନ ଗଜା ହୋଇଯାଇଛି।

ଦିନ କେଇଟା ପରେ ଚାଷୀ ସୁନାର ଫସଲ ଡାଲୁଅ ଧାନ ଅମଳ କରି ଘରକୁ ଆଣିଥାନ୍ତା। କେତେକ ଜମିରେ ଧାନ ମଧ୍ୟ କଟା ହୋଇପଡିଛି। ଆଉ କେତେକ ଜମିରେ ପାଚିଲା ଧାନ ପଡି ରହିଛି। କାଳବୈଶାଖୀ ପ୍ରଭାବରେ ଡାଲୁଅ ଧାନ ଗଛଗୁଡ଼ିକ ପବନ ବର୍ଷାରେ ପଡ଼ି ରହିଥିବା ବେଳେ ଆଉ କେତେକ ଜମିରେ କଟା ଧାନ ଗଜା ହୋଇଗଲାଣି। ଚାଷୀଙ୍କୁ ପରିବାର ପ୍ରତିପୋଷଣ ଚିନ୍ତା ଘାରିଛି।

ସୂଚନା ଅନୁଯାୟୀ, ହାଟସାହି ପଞ୍ଚାୟତର ହାଟସାହି, ବଟରପଡ଼ା ଓ ପାରିନୁଆପଡ଼ା-ହାବଳଗଣ୍ଡ ପଞ୍ଚାୟତର କଇଥାପାଳ ନଦୀ ସଂଲଗ୍ନ ଗାଁର ଲୋକ ପ୍ରାୟତଃ ଡାଲୁଅ ଧାନ ଚାଷ କରି ନିଜର ପରିବାର ପ୍ରତିପୋଷଣ କରିଥାନ୍ତି। ଏମାନେ ୩ ଶହ ଏକରରୁ ଅଧିକ ଜମିରେ ଡାଲୁଅ ଧାନ ଚାଷ କରିଥିଲେ। ଡାଲୁଅ ଧାନ ଫସଲ ପାଚି ଆସିବା ସମୟରେ ଦାଉ ସାଧିଛି କାଳ ବୈଶାଖୀ ବର୍ଷା ଓ ପବନ। ପବନ ଯୋଗୁ ପାଚିଲା ଧାନ ଗଛଗୁଡିକ ଜମିରେ ପାଣିରେ ପଡି ରହିଛି। ଆଉ କେତେକ ଜମିରେ କଟାଧାନ ବିଲରେ ଗଜା ହୋଇଯାଇଛି। ଚାଷୀମାନେ ବ୍ୟୟ ବହୁଳ ଏହି ଧାନଚାଷ ଧାର କରଜ, ହାତଉଦ୍ଧାରି ମହାଜନୀ ସୁଧରେ ଚାଷ କରି ବର୍ଷକର ପେଟକୁ ଦି ମୁଠା ଦାନା ଯୋଗାଡ଼ ସହ ପାଠପଢ଼ା, ମେଡିକାଲ ଏବଂ ପରିବାର ପ୍ରତିପୋଷଣ ପାଇଁ ଲକ୍ଷ୍ୟ ବି ରଖିଥିଲେ। ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଚାଷୀମାନେ ଦାବି କରିଛନ୍ତି।

# କୁମ୍ଭୀର ପ୍ରଜନନ ଋତୁ, ୩ ମାସ ଭିତରକନିକା ବନ୍ଦ

## ମେ' ୧ରୁ ଜୁଲାଇ ୩୧ ପର୍ଯ୍ୟଟକଙ୍କୁ ମନା




ରାଜନଗର, ୨୬।୪
(ଭାସ୍କର ରାଉତରାୟ)

ଭିତରକନିକା ଜାତୀୟ ଉଦ୍ୟାନ ଆସନ୍ତା ମେ' ୧ରୁ ଜୁଲାଇ ୩୧ ତାରିଖ ୩ ମାସ ଧରି ଦେଶ ବିଦେଶର ପର୍ଯ୍ୟଟକଙ୍କ ଲାଗି ବନ୍ଦ ରହିବ। ଭିତରକନିକା ଜାତୀୟ ଉଦ୍ୟାନ ବଉଳା କୁମ୍ଭୀରଙ୍କ ଶ୍ରେଷ୍ଠ ପ୍ରଜନନ ସ୍ଥଳୀ ଭାବେ ବେଶ୍ ପ୍ରସିଦ୍ଧି ଲାଭ କରିଛି। ଏହି ସମୟରେ ବଉଳା କୁମ୍ଭୀରମାନେ ଅଣ୍ଡା ଦେବା ପାଇଁ ଏହା ନିରାପଦ ସ୍ଥାନ ବୋଲି ମନେକରିଥାନ୍ତି। ଜୁଆର ମାଡୁ ନ ଥିବା ସ୍ଥାନ ଅର୍ଥାତ୍ ସ୍ଥଳଭାଗରେ କୁମ୍ଭୀର ବସାକରି ଅଣ୍ଡା ଦେଇଥାନ୍ତି। ପ୍ରଜନନ ଋତୁ ବେଳେ ମା' କୁମ୍ଭୀରମାନେ ଅଧିକ ହିଂସ୍ର ହୋଇପଡ଼ିଥାନ୍ତି। ବଉଳା କୁମ୍ଭୀର ପର୍ଯ୍ୟଟକଙ୍କୁ ଆକ୍ରମଣ କରିବା ଆଶଙ୍କା ଥିବାରୁ ଏହି ସମୟରେ ଭିତରକନିକା ବନ୍ଦ ରଖାଯାଇଥାଏ।


**ରାଜ୍ୟ ନିର୍ବାଚନ ଆୟୋଗ, ଓଡ଼ିଶା**
**ତୋଷାଳି ଭବନ, ବ୍ଲକ-ବି ୨, ପ୍ରଥମ ମହଲା,**
No.D- **ଭୁବନେଶ୍ୱର-୭୫୧୦୦୭**
Email ID : stateelectioncommission.odisha@gmail.com/sec.odisha@gov.in

**ବିଶେଷ ସୂଚନା**

ରାଜ୍ୟର ପଞ୍ଚାୟତ ସ୍ତରରେ ବିଭିନ୍ନ କାରଣ ଯୋଗୁଁ ଖାଲି ପଡ଼ିଥିବା ୧୧୩୪ଟି ପଦବୀ ପୂରଣ ପାଇଁ ଉପନିର୍ବାଚନ ନିମନ୍ତେ ପ୍ରାଥମିକ ଭୋଟର ତାଲିକା ପ୍ରକାଶନ ପାଇଁ ରାଜ୍ୟ ନିର୍ବାଚନ କମିଶନ, ଓଡ଼ିଶାଙ୍କ ତରଫରୁ ପଦକ୍ଷେପ ନିଆଯାଇଅଛି। ଉକ୍ତ ପଦବୀ ପାଇଁ ରାଜ୍ୟ ନିର୍ବାଚନ ଆୟୋଗ ୱାର୍ଡୱାରୀ ଭୋଟର ତାଲିକା ପ୍ରସ୍ତୁତ ପାଇଁ ନିର୍ଦ୍ଦେଶ ଜାରି କରିଛନ୍ତି। ୱାର୍ଡଗୁଡ଼ିକ ପାଇଁ ତା ୧୭.୦୪.୨୦୨୫ ରିଖ ଠାରୁ ତା ୨୨.୦୪.୨୦୨୫ ରିଖ ମଧ୍ୟରେ ସମ୍ପୃକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀମାନେ ଭାରତୀୟ ନିର୍ବାଚନ ଆୟୋଗଙ୍କ ଦ୍ୱାରା ତା ୦୧.୦୧.୨୦୨୫ ରିଖରେ ବିଧାନସଭା/ଲୋକସଭା ନିମନ୍ତେ ପ୍ରକାଶିତ ଭୋଟର ତାଲିକା ଆଧାରରେ ପ୍ରସ୍ତୁତ କରିଛନ୍ତି ଯାହାକି ତା ୨୪.୦୪.୨୦୨୫ ରିଖରେ ସମ୍ପୃକ୍ତ ଗ୍ରାମପଞ୍ଚାୟତ ମୁଖ୍ୟାଳୟରେ ୱାର୍ଡୱାରୀ ପ୍ରାଥମିକ ଭୋଟର/ଚିଠା ତାଲିକା ପ୍ରକାଶିତ ହୋଇସାରିଛି।

ସମ୍ପୃକ୍ତ ଜିଲ୍ଲା/ଅଞ୍ଚଳର ଭୋଟରଙ୍କୁ ଅନୁରୋଧ କରାଯାଉଅଛି ଯେ କି ସେମାନେ ନିଜର ନାମ ପ୍ରକାଶିତ ପ୍ରାଥମିକ ଭୋଟର ତାଲିକାରେ ଅଛି କି ନାହିଁ କିମ୍ବା ସଠିକ ଭାବରେ ଦରଜ ହୋଇଛି କି ନାହିଁ ତନଖି କରି ନିଅନ୍ତୁ। ଏହି ପ୍ରାଥମିକ ଭୋଟର ତାଲିକା/ଚିଠା ତାଲିକା ସମ୍ପୃକ୍ତ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ନିରୀକ୍ଷଣ/ଆବେଦନ ନିମନ୍ତେ ତା ୩୦.୦୪.୨୦୨୫ ରିଖ ପର୍ଯ୍ୟନ୍ତ ରଖାଯାଇଛି। ନିର୍ବାଚନ ଅଧିକାରୀ ତା ୦୨.୦୫.୨୦୨୫ ରିଖଠାରୁ ତା ୦୫.୦୫.୨୦୨୫ ରିଖ ମଧ୍ୟରେ ସମସ୍ତ ଆପତ୍ତି ଅଭିଯୋଗଗୁଡ଼ିକୁ ବିଚାରକୁ ନେଇ ଫଇସଲା କରି ଚୂଡ଼ାନ୍ତ ଭୋଟର ତାଲିକା ତା ୦୬.୦୫.୨୦୨୫ ରିଖରେ ପ୍ରକାଶନ କରିବେ।

ସଚିବ
ରାଜ୍ୟ ନିର୍ବାଚନ ଆୟୋଗ, ଓଡ଼ିଶା


# ଅଶୋକ ବଜାର-ଓଳାଭର ରାସ୍ତା ମରଣଯନ୍ତା

ରାଜକନିକା,୨୬।୪(ସଞ୍ଜୟ କୁମାର ଦାଶ)

## ମରାମତି କରା ନ ଗଲେ ଆନ୍ଦୋଳନ



ରାଜକନିକା ବ୍ଲକ ସଦର ଅଶୋକ ବଜାରରୁ ଓଳାଭର ପ୍ରାୟ ୫ କି.ମି. ପୂର୍ତ୍ତ ବିଭାଗ ରାସ୍ତା ମରଣଯନ୍ତା ପାଲଟିଛି। ଏହି ରାସ୍ତା ଉପରେ ୧୪ଟି ପଞ୍ଚାୟତର ଲୋକ ବ୍ଲକ, ତହସିଲ, ଥାନା, ଡାକ୍ତରଖାନା ଓ ଛାତ୍ରୀଛାତ୍ରମାନେ ସ୍କୁଲ, କଲେଜକୁ ପାଠ ପଢ଼ିବା ପାଇଁ ଯାଆଆସ କରିଥାନ୍ତି। ଏଥିସହ ପ୍ରତିଦିନ ଏହି ରାସ୍ତା ଦେଇ ଲୋକମାନେ ଯାଜପୁର ଜିଲାର ମା' ବିରଜା କ୍ଷେତ୍ର ଓ ଭଦ୍ରକ ଜିଲା ଆଖଣ୍ଡଳମଣି ପୀଠକୁ ମଧ୍ୟ ଯାଇଥାନ୍ତି। ହେଲେ ଏହି ରାସ୍ତା ଏବେ ମରଣଯନ୍ତା ପାଲଟିଛି। ରାସ୍ତାରେ ବିଭିନ୍ନ ଜଗାରେ ପିଚୁ ଉଠିଯାଇଥିବାବେଳେ ବଡ଼ ବଡ଼ ଖାଲଖମା ସୃଷ୍ଟି ହୋଇଛି। ଗୋଡି ଓ ମେଟାଲ ରାସ୍ତାରେ ଖେଳାଇ ହୋଇପଡ଼ିଛି। ବର୍ଷା ପାଣି ରାସ୍ତା ଖାଲରେ ରହୁଥିବାରୁ ପ୍ରତିଦିନ ବିଭିନ୍ନ ସମୟରେ ଛୋଟବଡ଼ ଦୁର୍ଘଟଣା ଘଟି ଲୋକମାନେ ଆହତ ହେଉଛନ୍ତି। ପ୍ରତିବର୍ଷ ପୂର୍ତ୍ତ ବିଭାଗ ରାସ୍ତା ମରାମତି ନାଁରେ ଅର୍ଥ ଖର୍ଚ୍ଚ କରୁଛି। ହେଲେ ନିମ୍ନମାନର କାମ ହେଉଥିବାରୁ କିଛିଦିନ ମଧ୍ୟରେ ରାସ୍ତାରେ ପିଚୁ ଉଠିଯିବା ସହ ବଡ଼ ବଡ଼ ଗର୍ତ୍ତ ହୋଇଯାଉଛି। ସାମାଜିକ କର୍ମୀ ବିଧାନ ଦାସ, ସୂର୍ଯ୍ୟମଣି ସାହୁ, ନରେନ୍ଦ୍ର ସାମଲ, ସବିତା ବରଜ, ଗଙ୍ଗାଧର ଦାସ, ପୂର୍ବତନ ସରପଞ୍ଚ ସୁବଳ ସାହୁ ପ୍ରମୁଖ କହିଛନ୍ତି, ତୁରନ୍ତ ରାସ୍ତା ମରାମତି କରା ନ ଗଲେ ଆନ୍ଦୋଳନ ଲାଗି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ଜ୍ୟୋତିରଞ୍ଜନ ବେହେରାଙ୍କୁ ପଚାରିବାରେ ତୁରନ୍ତ ରାସ୍ତା କାମ ଆରମ୍ଭ ହେବ ବୋଲି ସେ କହିଛନ୍ତି।

# ସଂଘବଦ୍ଧ ଆକ୍ରମଣ, ଯୁବକ ଆହତ

ରାଜକନିକା,୨୬।୪
(ସଞ୍ଜୟ କୁମାର ଦାଶ)

ରାଜକନିକା ଥାନା ବାଂଶରିଆ ଗାଁର ଜଣେ ଯୁବକଙ୍କୁ ଶନିବାର ସଂଘବଦ୍ଧ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ଆକ୍ରମଣ ଆହତ ଯୁବକ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରିଛନ୍ତି। ବାଂଶରିଆ ଗାଁର କ୍ଷୀର ଜେନାଙ୍କ ପୁଅ ସିଦ୍ଧାର୍ଥ ଅଭିଯୋଗ ମୁତାବକ, ସେ ମାର୍କେଟିଂ ସାରି ଘରକୁ ଫେରୁଥିଲେ। ଏହି ସମୟରେ ହଟିଆପଡ଼ା ଗ୍ରାମଦେବତୀଙ୍କ ନିକଟରେ ପୂର୍ବରୁ ପ୍ରସ୍ତୁତ ଥିବା ବାଂଶରିଆ, ହଟିଆପଡ଼ା ଗାଁର କେତେଜଣ ଲୋକ ଗୋଇଠା ମାରିବା ସହ ଏକ ଶାବଳରେ ମୁଣ୍ଡକୁ ଆକ୍ରମଣ କରି ବାମ ହାତକୁ ବାଡ଼େଇ ଭାଙ୍ଗି ଦେଇଛନ୍ତି। ଏଥିସହ ମୋବାଇଲ୍, ବେକରେ ଥିବା ସୁନା ଚେନ ଓ ମାର୍କେଟିଂ କରିଥିବା ଜିନିଷପତ୍ରକୁ ନେଇଯାଇଛନ୍ତି। ଏତଲା ଆଧାରରେ ପୋଲିସ ତଦନ୍ତ ଚଳାଇଥିବା ଆଇଆଇସି ସଞ୍ଜୟ କୁମାର ମଲ୍ଲିକ ସୂଚନା ଦେଇଛନ୍ତି।

# ଏମ୍‌ଏନ୍ ହାଇସ୍କୁଲରେ ଶିକ୍ଷକ, ଅଭିଭାବକ ସମ୍ମିଳନୀ

ପଟ୍ଟାମୁଣ୍ଡାଇ,୨୬।୪ (କଳ୍ପତରୁ ନାୟକ)

ରାଜ୍ୟ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶରେ ପଟ୍ଟାମୁଣ୍ଡାଇ ଏମ୍‌ଏନ୍ ହାଇସ୍କୁଲରେ ଶିକ୍ଷକ, ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନ ଶିକ୍ଷକ ସୁଜୟ କୁମାର ରାଉତରାୟଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ଏମ୍‌ଏନ୍ ହାଇସ୍କୁଲ ପରିଚାଳନା କମିଟି ସଭାପତି ତପନ କୁମାର ଦାଶ, ଉପସଭାପତି ଇତିଶ୍ରୀ ଦାଶ, ଅଭିଭାବକ ସଂଘ ସଭାପତି ଆଇନଜୀବୀ ଗୋପୀନାଥ ତ୍ରିପାଠୀ ଯୋଗଦେଇଥିଲେ। ସେମାନେ ବିଦ୍ୟାଳୟର ସୁପରିଚାଳନା, ଶିକ୍ଷାର ମାନ ବୃଦ୍ଧି, ଛାତ୍ରୀଛାତ୍ର ଓ ଶିକ୍ଷାନୁଷ୍ଠାନର ସର୍ବାଙ୍ଗୀନ ବିକାଶ ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ। ଶିକ୍ଷକ ଅଶୋକ କୁମାର ଦାଶ ସ୍ୱାଗତ ଭାଷଣ ଓ ଶିକ୍ଷକ ତାପସ ବେହେରା ବୈଠକର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ବୈଠକରେ ଛାତ୍ରୀଭିଭାବକ ରାଜେନ୍ଦ୍ର ଦାଶଙ୍କ ସମେତ ହାଇସ୍କୁଲର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଯୋଗଦେଇଥିଲେ। ଶେଷରେ ଶିକ୍ଷୟିତ୍ରୀ ଅନିତା ଧଳ ଧନ୍ୟବାଦ ଦେଇଥିଲେ।


**केंद्रीय पेट्रोरसायन इंजीनियरिंग और प्रौद्योगिकी संस्थान**
**CENTRAL INSTITUTE OF PETROCHEMICALS ENGINEERING & TECHNOLOGY (CIPET)-IPT**
Department of Chemicals & Petrochemicals, Ministry of Chemicals & Fertilizers, Govt of India
B/25, CNIC, Patia, Bhubaneswar, Odisha 751024, E-mail: bhubaneswar@cipet.gov.in, www.cipet.gov.in

**ADMISSIONS - 2025**

CIPET: IPT Bhubaneswar, Govt. of India a premier national institution invites online applications for admission in following Under Graduate and Post Graduate programs in Engineering and Science for the Academic Year 2025-26.

| PROGRAMME | QUALIFICATION | DURATION |
|---|---|---|
| B.Tech. (Plastics Engineering)<br>B.Tech. (Manufacturing Engineering & Technology) (Equivalent to Production Engg.) | 12th Science pass with minimum 45% mark (40% mark for SC/ST category) in aggregate with Mathematics, Physics and one more subject. | 4 Years |
| Int. M.Sc. (B.Sc. + M.Sc.) (Material Science and Engineering) | 12th Science pass with minimum 45% mark (40% mark for SC/ST category) in aggregate with Mathematics, Physics and one more subject. | 5 Years |
| Lateral Entry for B. Tech (Plastics Engineering)<br>Lateral Entry for B. Tech. (Manufacturing Engineering & Technology) | Passed Diploma with minimum 45% mark (40% mark for SC/ST category) from any branch. or Passed B.Sc. degree with minimum 45% mark (40% mark for SC/ST category) and passed 10+2 examination with Mathematics as a subject. | 3 Years |
| M.Sc. (Polymer Science) | Any B.Sc. degree with Chemistry as one of the subject. | 2 Years |
| M.Tech. (Plastics Engineering)<br>M.Tech. (Polymer Nanotechnology) | Passed B. Tech in Plastics Engineering or Tech. / Mechanical Engg. / Production Engg./ Polymer Engg. / Chemical Engg. / Manufacturing Engg. / Metallurgical Engg. / Materials Sc. & Engg. / Rubber & Plastcs Tech. / Textile Engg./M.Sc. in Polymer Science / Polymer Chemistry / Polymer Physics / Biopolymer Science / Chemistry / Applied Chemistry. with minimum 50% mark (45% mark for SC/ST category) | 2 Years |

Excellent Placement Track Record
Candidates may apply through the link : **https://forms.gle/nUbAXmQFSfpeqe9e8**
Last date for filling online application : **26.05.2025**
Date of CIPET-Joint Entrance Examination : **30.05.2025**
Please visit our website : **www.cipet.gov.in** for detailed information for Admission
**Contact: 8144919800/ 8170044113/ 9348795434**
Scan Me



**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
କ୍ଷେତ୍ରୀୟ ବ୍ୟବସାୟିକ କାର୍ଯ୍ୟାଳୟ: ବ୍ରହ୍ମପୁର
୨ୟ ଲେନ୍, ବ୍ରହ୍ମାନଗର, ବ୍ରହ୍ମପୁର, ଗଞ୍ଜାମ, ଓଡ଼ିଶା-୭୬୦୦୦୧

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ସହିତ ଧାରା ୧୩(୧୨) ରେ ଦିଆଯାଇଥିବା କ୍ଷମତା ପ୍ରୟୋଗ କରି ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରି ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ନୋଟିସ୍ ଦର୍ଶିତ ରାଶି ସହିତ ତତ୍ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଓ ଦେୟ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତାମାନେ ଋଣ ପଇଠ କରିବାରେ ବିଫଳ ହୋଇଛନ୍ତି ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଏନ୍‌ଫୋର୍ସମେଣ୍ଟ ରୁଲ୍ସ, ୨୦୦୨ର ରୁଲ୍ ୮ ଏବଂ ୯ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିଗୁଡ଼ିକୁ ଦଖଲ କରିଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ, ଆଇନଗତ ଖର୍ଚ୍ଚ ଓ ଦେୟ ନିମନ୍ତେ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ ଉପଲବ୍ଧ ଥିବା ସମୟ ମଧ୍ୟରେ ବନ୍ଧକମୁକ୍ତ କରନ୍ତୁ।**

| ଏସିବି ବୃନ୍ଦାବନ ବିହାର ଶାଖା, ଆଙ୍କୁଶପୁର / ଆକାଉଣ୍ଟ ନଂ./ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ଦଖଲ ନିଆଯାଇଥିବା ବନ୍ଧକ ସମ୍ପତ୍ତିଗୁଡ଼ିକର ବିବରଣୀ | ନୋଟିସ୍ ଅନୁଯାୟୀ ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ପରିମାଣ | ଡିମାଣ୍ଡ ନୋଟିସ୍ /ଦଖଲ ତାରିଖ |
|---|---|---|---|
| ଆକାଉଣ୍ଟ ନଂ.: ୩୯୭୯୨୬୦୫୪୯୪ (ଏବିଏଏଲ୍), ୩୯୭୮୦୬୯୨୨୪୩ (ଏବିଏଏଲ୍) / ୧) ଋଣଗ୍ରହୀତା: ଶ୍ରୀ ଗୌରହରି ପ୍ରଧାନ, ପିତା: ତ୍ରିନାଥ ପ୍ରଧାନ / ଗ୍ୟାରେଣ୍ଟିଦାତା: ଶ୍ରୀମତୀ ସରସ୍ୱତୀ ପ୍ରଧାନ, ପିତା: ୰ ଦଣ୍ଡପାଣି ପ୍ରଧାନ, ଉଭୟଙ୍କ ଠିକଣା- ସା: ନରସିଂହପୁର, ପୋ: ବଣବୁଲାପଲି, ଥାନା: ଚମାଖଣ୍ଡି, ଜିଲ୍ଲା: ଗଞ୍ଜାମ-୭୬୧୦୨୦, ୨) ଋଣଗ୍ରହୀତା: ଶ୍ରୀମତୀ ସରସ୍ୱତୀ ପ୍ରଧାନ, ପିତା: ୰ ଦଣ୍ଡପାଣି ପ୍ରଧାନ, ସା: ନରସିଂହପୁର, ପୋ: ବଣବୁଲାପଲି, ଥାନା: ଚମାଖଣ୍ଡି, ଜିଲ୍ଲା: ଗଞ୍ଜାମ-୭୬୧୦୨୦ | ଶ୍ରୀମତୀ ସରସ୍ୱତୀ ପ୍ରଧାନ, ପିତା: ୰ ଦଣ୍ଡପାଣି ପ୍ରଧାନଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ନରସିଂହପୁର, ଜିଲ୍ଲା: ଗଞ୍ଜାମ, ଖାତା ନଂ.: ୪୧୨/୪୨୪, ପ୍ଲଟ୍ ନଂ.: ୧୦୬୯, କ୍ଷେତ୍ର: ଏକର୦.୩୦୦ ଡିସିମିଲି, କିସମ: ଘରବାରୀ, ଏହାର ଚାରିପାର୍ଶ୍ୱରେ ଉତ୍ତର: ଦଣ୍ଡପାଣି ପ୍ରଧାନଙ୍କ ପଦର ଏବଂ ଅନ୍ୟଜଣେ, ଦକ୍ଷିଣ: ଲେନ୍, ପୂର୍ବ: ବଞ୍ଜାରା ଜମି, ପଶ୍ଚିମ: ଦଣ୍ଡପାଣି ପ୍ରଧାନଙ୍କ ପଦର ଏବଂ ଅନ୍ୟଜଣେ | ୨୦.୧୧.୨୦୨୪ ସୁଦ୍ଧା ଟ.୨୫,୦୬,୨୭୫.୭୮ + ସେବାବଦ ସୁଧ ଏବଂ ଆନୁସଙ୍ଗିକ ଅନ୍ୟାନ୍ୟ ଦେୟ | ୨୦.୧୧.୨୦୨୪ / ୨୨.୦୪.୨୦୨୫ |
| ଆକାଉଣ୍ଟ ନଂ.: ୩୯୫୯୨୨୬୧୯୫୭ (ଏବିଏଏଲ୍), ୩୯୬୫୦୬୪୦୨୦୪ (ଏବିଏଏଲ୍) / ଋଣଗ୍ରହୀତା: ଶ୍ରୀ ବିଷ୍ଣୁ ପ୍ରସାଦ ଦଳବେହେରା, ପିତା: ଦେବେନ୍ଦ୍ର ଦଳବେହେରା / ଗ୍ୟାରେଣ୍ଟିଦାତା: ଶ୍ରୀ ଆକାଶ ଦଳବେହେରା, ସା/ପୋ.: ମଧୁରଚୁଆ, ଭାୟା: ରମ୍ଭା, ଜିଲ୍ଲା: ଗଞ୍ଜାମ-୭୬୧୦୨୭ | ଶ୍ରୀ ବିଷ୍ଣୁ ପ୍ରସାଦ ଦଳବେହେରା ଏବଂ ଶ୍ରୀ ଆକାଶ ଦଳବେହେରାଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ମଧୁରଚୁଆ, ଜିଲ୍ଲା: ଗଞ୍ଜାମ, ଖାତା ନଂ.: ୧୬୫, ପ୍ଲଟ୍ ନଂ.: ୫୯୪, କ୍ଷେତ୍ର: ଏକର ୦.୦୪୮ ଡିସିମିଲି, କିସମ: ଘରବାରୀ, ଏହାର ଚାରିପାର୍ଶ୍ୱରେ ଉତ୍ତର: ସୁରଥ ନାହାକଙ୍କ ଜମି, ଦକ୍ଷିଣ: ରାସ୍ତା, ପୂର୍ବ: ନର୍ମଦା ମହାକୁଡଙ୍କ ଜମି, ପଶ୍ଚିମ: ଯଦୁମଣି ନାହାକଙ୍କ ଜମି | ୧୫.୦୧.୨୦୨୫ ସୁଦ୍ଧା ଟ.୧୯,୩୯,୨୬୦.୬୦ + ସେବାବଦ ସୁଧ ଏବଂ ଆନୁସଙ୍ଗିକ ଅନ୍ୟାନ୍ୟ ଦେୟ | ୧୫.୦୧.୨୦୨୫ / ୨୨.୦୪.୨୦୨୫ |
| ଆକାଉଣ୍ଟ ନଂ.: ୩୯୮୦୧୪୦୦୯୫୪ (ଏବିଏଏଲ୍), ୩୯୮୦୧୫୮୫୪୮୦ (ଏବିଏଏଲ୍) / ୧) ଋଣଗ୍ରହୀତା: ଶ୍ରୀମତୀ ସତ୍ୟବତୀ ପରିଡ଼ା, ସ୍ୱାମୀ: ଶ୍ରୀ ବିମଳେନ୍ଦୁ ପରିଡ଼ା / ଗ୍ୟାରେଣ୍ଟିଦାତା: ଶ୍ରୀ ବିମଳେନ୍ଦୁ ପରିଡ଼ା, ପିତା: ମାଗୁଣି ପରିଡ଼ା, ଉଭୟଙ୍କ ଠିକଣା - ସା/ପୋ.: ଭିକାପଡ଼ା, ଥାନା: ଖଲ୍ଲିକୋଟ, ଜିଲ୍ଲା: ଗଞ୍ଜାମ-୭୬୧୦୨୯, ୨) ଋଣଗ୍ରହୀତା: ଶ୍ରୀ ବିମଳେନ୍ଦୁ ପରିଡ଼ା, ପିତା: ମାଗୁଣି ପରିଡ଼ା / ଗ୍ୟାରେଣ୍ଟିଦାତା: ଶ୍ରୀମତୀ ସତ୍ୟବତୀ ପରିଡ଼ା, ସ୍ୱାମୀ: ଶ୍ରୀ ବିମଳେନ୍ଦୁ ପରିଡ଼ା, ଉଭୟଙ୍କ ଠିକଣା- ସା/ପୋ.: ଭିକାପଡ଼ା, ଥାନା: ଖଲ୍ଲିକୋଟ, ଜିଲ୍ଲା: ଗଞ୍ଜାମ-୭୬୧୦୨୯ | ଶ୍ରୀ ବିମଳେନ୍ଦୁ ପରିଡ଼ା ଏବଂ ଶ୍ରୀମତୀ ସୁମିତା ପରିଡ଼ା ଓରଫ୍ ସତ୍ୟବତୀ ପରିଡ଼ାଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଭିକାପଡ଼ା, ଜିଲ୍ଲା: ଗଞ୍ଜାମ, ଖାତା ନଂ.: ୩୫୭/୯୬, ପ୍ଲଟ୍ ନଂ.: ୪୪୭/୧୯୪୭, କ୍ଷେତ୍ର: ଏକର ୦.୦୪୦ ଡିସିମିଲି, କିସମ: ଘରବାରୀ, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାଜଦାଣ୍ଡ, ଦକ୍ଷିଣ: ରାଜଦାଣ୍ଡ, ପୂର୍ବ: ଇନ୍ଦୁମତି ପରିଡାଙ୍କ ଗୃହ, ପଶ୍ଚିମ: ନିବାସୀ ପ୍ରଧାନଙ୍କ ଗୃହ | ୧୮.୧୧.୨୦୨୪ ସୁଦ୍ଧା ଟ.୨୫,୨୫,୩୭୧.୫୧ + ସେବାବଦ ସୁଧ ଏବଂ ଆନୁସଙ୍ଗିକ ଅନ୍ୟାନ୍ୟ ଦେୟ | ୧୮.୧୧.୨୦୨୪ / ୨୨.୦୪.୨୦୨୫ |
| ଆକାଉଣ୍ଟ ନଂ.: ୪୦୯୬୭୫୨୭୨୮୦ (ଏବିଏଏଲ୍) / ଋଣଗ୍ରହୀତା: ଶ୍ରୀ ମାନସ ରାଉଳ, ପିତା: ବିଦ୍ୟାଧର ରାଉଳ / ଗ୍ୟାରେଣ୍ଟିଦାତା: ଶ୍ରୀମତୀ ଭାନୁମତି ରାଉଳ, ସ୍ୱାମୀ: ବିଦ୍ୟାଧର ରାଉଳ, ଉଭୟଙ୍କ ଠିକଣା- ସା: ନଗରଡ଼ିହପାଟଣା, ଲଙ୍ଗଳେଶ୍ୱର, ଥାନା: ଖଲ୍ଲିକୋଟ, ଜିଲ୍ଲା: ଗଞ୍ଜାମ-୭୬୧୦୨୯ | ଶ୍ରୀମତୀ ଭାନୁମତି ରାଉଳଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ନଗରଡ଼ିହପାଟଣା, ଜିଲ୍ଲା: ଗଞ୍ଜାମ, ଖାତା ନଂ.: ୩୭୬, ପ୍ଲଟ୍ ନଂ.: ୧୮୨୮, କ୍ଷେତ୍ର: ଏକର ୦.୦୨୦ ଡିସିମିଲି, କିସମ: ଘରବାରୀ, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: କର ପଦର ଷ୍ଟ୍ରିଟ୍, ପୂର୍ବ: ଭଗତ ପ୍ରଧାନ ଏବଂ ଅନ୍ୟମାନଙ୍କ ଗୃହ, ପଶ୍ଚିମ: ହଜାରୀ ରାଉଳଙ୍କ ଗୃହ | ୨୦.୦୧.୨୦୨୫ ସୁଦ୍ଧା ଟ.୧୨,୬୦,୦୬୯.୭୧ + ସେବାବଦ ସୁଧ ଏବଂ ଆନୁସଙ୍ଗିକ ଅନ୍ୟାନ୍ୟ ଦେୟ | ୨୦.୦୧.୨୦୨୫ / ୨୨.୦୪.୨୦୨୫ |
| ଆକାଉଣ୍ଟ ନଂ.: ୩୯୭୫୪୧୨୩୯୨୫ (ଏବିଏଏଲ୍), ୩୯୭୮୯୬୫୨୩୨୬ / ୧) ଋଣଗ୍ରହୀତା: ଶ୍ରୀ ଗୟାଚାନ୍ଦ ଦାସ, ପିତା: ୰ ଦୁଃଖିଶ୍ୟାମ ଦାସ, ସା: ଡ଼ିଆଁଡ଼େଇଁ, ପୋ.: ମଧୁରଚୁଆ, ଥାନା: ରମ୍ଭା, ଜିଲ୍ଲା: ଗଞ୍ଜାମ-୭୬୧୦୨୮, ୨) ଋଣଗ୍ରହୀତା: ଶ୍ରୀମତୀ ଅହଲ୍ୟା ଦାସ, ସ୍ୱାମୀ: ଶ୍ରୀ ଗୟାଚାନ୍ଦ ଦାସ / ଗ୍ୟାରେଣ୍ଟିଦାତା: ଶ୍ରୀ ଗୟାଚାନ୍ଦ ଦାସ, ପିତା: ୰ ଦୁଃଖିଶ୍ୟାମ ଦାସ, ଉଭୟଙ୍କ ଠିକଣା- ସା: ଡ଼ିଆଁଡ଼େଇଁ, ପୋ.: ମଧୁରଚୁଆ, ଥାନା: ରମ୍ଭା, ଜିଲ୍ଲା: ଗଞ୍ଜାମ-୭୬୧୦୨୮ | ଶ୍ରୀ ଗୟାଚାନ୍ଦ ଦାସଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଡ଼ିଆଁଡ଼େଇଁ, ଜିଲ୍ଲା: ଗଞ୍ଜାମ, ଖାତା ନଂ.: ୨୦୬/୩୫୫, ପ୍ଲଟ୍ ନଂ.: ୪୦୪, କ୍ଷେତ୍ର: ଏକର ୦.୦୬୫ ଡିସିମିଲି, କିସମ: ଘରବାରୀ, ଏହାର ଚାରିପାର୍ଶ୍ୱରେ ଉତ୍ତର: ଗୟାଚାନ୍ଦ ଦାସଙ୍କ ଜମି, ଦକ୍ଷିଣ: ବୈଷ୍ଣବ ନାହାକଙ୍କ ଜମି, ପୂର୍ବ: ରାସ୍ତା, ପଶ୍ଚିମ: ଗୟାଚାନ୍ଦ ଦାସଙ୍କ ଗୃହ | ୨୧.୦୧.୨୦୨୫ ସୁଦ୍ଧା ଟ.୧୪,୫୦,୫୯୧.୯୧ + ସେବାବଦ ସୁଧ ଏବଂ ଆନୁସଙ୍ଗିକ ଅନ୍ୟାନ୍ୟ ଦେୟ | ୨୧.୦୧.୨୦୨୫ / ୨୨.୦୪.୨୦୨୫ |

ସ୍ଥାନ: ବ୍ରହ୍ମପୁର, ତାରିଖ: ୨୫.୦୪.୨୦୨୫
ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ



**झारखण्ड सरकार, पेयजल एवं स्वच्छता विभाग**

ई-प्रोक्योरमेन्ट सूचना अल्पकालिन (प्रथम आमंत्रण)
ई-निविदा सूचना संख्या - (धनबाद) 06/2025-26 तिथि – 25-04-2025

| | | | |
|---|---|---|---|
| 1 | वेबसाइट पर निविदा प्रकाशन की तिथि | :- | 02-05-2025 समय 02.00 बजे अपराहन् तक |
| 2 | निविदा प्राप्ति (ऑन लाईन बिडींग) की अन्तिम तिथि एवं समय | :- | 13.05-2025 समय 04.00 बजे अपराहन् तक |
| 3 | सरकार के सचिव, सूचना प्रौद्योगिकी एवं ई-गवर्नेस, झारखंड मंत्रालय के ज्ञापांक-120 दिनांक-03.10.2023 के आलोक में विपत्र का मूल्य एवं अग्रधन का राशि ऑनलाईन जमा करने का अंतिम तिथि एवं समय | :- | 13-05-2025 समय 04.00 बजे अपराहन् तक |
| 4 | तकनीकी बिड खोलने की तिथि एवं समय | :- | 14-05-2025 समय 04:00 बजे अपराहन् |
| 5 | तकनीकी बिड खोलने का स्थान | :- | अधीक्षण अभियंता का कार्यालय पेयजल एवं स्वचछता यांत्रिक अंचल, दुमका। |
| 6 | निविदा आमंत्रित करने वाले पदाधिकारी का नाम/पदनाम | :- | ई0 मयंक कुमार भगत, कार्यपालक अभियंता, पेयजल एवं स्वचछता यांत्रिक प्रमंडल, धनबाद। |
| 7 | निविदा आमंत्रित करने वाले कार्यालय का टेलिफोन नं0 | :- | 0326-2308988 |
| 8 | ई- प्रोक्यूरमेन्ट सेल का हेल्प लाईन सं0 | :- | 0651-480345 |

| | कार्य का नाम | ग्रुप | प्राक्कलित राशि (रू० में) | अग्रधन की राशि (रू० में) | परिमाण विपत्र का मूल्य (रू० में) | कार्य पूर्ण करने की अवधि |
|---|---|---|---|---|---|---|
| 1 | Renovation of Electro-Mechanical System at Rural Water Supply Scheme at Mairanwatand under D.W & S mechanical Division, Dhanbad. | A | 21,14,924.00 | 42,500.00 | 5,000.00 | 03 माह |
| 2 | Renovation of Electro-Mechanical System at Rural Water Supply Scheme at Ojhadih-Katania under D.W & S mechanical Division, Dhanbad. | B | 38,90,557.00 | 78,000.00 | 5,000.00 | 03 माह |

नोट – केवल ई निविदा ही स्वीकार किये जायेंगे।
उपरोक्त किसी तिथि को अवकाश घोषित होने पर अगले कार्य दिवस की तिथि को माना जायेगा।
ऐसे संवेदक जिन्हें पेयजल एवं स्वच्छता विभाग झारखण्ड सरकार का निबंधन प्राप्त नहीं है वे भी निविदा में भाग ले सकते है बशर्ते कि वैसे सफल निविदादाता को एकरारनामा के पूर्व पेयजल एवं स्वच्छता विभाग,झारखण्ड, में निबंधन पत्र प्राप्त कर लेना होगा।
निविदा की सूचना तथा नियम भार्ते की जानकारी प्रमंडलीय तथा अंचल कार्यालय से प्राप्त की जा सकती है। निविदा की जानकारी के लिए वेवसाईट http://jharkhandtender.gov.in पर देखा जा सकता है।

कार्यपालक अभियंता
पेयजल एवं स्वचछता यांत्रिक प्रमंडल, धनबाद।
PR.NO.351154 Drinking Water and Sanitation(25-26):D



**कार्यपालक अभियंता का कार्यालय**
**ग्रामीण विकास विशेष प्रमंडल, पश्चिमी सिंहभूम, चाईबासा**

**अति अल्पकालीन ई-निविदा आमंत्रण सूचना**
ई- निविदा सूचना संख्या – RDD/SD/CHAIBASA/18/2024-25(2nd Call) (MMGSY)

1. कार्य की विस्तृत विवरणी :

| क्र० सं० | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | पश्चिमी सिंहभूम जिला के चक्रधरपुर प्रखण्ड अन्तर्गत इटोर ग्राम परिया नदी पर पुल निर्माण। | 28018800.00 | 561000.00 | 10000.00 | 18 माह |

2. वेबसाइट में निविदा प्रकाशन की तिथि – 02.05.2025
3. ई-निविदा प्राप्ति की तिथि एवं समय–दिनांक 02.05.2025 से दिनांक 08.05.2025 को अपराह्न 5:00 बजे तक
4. ई-निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, पश्चिमी सिंहभूम, चाईबासा।
5. ई-निविदा खोलने की तिथि एवं समय –.10.05.2025 अपराह्न 3:00 बजे
6. ई-निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, पश्चिमी सिंहभूम, चाईबासा
7. ई-निविदा प्रकोष्ठ का दूरभाष सं० – 8709623131 (संबंधित कार्यपालक अभियंता का दूरभाष नम्बर)
8. परिमाण विपत्र की राशि घट–बढ़ सकती है तद्नुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा खोलने की तिथि से 5 दिनों के अन्दर निविदादाता द्वारा अपनी आपत्ति/दावा दर्ज कराये अन्यथा अवधि बीतने के पश्चात् कोई भी आपत्ति /दावा मान्य नहीं होगा।
11. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।
12. किसी भी समय बिना सूचना के निविदा रद्द एवं किसी भी प्रकार का संशोधन करने का अधिकार अधोहस्ताक्षरी को सुरक्षित रहेगा एवं इस पर किसी प्रकार का दावा एवं आपत्ति मान्य नहीं होगा।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

ह०/–
कार्यपालक अभियंता
ग्रामीण विकास विशेष प्रमंडल,
पश्चिमी सिंहभूम, चाईबासा
PR 351178 West Singhbhum (25-26)_D



**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ**
(ଓଡ଼ିଶା ସରକାରଙ୍କ ଏକ ଉପକ୍ରମ)
Lifeline of Odisha
**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
**OFFICE OF THE EXECUTIVE DIRECTOR, SOUTHERN ZONE, BERHAMPUR**

No. CAD-
**NOTIFICATION**

**No. 02/2025-ED-Southern Zone/Gazette** **Dated : 21.04.2025**

In accordance with section-164 of Indian Electricity Act. 2003 and in exercise of the power conferred upon OPTCL vide Department of Energy, Government of Odisha order No. 2353 -R&R-II-10/2006 dated the 9th March 2006, the following Transmission scheme which are intended to be under taken by the Odisha Power Transmission Corporation Limited for execution is published for general information. The estimated cost of the project is Rs. 4.45 Crores. It is also notified in the interest of general public that any person interested in making representation regarding the execution of the above scheme may submit such representation in writing so as to reach the Chief General Manager (O&M), OPTCL , Southern Zone, Berhampur, 220/132/33 KV Grid Sub-station Campus, Narendrapur, At: Sanakushasthali Po: Badakushasthali, Berhampur, Odisha - 760007 within two months from the date of publication of this notification. Full details of the scheme and plan may be seen in the office of the Dy. General Manager (Elect.) E.H.T (O&M), Division, Bhanjanagar as mentioned against the work on any working day during office hours.

**Name of the Work:-** Construction of proposed 220 KV LILO Line from 220 KV Bhanjanagar-Nayagarh D/C Line between Loc. No. 58 & 59 to proposed 40 MW Solar PV Power Plant at Landeihill, Jagannath Prasad, Dist: Ganjam.

**Name of the Village in which the line will Pass :**
**Tahasil:** Jagannath Prasad, **RI Circle:** Patapur, **Revenue Village:** Landeihill, **RI Circle:** Jhadabhumi, **Revenue Village:** Kandhanuapali, Gochabadi, Jamagarada, Gandadhar.

**Perceived benefit that may accrue :** For development of Solar Power Plant in Ganjam District and Electrical energy growth of Odisha State as a whole.

Sd/- CHIEF GENERAL MANAGER (O&M)
SOUTHERN ZONE, BERHAMPUR.
FIPR-04/2025-26
/optcl.odisha /optcl_odisha

# ସ୍ୱାମୀଙ୍କୁ ୧୮ ମାସ ସଶ୍ରମ କାରାଦଣ୍ଡ, ଜରିମାନା

## ସ୍ତ୍ରୀଙ୍କୁ ଯୌତୁକ ନିର୍ଯାତନା ମାମଲା

ନୟାଗଡ଼,୨୬।୪(ଲୋକନାଥ ମିଶ୍ର)

ଖଣ୍ଡପଡ଼ା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତରେ ଖଣ୍ଡପଡ଼ା ଥାନା କଣ୍ଟିଲୋ ନରସିଂହପୁର ପାଟଣାଗାଁର ଯୌତୁକ ନିର୍ଯାତନା ମାମଲାର ରାୟ ଶୁକ୍ରବାର ପ୍ରକାଶ ପାଇଛି। ଖଣ୍ଡପଡ଼ା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତର ବିଚାରପତି ତସଲିମା ଦାସ ଏହାର ବିଚାର କରି ସମ୍ପୃକ୍ତ ମହିଳାଙ୍କ ସ୍ୱାମୀ ତଥା କଣ୍ଟିଲୋ ନରସିଂହପୁର ପାଟଣା ଗାଁର ରମେଶ କୁମାର ନାୟକଙ୍କୁ ୧୮ ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥିସହିତ ୩ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟେ ୨ମାସ ଅଧିକ ଜେଲ ଭୋଗିବାକୁ ପଡିବ ବୋଲି ନିର୍ଦ୍ଦେଶ ରହିଛି।

ମାମଲାର ବିବରଣୀ ଅନୁଯାୟୀ, ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ ଗାଁର ହାଡୁବନ୍ଧୁ ନାୟକଙ୍କ ଝିଅ ବର୍ଷା (୨୪) ଖଣ୍ଡପଡ଼ା ଥାନା କଣ୍ଟିଲୋ ନରସିଂହପୁର ପାଟଣା ଗାଁର ରାମଚନ୍ଦ୍ର ନାୟକଙ୍କ ବଡପୁଅ ରମେଶ କୁମାରଙ୍କୁ ୨୦୧୭ ଏପ୍ରିଲ ୨୮ରେ ବିବାହ କରିଥିଲେ। ବିବାହ ସମୟରେ ବରପକ୍ଷର ଦାବି ମୁତାବକ ୧ ଲକ୍ଷ ୬୦ ହଜାର ଟଙ୍କା, ୧୫ ଗ୍ରାମର ସୁନା ଚେନ, ୨୦ ଗ୍ରାମର ୫ଟି ସୁନା ମୁଦି, ବାଇକ, ଫ୍ରିଜ, କଲର ଟିଭି, ୱାସିଂମେଶିନ ପରି ଘର ଉପକରଣ ଦେଇଥିଲେ। ଦଶ ମଙ୍ଗଳା ପର୍ଯ୍ୟନ୍ତ ସ୍ୱାମୀ ସ୍ତ୍ରୀ ଭଲରେ ଚଳିଥିଲେ। ପରେ ବର୍ଷାଙ୍କୁ ଯୌତୁକ ପାଇଁ ନିର୍ଯାତନା ଦିଆଯାଇଥିଲା। ପରବର୍ତ୍ତି ପର୍ଯ୍ୟାୟରେ କାର ଯୌତୁକରେ ଆଣିବା ପାଇଁ ଶାଶୁ ଘର ପକ୍ଷରୁ ଚାପ ପଡିଥିଲା। କାର ନ ଆଣିବାରୁ ପୁଣି ନିର୍ଯାତନା ବଢ଼ି ଚାଲିଲା। ତେବେ ୨୦।୯।୨୦୧୭ରେ ରମେଶ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିଲେ। ଖବର ପାଇବା ପରେ ବର୍ଷା ବାପ ପରିବାର ସହ ଯୋଗାଯୋଗ କରି ରମେଶଙ୍କୁ ଜେଲରୁ ମୁକୁଳାଇଥିଲେ। ପରେ ପୁଣି ନିର୍ଯାତନା ବଢ଼ି ଚାଲିବାରୁ ବାପ ଘରକୁ ଚାଲି ଯାଇଥିଲେ। ଉଭୟ ପକ୍ଷରୁ ସମାଧାନ ପରେ ୨୦୧୮ ମାର୍ଚ୍ଚ ୭ରେ ବାପ ଘର ମୋତେ ପୁଣି ଶଶୁ ଘରେ ଛାଡି ଗଲେ। ପୁଣି ନିର୍ଯାତନା ଦିଆଯିବାରୁ ଘର ଛାଡି ୨୦୧୮ ମାର୍ଚ୍ଚ ୮ରେ ଯିବାକୁ ପଡିଲା। ପରେ ଖଣ୍ଡପଡା ଥାନାରେ ଅଭିଯୋଗ କରିବା ପରେ ପୋଲିସ ୬୦/୨୦୧୮ରେ ମାମଲା ରୁଜୁ କରି ତଦନ୍ତ କରିଥିଲା। ଶାଶୁ ଘରର ଅନେକ ସଦସ୍ୟଙ୍କ ନାଁରେ ମାମଲା ହୋଇଥିଲେହେଁ କେବଳ ସ୍ୱାମୀଙ୍କୁ ଦଣ୍ଡ ହୋଇଛି। ୪୯୮(ଏ)ରେ ୧ବର୍ଷ ସଶ୍ରମ କାରାଦଣ୍ଡ ସହ ୨ ହଜାର ଜରିମାନା ହୋଇଛି। ଜରିମାନା ଅନାଦାୟେ ୧ମାସ ଅଧିକ ଜେଲ ଦଣ୍ଡ ନିର୍ଦ୍ଦେଶ ରହିଛି। ସେହିପରି ୪ ଡିପି ଆକ୍ଟରେ ୬ମାସ ଜେଲଦଣ୍ଡ ୧ହଜାର ଜରିମାନା ହୋଇଛି। ଜରିମାନା ଅନାଦାୟେ ୧ମାସ ଅଧିକ ଜେଲ ଭୋଗିବାକୁ ପଡିବାକୁ ନିର୍ଦ୍ଦେଶ ରହିଛି। ସରକାରଙ୍କ ତରଫରୁ କ୍ୟାଡର ସହକାରୀ ପବ୍ଲିକ ପ୍ରସିକ୍ୟୁଟର ସୁଜାତା କୁମାରୀ ବେହେରା ମୋକଦ୍ଦମା ପରିଚାଳନା କରିଥିଲେ।

# ଭିନ୍ନକ୍ଷମଙ୍କୁ ପ୍ରମାଣପତ୍ର ମିଳିବାରେ ବିଳମ୍ବ ନେଇ ଅସନ୍ତୋଷ

ଗୋପାଳପୁର,୨୬।୪(ନବୀନରାଜ୍ ଆଚାରୀ)

ରଙ୍ଗେଇଲୁଣ୍ଡା ବ୍ଲକରେ ପଞ୍ଚାୟତ ସମିତି ବୈଠକ ଶନିବାର ଅନୁଷ୍ଠିତ ହୋଇଛି। ଜିଲା ପରିଷଦ ଉପସଭାପତି ଏସ.ରାଜେଶ୍ୱରୀ ଦୋରା, ବ୍ଲକ ଅଧ୍ୟକ୍ଷା ସିହେଚ୍ ଉଷାରାଣୀ, ଉପାଧ୍ୟକ୍ଷା ଅନିତା ମହାଙ୍କୁଡ଼, ଜିଲା ପରିଷଦ ସଭ୍ୟ ଦୀପକ ସାମନ୍ତ ଓ ତଅପୋଇ ଦାସ, ସହକାରୀ ନିର୍ବାହୀ ଯନ୍ତ୍ରୀ ରାମ ଶଙ୍କର ନାୟକ ଉପସ୍ଥିତ ରହି ଆଲୋଚନା କରିଥିଲେ। ବିଡିଓ ବିଶ୍ୱଜିତ ରାୟ ବୈଠକ ପରିଚାଳନା କରିଥିଲେ। ଭିନ୍ନକ୍ଷମଙ୍କୁ ପ୍ରମାଣପତ୍ର ପ୍ରଦାନରେ ୬ ମାସ ଲାଗୁଥିବାରୁ ସରପଞ୍ଚ ପ୍ରଶାନ୍ତ ଦାଶ ଅସନ୍ତୋଷ ପ୍ରକାଶ କରିଥିଲେ। ଗ୍ରାମ୍ୟ ନିର୍ମାଣ ବିଭାଗ ପକ୍ଷରୁ ବିକ୍ରମପୁର, ବଙ୍କିପଲ୍ଲୀ, ଦିଗିପୁର, କରାପଲ୍ଲୀ ରାସ୍ତା ନିର୍ମାଣ କାର୍ଯ୍ୟ ନିମ୍ନମାନର ହୋଇଛି ବୋଲି ବଙ୍କିପଲ୍ଲୀ ସମିତିସଭ୍ୟ ଜୟସେନ ସାହୁ ଅଭିଯୋଗ କରି କନିଷ୍ଠ ଯନ୍ତ୍ରୀ ଓ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପୁରୁଣା ତହସିଲ ଠାରୁ ରଙ୍ଗିପୁର ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ସମ୍ପର୍କରେ ଜିଲା ପରିଷଦ ସଭ୍ୟ ଦୀପକ ସାମନ୍ତ ଅଭିଯୋଗ କରିଥିଲେ। ବିଭିନ୍ନ କାର୍ଯ୍ୟରେ ଫଳକ ଲଗାଯାଉ ନ ଥିବା ସମିତିସଭ୍ୟ ଆଶିଷ ରାଉଳ କହିଥିଲେ। ସରପଞ୍ଚ ଜଗମୋହନ ପାତ୍ର, ଦୁର୍ଯ୍ୟୋ ରେଡ୍ଡୀ, ନିର ବେହେରା, ବି.ସୁଜ୍ଞାନୀ, ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟମାନେ ଉପସ୍ଥିତ ଥିଲେ।

# ନିଖୋଜ ଶିଶୁକନ୍ୟାଙ୍କ କ୍ଷତାକ୍ତ ମୃତଦେହ ଜବତ



ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରୁଛନ୍ତି।

ଦିଗପହଣ୍ଡି,୨୬।୪(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ଖଲିଙ୍ଗି ଗ୍ରାମରେ ଘଟିଛି ଏକ ହୃଦୟବିଦାରକ ଘଟଣା। ଶୁକ୍ରବାର ସନ୍ଧ୍ୟାରୁ ନିଖୋଜ ଥିବା ଜଣେ ୪ ବର୍ଷୀୟା ଶିଶୁକନ୍ୟାଙ୍କ କ୍ଷତାକ୍ତ ମୃତଦେହ ଶନିବାର ସକାଳେ ପାଟପୁର ପୋଲିସ ଜବତ କରିଛି। ତାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ଗ୍ରାମବାସୀ ପୋଲିସ ନିକଟରେ ଅଭିଯୋଗ କରିଛନ୍ତି। ମୃତ ଶିଶୁ ଜଣକ ହେଲେ ସାନଖେମୁଣ୍ଡି ବ୍ଲକ ମହାନଳା ଗ୍ରାମର ଅଶୋକ ସ୍ୱାଇଁଙ୍କ ଝିଅ। ଅଶୋକ ଖଲିଙ୍ଗି ଗ୍ରାମ ଚନ୍ଦନ ନଗରର ରାଧା ନାହାକଙ୍କ ଝିଅକୁ ବିବାହ କରିଛନ୍ତି। ଗତ ୧୮ ତାରିଖରୁ ଚାଲିଥିବା ଯାତ୍ରା ଦେଖିବାକୁ ଶିଶୁକନ୍ୟା ଜଣକ ମା'ଙ୍କ ସହ ଅଜା ଘର ଚନ୍ଦନ ନଗରକୁ ଆସିଥିଲେ। ଶୁକ୍ରବାର ଥିଲା ଯାତ୍ରାର ଉଦ୍‌ଯାପନୀ ଦିବସ। ସନ୍ଧ୍ୟାରେ ଶିଶୁକନ୍ୟାଟି ଘର ନିକଟରେ ସାଙ୍ଗସାଥୀଙ୍କ ସହ ଖେଳୁଥିବା ବେଳେ ହଠାତ୍ ନିଖୋଜ ହୋଇ ଯାଇଥିଲେ। ଏନେଇ ଯାତ୍ରା କମିଟି ପକ୍ଷରୁ ମାଇକ୍ ଯୋଗେ ସୂଚନା ଦିଆଯାଇଥିଲା। ପରେ ପାଟପୁର ଥାନାରେ ଶିଶୁ ନିଖୋଜ ସମ୍ପର୍କରେ ଅବଗତ କରାଯିବା ପରେ ପାଟପୁର ପୋଲିସ ଜଣକୁ ଅଟକ ରଖି ତଦନ୍ତ କରୁଛି। ପରିବାର ଲୋକେ ରାତିସାରା ଗ୍ରାମବାସୀଙ୍କ ସହାୟତାରେ ବିଭିନ୍ନ ସ୍ଥାନ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ସନ୍ଧାନ ମିଳି ନ ଥିଲା। ଅନ୍ୟପକ୍ଷରେ ଗ୍ରାମର କେତେ ଜଣ ବ୍ୟକ୍ତି ଶନିବାର ସକାଳେ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ନିକଟରେ ନିର୍ମାଣାଧୀନ ଅଙ୍ଗନୱାଡ଼ି କେନ୍ଦ୍ରଠାରେ ଶିଶୁକନ୍ୟାଙ୍କ ମୃତଦେହ ପଡ଼ିଥିବା ଦେଖିଥିଲେ। ଏନେଇ ପାଟପୁର ଥାନାକୁ ଖବର ଦେବାରୁ ଆଇଆଇସି ଦୀପ୍ତି ରଞ୍ଜନ ବେହେରା ଟିମ୍ ସହ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ।


## ରାଜ୍ୟ ନିର୍ବାଚନ ଆୟୋଗ, ଓଡ଼ିଶା
### ତୋଷାଳି ଭବନ, ବ୍ଲକ-ବି ୨, ପ୍ରଥମ ମହଲା, ଭୁବନେଶ୍ୱର-୭୫୧୦୦୭

No.D-

Email ID : stateelectioncommission.odisha@gmail.com/sec.odisha@gov.in

**ବିଶେଷ ସୂଚନା**

ରାଜ୍ୟର ପଞ୍ଚାୟତ ସ୍ତରରେ ବିଭିନ୍ନ କାରଣ ଯୋଗୁଁ ଖାଲି ପଡ଼ିଥିବା ୧୧୩୪ଟି ପଦବୀ ପୂରଣ ପାଇଁ ଉପନିର୍ବାଚନ ନିମନ୍ତେ ପ୍ରାଥମିକ ଭୋଟର ତାଲିକା ପ୍ରକାଶନ ପାଇଁ ରାଜ୍ୟ ନିର୍ବାଚନ କମିଶନ, ଓଡ଼ିଶାଙ୍କ ତରଫରୁ ପଦକ୍ଷେପ ନିଆଯାଇଅଛି। ଉକ୍ତ ପଦବୀ ପାଇଁ ରାଜ୍ୟ ନିର୍ବାଚନ ଆୟୋଗ ୱାର୍ଡୱାରୀ ଭୋଟର ତାଲିକା ପ୍ରସ୍ତୁତ ପାଇଁ ନିର୍ଦ୍ଦେଶ ଜାରି କରିଛନ୍ତି। ୱାର୍ଡଗୁଡ଼ିକ ପାଇଁ ତା ୧୭.୦୪.୨୦୨୫ ରିଖ ଠାରୁ ତା ୨୨.୦୪.୨୦୨୫ ରିଖ ମଧ୍ୟରେ ସମ୍ପୃକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀମାନେ ଭାରତୀୟ ନିର୍ବାଚନ ଆୟୋଗଙ୍କ ଦ୍ୱାରା ତା ୦୧.୦୧.୨୦୨୫ ରିଖରେ ବିଧାନସଭା/ଲୋକସଭା ନିମନ୍ତେ ପ୍ରକାଶିତ ଭୋଟର ତାଲିକା ଆଧାରରେ ପ୍ରସ୍ତୁତ କରିଛନ୍ତି ଯାହାକି ତା ୨୪.୦୪.୨୦୨୫ ରିଖରେ ସମ୍ପୃକ୍ତ ଗ୍ରାମପଞ୍ଚାୟତ ମୁଖ୍ୟାଳୟରେ ୱାର୍ଡୱାରୀ ପ୍ରାଥମିକ ଭୋଟର/ଚିଠା ତାଲିକା ପ୍ରକାଶିତ ହୋଇସାରିଛି।

ସମ୍ପୃକ୍ତ ଜିଲ୍ଲା/ଅଞ୍ଚଳର ଭୋଟରଙ୍କୁ ଅନୁରୋଧ କରାଯାଉଅଛି ଯେ କି ସେମାନେ ନିଜର ନାମ ପ୍ରକାଶିତ ପ୍ରାଥମିକ ଭୋଟର ତାଲିକାରେ ଅଛି କି ନାହିଁ କିମ୍ବା ସଠିକ ଭାବରେ ଦରଜ ହୋଇଛି କି ନାହିଁ ତନଖି କରି ନିଅନ୍ତୁ। ଏହି ପ୍ରାଥମିକ ଭୋଟର ତାଲିକା/ଚିଠା ତାଲିକା ସମ୍ପୃକ୍ତ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ନିରୀକ୍ଷଣ/ଆବେଦନ ନିମନ୍ତେ ତା ୩୦.୦୪.୨୦୨୫ ରିଖ ପର୍ଯ୍ୟନ୍ତ ରଖାଯାଇଛି। ନିର୍ବାଚନ ଅଧିକାରୀ ତା ୦୨.୦୫.୨୦୨୫ ରିଖଠାରୁ ତା ୦୫.୦୫.୨୦୨୫ ରିଖ ମଧ୍ୟରେ ସମସ୍ତ ଆପତ୍ତି ଅଭିଯୋଗଗୁଡ଼ିକୁ ବିଚାରକୁ ନେଇ ଫଇସଲା କରି ଚୂଡ଼ାନ୍ତ ଭୋଟର ତାଲିକା ତା ୦୬.୦୫.୨୦୨୫ ରିଖରେ ପ୍ରକାଶନ କରିବେ।

ସଚିବ
ରାଜ୍ୟ ନିର୍ବାଚନ ଆୟୋଗ, ଓଡ଼ିଶା



## झारखण्ड सरकार, पेयजल एवं स्वच्छता विभाग
### ई–प्रोक्योरमेन्ट सूचना अल्पकालिन (प्रथम आमंत्रण)
### ई–निविदा सूचना संख्या - (धनबाद) 06/2025-26 तिथि – 25-04-2025

| | | | |
|---|---|---|---|
| 1 | वेबसाइट पर निविदा प्रकाशन की तिथि | :- | 02-05-2025 समय 02.00 बजे अपराहन् तक |
| 2 | निविदा प्राप्ति (ऑन लाईन बिडींग) की अन्तिम तिथि एवं समय | :- | 13.05-2025 समय 04.00 बजे अपराहन् तक |
| 3 | सरकार के सचिव, सूचना प्रौद्योगिकी एवं ई–गवर्नेस, झारखंड मंत्रालय के ज्ञापांक–120 दिनांक–03.10.2023 के आलोक में विपत्र का मूल्य एवं अग्रधन का राशि ऑनलाईन जमा करने का अंतिम तिथि एवं समय | :- | 13-05-2025 समय 04.00 बजे अपराहन् तक |
| 4 | तकनीकी बिड खोलने की तिथि एवं समय | :- | 14-05-2025 समय 04:00 बजे अपराहन् |
| 5 | तकनीकी बिड खोलने का स्थान | :- | अधीक्षण अभियंता का कार्यालय पेयजल एवं स्वचछता यांत्रिक अंचल, दुमका। |
| 6 | निविदा आमंत्रित करने वाले पदाधिकारी का नाम/पदनाम | :- | ई0 मयंक कुमार भगत, कार्यपालक अभियंता, पेयजल एवं स्वचछता यांत्रिक प्रमंडल, धनबाद। |
| 7 | निविदा आमंत्रित करने वाले कार्यालय का टेलिफोन नं0 | :- | 0326-2308988 |
| 8 | ई– प्रोक्यूरमेन्ट सेल का हेल्प लाईन सं0 | :- | 0651-480345 |

| | कार्य का नाम | ग्रुप | प्राक्कलित राशि (रू० में) | अग्रधन की राशि (रू० में) | परिमाण विपत्र का मूल्य (रू० में) | कार्य पूर्ण करने की अवधि |
|---|---|---|---|---|---|---|
| 1 | Renovation of Electro-Mechanical System at Rural Water Supply Scheme at Mairanwatand under D.W & S mechanical Division, Dhanbad. | A | 21,14,924.00 | 42,500.00 | 5,000.00 | 03 माह |
| 2 | Renovation of Electro-Mechanical System at Rural Water Supply Scheme at Ojhadih-Katania under D.W & S mechanical Division, Dhanbad. | B | 38,90,557.00 | 78,000.00 | 5,000.00 | 03 माह |

नोट – केवल ई निविदा ही स्वीकार किये जायेंगे।
उपरोक्त किसी तिथि को अवकाश घोषित होने पर अगले कार्य दिवस की तिथि को माना जायेगा।
ऐसे संवेदक जिन्हें पेयजल एवं स्वच्छता विभाग झारखण्ड सरकार का निबंधन प्राप्त नहीं है वे भी निविदा में भाग ले सकते है बशर्ते कि वैसे सफल निविदादाता को एकरारनामा के पूर्व पेयजल एवं स्वच्छता विभाग,झारखण्ड, में निबंधन पत्र प्राप्त कर लेना होगा।
निविदा की सूचना तथा नियम भार्ते की जानकारी प्रमंडलीय तथा अंचल कार्यालय से प्राप्त की जा सकती है। निविदा की जानकारी के लिए वेवसाईट http://jharkhandtender.gov.in पर देखा जा सकता है।

कार्यपालक अभियंता
पेयजल एवं स्वचछता यांत्रिक प्रमंडल, धनबाद।

PR.NO.351154 Drinking Water and Sanitation(25-26):D



## कार्यपालक अभियंता का कार्यालय
### ग्रामीण विकास विशेष प्रमंडल, पश्चिमी सिंहभूम, चाईबासा

**अति अल्पकालीन ई-निविदा आमंत्रण सूचना**

ई– निविदा सूचना संख्या – RDD/SD/CHAIBASA/18/2024-25(2nd Call) (MMGSY)

1. कार्य की विस्तृत विवरणी :

| क्र० सं० | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | पश्चिमी सिंहभूम जिला के चक्रधरपुर प्रखण्ड अन्तर्गत इटोर ग्राम परिया नदी पर पुल निर्माण। | 28018800.00 | 561000.00 | 10000.00 | 18 माह |

2. वेबसाइट में निविदा प्रकाशन की तिथि – 02.05.2025
3. ई–निविदा प्राप्ति की तिथि एवं समय–दिनांक 02.05.2025 से दिनांक 08.05.2025 को अपराह्न 5:00 बजे तक
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, पश्चिमी सिंहभूम, चाईबासा।
5. ई–निविदा खोलने की तिथि एवं समय –.10.05.2025 अपराह्न 3:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, पश्चिमी सिंहभूम, चाईबासा
7. ई–निविदा प्रकोष्ठ का दूरभाष सं० – 8709623131 (संबंधित कार्यपालक अभियंता का दूरभाष नम्बर)
8. परिमाण विपत्र की राशि घट–बढ़ सकती है तद्नुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा खोलने की तिथि से 5 दिनों के अन्दर निविदादाता द्वारा अपनी आपत्ति/दावा दर्ज कराये अन्यथा अवधि बीतने के पश्चात् कोई भी आपत्ति /दावा मान्य नहीं होगा।
11. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।
12. किसी भी समय बिना सूचना के निविदा रद्द एवं किसी भी प्रकार का संशोधन करने का अधिकार अधोहस्ताक्षरी को सुरक्षित रहेगा एवं इस पर किसी प्रकार का दावा एवं आपत्ति मान्य नहीं होगा।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

ह०/–
कार्यपालक अभियंता
ग्रामीण विकास विशेष प्रमंडल,
पश्चिमी सिंहभूम, चाईबासा

PR 351178 West Singhbhum (25-26)_D


## ବୋଲେରୋ ଧକ୍କାରେ ଶିଶୁ ମୃତ

ଜି.ଉଦୟଗିରି,୨୬।୪(ଚିନ୍ମୟ କୁମାର ସେଠୀ)

ଜି.ଉଦୟଗିରି ଥାନା ଅର୍ନ୍ତଗତ ଆଡାସିକୁପା ନୂଆସାହି ଗ୍ରାମର ସୁମିତ୍ରା ପ୍ରଧାନ ଓ ଅନନ୍ଦେଶ୍ୱର ପ୍ରଧାନଙ୍କ ୨ ବର୍ଷ ୪ ମାସର ପୁଅ ଅମ୍ଳାନ ପ୍ରଧାନଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ଶନିବାର ଅପରାହ୍ନ ୪ଟା ରେ ଅମ୍ଳାନ ତାଙ୍କ ଘର ସମ୍ମୁଖରେ ବସିଥିଲେ। ସେହି ସମୟରେ ହଠାତ୍ ଏକ ବୋଲେର ପିକଅପ୍ (ନଂ. ଓଡି ୦୨ ସିଏଫ ୬୧୬୫) ପାବୁରୀୟା ଠାରୁ ଜି.ଉଦୟଗିରି ଅଭିମୁଖେ ଯାଉଥିବା ବେଳେ ଭାରସାମ୍ୟ ହରାଇ ଅମ୍ଳାନଙ୍କ ଘର ବାରଣ୍ଡା ନିକଟକୁ ଯାଇ ଧକ୍କା ଦେଇଥିଲା। ତାଙ୍କୁ ଜି.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗାଡ଼ି ଚାଳକଙ୍କ ବେପରୁଆ ଗାଡ଼ି ଚାଳନା ଏବଂ ଦୃତ ଗତି ଯୋଗୁ ଏହି ଦୁର୍ଘଟଣା ଘଟିଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଘଟଣା ସ୍ଥଳରୁ ଡ୍ରାଇଭର ଫେରାର ହୋଇଥିବା ସୂଚନା ମିଳିଛି। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଜି.ଉଦୟଗିରି ଆଦର୍ଶ ଥାନାର ଏସଆଇ ଅନନ୍ତ ପ୍ରଧାନ ଓ ଏଏସଆଇ ରବୀନ୍ଦ୍ର ସେଠୀ ପହଞ୍ଚି ଘଟଣା ବିଷୟରେ ଅଧିକ ତଦନ୍ତ କରୁଛନ୍ତି।

## ବାହାଘର ଭୋଜିରେ ଅଘଟଣ ବିଦ୍ୟୁତ୍ ଆଘାତରେ ଯୁବକ ମୃତ

ଫୁଲବାଣୀ,୨୬।୪(ରାକେଶ କୁମାର ରାଉତ)

ଟିକାବାଲି ଥାନା ଅନ୍ତର୍ଗତ କଇଁଝର ପଞ୍ଚାୟତ କୁଟିଗଡ଼ ଗ୍ରାମରେ ବିଦ୍ୟୁତ୍ ଆଘାତରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ କଷ୍ଟ ମାଝୀ(୪୫)। ଗୁରୁତର ଜଣକ ରବି ଖମାରୀ(୫୦)। ଶନିବାର କୁଟିଗଡ ଗ୍ରାମର ବାଳକୃଷ୍ଣ ଦେହୁରୀଙ୍କ ଘରେ ବାହାଘର ଭୋଜି ଆୟୋଜନ ଚାଲିଥିଲା। କଷ୍ଟ ଓ ରବି ମସଲା ଗ୍ରାଇଣ୍ଡିଂ କରୁଥିବା ବେଳେ ପ୍ରଥମେ କଷ୍ଟଙ୍କୁ ବିଦ୍ୟୁତ ଆଘାତ ଲାଗିଥିଲା। ତାଙ୍କୁ ଉଦ୍ଧାର କରିବାକୁ ଯାଇ ରବି ମଧ୍ୟ ଆହତ ହୋଇଥିଲେ। ଗ୍ରାମବାସୀ ଉଭୟଙ୍କୁ ଟିକାବାଲି ଗୋଷ୍ଠୀ ସୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ କଷ୍ଟଙ୍କ ମୃତ୍ୟୁ ହୋଇ ଥିଲା। ରବିଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ମୃତକଙ୍କ ସାନ ଭାଇ ସଞ୍ଜୟଙ୍କ ଏତଲା ଆଧାରରେ ଟିକାବାଲି ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଥିବା ଏଏସ୍ଆଇ ବାସନ୍ତୀ ବେହେରା କହିଛନ୍ତି।


## केंद्रीय पेट्रोरसायन इंजीनियरिंग और प्रौद्योगिकी संस्थान
## CENTRAL INSTITUTE OF PETROCHEMICALS ENGINEERING & TECHNOLOGY (CIPET)-IPT

सिपेट CIPET

Department of Chemicals & Petrochemicals, Ministry of Chemicals & Fertilizers, Govt of India
B/25, CNIC, Patia, Bhubaneswar, Odisha 751024, E-mail: bhubaneswar@cipet.gov.in, www.cipet.gov.in

**ADMISSIONS - 2025**

CIPET: IPT Bhubaneswar, Govt. of India a premier national institution invites online applications for admission in following Under Graduate and Post Graduate programs in Engineering and Science for the Academic Year 2025-26.

| PROGRAMME | QUALIFICATION | DURATION |
|---|---|---|
| B.Tech. (Plastics Engineering) | 12th Science pass with minimum 45% mark (40% mark for SC/ST category) in aggregate with Mathematics, Physics and one more subject. | 4 Years |
| B.Tech. (Manufacturing Engineering & Technology) (Equivalent to Production Engg.) | | |
| Int. M.Sc. (B.Sc. + M.Sc.) (Material Science and Engineering) | 12th Science pass with minimum 45% mark (40% mark for SC/ST category) in aggregate with Mathematics, Physics and one more subject. | 5 Years |
| Lateral Entry for B. Tech (Plastics Engineering) | Passed Diploma with minimum 45% mark (40% mark for SC/ST category) from any branch. or | 3 Years |
| Lateral Entry for B. Tech. (Manufacturing Engineering & Technology) | Passed B.Sc. degree with minimum 45% mark (40% mark for SC/ST category) and passed 10+2 examination with Mathematics as a subject. | |
| M.Sc. (Polymer Science) | Any B.Sc. degree with Chemistry as one of the subject. | 2 Years |
| M.Tech. (Plastics Engineering) | Passed B. Tech in Plastics Engineering or Tech. / Mechanical Engg. / Production Engg./ Polymer Engg. / Chemical Engg. / Manufacturing Engg. / Metallurgical Engg. / Materials Sc. & Engg. / Rubber & Plastcs Tech. / Textile Engg./M.Sc. in Polymer Science / Polymer Chemistry / Polymer Physics / Biopolymer Science / Chemistry / Applied Chemistry. with minimum 50% mark (45% mark for SC/ST category) | 2 Years |
| M.Tech. (Polymer Nanotechnology) | | |

Excellent Placement Track Record

Candidates may apply through the link : https://forms.gle/nUbAXmQFSfpeqe9e8
Last date for filling online application : 26.05.2025
Date of CIPET-Joint Entrance Examination : 30.05.2025
Please visit our website : www.cipet.gov.in for detailed information for Admission

Contact: 8144919800/ 8170044113/ 9348795434

Scan Me



## SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
### କ୍ଷେତ୍ରୀୟ ବ୍ୟାବସାୟିକ କାର୍ଯ୍ୟାଳୟ: ବ୍ରହ୍ମପୁର
୨ୟ ଲେନ୍, ବ୍ରହ୍ମାନଗର, ବ୍ରହ୍ମପୁର, ଗଞ୍ଜାମ, ଓଡ଼ିଶା-୭୬୦୦୦୧

## ଦଖଲ ନୋଟିସ୍
(ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ସହିତ ଧାରା ୧୩(୧୨) ରେ ଦିଆଯାଇଥିବା କ୍ଷମତା ପ୍ରୟୋଗ କରି ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରି ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ନୋଟିସ୍ ଦର୍ଶିତ ରାଶି ସହିତ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଓ ଦେୟ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତାମାନେ ଋଣ ପଇଠ କରିବାରେ ବିଫଳ ହୋଇଛନ୍ତି ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଏନ୍‌ଫୋର୍ସମେଣ୍ଟ ରୁଲ୍ସ, ୨୦୦୨ର ରୁଲ୍ ୮ ଏବଂ ୯ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିଗୁଡିକୁ ଦଖଲ କରିଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତିଗୁଡିକ ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ, ଆଇନଗତ ଖର୍ଚ୍ଚ ଓ ଦେୟ ନିମନ୍ତେ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିଗୁଡିକୁ ଉପଲବ୍ଧ ଥିବା ସମୟ ମଧ୍ୟରେ ବନ୍ଧକମୁକ୍ତ କରନ୍ତୁ।**

| ଏସିବି ବୃନ୍ଦାବନ ବିହାର ଶାଖା, ଆଙ୍କୁଶପୁର / ଆକାଉଣ୍ଟ ନଂ./ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ଦଖଲ ନିଆଯାଇଥିବା ବନ୍ଧକ ସମ୍ପତ୍ତିଗୁଡିକର ବିବରଣୀ | ନୋଟିସ୍ ଅନୁଯାୟୀ ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ପରିମାଣ | ଡିମାଣ୍ଡ ନୋଟିସ୍ /ଦଖଲ ତାରିଖ |
|---|---|---|---|
| ଆକାଉଣ୍ଟ ନଂ.: ୩୯୭୯୨୬୦୫୪୯୪ (ଏବିଏଏଲ), ୩୯୭୮୦୬୯୨୨୪୩ (ଏବିଏଏଲ) / ୧) ଋଣଗ୍ରହୀତା: ଶ୍ରୀ ଗୌରହରି ପ୍ରଧାନ, ପିତା: ତ୍ରିନାଥ ପ୍ରଧାନ / ଗ୍ୟାରେଣ୍ଟିଦାତା: ଶ୍ରୀମତୀ ସରସ୍ୱତୀ ପ୍ରଧାନ, ପିତା: ୰ ଦଣ୍ଡପାଣି ପ୍ରଧାନ, ଉଭୟଙ୍କ ଠିକଣା- ସା: ନରସିଂହପୁର, ପୋ: ବଣବୁଲାପଲି, ଥାନା: ଚମାଖଣ୍ଡି, ଜିଲ୍ଲା: ଗଞ୍ଜାମ-୭୬୧୦୨୦, ୨) ଋଣଗ୍ରହୀତା: ଶ୍ରୀମତୀ ସରସ୍ୱତୀ ପ୍ରଧାନ, ପିତା: ୰ ଦଣ୍ଡପାଣି ପ୍ରଧାନ, ସା: ନରସିଂହପୁର, ପୋ: ବଣବୁଲାପଲି, ଥାନା: ଚମାଖଣ୍ଡି, ଜିଲ୍ଲା: ଗଞ୍ଜାମ-୭୬୧୦୨୦ | ଶ୍ରୀମତୀ ସରସ୍ୱତୀ ପ୍ରଧାନ, ପିତା: ୰ ଦଣ୍ଡପାଣି ପ୍ରଧାନଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ନରସିଂହପୁର, ଜିଲ୍ଲା: ଗଞ୍ଜାମ, ଖାତା ନଂ.: ୪୧୨/୪୨୪, ପ୍ଲଟ୍ ନଂ.: ୧୦୬୯, କ୍ଷେତ୍ର: ଏକର୦.୩୦୦ ଡିସିମିଲି, କିସମ: ଘରବାରୀ, ଏହାର ଚାରିପାର୍ଶ୍ୱରେ ଉତ୍ତର: ଦଣ୍ଡପାଣି ପ୍ରଧାନଙ୍କ ପଦର ଏବଂ ଅନ୍ୟଜଣେ, ଦକ୍ଷିଣ: ଲେନ୍, ପୂର୍ବ: ବଞ୍ଜାରା ଜମି, ପଶ୍ଚିମ: ଦଣ୍ଡପାଣି ପ୍ରଧାନଙ୍କ ପଦର ଏବଂ ଅନ୍ୟଜଣେ | ୨୦.୧୧.୨୦୨୪ ସୁଦ୍ଧା ଟ.୨୫,୦୬,୨୭୫.୭୮ + ସେବାବଦ ସୁଧ ଏବଂ ଆନୁସଙ୍ଗିକ ଅନ୍ୟାନ୍ୟ ଦେୟ | ୨୦.୧୧.୨୦୨୪ / ୨୨.୦୪.୨୦୨୫ |
| ଆକାଉଣ୍ଟ ନଂ.: ୩୯୫୯୨୨୬୧୯୫୭ (ଏବିଏଏଲ), ୩୯୬୫୦୬୪୦୨୦୪ (ଏବିଏଏଲ) / ଋଣଗ୍ରହୀତା: ଶ୍ରୀ ବିଷ୍ଣୁ ପ୍ରସାଦ ଦଳବେହେରା, ପିତା: ଦେବେନ୍ଦ୍ର ଦଳବେହେରା / ଗ୍ୟାରେଣ୍ଟିଦାତା: ଶ୍ରୀ ଆକାଶ ଦଳବେହେରା, ସା/ପୋ.: ମଧୁରଚୁଆ, ଭାୟା: ରମ୍ଭା, ଜିଲ୍ଲା: ଗଞ୍ଜାମ-୭୬୧୦୨୭ | ଶ୍ରୀ ବିଷ୍ଣୁ ପ୍ରସାଦ ଦଳବେହେରା ଏବଂ ଶ୍ରୀ ଆକାଶ ଦଳବେହେରାଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ମଧୁରଚୁଆ, ଜିଲ୍ଲା: ଗଞ୍ଜାମ, ଖାତା ନଂ.: ୧୬୫, ପ୍ଲଟ୍ ନଂ.: ୫୯୪, କ୍ଷେତ୍ର: ଏକର ୦.୦୪୮ ଡିସିମିଲି, କିସମ: ଘରବାରୀ, ଏହାର ଚାରିପାର୍ଶ୍ୱରେ ଉତ୍ତର: ସୁରଥ ନାହାକଙ୍କ ଜମି, ଦକ୍ଷିଣ: ରାସ୍ତା, ପୂର୍ବ: ନର୍ମଦା ମହାଙ୍କୁଡଙ୍କ ଜମି, ପଶ୍ଚିମ: ଯଦୁମଣି ନାହାକଙ୍କ ଜମି | ୧୫.୦୧.୨୦୨୫ ସୁଦ୍ଧା ଟ.୧୯,୩୯,୨୬୦.୬୦ + ସେବାବଦ ସୁଧ ଏବଂ ଆନୁସଙ୍ଗିକ ଅନ୍ୟାନ୍ୟ ଦେୟ | ୧୫.୦୧.୨୦୨୫ / ୨୨.୦୪.୨୦୨୫ |
| ଆକାଉଣ୍ଟ ନଂ.: ୩୯୮୦୧୪୦୦୯୫୪ (ଏବିଏଏଲ), ୩୯୮୦୧୫୮୫୪୮୦ (ଏବିଏଏଲ) / ୧) ଋଣଗ୍ରହୀତା: ଶ୍ରୀମତୀ ସତ୍ୟବତୀ ପରିଡ଼ା, ସ୍ୱାମୀ: ଶ୍ରୀ ବିମଳେନ୍ଦୁ ପରିଡ଼ା / ଗ୍ୟାରେଣ୍ଟିଦାତା: ଶ୍ରୀ ବିମଳେନ୍ଦୁ ପରିଡ଼ା, ପିତା: ମାଗୁଣି ପରିଡ଼ା, ଉଭୟଙ୍କ ଠିକଣା - ସା/ପୋ.: ଭିକାପଡ଼ା, ଥାନା: ଖଲ୍ଲିକୋଟ, ଜିଲ୍ଲା: ଗଞ୍ଜାମ-୭୬୧୦୨୯, ୨) ଋଣଗ୍ରହୀତା: ଶ୍ରୀ ବିମଳେନ୍ଦୁ ପରିଡ଼ା, ପିତା: ମାଗୁଣି ପରିଡ଼ା / ଗ୍ୟାରେଣ୍ଟିଦାତା: ଶ୍ରୀମତୀ ସତ୍ୟବତୀ ପରିଡ଼ା, ସ୍ୱାମୀ: ଶ୍ରୀ ବିମଳେନ୍ଦୁ ପରିଡ଼ା, ଉଭୟଙ୍କ ଠିକଣା- ସା/ପୋ.: ଭିକାପଡ଼ା, ଥାନା: ଖଲ୍ଲିକୋଟ, ଜିଲ୍ଲା: ଗଞ୍ଜାମ-୭୬୧୦୨୯ | ଶ୍ରୀ ବିମଳେନ୍ଦୁ ପରିଡ଼ା ଏବଂ ଶ୍ରୀମତୀ ସୁମିତା ପରିଡ଼ା ଓରଫ୍ ସତ୍ୟବତୀ ପରିଡ଼ାଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଭିକାପଡ଼ା, ଜିଲ୍ଲା: ଗଞ୍ଜାମ, ଖାତା ନଂ.: ୩୫୭/୯୬, ପ୍ଲଟ୍ ନଂ.: ୪୪୭/୧୯୪୭, କ୍ଷେତ୍ର: ଏକର ୦.୦୪୦ ଡିସିମିଲି, କିସମ: ଘରବାରୀ, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାଜଦାଣ୍ଡ, ଦକ୍ଷିଣ: ରାଜଦାଣ୍ଡ, ପୂର୍ବ: ଇନ୍ଦୁମତି ପରିଡାଙ୍କ ଗୃହ, ପଶ୍ଚିମ: ନିବାସୀ ପ୍ରଧାନଙ୍କ ଗୃହ | ୧୮.୧୧.୨୦୨୪ ସୁଦ୍ଧା ଟ.୨୫,୨୫,୩୭୧.୫୧ + ସେବାବଦ ସୁଧ ଏବଂ ଆନୁସଙ୍ଗିକ ଅନ୍ୟାନ୍ୟ ଦେୟ | ୧୮.୧୧.୨୦୨୪ / ୨୨.୦୪.୨୦୨୫ |
| ଆକାଉଣ୍ଟ ନଂ.: ୪୦୯୬୭୫୨୭୨୮୦ (ଏବିଏଏଲ) / ଋଣଗ୍ରହୀତା: ଶ୍ରୀ ମାନସ ରାଉଳ, ପିତା: ବିଦ୍ୟାଧର ରାଉଳ / ଗ୍ୟାରେଣ୍ଟିଦାତା: ଶ୍ରୀମତୀ ଭାନୁମତି ରାଉଳ, ସ୍ୱାମୀ: ବିଦ୍ୟାଧର ରାଉଳ, ଉଭୟଙ୍କ ଠିକଣା- ସା: ନଗରଡ଼ିହପାଟଣା, ଲଙ୍ଗଳେଶ୍ୱର, ଥାନା: ଖଲ୍ଲିକୋଟ, ଜିଲ୍ଲା: ଗଞ୍ଜାମ-୭୬୧୦୨୯ | ଶ୍ରୀମତୀ ଭାନୁମତି ରାଉଳଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ନଗରଡ଼ିହପାଟଣା, ଜିଲ୍ଲା: ଗଞ୍ଜାମ, ଖାତା ନଂ.: ୩୭୬, ପ୍ଲଟ୍ ନଂ.: ୧୮୨୮, କ୍ଷେତ୍ର: ଏକର ୦.୦୨୦ ଡିସିମିଲି, କିସମ: ଘରବାରୀ, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: କର ପଦର ଷ୍ଟ୍ରିଟ୍, ପୂର୍ବ: ଭଗତ ପ୍ରଧାନ ଏବଂ ଅନ୍ୟମାନଙ୍କ ଗୃହ, ପଶ୍ଚିମ: ହଜାରୀ ରାଉଳଙ୍କ ଗୃହ | ୨୦.୦୧.୨୦୨୫ ସୁଦ୍ଧା ଟ.୧୨,୬୦,୦୬୯.୭୧ + ସେବାବଦ ସୁଧ ଏବଂ ଆନୁସଙ୍ଗିକ ଅନ୍ୟାନ୍ୟ ଦେୟ | ୨୦.୦୧.୨୦୨୫ / ୨୨.୦୪.୨୦୨୫ |
| ଆକାଉଣ୍ଟ ନଂ.: ୩୯୭୫୪୧୨୩୯୨୫ (ଏବିଏଏଲ), ୩୯୭୮୯୬୫୨୩୨୬ / ୧) ଋଣଗ୍ରହୀତା: ଶ୍ରୀ ଗୟାଚାନ୍ଦ ଦାସ, ପିତା: ୰ ଦୁଃଖିଶ୍ୟାମ ଦାସ, ସା: ଡ଼ିଆଁଡ଼େଇଁ, ପୋ.: ମଧୁରଚୁଆ, ଥାନା: ରମ୍ଭା, ଜିଲ୍ଲା: ଗଞ୍ଜାମ-୭୬୧୦୨୮, ୨) ଋଣଗ୍ରହୀତା: ଶ୍ରୀମତୀ ଅହଲ୍ୟା ଦାସ, ସ୍ୱାମୀ: ଶ୍ରୀ ଗୟାଚାନ୍ଦ ଦାସ / ଗ୍ୟାରେଣ୍ଟିଦାତା: ଶ୍ରୀ ଗୟାଚାନ୍ଦ ଦାସ, ପିତା: ୰ ଦୁଃଖିଶ୍ୟାମ ଦାସ, ଉଭୟଙ୍କ ଠିକଣା- ସା: ଡ଼ିଆଁଡ଼େଇଁ, ପୋ.: ମଧୁରଚୁଆ, ଥାନା: ରମ୍ଭା, ଜିଲ୍ଲା: ଗଞ୍ଜାମ-୭୬୧୦୨୮ | ଶ୍ରୀ ଗୟାଚାନ୍ଦ ଦାସଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଡ଼ିଆଁଡ଼େଇଁ, ଜିଲ୍ଲା: ଗଞ୍ଜାମ, ଖାତା ନଂ.: ୨୦୬/୩୫୫, ପ୍ଲଟ୍ ନଂ.: ୪୦୪, କ୍ଷେତ୍ର: ଏକର ୦.୦୬୫ ଡିସିମିଲି, କିସମ: ଘରବାରୀ, ଏହାର ଚାରିପାର୍ଶ୍ୱରେ ଉତ୍ତର: ଗୟାଚାନ୍ଦ ଦାସଙ୍କ ଜମି, ଦକ୍ଷିଣ: ବୈଷ୍ଣବ ନାହାକଙ୍କ ଜମି, ପୂର୍ବ: ରାସ୍ତା, ପଶ୍ଚିମ: ଗୟାଚାନ୍ଦ ଦାସଙ୍କ ଗୃହ | ୨୧.୦୧.୨୦୨୫ ସୁଦ୍ଧା ଟ.୧୪,୫୦,୫୯୧.୯୧ + ସେବାବଦ ସୁଧ ଏବଂ ଆନୁସଙ୍ଗିକ ଅନ୍ୟାନ୍ୟ ଦେୟ | ୨୧.୦୧.୨୦୨୫ / ୨୨.୦୪.୨୦୨୫ |

ସ୍ଥାନ: ବ୍ରହ୍ମପୁର, ତାରିଖ: ୨୫.୦୪.୨୦୨୫ — ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ



## ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ
(ଓଡ଼ିଶା ସରକାରଙ୍କ ଏକ ଉପକ୍ରମ)

## ODISHA POWER TRANSMISSION CORPORATION LIMITED
Lifeline of Odisha
(A Government of Odisha Undertaking)

OFFICE OF THE EXECUTIVE DIRECTOR, SOUTHERN ZONE, BERHAMPUR

No. CAD-

**NOTIFICATION**

**No. 02/2025-ED-Southern Zone/Gazette** — **Dated : 21.04.2025**

In accordance with section-164 of Indian Electricity Act. 2003 and in exercise of the power conferred upon OPTCL vide Department of Energy, Government of Odisha order No. 2353 -R&R-II-10/2006 dated the 9th March 2006, the following Transmission scheme which are intended to be under taken by the Odisha Power Transmission Corporation Limited for execution is published for general information. The estimated cost of the project is Rs. 4.45 Crores. It is also notified in the interest of general public that any person interested in making representation regarding the execution of the above scheme may submit such representation in writing so as to reach the Chief General Manager (O&M), OPTCL , Southern Zone, Berhampur, 220/132/33 KV Grid Sub-station Campus, Narendrapur, At: Sanakushasthali Po: Badakushasthali, Berhampur, Odisha - 760007 within two months from the date of publication of this notification. Full details of the scheme and plan may be seen in the office of the Dy. General Manager (Elect.) E.H.T (O&M), Division, Bhanjanagar as mentioned against the work on any working day during office hours.

**Name of the Work:-** Construction of proposed 220 KV LILO Line from 220 KV Bhanjanagar-Nayagarh D/C Line between Loc. No. 58 & 59 to proposed 40 MW Solar PV Power Plant at Landeihill, Jagannath Prasad, Dist: Ganjam.

**Name of the Village in which the line will Pass :**

**Tahasil:** Jagannath Prasad, **RI Circle:** Patapur, **Revenue Village:** Landeihill, **RI Circle:** Jhadabhumi, **Revenue Village:** Kandhanuapali, Gochabadi, Jamagarada, Gandadhar.

**Perceived benefit that may accrue :** For development of Solar Power Plant in Ganjam District and Electrical energy growth of Odisha State as a whole.

Sd/- CHIEF GENERAL MANAGER (O&M)
SOUTHERN ZONE, BERHAMPUR.

FIPR-04/2025-26

/optcl.odisha /optcl_odisha

# ଘୋଷଣାରେ ସୀମିତ ଏନ୍‌ସିଏସ୍‌ୟୁୱାଇ

**ଯାଜପୁର,୨୬।୪(ହର୍ଷବର୍ଦ୍ଧନ ବେହେରା)**

ରାଜ୍ୟରେ ନବକୃଷ୍ଣ ଚୌଧୁରୀ ସେଚ ଉନ୍ନୟନ ଯୋଜନା(ଏନ୍‌ସିଏସ୍‌ୟୁୱାଇ) ପରିକଳ୍ପନାରେ ସୀମିତ ରହିଯାଇଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଜନ୍ମଦିନ ୨୩ ନଭେମ୍ବର ୨୦୧୭ରେ ଏହି ସେଚ ପ୍ରକଳ୍ପକୁ ରାଜ୍ୟ ସରକାର ମଞ୍ଜୁରି ଦେଇଥିଲେ। ନବରଙ୍ଗପୁର ଏବଂ ମାଲକାନଗିରି ଜିଲାରେ ପ୍ରଥମ ୩ ବର୍ଷ ପାଇଁ ପ୍ରାଥମିକ ଭାବେ ୬୩୫ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଘୋଷଣା ହୋଇଥିଲା। ଏହାବାଦ ୨୦୨୨ ଏପ୍ରିଲରେ ଉକ୍ତ ଯୋଜନାରେ ସାରା ରାଜ୍ୟରେ ହଜିଯାଇଥିବା କମାଣ୍ଡ ଅଞ୍ଚଳର ପୁନରୁଦ୍ଧାର ଏବଂ ଜଳସେଚନ କମାଣ୍ଡରେ ଅତିରିକ୍ତ ଆୟକଟ ସୃଷ୍ଟି କରିବାକୁ ନିଷ୍ପତ୍ତି ହୋଇଥିଲା। ହେଲେ ଏହି ଯୋଜନାକୁ ମଞ୍ଜୁର ହେବାର ୮ ବର୍ଷ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ ସରକାରଙ୍କ ପ୍ରତିଶ୍ରୁତି କେବଳ କାଗଜକଲମରେ ସୀମିତ ରହିଗଲା ବୋଲି ଚାଷୀ ମହଲରେ ମତପ୍ରକାଶ ପାଇଛି।

ସରକାର ରାଜ୍ୟବ୍ୟାପୀ ଶତପ୍ରତିଶତ ଜମିରେ ଜଳସେଚନର ସୁବିଧା ଯୋଗାଇ ଦେବାକୁ ଲକ୍ଷ୍ୟ ରଖିଛନ୍ତି। ଏଥିପାଇଁ ସେଚାଞ୍ଚଳ ଉନ୍ନୟନ କାର୍ଯ୍ୟକ୍ରମ ମାଧ୍ୟମରେ ବିଭିନ୍ନ ଯୋଜନାରେ ପ୍ରକଳ୍ପଗୁଡ଼ିକରେ ଅଧିକରୁ ଅଧିକ ସେଚ ସାମର୍ଥ୍ୟ ବୃଦ୍ଧି କରିବା, କେନାଲର ରକ୍ଷଣାବେକ୍ଷଣ, ଫସଲ ଖସଡ଼ା ପ୍ରସ୍ତୁତି, ସୁଷମ ଜଳ ଆବଣ୍ଟନ ସକାଶେ ପାଣି ପଞ୍ଚାୟତ ସଂଖ୍ୟା ତଥା ଦକ୍ଷତା ବୃଦ୍ଧି କରାଯାଉଥିବା କୁହାଯାଉଛି। ପ୍ରତିବର୍ଷ ଅଧିକରୁ ଅଧିକ କ୍ଷେତ୍ର ସେଚନାଳୀ ନିର୍ମାଣ, ଓଡ଼ିଶା ଗୋଷ୍ଠୀ ଜଳାଶୟ ମରାମତି, ପରିଚାଳନା ପୁନରୁଦ୍ଧାର ପାଇଁ ବିପୁଳ ପରିମାଣର ଅର୍ଥ ଖର୍ଚ୍ଚ କରାଯାଇଛି। ତଥାପି ଜଳସମ୍ପଦ ବିଭାଗ ଅଧୀନରେ ଥିବା ବୃହତ୍, ମଧ୍ୟମ ଓ କ୍ଷୁଦ୍ର ଜଳସେଚନ ପ୍ରକଳ୍ପଗୁଡ଼ିକ ପୁରୁଣା ହୋଇଯାଇଥିବାରୁ ନିର୍ଦ୍ଧାରିତ କ୍ଷମତାଠାରୁ ଅତିକମ୍ ଜମିରେ ପାଣି ମାଡୁଥିବା ଅଭିଯୋଗ ହୋଇଆସୁଛି। ଏହି କାରଣରୁ ଜଳ ସମ୍ପଦ ବିଭାଗ ପକ୍ଷରୁ ଏନ୍‌ସିଏସ୍‌ୟୁୱାଇ ଜରିଆରେ ୨୦୨୦-୨୧ରୁ ୨୦୨୪-୨୫ ବର୍ଷ ପର୍ଯ୍ୟନ୍ତ ମୋଟ ୮୨୩.୪୫ କୋଟି ଟଙ୍କା ଖର୍ଚ୍ଚ କରାଯିବ ବୋଲି ସୂଚନା ଦିଆଯାଇଥିଲା। ହଜି ଯାଇଥିବା ୪୨,୬୫୮ ହେକ୍ଟର ଜଳସେଚିତ ଜମିର ପୁନରୁଦ୍ଧାର କରିବା ସହ ଅତିରିକ୍ତ ଭାବେ ୭,୪୪୨ ହେକ୍ଟର ଜମି ଜଳସେଚନ କରିବାକୁ ଏହି ଯୋଜନାର ଲକ୍ଷ୍ୟ ଥିଲା। ହେଲେ ଉକ୍ତ ଅର୍ଥ ଉପଯୁକ୍ତ ଭାବେ ଖର୍ଚ୍ଚ ହୋଇ ନ ଥିବା କାରଣରୁ ସରକାରଙ୍କ ଲକ୍ଷ୍ୟ ପରାହତ ହୋଇଛି ବୋଲି ଅଭିଯୋଗ ହୋଇଛି। ଏହି ଯୋଜନାକୁ ସରକାର ରାଜ୍ୟ ସାରା ପୂର୍ଣ୍ଣମାତ୍ରାରେ କାର୍ଯ୍ୟକାରୀ କରିବାକୁ ଲକ୍ଷ୍ୟ ରଖିଥିଲେ। ବିଜ୍ଞପ୍ତି ଅନୁସାରେ ଇରିଗେସନ ପୋଟେନସିଆଲ କ୍ରିଏଟେଡ(ଆଇପିସି) ଏବଂ ଜଳସେଚନ ସମ୍ଭାବ୍ୟ ଉପଯୋଗୀ ବା ଇରିଗେସନ ପୋଟେନସିଆଲ ୟୁଟିଲାଇଜ(ଆଇପିୟୁ) ମଧ୍ୟରେ ବ୍ୟବଧାନ ୧.୯୯% ଏବଂ ୩.୪% ହ୍ରାସ ପାଇଛି। ଜଳ ସମ୍ପଦ ବିଭାଗର ବହୁ ପୁରୁଣା ବୃହତ୍, ମଧ୍ୟମ ଏବଂ କ୍ଷୁଦ୍ର ଜଳସେଚନ ପ୍ରକଳ୍ପଗୁଡ଼ିକ ସେମାନଙ୍କର ପରିକଳ୍ପିତ କ୍ଷମତାଠାରୁ କମ୍ ଜଳସେଚନ ହେଉଥିବା ଦେଖିବାକୁ ମିଳିଛି। ତେଣୁ ନିର୍ଦ୍ଧାରିତ କ୍ଷମତାଠାରୁ ଅଧିକ ଜଳସେଚନ ଅଞ୍ଚଳ ବୃଦ୍ଧି କରିବାର ଲକ୍ଷ୍ୟ ସହ କିଛି ପ୍ରକଳ୍ପର ସମ୍ପ୍ରସାରଣ କାର୍ଯ୍ୟ ଏବଂ ସମ୍ଭାବ୍ୟତା ମଧ୍ୟରେ ବ୍ୟବଧାନକୁ ବହୁ ପରିମାଣରେ ଦୂର କରିବାର ଲକ୍ଷ୍ୟ ନେଇ ଏହି ଯୋଜନା କାର୍ଯ୍ୟକାରୀ ହେବ ବୋଲି ଘୋଷଣା ହୋଇଥିଲା। ହେଲେ ଚାଷୀଙ୍କ ନିକଟରୁ ଏହି ଯୋଜନା ବହୁ ଦୂରରେ ରହି ଯାଇଥିଲା। ଚାଷୀଙ୍କ ବିକାଶରେ ଦେଶର ଅର୍ଥନୀତି ନିର୍ଭରଶୀଳ ବୋଲି ବିଶ୍ୱାସ ରହିଛି। ଏଥିପାଇଁ ରାଜ୍ୟ ସରକାର କୃଷି କ୍ଷେତ୍ର ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରିଛନ୍ତି। କିନ୍ତୁ ପ୍ରଶାସନିକ କଳରେ ଅବହେଳା ଯୋଗୁ ଏନ୍‌ସିଏସ୍‌ୟୁୱାଇ ଭଳି ମହତ୍ ଯୋଜନା ଫସର ଫାଟିଛି। ଯାଜପୁର ଜିଲାରେ ଅନେକ କେନାଲ କଂକ୍ରିଟକରଣ ହୋଇପାରିନାହିଁ। ଫଳରେ ତଳ ମୁଣ୍ଡ ପର୍ଯ୍ୟନ୍ତ ନିର୍ଦ୍ଧାରିତ ଜମିରେ ଜଳସେଚନ ହୋଇପାରୁନାହିଁ। ଏହାବାଦ ଜିଲାରେ ମେଗା ଉଠାଜଳସେଚନ ପ୍ରକଳ୍ପକୁ ଅନ୍ୟତମ ଉଦାହରଣ ଭାବେ ନିଆଯାଇପାରେ। ଏଥିରେ ଜିଲାର ବଡ଼ଚଣା, ବରୀ, ଧର୍ମଶାଳା, ଯାଜପୁର ଓ ରସୁଲପୁର ବ୍ଲକ ଅଞ୍ଚଳର ୯ଟି ପ୍ରକଳ୍ପ ଦ୍ୱାରା ପ୍ରାୟ ୧୨,୮୦୦ ହେକ୍ଟର ଜମିରେ ଜଳସେଚନର ପରିକଳ୍ପନା ହୋଇଥିଲା। ହେଲେ ସେଥିରୁ ଏଯାଏ ଗୋଟିଏ ବି ପୂର୍ଣ୍ଣମାତ୍ରାରେ କାର୍ଯ୍ୟକାରୀ ହୋଇପାରିନାହିଁ। ଫଳରେ ମେଗା ଉଠା ଜଳସେଚନ ଯୋଜନାରେ ଚାଷୀ ଉଭୟ ଖରିଫ ଓ ରବି ଋତୁରେ ଜଳସେଚନ ସୁବିଧା ନ ପାଇ ହତାଶ ହୋଇଯାଇଥିବା ମତପ୍ରକାଶ ପାଇଛି।


ଜାରକା -ଜେନାପୁର ହାଇଲେଭଲ କେନାଲ।

# ଆତ୍ମହତ୍ୟା ଉଦ୍ୟମ ବେଳେ ଯୁବକଙ୍କ ଅଣ୍ଟା ଭାଙ୍ଗିଲା

**ଯାଜପୁର ଟାଉନ,୨୬।୪ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**



ଜଣେ ଯୁବକ ବୈତରଣୀ ନଦୀକୁ ଡେଇଁ ଆତ୍ମହତ୍ୟା କରିବାକୁ ଉଦ୍ୟମ କରୁଥିବାବେଳେ ବାଲିରେ ପଡ଼ି ତାଙ୍କ ଅଣ୍ଟା ଭାଙ୍ଗିଯାଇଛି। ଯାଜପୁର ଟାଉନ ଥାନା ଅଧୀନ ବଲ୍ଲଭିଘାଟ ସେତୁ ଉପରେ ଶନିବାର ଏହି ଘଟଣା ଘଟିଛି। କେନ୍ଦ୍ରାପଡ଼ା ଜିଲା ରାଜକନିକା ଅଞ୍ଚଳର ରାଜେନ୍ଦ୍ର ମିଶ୍ର ତାଙ୍କ ସ୍ତ୍ରୀ ଓ ପୁଅଙ୍କୁ ନେଇ ବାଇକରେ ଯାଉଥିବାବେଳେ ହଠାତ୍ ଗାଡ଼ିରୁ ଓହ୍ଲାଇ ନଦୀକୁ ଡେଇଁ ପଡ଼ିଥିଲେ। ନଦୀର ଜଳସ୍ତର କମ୍ ଥିବାରୁ ସେ ବାଲିରେ ପଡ଼ି ଯାଇଥିଲେ। ଫଳରେ ତାଙ୍କ ଅଣ୍ଟା ଓ ଗୋଡ଼ରେ ଗଭୀର ଆଘାତ ଲାଗିଥିଲା। ଖବର ପାଇ ଯାଜପୁର ଅଗ୍ନିଶମ ବାହିନୀ ପହଞ୍ଚି ତାଙ୍କୁ ଉଦ୍ଧାର କରି ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ରାଜେନ୍ଦ୍ରଙ୍କ ଚିକିତ୍ସା ଚାଲିଛି। ପାରିବାରିକ କଳହରୁ ରାଜେନ୍ଦ୍ର ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିବା ସୂଚନା ମିଳିଛି।

# ବାଇକ୍ ଚୋରି ଘଟଣାରେ ୩ ଗିରଫ



ଗିରଫ ଅଭିଯୁକ୍ତ ଓ ଜବତ ବାଇକ୍।

**କଳିଙ୍ଗନଗର,୨୬।୪(ଶୁଭାଶିଷ ରାଉତ):**

କଳିଙ୍ଗନଗର ଅଞ୍ଚଳରୁ ବିଭିନ୍ନ ସମୟରେ ବାଇକ୍ ଚୋରି ଘଟଣାରେ ପୋଲିସ ୩ଜଣଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିବା ସହ ସେମାନଙ୍କ ନିକଟରୁ ୫ଟି ବାଇକ୍ ଜବତ କରିଛି। ଗିରଫ ଅଭିଯୁକ୍ତ ହେଲେ ନିରଞ୍ଜନ ବାରିକ, ଜଗବନ୍ଧୁ ନାୟକ ଓ ଗ୍ୟାରେଜେ ମାଲିକ ବୈରମାଳି ଗ୍ରାମର ସଂଗ୍ରାମ ମଲ୍ଲିକ। ବାଇକ୍ ଚୋରି ନେଇ କଳିଙ୍ଗନଗର ଥାନାରେ ବହୁ ଅଭିଯୋଗ ହୋଇଆସୁଥିଲା। ଥାନା ଅଧିକାରୀ ପ୍ରକାଶ କୁମାର ସାହୁ ବିଶେଷସୂତ୍ରରୁ ସୂଚନା ପାଇ ସୁକିନ୍ଦା ଥାନା ଅନ୍ତର୍ଗତ କରଡ଼ାପାଳ ଓ ବୈରିମାଳ ଗ୍ରାମରେ ଚଢ଼ାଉ କରି ଚୋରି ବାଇକଗୁଡ଼ିକୁ ଜବତ କରିବା ସହ ଏଥିରେ ସମ୍ପୃକ୍ତ ୩ ଯୁବକଙ୍କୁ ଗିରଫ କରିଥିଲେ।

# କାଙ୍ଗାଳି ପଣ୍ଡା ମେମୋରିଆଲ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

**ରସୁଲପୁର,୨୬।୪(ରଞ୍ଜିତ ରାଉତ):**

ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ପଞ୍ଚାୟତ ୧୬ନମ୍ବର ଜାତୀୟ ରାଜପଥ ପାର୍ଶ୍ୱସ୍ଥ ଶ୍ରୀରାମ ମଣ୍ଡପଠାରେ ପୂର୍ବତନ ବିଧାୟକ କାଙ୍ଗାଳି ଚରଣ ପଣ୍ଡା ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୯୦ଜଣ ରୋଗୀଙ୍କୁ ଚିକିତ୍ସା କରାଯାଇ ଔଷଧ ପ୍ରଦାନ କରାଯାଇଛି। ଟ୍ରଷ୍ଟର ମୁଖ୍ୟ ମଧୁସ୍ମିତା ଆଚାର୍ଯ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଶିବିରକୁ ରସୁଲପୁର ବ୍ଲକ କଂଗ୍ରେସ କମିଟିର ପୂର୍ବତନ ସଭାପତି ଚନ୍ଦ୍ରମଣି ଦାଶ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ରସୁଲପୁର ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ରୁଦ୍ରନାରାୟଣ ପୃଷ୍ଟି, ଯାଜପୁରର ପୂର୍ବତନ ବିଧାୟକ ସନ୍ତୋଷ ନନ୍ଦ, ରସୁଲପୁର ବ୍ଲକ କଂଗ୍ରେସ କମିଟି ସଭାପତି ମିହିର ମିଶ୍ର, ଜିଲା କଂଗ୍ରେସ ମୁଖପାତ୍ର ପ୍ରଶାନ୍ତ ଜେନା, ନାରୀନେତ୍ରୀ ଆରତୀ ଦେଓ, ମା' ହିଙ୍ଗୁଳା ବରିଷ୍ଠ ନାଗରିକ ମଞ୍ଚର ସାଧାରଣ ସମ୍ପାଦକ ବିରଳ ଦାଶ, ଯୁବନେତା ସଂଗ୍ରାମ କେଶରୀ ମହାନ୍ତି, ବିଶ୍ୱଜିତ୍ ନାୟକ, ସସ୍ମିତା ଦାସ ଓ ତିଳୋତ୍ତମା ଦଳେଇ ପ୍ରମୁଖ ଯୋଗଦେଇ ଶିବିରାର୍ଥୀଙ୍କୁ ଉତ୍ସାହିତ କରିଥିଲେ। ଭେଷଜ ବିଭାଗର ଡାକ୍ତର ଶ୍ରୀତୋଷ ପ୍ରଧାନ, ହୃଦ୍‌ରୋଗ ବିଶେଷଜ୍ଞ ଡା. ଦୀପକ ପାଢ଼ୀ, ଶିଶୁ ରୋଗ ବିଶେଷଜ୍ଞ ଡା ନିରଞ୍ଜନ ସାହୁ, ଚକ୍ଷୁ ରୋଗ ବିଶେଷଜ୍ଞ ଡା ନିଳିମା ସାହୁ, ଦନ୍ତରୋଗ ବିଶେଷଜ୍ଞ ସୁସ୍ମିତା ନାୟକ, ସନସ୍ତତ୍ତ୍ୱବିତ୍ ପ୍ରଫେସର ଶୁଭେନ୍ଦୁ ମିଶ୍ର ପ୍ରମୁଖ ଯୋଗଦେଇ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ।

# ଜେଏସ୍‌ଏଲ୍ ପକ୍ଷରୁ ୪ କମ୍ୟୁନିଟି ସେଣ୍ଟର ଉଦ୍‌ଘାଟିତ



କମ୍ୟୁନିଟି ସେଣ୍ଟରକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।

**ଯାଜପୁର,୨୬।୪(ହର୍ଷବର୍ଦ୍ଧନ ବେହେରା)**

ଯାଜପୁରର କଳିଙ୍ଗନଗରସ୍ଥିତ ଜିନ୍ଦଲ ଷ୍ଟେନଲେସ ଲିମିଟେଡ (ଜେଏସ୍‌ଏଲ୍) ପ୍ରତିଷ୍ଠା ହେବା ଦିନଠାରୁ ଜିଲାର ଆଖପାଖ ଗ୍ରାମଗୁଡ଼ିକର ଶିକ୍ଷା, ସ୍ୱାସ୍ଥ୍ୟ, ଭିତ୍ତିଭୂମି ବିକାଶ ଏବଂ ପରିବେଶ ସୁରକ୍ଷା ଭଳି ଜନହିତକର କାର୍ଯ୍ୟରେ ପ୍ରୟାସ ଜାରି ରଖିଛି। ଏହିକ୍ରମରେ ଜେଏସ୍‌ଏଲ୍ ୪ଟି କମ୍ୟୁନିଟ ସେଣ୍ଟର ଦାନଗଦି ବ୍ଲକର ମାନତିରା, ଧୂଳିଗଡ଼, ସୁଆଁଳ ଏବଂ ସୁକିନ୍ଦା ବ୍ଲକର ଡୁବୁରି ଗ୍ରାମବାସୀଙ୍କ ପାଇଁ ଉତ୍ସର୍ଗ କରିଛି। ଏହି କମ୍ୟୁନିଟି ସେଣ୍ଟରଗୁଡ଼ିକୁ ସମବାୟ, ହସ୍ତତନ୍ତ, ବୟନ ଏବଂ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଉଦ୍‌ଘାଟନ କରିଥିଲେ। ଏହି ଉଦ୍‌ଘାଟନ ସମାରୋହରେ ଦାନଗଦି ବିଡିଓ ପ୍ରଦୀପ୍ତ କୁମାର ସେଠୀ, ଜିନ୍ଦଲ ଷ୍ଟେନଲେସର ଷ୍ଟେନଲେସ ପାର୍କ ମୁଖ୍ୟ ଆଲେକ୍ସ ଥମାସ, ବାହ୍ୟ ସମ୍ପର୍କ ବିଭାଗ ମୁଖ୍ୟ ନୀଳମାଧବ ରଥ, ସିଏସ୍‌ଆର ମୁଖ୍ୟ ସୁକାନ୍ତ ରଥ, ସିନିୟର ମ୍ୟାନେଜର ମିହିର କୁମାର ଦାସ, ସୁଧାଂଶୁ ଶେଖର ଭଞ୍ଜ, ପ୍ରଶାନ୍ତ ରାୟଙ୍କ ସହିତ ସ୍ଥାନୀୟ ସରପଞ୍ଚ, ସମିତି ସଭ୍ୟ ପ୍ରମୁଖ ଯୋଗଦେଇଥିଲେ। ଏହି ଜନହିତକର ବିକାଶ କାର୍ଯ୍ୟ ପାଇଁ ଜିନ୍ଦଲ କମ୍ପାନୀର ପ୍ରୟାସକୁ ସେମାନେ ଭୂୟସୀ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଜିନ୍ଦଲ ଷ୍ଟେନଲେସ୍‌ର ବାହ୍ୟ ସମ୍ପର୍କ ବିଭାଗର ପରିଚାଳକ ରାଜୀବ କୁମାର ଦେ, ବିଜୟାନନ୍ଦ ମହାରଣା, ସଙ୍ଗୀତ ମହାପାତ୍ର, ସୁମନ କଲ୍ୟାଣ ଦାସ ଏବଂ ସ୍ଥାନୀୟ ଯୁବକମାନେ ପରିଚାଳନା କରିଥିଲେ।

# ଟ୍ରକ୍ ମାଲିକ ସଂଘ ପକ୍ଷରୁ ଜଳଛତ୍ର


ଜଳଛତ୍ର କେନ୍ଦ୍ରକୁ ବିଧାୟକ ଆକାଶ ଦାସନାୟକ ଉଦ୍‌ଘାଟନ କରୁଛନ୍ତି।

**ଯାଜପୁରରୋଡ୍,୨୬।୪ (ପବିତ୍ର ରଞ୍ଜନ ମହାନ୍ତି):**

ଯାଜପୁରରୋଡ୍ ଟ୍ରକ ମାଲିକ ସଂଘ ପକ୍ଷରୁ ଶନିବାର ଏକ ଜଳଛତ୍ର ଖୋଲାଯାଇଛି। ସଂଘ କାର୍ଯ୍ୟାଳୟଠାରେ ଖୋଲାଯାଇଥିବା ଏହି ଜଳଛତ୍ରକୁ କୋରେଇ ବିଧାୟକ ଆକାଶ ଦାସ ନାୟକ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସଂଘ କରି ଆସୁଥିବା ବିଭିନ୍ନ ସାମାଜିକ କାର୍ଯ୍ୟକୁ ବିଧାୟକ ପ୍ରଶଂସା କରିଛନ୍ତି। କାର୍ଯ୍ୟକ୍ରମରେ କାଉନସିଲର ମନୀନ୍ଦ୍ର ସାହୁ, କାଉନସିଲରଙ୍କ ପ୍ରତିନିଧି କୃଷ୍ଣଚନ୍ଦ୍ର ରାଉତ, ଫେରୋକ୍ରୋମେ କାରଖାନା ଶ୍ରମିକ ସଂଘ ଉପଦେଷ୍ଟା ପ୍ରୀତିରଞ୍ଜନ ସାହୁ, ବ୍ୟାସନଗର ଭାଜପା ମଣ୍ଡଳ ସଭାପତି ଅଚ୍ୟୁତାନନ୍ଦ ଦାସ, ଶିଶିର ରାଉତ, ଜିତେନ୍ଦ୍ର ବେହେରା, ପ୍ରଶାନ୍ତ ବୋଇତାଇ, ସଂଘ ମୁଖ୍ୟ ଉପଦେଷ୍ଟା ହୃଦାନନ୍ଦ ସାମଲ, ସଭାପତି ଅମିୟ ରଞ୍ଜନ ବାରିକ, ସାଧାରଣ ସମ୍ପାଦକ ଦିଲୀପ ମଲ୍ଲିକ, ଉପସଭାପତି କିଶୋର ରାଉତ, ଯୁଗ୍ମ ସମ୍ପାଦକ ଅଶୋକ ସାହୁ, ସହ ସମ୍ପାଦକ ସମୀର ପରିଡ଼ା, କୋଷାଧ୍ୟକ୍ଷ ସ୍ମୃତିରଞ୍ଜନ ଘଡେଇ, ସଭ୍ୟ ଅଶୋକ ନାୟକ, ଅନିଲ ମଲ୍ଲିକ, ସାହେବଜାନ ବେଗ, ଶେଖାବତ ଅଲ୍ଲୀ, ପ୍ରଦ୍ୟୁମ୍ନ ବୋଇତାଇ, ବିବେକାନନ୍ଦ ମହାନ୍ତି, ରଂଜିତ ଜେନା, ମନୋଜ ରଣା ଓ ବିଜୟ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ୟାସ ପ୍ରିଣ୍ଟ ମିଡିଆ ଆସୋସିଏଶନ ପକ୍ଷରୁ ପହଲଗାମ୍ ମୃତକଙ୍କୁ ଶ୍ରଦ୍ଧାଞ୍ଜଳି

**ଯାଜପୁରରୋଡ୍,୨୬।୪ (ପବିତ୍ର ରଞ୍ଜନ ମହାନ୍ତି)**

ଜମ୍ମୁ-କଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀଙ୍କ ଗୁଳିରେ ପ୍ରାଣ ହରାଇଥିବା ପର୍ଯ୍ୟଟକଙ୍କ ଉଦ୍ଦେଶ୍ୟରେ ବ୍ୟାସ ପ୍ରିଣ୍ଟ ମିଡିଆ ଆସୋସିଏଶନ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ବ୍ୟାସନଗରସ୍ଥିତ ଗୋପବନ୍ଧୁଛକଠାରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ନିକଟରେ ଆସୋସିଏଶନ କର୍ମକର୍ତ୍ତା ଏକତ୍ର ହୋଇ କ୍ୟାଣ୍ଡେଲ ଜଳାଇ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଏଥିରେ ସଭାପତି ଶରତ ପଥାଳ, ସମ୍ପାଦକ ଚିନ୍ତା ମଣି ପାଢ଼ୀ, ବରିଷ୍ଠ ଉପଦେଷ୍ଟା ହାରାଧନ ବାନାର୍ଜୀ, ସଂଗଠନ ସମ୍ପାଦକ ଉମାକାନ୍ତ ରାଉତ, ଉପସଭାପତି ବିଜୟ ସାହୁ, ଯଜ୍ଞଦତ୍ତ ତ୍ରିପାଠୀ, ଦେବେନ୍ଦ୍ର ନାୟକ, ଜ୍ଞାନରଞ୍ଜନ ରାଉତ, କୈଳାସ ରାଉତ, ଭରତ ରାଉତ, ରଙ୍ଗବଲ୍ଲଭ ସାହୁ, ପ୍ରିୟରଞ୍ଜନ କର ଓ ଜନ୍ମେଜୟ ଦାସ ପ୍ରମୁଖ ସାମିଲ ହୋଇଥିଲେ।

# ବ୍ୟାସନଗର ସହରର ବିକାଶ ଠପ

**ଯାଜପୁରରୋଡ୍,୨୬।୪ (ପବିତ୍ର ରଞ୍ଜନ ମହାନ୍ତି):**

**ଉପନଗରପାଳଙ୍କୁ ଦାୟିତ୍ୱ ଦେବାକୁ ଜିଲାପାଳଙ୍କୁ ଜଣାଇଲେ କାଉନସିଲର**

ଯାଜପୁର ଜିଲା ବ୍ୟାସନଗର ପୌର ପରିଷଦରେ ଦୀର୍ଘ ଦିନ ହେବ ଅଚଳାବସ୍ଥା ଲାଗିରହିଛି। ପୌରାଧ୍ୟକ୍ଷାଙ୍କ ବିରୋଧରେ ସଂଖ୍ୟାଧିକ ପାରିଷଦ ଅନାସ୍ଥା ପ୍ରସ୍ତାବ ଆଣି ତାଙ୍କୁ ଗାଦିଚ୍ୟୁତ କରିଛନ୍ତି। ଫଳରେ ସହରର ବିକାଶ ଏକପ୍ରକାର ଠପ ହୋଇପଡିଛି। ଅଧ୍ୟକ୍ଷାଙ୍କ ପଦରେ ଉପନଗରପାଳଙ୍କୁ କାମଚଳା ଦାୟିତ୍ୱ ପ୍ରଦାନ ପାଇଁ କୌଣସି ପ୍ରଶାନିକ ନିର୍ଦ୍ଦେଶ ମିଳି ନ ଥିବାରୁ ପୌର ପରିଷଦ ଏକ ପ୍ରକାର ମୁରବୀ ବିହୀନ ହୋଇପଡ଼ିଛି। ତେଣୁ ସହରର ବିକାଶ ପାଇଁ ଉପନଗରପାଳଙ୍କୁ କାମଚଳା ଦାୟିତ୍ୱ ଦେବାପାଇଁ ପାରିଷଦ ବର୍ଗଙ୍କ ଏକ ପ୍ରତିନିଧି ଦଳ ଜିଲାପାଳଙ୍କୁ ଭେଟି ଆଲୋଚନା କରିଛନ୍ତି। ଜିଲାପାଳ ଖୁବଶୀଘ୍ର ପୌର ଆଇନକୁ ତର୍ଜମା କରି ନିଷ୍ପତ୍ତି ନେବେବୋଲି ପ୍ରତିଶ୍ରୁତି ଦେଇଥିବା ଉପନଗରପାଳ ସୁଭାଷ ଚନ୍ଦ୍ର ବଳ ସୂଚନା ଦେଇଛନ୍ତି।

# ଲିଙ୍ଗେଶ୍ୱର ଶିଶୁ ମନ୍ଦିରରେ ଆଚାର୍ଯ୍ୟ କର୍ମଶାଳା


କର୍ମଶାଳାରେ ଯୋଗଦେଇଥିବା ଅତିଥିମାନେ।

**ପାଣିକୋଇଲି,୨୬।୪ (ବିକାଶ ମଲ୍ଲିକ):**

କୋରେଇ ବ୍ଲକ ଅନ୍ତର୍ଗତ ମୂଳାପାଳସ୍ଥିତ ଲିଙ୍ଗେଶ୍ୱର ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ସାମୂହିକ ଆଚାର୍ଯ୍ୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮ ଶିଶୁ ମନ୍ଦିରର ୧୭୦ ଜଣ ଆଚାର୍ଯ୍ୟ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଲିଙ୍ଗେଶ୍ୱର ଉନ୍ନୟନ କମିଟି ସଭାପତି ବନମାଳି ଦାସ, ସମ୍ମାନିତ ଅତିଥିଭାବେ ଖବରଦାତା ମନୋଜ ସାହୁ, ମାନସ ରଞ୍ଜନ ଧଳ, ମୁଖ୍ୟବକ୍ତା ଭାବେ ଓଡ଼ିଶା ଶିକ୍ଷା ବିକାଶ ସମିତି ପୂର୍ବକ୍ଷେତ୍ର ଶାରିରୀକ ଓ ଖେଳକୁଦ ସଂଯୋଜକ ବଳରାମ ସାହୁ ଯୋଗଦେଇଥିଲେ। ଅତିଥି ଭାବେ ବ୍ୟାସନଗର ସଂକୁଳ ପ୍ରମୁଖ ଅଶୋକ ଶତପଥୀ, ସଙ୍କୁଳ ସଂଯୋଜକ ତ୍ରିଲୋଚନ ପ୍ରଧାନ, ପରିଚାଳନା ସମିତି ସଭାପତି ବୃନ୍ଦାବନ ସାହୁ, ସମ୍ପାଦକ ଦିଲୀପ ଧଳ, ଉପସଭାପତି ଶଙ୍କର୍ଷଣ ପରିଡ଼ା, ଯୁଗ୍ମ ସମ୍ପାଦକ ରାଜକିଶୋର ମଲ୍ଲିକ, କୋଷାଧ୍ୟକ୍ଷ କୈଳାସ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନ ଆଚାର୍ଯ୍ୟ ନରେନ୍ଦ୍ର ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ୮ଟି ବିଦ୍ୟାଳୟ ପରିଚାଳନା ସମିତିର ୫୬ ଜଣ ସଦସ୍ୟ ଯୋଗଦେଇ ନିଜନିଜ ମଧ୍ୟରେ ଭାବ ବିନିମୟ କରିଥିଲେ। ଲିଙ୍ଗେଶ୍ୱର ଶିଶୁ ବିଦ୍ୟା ମନ୍ଦିରର ସମସ୍ତ ଆଚାର୍ଯ୍ୟ/ଗୁରୁମା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସ୍ୱତନ୍ତ୍ର ରାଜ୍ୟ ଗଠନରେ କୃଷ୍ଣଚନ୍ଦ୍ରଙ୍କ ଥିଲା ପ୍ରମୁଖ ଭୂମିକା

**ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ ପାଳିତ**

**ଯାଜପୁର ଟାଉନ,୨୬।୪ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**


ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ ଉତ୍ସବରେ ଯୋଗଦେଇଥିବା ଅତିଥି।

ଯାଜପୁର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଶନିବାର ଜିଲାସ୍ତରୀୟ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଯୋଗଦେଇ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ପ୍ରତି ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଅବଦାନ ଉଲ୍ଲେଖ କରିଥିଲେ। ମହାରାଜା ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକାଠି କରି ସ୍ୱତନ୍ତ୍ର ଓଡ଼ିଶା ରାଜ୍ୟ ଗଠନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ବୋଲି ଜିଲାପାଳ କହିଥିଲେ। ଏଥିସହିତ ଭାଷା ଓ ସଂସ୍କୃତିକୁ ସମୃଦ୍ଧ କରିବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ମହାରାଜାଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ ତାଙ୍କ ଭଳି ମହତ୍ ଚିନ୍ତା ରଖି ଭଲ କାର୍ଯ୍ୟ କରିବା ପାଇଁ ପ୍ରେରଣା ଦେଇଥିଲେ।

ଉତ୍ସବରେ ଅତିରିକ୍ତ ଜିଲାପାଳ(ରାଜସ୍ୱ) ଶିବାନନ୍ଦ ସ୍ୱାଇଁ ଅଧ୍ୟକ୍ଷତା କରି ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ଭାବେ ଗଠନ ହେବାରେ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ ବୋଲି କହିଥିଲେ। ମୁଖ୍ୟବକ୍ତା ଅବସରପ୍ରାପ୍ତ ଶିକ୍ଷକ ରବି ଶତପଥୀ ଯୋଗଦେଇ ମହାରାଜାଙ୍କ ଜୀବନୀ ଉପରେ ଉଲ୍ଲେଖ କରିଥିଲେ। ତାଙ୍କ ଦୂରଦୃଷ୍ଟି ଓ ତ୍ୟାଗ ଆଜି ମଧ୍ୟ ଓଡ଼ିଆ ଜାତି ପାଇଁ ପ୍ରେରଣାର ଉତ୍ସ। ସମସ୍ତେ ତାଙ୍କ ଆଦର୍ଶକୁ ଅନୁସରଣ କରିବାକୁ ସଂକଳ୍ପ ନେବା ଉଚିତ ବୋଲି ଶତପଥୀ କହିଥିଲେ। ସମ୍ମାନିତ ଅତିଥି ଭାବେ ଉପଜିଲାପାଳ ତାପସ ରଞ୍ଜନ ଦେହୁରୀ, ଜିଲା ପରିଷଦର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଲମ୍ବୋଦର ଖୁଣ୍ଟିଆ ଯୋଗଦେଇ ମହାରାଜା କୃଷ୍ଣ ଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୀବନୀ ଓ ଅବଦାନ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ବାଳାଶ୍ରମର ଛାତ୍ରୀଛାତ୍ର, ବିରଜା ନର୍ସିଂ ମହାବିଦ୍ୟାଳୟ ଛାତ୍ରୀଛାତ୍ର, ଶିକ୍ଷକ, ଅଭିଭାବକ, ବୁଦ୍ଧିଜୀବୀ ଏବଂ ଗଣମାଧ୍ୟମ ପ୍ରତିନିଧି ବୃନ୍ଦ ଉପସ୍ଥିତ ଥିଲେ। ଉକ୍ତ ଜୟନ୍ତୀ ଉତ୍ସବ ଅବସରରେ ସହରରେ ଥିବା ସମସ୍ତ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ। ପ୍ରାରମ୍ଭରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ସ୍ୱାଗତ ଅଭିଭାଷଣ ଦେବା ସହ ଶେଷରେ ଧନ୍ୟବାଦ ଦେଇଥିଲେ।

# ପ୍ରଶାସନ ଶୁଣିଲାନି, ଘାଇ ବନ୍ଧାଇଲେ ଗ୍ରାମବାସୀ

■ଅନ୍ଧାରିମୁଲକର ସାନ୍ତାଳି ଗାଁ ପାଣିଖିଆ

■ଚିଠି ଲେଖି ମୁଖ୍ୟମନ୍ତ୍ରୀଙ୍କୁ ଦୁଃଖ ଜଣାଇଲେ

■ଗାଁକୁ ମାଡୁନି ଆମ୍ବୁଲାନ୍ସ

ମହାକାଳପଡ଼ା,୨୬।୪ (ପ୍ରତାପ ଚନ୍ଦ୍ର ସ୍ୱାଇଁ)



ଘେରିବନ୍ଧରେ ସୃଷ୍ଟ ଘାଇକୁ ପାଣିଖିଆ ଗ୍ରାମବାସୀ ବନ୍ଧାଉଛନ୍ତି।

ଅନୁସୂଚିତ ଜନଜାତିଙ୍କ ସର୍ବାଙ୍ଗୀନ ବିକାଶ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ତୃଣମୂଳସ୍ତରରେ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ନାଞ୍ଚୁରା ପଞ୍ଚାୟତ ଆଦିବାସୀ ଅଧ୍ୟୁଷିତ ସାନ୍ତାଳି ଗାଁ ପାଣିଖିଆକୁ ସବୁଦିନିଆ ରାସ୍ତା ନାହିଁ। କିଛିଦିନ ତଳେ ସାମୁଦ୍ରିକ ଜୁଆର ଢେଉ ଯୋଗୁ ଗାଁର ଘେରିବନ୍ଧ ଭାଙ୍ଗି ଚାଷଜମି ଓ ଗ୍ରାମରେ ୨ ଫୁଟ ଉଚ୍ଚର ଲୁଣିପାଣି ଲହଡ଼ି ଖେଳୁଥିଲା। ଏ ନେଇ ବ୍ଲକ ପ୍ରଶାସନକୁ ଅବଗତ କରାଇବା ସହ ଘେରିବନ୍ଧ ଘାଇ ପୋତିବାକୁ ବିଭାଗୀୟ ଅଧିକାରୀ ଘଟଣାସ୍ଥଳ ପରିଦର୍ଶନ କରିଥିଲେ ମଧ୍ୟ ଚୁପ୍ ହୋଇ ବସିଛନ୍ତି। ପ୍ରଶାସନକୁ ବିଶ୍ୱାସ ରଖି ବହୁଦିନ ଅପେକ୍ଷା କରିବା ପରେ ଗ୍ରାମବାସୀ ବାଧ୍ୟ ହୋଇ ଘାଇକୁ ଶୁକ୍ରବାର ପୋତିଛନ୍ତି। ଏହି ଗାଁକୁ କଚ୍ଚା ରାସ୍ତା ଯୋଗୁ ରୋଗୀସେବା ପାଇଁ ବାଉଁଶ ଦୋଳି ଭାରାରେ ୧ କି.ମି. ପର୍ଯ୍ୟନ୍ତ ମୁଖ୍ୟ ବନ୍ଧରେ ଅପେକ୍ଷା କରିଥିବା ଆମ୍ବୁଲାନ୍ସ ଗାଡ଼ି ପର୍ଯ୍ୟନ୍ତ ନେବାକୁ ପଡ଼େ। ନଚେତ୍ ରୋଗୀଙ୍କ ଅବସ୍ଥା ସଙ୍ଗୀନ ହୋଇ ପଡ଼ିଥାଏ। ଏହି ସାନ୍ତାଳି ଗାଁକୁ ଘେରି ରହିଛି ଲୁଣା ହେନ୍ତାଳ ଜଙ୍ଗଲ। ବନ୍ୟଜୀବ, ସରୀସୃପ ଭୟ ରହିଛି। ବାତ୍ୟା ପବନରେ ବଙ୍ଗୋପସାଗରର ବଡ଼ ବଡ଼ ଲହଡ଼ି ଗ୍ରାମକୁ ପଶି ଆସେ। ୧୯୯୯ ମହାବାତ୍ୟାରେ ଗାଁର ୧୦ ଜଣ ସମୁଦ୍ର ଢେଉରେ ଭାସି ଯାଇଥିଲେ। ପରବର୍ତ୍ତୀ କାଳରେ ପ୍ରଶାସନ ଓ ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ଗ୍ରାମବାସୀ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନାରୁ ବଞ୍ଚିତ ହୋଇଛନ୍ତି ବୋଲି କହିଛନ୍ତି। ଏ ନେଇ ଲିଖିତ ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିକଟକୁ ଡାକ ଯୋଗେ ଗାଁର ବିକାଶ ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ନିବେଦନ କରିଛନ୍ତି। ଖୁବ୍‌ଶୀଘ୍ର ମୁଖ୍ୟମନ୍ତ୍ରୀଙ୍କୁ ଭେଟି ନିଜ ଗାଁ ଦୁଃଖ ଜଣାଇବୁ ବୋଲି ଗ୍ରାମବାସୀ କହିଛନ୍ତି।

ଏ ସମ୍ପର୍କରେ ଗାଁର ସୁନା ଟୁଡୁ, ଗୁରୁଭା ହାଁସଦା, ଗଜେନ୍ଦ୍ର ମାରାଣ୍ଡି, ସୂର୍ଯ୍ୟ ହେମ୍ବ୍ରମ, ପୂର୍ଣ୍ଣ ଟୁଡୁ, ହଗଲା ମାରାଣ୍ଡି, ଲବ ମାରାଣ୍ଡି, ସାମାଇ ଟୁଡୁ, ନୁଗୁର୍ ସୋରେନ, ବାବୁଲି ଟୁଡୁ, ଚରଣ ଟୁଡୁ ଓ ପ୍ରଧାନ ହେମ୍ବ୍ରମ କହିଛନ୍ତି, ପାଣିଖିଆ ଗାଁରେ ୫୦ ପରିବାର ୩୦୦ରୁ ଅଧିକ ଲୋକ ବସବାସ କରୁଛନ୍ତି। କେତେଜଣ ଯୁବକ କାମ ସନ୍ଧାନରେ ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଯାଇଛନ୍ତି। ଗାଁରେ କେହି ବି ପ୍ରଧାନମନ୍ତ୍ରୀ ଆବାସ ଗୃହ ଯୋଜନାରେ ଗୃହ ପାଇନାହାନ୍ତି। ଅଭାବୀ ପରିବାର ପ୍ରତିପୋଷଣ ପାଇଁ ମୂଲ ମଜୁରି ଲାଗି ପରିବାର ଚଳାନ୍ତି। ସନ୍ଧ୍ୟା ହେଲେ ଜଙ୍ଗଲୀ ବନ୍ୟଜନ୍ତୁ ଭୟରେ ତାଟି କବାଟ ପଡ଼େ। ଘେରିବନ୍ଧରେ ସୃଷ୍ଟି ହୋଇଥିବା ଘାଇକୁ ଗାଁ ଲୋକ ଝୁଡ଼ି, କୋଦାଳ ଧରି ମାଟି ହାଣି ବନ୍ଧାଇଛନ୍ତି। ଏହି ଘାଇ ପୋତିବା ପାଇଁ ୪ରୁ ୫ ଦିନ ଲାଗିବ ବୋଲି ଗ୍ରାମବାସୀ କହିଛନ୍ତି। ତେବେ ପୂର୍ବ ସରକାରର ୨୪ ବର୍ଷ ଶାସନରେ ଆମ ସାନ୍ତାଳ ଗାଁ ପ୍ରତି ଦରଦ ଦେଖାଇଲେ ନାହିଁ। ସାଧାରଣ ନିର୍ବାଚନ ପରେ ଆଦିବାସୀ ସାନ୍ତାଳୀମାନଙ୍କୁ ଲୋକ ପ୍ରତିନିଧି ଭୁଲିଯାଆନ୍ତି। ଶହେବର୍ଷ ପୂର୍ବେ ସାନ୍ତାଳୀ ବଂଶଜମାନେ ମୟୂରଭଞ୍ଜ, ବାଲେଶ୍ୱର ଜିଲାରୁ ଆସି ପାଣିଖିଆରେ ବସବାସ କରୁଛନ୍ତି ବୋଲି ସେମାନେ କହିଛନ୍ତି। ଖୁବ୍‌ଶୀଘ୍ର ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଗ୍ରାମର ଦୁଃଖ ଜଣାଇବୁ ଓ ଆମ ସମସ୍ୟାର ସମାଧାନ ନିଶ୍ଚିତ ହେବ ବୋଲି ଗ୍ରାମବାସୀ ଆଶା ବାନ୍ଧିଛନ୍ତି। ଏ ସଂକ୍ରାନ୍ତରେ ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀଙ୍କୁ ପଚାରିବାରେ ପାଣିଖିଆ ଗ୍ରାମର ସମସ୍ୟା ସମ୍ପର୍କରେ ନଜର ରହିଛି, ଖୁବ୍‌ଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ପୋକ ସାଲୁବାଲୁ ଖଜୁରି କୋଳି ବଣ୍ଟନ ଅଭିଯୋଗ

ରାଜନଗର, ୨୬।୪
(ଭାସ୍କର ରାଉତରାୟ)

## ଗର୍ଭବତୀ, ପ୍ରସୂତିଙ୍କ ଜୀବନ ସହ ଖେଳ



ସରକାର ଗର୍ଭବତୀ, ପ୍ରସୂତି ଓ ୭ ମାସରୁ ୩ ବର୍ଷ ଯାଏ ଶିଶୁଙ୍କୁ ପୁଷ୍ଟିହୀନତାରୁ ରୋକିବାକୁ ସୁଷମ ଓ ପୁଷ୍ଟିସାରଯୁକ୍ତ ଖାଦ୍ୟ ଯୋଗାଇ ଦେଉଛନ୍ତି। ଗର୍ଭବତୀ, ପ୍ରସୂତି ମହିଳାଙ୍କୁ ଛତୁଆ, ବାଦାମଲଡୁ, ଖଜୁରି କୋଳି ସହିତ କୋମଳମତି ଶିଶୁଙ୍କୁ ଛତୁଆ ଓ ଭଜା ସୁଜି ଯୋଗାଇ ଦେଉଛନ୍ତି। ଗର୍ଭବତୀ, ପ୍ରସୂତି ଓ କୋମଳମତି ଶିଶୁଙ୍କୁ ସୁଷମ ଓ ପୁଷ୍ଟିସାର ଖାଦ୍ୟ ବଦଳରେ ନିମ୍ନମାନର ପୋକ ସାଲୁବାଲୁ ଖାଦ୍ୟସାମଗ୍ରୀ ଯୋଗାଇ ଦିଆଯାଉଥିବା ଅଭିଯୋଗ ହୋଇଛି। ରାଜନଗର ବ୍ଲକ ରଙ୍ଗଣୀ ପଞ୍ଚାୟତ ପଟାପାରିଆ ଗାଁର ଅଙ୍ଗନୱାଡ଼ି କେନ୍ଦ୍ରର କୋମଳମତି ଶିଶୁ ଓ ଗର୍ଭବତୀ, ପ୍ରସୂତି ମହିଳାଙ୍କୁ ପୋକ ସାଲୁବାଲୁ ଖାଦ୍ୟ ସାମଗ୍ରୀ ଦିଆଯାଇଥିବା ନେଇ ଅଙ୍ଗନୱାଡ଼ି କର୍ମୀ ଯଶୋଦା ହାତୀ ସୂଚନା ଦେଇଛନ୍ତି। ସୂଚନା ମୁତାବକ, ଏବେ ଛତୁଆ ବଣ୍ଟନ ସମୟରେ ଏହି ଗାଁର ମମତା ଦାସ ତାଙ୍କୁ ପୋକ ସାଲୁବାଲୁ ଖଜୁରି କୋଳି ଦିଆଯାଇଥିବା ଦେଖାଇଥିଲେ। ଯେଉଁ କୋଳି ଦିଆଯାଇଥିଲା ସେଥିରେ ପୋକ ସହିତ କାଠି, କୁଟା, ଧୂଳି ମିଶିକି ଥିଲା, ଯାହାକି କୌଣସି ପରିସ୍ଥିତିରେ ଖାଇହେବ ନାହିଁ। ଏଥିସହ ବାଦାମ ପେସ୍ତା, ସୁଜି, ଛତୁଆରୁ ପୋକ ବାହାରିଥିବା ଅଭିଯୋଗ କରିଛନ୍ତି। ପ୍ରତ୍ୟେକ ମାସରେ ଖାଦ୍ୟ ସାମଗ୍ରୀ ଦିଆଯିବା ପରିବର୍ତ୍ତେ ଫେବୃଆରୀ ଓ ମାର୍ଚ୍ଚ ମାସର ଖଜୁରି, ସୁଜି, ବାଦାମ ପେସ୍ତା ଏପ୍ରିଲରେ ଦିଆଯାଇଛି ବୋଲି ଅଙ୍ଗନୱାଡ଼ି କର୍ମୀ ହାତୀ କହିଛନ୍ତି। ନିମ୍ନମାନର ଖାଦ୍ୟ ଯୋଗାଣକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

# ଅଘୋଷିତ ବିଦ୍ୟୁତ୍ କାଟକୁ ନେଇ ଭୂଇଁପୁରରେ ଅସନ୍ତୋଷ

ଆଳି, ୨୬।୪(ବନମାଳୀ ସେନାପତି)

ଦିନକୁ ଦିନ ତାପମାତ୍ରା ବୃଦ୍ଧି ପାଉଥିବାରୁ ଜନ ଜୀବନ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଗୋଟିଏ ପଟେ ଗ୍ରୀଷ୍ମ ତାତି ଓ ଅନ୍ୟ ପଟେ ଘନ ଘନ ବିଦ୍ୟୁତ୍ କାଟ ଅଞ୍ଚଳବାସୀଙ୍କ ସମସ୍ୟାକୁ ଆହୁରି ବଢ଼ାଇ ଦେଇଛି। ଭୂଇଁପୁର ଅଞ୍ଚଳରେ ଘନଘନ ବିଦ୍ୟୁତ କାଟକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖଦେଇଛି।

ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁଯାୟୀ, ଭୂଇଁପୁର ସେକ୍ସନ ପକ୍ଷରୁ ଅଞ୍ଚଳରେ ପ୍ରତ୍ୟେକ ଦିନ ବିଦ୍ୟୁତ୍ କାଟ ହେଉଛି। ଏ ନେଇ ବିଭାଗୀୟ ଅଧିକାରୀଙ୍କୁ ପଚାରିଲେ ସନ୍ତୋଷ ଜଣକ ଉତ୍ତର ମିଳୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ରାଜ୍ୟରେ ଗ୍ରୀଷ୍ମ ତାତିକୁ ଲକ୍ଷ୍ୟ କରି ବିଦ୍ୟୁତ କାଟ ହେବ ନାହିଁ ବୋଲି ସରକାର ଘୋଷଣା କରିଛନ୍ତି। ହେଲେ ଆଳି ଅଞ୍ଚଳରେ ଅଘୋଷିତ ବିଦ୍ୟୁତ କାଟ ଚାଲିଛି। ବିଭାଗର ଅଧିକାରୀମାନେ ମନମୁଖି ଭାବେ ବିଦ୍ୟୁତ କାଟ କରୁଥିବାରୁ ଗରମ ଯୋଗୁ ଅଞ୍ଚଳବାସୀ ହନ୍ତସନ୍ତ ହେଉଛନ୍ତି। ଶନିବାର ଅପରାହ୍ନ ୧ଟାରୁ ୨ଟା ପର୍ଯ୍ୟନ୍ତ ବିଦ୍ୟୁତ୍ କାଟ ସମ୍ପର୍କରେ ସମୀର ରଞ୍ଜନ ବିଶ୍ୱାଳ ବିଭାଗୀୟ ଯନ୍ତ୍ରୀ ଭବାନୀ ମହାନ୍ତିଙ୍କୁ ଫୋନ କରି ଭୂଇଁପୁର-କଳମଡ଼ା ଲାଇନ କ'ଣ ପାଇଁ କାଟିଛ ବୋଲି ପଚାରିଥିଲେ। କିନ୍ତୁ ଯନ୍ତ୍ରୀ ତାଙ୍କୁ କୌଣସି ସନ୍ତୋଷଜନକ ଉତ୍ତର ଦେଇ ନ ଥିବା ସେ ଅଭିଯୋଗ କରିଛନ୍ତି। ତୁରନ୍ତ ଏହି ସମସ୍ୟାର ସମାଧାନ କରିବା ନିମନ୍ତେ ଗାଁର ସମୀର, ନିହାର ରଞ୍ଜନ ବିଶ୍ୱାଳ, ବିଜୟ କୁମାର ବେହୁରା, ପ୍ରତାପ ମଳିକ, ଯଶୋବନ୍ତ ବିଶ୍ୱାଳ, ସରୋଜ ବିଶ୍ୱାଳ ପ୍ରମୁଖଙ୍କ ସମେତ ଅନ୍ୟମାନେ ଦାବି କରିଛନ୍ତି। ଏ ନେଇ ବିଭାଗୀୟ ଯନ୍ତ୍ରୀ ଭବାନୀ ମହାନ୍ତିଙ୍କୁ ପଚାରିବାରୁ ମେଣ୍ଟେନାସ କାର୍ଯ୍ୟ ନିମନ୍ତେ ଲାଇନ କଟାଯାଇଥିଲା। ଜାଣିଶୁଣି ଲାଇନ କଟାଯାଇନାହିଁ ବୋଲି ସେ କହିଛନ୍ତି।

# ବୈତରଣୀ ନଦୀର ପୁନରୁଦ୍ଧାରକୁ ଗୁରୁତ୍ୱ

ରାଜକନିକା,୨୬।୪(ସଞ୍ଜୟ କୁମାର ଦାଶ)

## କନିକା-ଚାନ୍ଦବାଲି ବୈତରଣୀ ମହୋତ୍ସବ

କନିକା-ଚାନ୍ଦବାଲି ବୈତରଣୀ ମହୋତ୍ସବ ଚାନ୍ଦବାଲି ଦୁର୍ଗାପଡ଼ିଆରେ ଆରମ୍ଭ ହୋଇଛି। ଦୀର୍ଘବର୍ଷ ଧରି ଅବିଭକ୍ତ କନିକା ଇଷ୍ଟେଟ୍‌ର କନିକା ଓ ଚାନ୍ଦବାଲି ଦୁଇ ପଡ଼ୋଶୀ ବ୍ଲକର ଭାଇଚାରାକୁ ସମୃଦ୍ଧ କରି ପୁଣ୍ୟତୋୟା ବୈତରଣୀ ନଦୀର ପୁନରୁଦ୍ଧାର ଲକ୍ଷ୍ୟରେ ବ୍ୟବସାୟ ଓ କୃଷିର ଉନ୍ନତି ପାଇଁ ଜାରି ରହିଛି ଏହି ମହୋତ୍ସବ। ଉଦ୍‌ଘାଟନୀ ପର୍ବରେ ଶ୍ରୀକୃଷ୍ଣଙ୍କ ବିଶ୍ୱରୂପ ଅନାବରଣ ପରେ ବୈତରଣୀ ଯଜ୍ଞ ଆରମ୍ଭ ହୋଇଛି। ମହୋତ୍ସବର ଏହି ମଞ୍ଚରେ ବ୍ରଜ କିଶୋର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବୈତରଣୀ ବଞ୍ଚାଓ ଅଭିଯାନର ଅନିଲ କୁମାର ଧୀର, ଓଡ଼ିଶା ନୌବାଣିଜ୍ୟ ଗବେଷକ ଓ ରେଜିଷ୍ଟ୍ରାର ଓଡ଼ିଶା ଉଚ୍ଚ ନ୍ୟାୟାଳୟ କଟକର ଲଲାଟେନ୍ଦୁ ଦାସମହାପାତ୍ର, ଓଡ଼ିଶା ମଠ ମହାସଂଘ ସଭାପତି ସ୍ୱାମୀ ସଚ୍ଚିଦାନନ୍ଦ ମହାରାଜ, ସାଉଥ୍ ଆମେରିକା ଡା. ପ୍ରଭୁଜୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ମହୋତ୍ସବର ପ୍ରାସଙ୍ଗିକତା ସମ୍ପର୍କରେ ଚେତନା ଉଦ୍ରେକ କରାଇ ବକ୍ତବ୍ୟ ରଖିଥିଲେ। ମହୋତ୍ସବର ସାଙ୍ଗଠନିକ ସମ୍ପାଦକ ମଙ୍ଗୁଳି ଚରଣ ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ସମାଜସେବା ପାଇଁ ଚାନ୍ଦବାଲିର ସୁଧୀର ମହାନ୍ତି, ସାହିତ୍ୟିକ ଅଶୋକ ନାୟକ, ସାହିତ୍ୟିକ ଡ. କୁମାର ଗୋପାଳ ଓ ରାଜକନିକାର ସୁକାନ୍ତ ଦାଶଙ୍କୁ ମଞ୍ଚରେ କୃଷି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଛି। ଆସନ୍ତା ୨୮ ତାରିଖଯାଏ ଚାଲିବାକୁ ଥିବା ଏହି ବୈତରଣୀ ମହୋତ୍ସବର ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡ଼ିଶାର ଅସ୍ମିତାକୁ ପ୍ରାଧାନ୍ୟ ସ୍ୱରୂପ ନୃତ୍ୟ, ଗୀତ, ନାଟକ ଆଦି ପରିବେଶଣ କରାଯାଉଛି। ବିଭିନ୍ନ କ୍ଷେତ୍ରରେ ସଫଳତା ଅର୍ଜନ କରିଥିବା ବ୍ୟକ୍ତି ଓ ଅନୁଷ୍ଠାନକୁ ଉତ୍ସାହିତ କରିବାକୁ ପ୍ରୟାସ ରହିଥିବା ଆୟୋଜକମାନେ ପ୍ରକାଶ କରିଛନ୍ତି।



ସୁକାନ୍ତ ଦାଶଙ୍କୁ ମହୋତ୍ସବରେ ସମ୍ବର୍ଦ୍ଧିତ କରାଯାଉଛି।

# ଓଡ଼ିଆ ଭାଷାଭିତ୍ତିକ ରାଜ୍ୟ ଗଠନକୁ ଦେଇଥିଲେ ପ୍ରାଧାନ୍ୟ



ସହରର ପୁରୁଣା ବସ୍‌ଷ୍ଟାଣ୍ଡଠାରେ ବରପୁତ୍ରମାନଙ୍କୁ ମାଲ୍ୟାର୍ପଣ କରାଯାଉଛି।

## ମହାରାଜା କୃଷ୍ଣଚନ୍ଦ୍ର ଦେବଙ୍କ ଜୟନ୍ତୀ ସମାରୋହ

କେନ୍ଦ୍ରାପଡ଼ା, ୨୬।୪ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶର ନବ ନିର୍ମାତା ସଦସ୍ୟ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ ସମାରୋହ ଜିଲାପାଳ କାର୍ଯ୍ୟାଳୟ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ନିଲୁ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ସ୍ୱାଧୀନତା ସଂଗ୍ରାମୀ ବିମ୍ବାଧର ମୁଦୁଲି, ଶିକ୍ଷାବିତ୍ ତପନ କୁମାର ପତି, ଡ. ନୀଳମଣି ଲେଙ୍କା, ଡ. ବାସୁଦେବ ଦାସ, ଡ. ବିରଜା ରାଉତରାୟ, ନିରଞ୍ଜନ ମେକାପ ଆଲୋଚକ ଭାବେ ଯୋଗ ଦେଇଥିଲେ। ସେମାନେ ପ୍ରକାଶ କରିଥିଲେ, ମହାରାଜା କୃଷ୍ଣଚନ୍ଦ୍ର ଦେବ ଉତ୍କଳ ପ୍ରଦେଶ ଗଠନକୁ ନିଜର ବ୍ରତ କରିଥିଲେ। ଏଥିପାଇଁ ଲଣ୍ଡନଠାରେ ୧୯୩୦ ନଭେମ୍ବର ୧୨ରୁ ୧୯୩୧ ଜନୁଆରୀ ୧୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଗୋଲଟେବୁଲ ବୈଠକରେ ଓଡ଼ିଆ ଭାଷାଭିତ୍ତିକ ରାଜ୍ୟ ଗଠନକୁ ଦୃଢ଼ ସ୍ୱରରେ ଉତ୍‌ଥାପନ କରିଥିଲେ। ଓଡ଼ିଶାର ବରପୁତ୍ରମାନଙ୍କ ସହିତ ମିଶି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶର ରୂପରେଖ ପ୍ରସ୍ତୁତ କରିଥିଲେ। ତାଙ୍କର ଜନ୍ମ ତାରିଖ ସର୍ବଦା ସ୍ମରଣୀୟ ହୋଇ ରହିବ ବୋଲି ଆଲୋଚକମାନେ ମତବ୍ୟକ୍ତ କରିଥିଲେ। ଏହା ପୂର୍ବରୁ ସହର ମଧ୍ୟରେ ଥିବା ବିଭିନ୍ନ ବରପୁତ୍ରଙ୍କୁ ଜିଲା ପ୍ରଶାସନ ପକ୍ଷରୁ ମାଲ୍ୟାର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଡିଆଇପିଆରଓ ତ୍ରିଭୁବନ ଜୟସିଂହ, ଏଡିପିଆଇଆରଓ ଅଶୋକ କୁମାର ବଳିଆରସିଂହ ପରିଚାଳନା କରିଥିଲେ।

# ଆତଙ୍କବାଦୀଙ୍କୁ କଠୋର ଶାସ୍ତି ବିଧାନ ପାଇଁ ମଶାଲ ଶୋଭାଯାତ୍ରା




ପଟ୍ଟାମୁଣ୍ଡାଇ ରାଷ୍ଟ୍ରବାଦୀ ବିଚାରମଞ୍ଚ ପକ୍ଷରୁ ମଶାଲ ଶୋଭାଯାତ୍ରା।

ପଟ୍ଟାମୁଣ୍ଡାଇ,୨୬।୪ (କଳ୍ପତରୁ ନାୟକ)

## କଶ୍ମୀରରେ ପର୍ଯ୍ୟଟକଙ୍କୁ ହତ୍ୟା ଘଟଣା

ପଟ୍ଟାମୁଣ୍ଡାଇ ରାଷ୍ଟ୍ରବାଦୀ ବିଚାର ମଞ୍ଚ ପକ୍ଷରୁ ଶନିବାର ଜମ୍ମୁ କଶ୍ମୀର ପହଲଗାମଠାରେ ଆତଙ୍କବାଦୀମାନେ ନିରୀହ ଭାରତୀୟ ହିନ୍ଦୁମାନଙ୍କୁ ବର୍ବୋରୋଚିତ ଭାବେ ହତ୍ୟା କରିବା ଘଟଣାର ପ୍ରତିବାଦ କରାଯାଇଛି। ଆତଙ୍କବାଦୀମାନଙ୍କୁ କଠୋର ଶାସ୍ତି ବିଧାନ ଦାବିରେ ସ୍ଥାନୀୟ ହରପାର୍ବତୀ ମନ୍ଦିରଠାରୁ ମଶାଲ ଶୋଭାଯାତ୍ରା ପଟ୍ଟାମୁଣ୍ଡାଇ ବଜାର ପରିକ୍ରମା କରାଯାଇଥିଲା। ଏଥିରେ ବରିଷ୍ଠ ଭାଜପା ନେତା ଯୁବନେତା ଶଶିକାନ୍ତ ସ୍ୱାଇଁ, ମନୋଜ ନାୟକ, ଆଇନଜୀବୀ ପ୍ରମୋଦ ସାହୁ, ସଞ୍ଜୟ ସାହୁ, କାଉନସିଲର ବିଦ୍ୟାଧର ସେଠୀ, ଚନ୍ଦନ ପାତ୍ର, ଯୋଗେଶ ବେହେରା, ଆଇନଜୀବୀ ଶିଶିର ମଲିକ, ରାଜେନ୍ଦ୍ର ଗିରି, ପାରେଶ୍ୱର ପାତ୍ର, ରାଜକିଶୋର ସାହୁ, ନଗର ଭାଜପା ସଭାପତି ଅଶୋକ ସାହୁ, ରବୀନ୍ଦ୍ର ବିଶ୍ୱାଳ, ଅଭିରାମ ସାମଲ, ବ୍ରଜ କିଶୋର ପଣ୍ଡା, ବାବନ ସାହୁ ପ୍ରମୁଖ ମଞ୍ଚର ସଦସ୍ୟମାନେ ସାମିଲ ହୋଇଥିଲେ। ଏହି ଘଟଣାରେ ନରସଂହାରରେ ସମ୍ପୃକ୍ତ ଆତଙ୍କବାଦୀମାନଙ୍କୁ କଠୋର ଶାସ୍ତି ବିଧାନ କରିବାକୁ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରାଯାଇଛି।

# ପଟ୍ଟାମୁଣ୍ଡାଇ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଘଟଣାକୁ ନିନ୍ଦା

ପଟ୍ଟାମୁଣ୍ଡାଇ, ୨୬।୪ (କଳ୍ପତରୁ ନାୟକ)

## ପହଲଗାମ୍‌ର ମୃତ ପର୍ଯ୍ୟଟକଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଶ୍ରଦ୍ଧାଞ୍ଜଳି

ପଟ୍ଟାମୁଣ୍ଡାଇ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ କଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀଙ୍କ ଆକ୍ରମଣରେ ମୃତ୍ୟୁବରଣ କରିଥିବା ପର୍ଯ୍ୟଟକଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶୁକ୍ରବାର ନୀରବ ପ୍ରାର୍ଥନା ଓ ମହମବତି ଜଳାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ବରିଷ୍ଠ ନାଗରିକ ମଞ୍ଚର କାର୍ଯ୍ୟକାରୀ ସଭାପତି କଣ୍ଡୁରି ଚରଣ ସ୍ୱାଇଁଙ୍କ ସଭାପତିତ୍ୱରେ ଚିତ୍ତ ବିନୋଦନ ଗୃହ ପରିସରରେ ଅନୁଷ୍ଠିତ ସଭାରେ ପ୍ରଫେସର ଭରତ ଚନ୍ଦ୍ର ପାତ୍ର, ଦୁର୍ଯ୍ୟୋଧନ ପରିଡ଼ା, ରମେଶ ଚନ୍ଦ୍ର ଜେନା, କୈଳାସ ଚନ୍ଦ୍ର ପାତ୍ର, ନରହରି ଲେଙ୍କା, ଗୋଲକ ଚନ୍ଦ୍ର ମହାରଣା, ବିଜୟ ସାହୁ, ଚତୁର୍ଭୁଜ ରାଉଳ, ନୃସିଂହ ପ୍ରସାଦ ଚୌଧୁରୀ, ଶିକ୍ଷାବିତ୍ ସଚ୍ଚିନନ୍ଦନ ଦାସ, ତପନ ପାତ୍ର, କବି ସଚିତ୍ର ବେହୁରା, ଶିକ୍ଷାବିତ୍ ସୁରେଶ ଚନ୍ଦ୍ର ଜେନା, ତ୍ରୈଲୋକ୍ୟ ପ୍ରସାଦ ମିଶ୍ର, ଗାଳ୍ପିକ ପ୍ରଦୀପ ନାୟକ ପ୍ରମୁଖ ଯୋଗଦେଇଥିଲେ। ସେମାନେ କଶ୍ମୀର ଉପତ୍ୟକା ପହଲ୍‌ଗାମ ପର୍ଯ୍ୟଟନସ୍ଥଳରେ ଆତଙ୍କବାଦୀମାନେ ଯେପରି ହିନ୍ଦୁ ପର୍ଯ୍ୟଟକମାନଙ୍କୁ ବାଛି ବାଛି ନୃଶଂସ ଭାବେ ପରିବାର ସ୍ୱଜନମାନଙ୍କ ସମ୍ମୁଖରେ ଗୁଳି ମାରି ହତ୍ୟା କଲେ ତାହା ଏକ ହୃଦୟ ବିଦାରକ ଘଟଣା। ସମଗ୍ର ଦେଶ ପାଇଁ ଏହା ଏକ ବଡ଼ ଆହ୍ୱାନ ବୋଲି ମତବ୍ୟକ୍ତ କରିଥିଲେ। ଦେଶରୁ ସମ୍ପୂର୍ଣ୍ଣ ଭାବେ ସନ୍ତ୍ରାସବାଦର ମୂଳୋତ୍ପାଟନ ଲାଗି ସ୍ୱର ଉଠାଇବା ସହ ଘଟଣାକୁ ନିନ୍ଦା କରିଥିଲେ। ଏହି ଦୁଃଖଦାୟକ ଘଟଣାରେ ମଞ୍ଚ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବା ସହ ସେମାନଙ୍କ ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜଣାଇଥିଲେ।

# ରାଜନଗରରେ ନିର୍ବାଚନୀ ବିଗୁଲ୍

ରାଜନଗର, ୨୬।୪
(ଭାସ୍କର ରାଉତରାୟ)

■୨ ସରପଞ୍ଚ, ଜିଲା ପରିଷଦ ସଭ୍ୟ, ୧୭ ୱାର୍ଡସଭ୍ୟ ପାଇଁ ହେବ ନିର୍ବାଚନ

■ଭୋଟର ତାଲିକା ପ୍ରଦର୍ଶନ ପରେ ବଢ଼ିଲା ଚର୍ଚ୍ଚା

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ଅଞ୍ଚଳରେ ପୁଣି ନିର୍ବାଚନୀ ବିଗୁଲ୍ ବାଜିଛି। ୨୪ ତାରିଖରେ ପଞ୍ଚାୟତସ୍ତରରେ ଭୋଟର ତାଲିକା ପ୍ରଦର୍ଶନ ପରେ ଗ୍ରୀଷ୍ମ ତାତି ଭିତରେ ନିର୍ବାଚନୀ ତାତି ଆରମ୍ଭ ହୋଇଛି। ପଞ୍ଚାୟତ ନିର୍ବାଚନକୁ ଆଉ ୨ ବର୍ଷରୁ କମ୍ ସମୟ ବାକି ଥିବାବେଳେ ଖାଲି ପଡିଥିବା ୨ ସରପଞ୍ଚ, ଜିଲା ପରିଷଦ ସଭ୍ୟ ଓ ୧୭ ୱାର୍ଡ ସଭ୍ୟ ପଦବୀ ପାଇଁ ନିର୍ବାଚନ ଲାଗି ପ୍ରକ୍ରିୟା ଆରମ୍ଭ ହୋଇଛି।

ରାଜନଗର ବ୍ଲକର ୩୧ ନଂ. ଜିଲା ପରିଷଦ ସଭ୍ୟ ଅଶୋକ କୁମାର ପ୍ରତିହାରୀ କଂଗ୍ରେସ ଟିକେଟରେ ବିଧାନସଭା ନିର୍ବାଚନରେ ଲଢ଼ିବା ପାଇଁ ପଦରୁ ଇସ୍ତଫା ଦେଇଥିଲେ। ବର୍ଷେ ହେଲା ଏହି ପଦବୀ ଖାଲି ପଡ଼ିଛି। ବେଲପାଳ ଓ ବାଲିସାହିପାଟଣା ସରପଞ୍ଚ ଅନାସ୍ଥାରେ ପଦ ହରାଇଛନ୍ତି। ଏଥିସହ ନିକଟରେ ନଦୀକୁ ଡେଇଁ ଆତ୍ମହତ୍ୟା କରିଥିବା ରାଜପୁର ପଞ୍ଚାୟତର ୧୧ ନଂ. ୱାର୍ଡ ସଭ୍ୟଙ୍କ ସମେତ ୨୦୨୨ ପଞ୍ଚାୟତ ନିର୍ବାଚନରେ ସଂରକ୍ଷଣ ପାଇଁ ନିର୍ବାଚନ ହୋଇ ପାରି ନ ଥିବା ବନ୍ଧପଡ଼ାର ୮ ଓ ୧୧ ନମ୍ବର, ଓସ୍ତିଆ ପଞ୍ଚାୟତର ୧୭ ନଂ., ରାଜନଗରର ୧୦ ନଂ., ସାନବଡ଼ଗୋପାଳପୁରର ୧୨ ନଂ., କଣ୍ଡିରାର ୮ ନଂ., କୋଇଲିପୁରର ୧୨ ନଂ., ଭିତରଗଡ଼ର ୧୦ ନଂ., ବ୍ରାହ୍ମଣସାହିର ୯ ନଂ., ବାଘମାରୀର ୧ ଓ ୯ ନଂ., ଡାଙ୍ଗମାଳର ୩ ନଂ., ଘଡିଆମାଳର ୧ ଓ ୨ ନଂ., ଇଶ୍ୱରପୁରର ୯ ନଂ. ଓ ସାତଭାୟାର ୧ ନମ୍ବର ୱାର୍ଡ ସଭ୍ୟ ପଦବୀ ପାଇଁ ନିର୍ବାଚନ ହେବ। ଏହିସବୁ ପଞ୍ଚାୟତରେ ୨୪ ତାରିଖରେ ଭୋଟର ତାଲିକା ପ୍ରଦର୍ଶନ କରାଯିବା ପରେ ନିର୍ବାଚନ ହେବାର ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି କୁହାଯାଉଛି। ଜିପିଓଙ୍କ ସୂଚନା ମୁତାବକ, ୨୪ ତାରିଖରେ ଯେଉଁ ପଞ୍ଚାୟତଗୁଡିକରେ ନିର୍ବାଚନ ହେବ ସେଠାରେ ଭୋଟର ତାଲିକା ପ୍ରଦର୍ଶନ କରାଯାଇଛି। ଭୋଟର ତାଲିକାରେ କୌଣସି ତ୍ରୁଟି ଥିଲେ ୩୦ ତାରିଖ ଯାଏ ଅଭିଯୋଗ ଗ୍ରହଣ କରାଯିବ। ମେ ୬ ତାରିଖରେ ଫାଇନାଲ ଭୋଟର ତାଲିକା ପ୍ରକାଶ କରାଯିବ। ମେ ୧୬ ତାରିଖରେ ଫାଇନାଲ ଭୋଟର ତାଲିକା ରାଜ୍ୟ ନିର୍ବାଚନ କମିଶନଙ୍କ ନିକଟରେ ଦାଖଲ କରାଯିବ। ଫାଇନାଲ ଭୋଟର ତାଲିକା ଦାଖଲ ପରେ ରାଜ୍ୟ ନିର୍ବାଚନ କମିଶନ ସାରା ରାଜ୍ୟରେ ଖାଲି ପଡ଼ିଥିବା ପଦବୀ ପାଇଁ ନିର୍ବାଚନ ତାରିଖ ଘୋଷଣା କରିବେ ବୋଲି କୁହାଯାଉଛି।

# ଅଭିଯୁକ୍ତଙ୍କ ଗିରଫ ପାଇଁ ଗ୍ରାମବାସୀଙ୍କ ଦାବି

## ବଚସାରୁ ବରଯାତ୍ରୀ ଫେରୁଥିବା ବେଳେ ବାବାଜୀଙ୍କୁ ହତ୍ୟା ଘଟଣା

ରାଜକନିକା,୨୬।୪(ସଞ୍ଜୟ କୁମାର ଦାଶ)



ରାଜକନିକା ଥାନାରେ ଆଇଆଇସିଙ୍କୁ ଭେଟି ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

କେନ୍ଦ୍ରାପଡ଼ା ଜିଲା ରାଜକନିକା ଥାନା ଅଞ୍ଚଳରେ ୨୨ ତାରିଖରେ ବରଯାତ୍ରୀ ଯାଇଥିବା ମଙ୍ଗଳପୁର ଗାଁର ୨ ଜଣଙ୍କ ମଧ୍ୟରେ ବଚସାରୁ ମାର୍‌ପିଟରେ ଆହତ ହୋଇଥିବା ଜଣେ ବ୍ୟକ୍ତିଙ୍କ ୨୩ ତାରିଖରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ପୋଲିସ ଜଣଙ୍କୁ ଗିରଫ କରିଥିବାବେଳେ ଅନ୍ୟ ଜଣେ ଅଭିଯୁକ୍ତ ଫେରାର ଅଛନ୍ତି। ତାଙ୍କୁ ଗିରଫ କରିବାକୁ ଗ୍ରାମବାସୀ ପୋଲିସ ନିକଟରେ ଶନିବାର ଦାବି କରିଛନ୍ତି।

ଥାନାରେ ମୃତକଙ୍କ ସ୍ତ୍ରୀ ଝିଲି ରାଉତଙ୍କ ଅଭିଯୋଗ ମୁତାବକ, ମଙ୍ଗଳପୁର ଗାଁର ନନ୍ଦକିଶୋର ଗେରୁଙ୍କ ପୁଅଙ୍କ ବିବାହରେ ଜୟନଗର ପଞ୍ଚାୟତ ଏଣ୍ଡୁଳାପୁର ଗାଁକୁ ବାବାଜୀ ରାଉତ(୪୮) ୨୨ ତାରିଖ ରାତ୍ରିରେ ବରଯାତ୍ରୀ ଯାଇଥିଲେ। ସେହି ଗାଁର ଉତ୍ତମ ସ୍ୱାଇଁ (୩୯) ଓ ତାଙ୍କ ଭାଇ ନାରୋତ୍ତମ ସ୍ୱାଇଁ(୩୫) ମଧ୍ୟ ବରଯାତ୍ରୀରେ ଯାଇଥିଲେ। ଗାଁରୁ ସମସ୍ତେ ହସଖୁସିରେ ସାଙ୍ଗହୋଇ ବରଯାତ୍ରୀ ଯାଇଥିଲେ। ହେଲେ ଜୟନଗର ବଜାରରେ ନରୋତ୍ତମ ଗାଳିଗୁଲଜ କରୁଥିବା ଦେଖି ବାବାଜୀ ବିରୋଧ କରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ହେଲେ ବରଯାତ୍ରୀ ହୋଇ ଯାଇଥିବା ଗାଁର ଅନ୍ୟମାନେ ସେମାନଙ୍କୁ ଅଟକାଇ ଥିଲେ। ଏଣ୍ଡୁଳାପୁର କନ୍ୟାଘରେ ଖାଇପିଇ ସେମାନେ ଫେରୁଥିବାବେଳେ ଜୟନଗର ବଜାରରୁ କିଛି ଦୂରରେ ନରୋତ୍ତମ ବାବାଜୀଙ୍କ ଗାଡ଼ିକୁ ଅଟକାଇଥିଲେ। ସେଠାରେ ଉଭୟଙ୍କ ମଧ୍ୟରେ ମାର୍‌ପିଟ ହୋଇଥିଲା। ଏହି ସମୟରେ ନରୋତ୍ତମଙ୍କ ବଡ଼ଭାଇ ଉତ୍ତମ ପହଞ୍ଚି ବାବାଜୀଙ୍କୁ ବାଉଁଶ ବତାରେ ମାଡ଼ ମାରିଥିଲେ ବୋଲି ସ୍ତ୍ରୀ ଝିଲିଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ସେଠାରେ ବାବାଜୀଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଥିଲା। ସେ ଚେତାଶୂନ୍ୟ ହୋଇଯାଇଥିଲେ। ବରଯାତ୍ରୀରୁ ଫେରୁଥିବା ବାବାଜୀଙ୍କ ପୁଅ ଓ ଗାଁର କେତେଜଣ ଲୋକ ତାଙ୍କୁ ପ୍ରଥମେ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ଡାକ୍ତର ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରିଥିଲେ। ୨୩ ତାରିଖରେ ବାବାଜୀଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ବାବାଜୀଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ନେଇ ପରିବାର ପକ୍ଷରୁ ଅଭିଯୋଗ କରାଯାଇଥିଲା। ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ.୨୬୧/୨୫ରେ ମାମଲା ରୁଜୁକରି ଅଭିଯୁକ୍ତ ଉତ୍ତମ ସ୍ୱାଇଁଙ୍କୁ ଗିରଫ କରିଥିଲା। ହେଲେ ସାନଭାଇ ଫେରାର ଅଛନ୍ତି। ଶନିବାର ପଚରାଉଚରା ପାଇଁ ନରୋତ୍ତମଙ୍କ ସ୍ତ୍ରୀଙ୍କୁ ପୋଲିସ ଥାନାକୁ ଆଣିଥିଲା। ପୋଲିସ ଘଟଣାର ଅଧିକ ତଦନ୍ତ ଚଳାଇଥିବା ଆଇଆଇସି ସଞ୍ଜୟ କୁମାର ମଲ୍ଲିକ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଘଟଣାକୁ ୫ ଦିନ ବିତିଯାଇଥିଲେ ବି ଫେରାର ନରୋତ୍ତମଙ୍କୁ ପୋଲିସ ଧରିବାରେ ସକ୍ଷମ ହୋଇ ନ ଥିବାରୁ ଶନିବାର ମଙ୍ଗଳପୁର ଗ୍ରାମବାସୀ ଥାନାକୁ ଆସି ଆଇଆଇସିଙ୍କ ସହ ଆଲୋଚନା କରିଛନ୍ତି।

## ସଂକ୍ଷେପରେ

### ଟ୍ରେନରେ କଟି ଯୁବକ ମୃତ

ସୋରଡା,୨୬।୪ (ରଜନୀ ମହାପାତ୍ର)
କେରଳର ତ୍ରିଶୁର ଜିଲା ତ୍ରିଶୁର ରେଳ ଷ୍ଟେସନରୁ ୨ କି.ମି. ଦୂର ରେଳ ଲାଇନରେ କଟି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଗଞ୍ଜାମ ଜିଲା ସୋରଡ଼ା ବ୍ଲକ୍ ବଡ଼ଗଡ଼ ଥାନା ଗୌଡ଼ଗୋଠ ଗ୍ରାମର ଗୋବିନ୍ଦ ନାଇକ (୩୨)। ପରିବାର ଚଳାଇବା ପାଇଁ ଗୋବିନ୍ଦ କେରଳର ଏର୍ନାକୁଲାମ ଜିଲା ସିଲଟସ୍ଥିତ ହୋଟେଲରେ ରହି କାମ କରୁଥିଲେ। ଶନିବାର ଗୋବିନ୍ଦ ବଡଭାଇ ସୁନୀଲଙ୍କୁ ଭେଟିବାକୁ ଟ୍ରେନରେ ତ୍ରିଶୂରକୁ ଆସୁଥିଲେ। ମାତ୍ର ମଧ୍ୟାହ୍ନ ୧୨ଟାରେ ତ୍ରିଶୂର ରେଳ ଷ୍ଟେସନରୁ ୨ କି.ମି. ଦୂରରେ ଗୋବିନ୍ଦଙ୍କ ମୃତଦେହ ପଡିଥିବା ଦେଖିବାକୁ ମିଳିଥିଲା। ସେ କିପରି ଟ୍ରେନରୁ ପଡିଗଲେ ସ୍ପଷ୍ଟ ହୋଇନାହିଁ। ଶୁକ୍ରବାର ତ୍ରିଶୁରା ଦୟା ଜେନେରାଲ ହସ୍ପିଟାଲର ମୃତଦେହ ବ୍ୟବଚ୍ଛେଦ ପରେ ଭାଇ ସୁନୀଲ ଓ କେତେ ଜଣ ବନ୍ଧୁଙ୍କ ସହାୟତାରେ ମୃତଦେହ ଗୌଡଗୋଠ ଗ୍ରାମକୁ ଅଣାଯାଇଛି।

### କୁଲାଡ଼ ବ୍ୟାଘ୍ରଦେବୀ ମନ୍ଦିରରୁ ଚୋରି

ଭଞ୍ଜନଗର,୨୬।୪(ବାବୁଲା ପ୍ରଧାନ)
ଗଞ୍ଜାମ ଜିଲା ଭଞ୍ଜନଗର ଥାନା ଅନ୍ତର୍ଗତ କୁଲାଡ଼ ବ୍ୟାଘ୍ରଦେବୀ ମନ୍ଦିରରୁ ଶୁକ୍ରବାର ରାତିରେ ଚୋରି ହୋଇଛି। ଦେବୀଙ୍କ ୩୫ଟି ରୁପା ଆଖି, ୩ଟି ସୁନା ଚିତା, ୨ଟି ରୁପା ଭୂଲତା ଚୋରି ହୋଇଛି। ଏହି ଅଳଙ୍କାରଗୁଡ଼ିକର ମୂଲ୍ୟ ପ୍ରାୟ ଦେଢ଼ ଲକ୍ଷ ଟଙ୍କା ହେବ। ତେବେ ଦୁର୍ବୃତ୍ତମାନେ ଆହୁରି ଅନେକ ଅଳଙ୍କାର ନେଇ ନ ପାରି ଛାଡ଼ି ଚାଲି ଯାଇଛନ୍ତି। ୪ ଜଣ ଦୁର୍ବୃତ୍ତ ଶୁକ୍ରବାର ରାତି ୩ଟାରେ ମନ୍ଦିରରେ ମୁଖା ପିନ୍ଧି ପଶି ପ୍ରଥମେ ଲାଗିଥିବା ସିସି କ୍ୟାମେରାକୁ ଉପରକୁ କରିଦେଇଥିଲେ। ପରେ ଠାକୁରଘର କବାଟ ଭାଙ୍ଗି ଅଳଙ୍କାର ଚୋରି କରିନେଇଥିବା ଜଣାପଡ଼ିଛି। ଖବର ପାଇ ଭଞ୍ଜନଗର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ଜିଲା ପ୍ରଶାସନ ପକ୍ଷରୁ ଜୟନ୍ତୀ

ଛତ୍ରପୁର,୨୬।୪ (ସନ୍ତୋଷ ପାଢ଼ୀ/ଦିଲୀପ ସାମଲ):
ଛତ୍ରପୁରରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜିଲାସ୍ତରୀୟ ଜୟନ୍ତୀ ପାଳିତ ହୋଇଛି । ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣଦେବଙ୍କ ଉପରେ ଏକ ଆଲୋଚନାଚକ୍ର ହୋଇଥିଲା। ଉପ ନିର୍ଦ୍ଦେଶକ ରବି ନାରାୟଣ ବେହେରା ଅତିଥି ପରିଚୟ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଛତ୍ରପୁରର ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀ ଯୋଗଦେଇ ଓଡିଶାରେ ଶିକ୍ଷାର ବିକାଶ ନିମନ୍ତେ କୃଷ୍ଣ ଚନ୍ଦ୍ର ଗଜପତି ନରାୟଣଦେବଙ୍କ ଅବଦାନ ଅତୁଳନୀୟବୋଲି କହିଥିଲେ। ଅନ୍ୟତମ ଅତିଥି ବରିଷ୍ଠ ଆଇନଜୀବୀ ବ୍ରଜ ମୋହନ ଆଚାର୍ଯ୍ୟ ଛତ୍ରପୁରରେକୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଏକ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଜିଲା ପ୍ରଶାସନକ ପ୍ରସ୍ତାବ ଦେଇଥିଲେ ।

# କଲେଜ ପରିଚାଳନା କମିଟି ପୁନର୍ଗଠନରେ ମନମାନି

■ଆନ୍ଦୋଳନର ଧମକ
■ମୁଖ୍ୟମନ୍ତ୍ରୀ, ଏମ୍‌ପିଙ୍କୁ ସ୍ମାରକପତ୍ର

ରଣପୁର/ନୟାଗଡ଼,୨୬।୪(ସୁକାନ୍ତ କିଶୋର ଡାକୁଆ/ଲୋକନାଥ ମିଶ୍ର)
ନୟାଗଡ଼ ଜିଲା ରଣପୁର ବ୍ଲକ ଅଧୀନରେ ଥିବା ରାଜସୁନାଖଳା ମହାବିଦ୍ୟାଳୟ ପରିଚାଳନା କମିଟି ଗଠନକୁ ବିବାଦ ତେଜିବାରେ ଲାଗିଛି । କଲେଜ କର୍ତ୍ତୃପକ୍ଷଙ୍କ ମନମାନି ପ୍ରତିବାଦରେ ମୁଖ୍ୟମନ୍ତ୍ରୀ ଓ ଏମ୍‌ପିଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏହି ବିବାଦର ସମାଧାନ ନ ହେଲେ ଆନ୍ଦୋଳାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଧମକ ଦିଆଯାଇଛି ।




ନୟାଗଡ଼ ଜିଲା ରଣପୁର ବ୍ଲକ ରାଜସୁନାଖଳା କଲେଜରେ ପରିଚାଳନା କମିଟି ଗଠନକୁ ନେଇ ଏଭଳି ବିବାଦ ସୃଷ୍ଟି ହୋଇଛି । ମହାବିଦ୍ୟାଳୟ ପ୍ରତିଷ୍ଠା ଦିନଠାରୁ ଅଦ୍ୟାବଧି ଏଭଳି ଅବ୍ୟବସ୍ଥା ଚାଲିଛି ବୋଲି ଅଭିଯୋଗ କରିଛନ୍ତି ସ୍ଥାନୀୟ ବୁଦ୍ଧିଜୀବୀ ଏବଂ ପ୍ରାକ୍ତନ ଛାତ୍ର ନେତା । ଗତ ଫେବୃଆରୀରେ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶାନୁସାରେ ନୟାଗଡ଼ ଉପଜିଲ୍ଲାପାଳଙ୍କ ଚିଠି ନଂ.୪୯୦ ତାରିଖ ୧୧।୨।୨୫ରେ ରାଜସୁନାଖଳା ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ପରିଚାଳନା କମିଟି ପୁର୍ନଗଠନ ଓ କେତେଜଣ ବ୍ୟକ୍ତିଙ୍କ ନାମ ସୁପାରିଶ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ତେବେ ରାଜ୍ୟ ସରକାରଙ୍କ ଗାଇଡ୍‌ଲାଇନ ଅନୁସାରେ ଅବସରପ୍ରାପ୍ତ ସ୍ଥାନୀୟ ଅଧ୍ୟାପକ, ଶିକ୍ଷାବିତ୍, ପରିଚାଳନା କମିଟି ସଭାପତି ଭାବେ ମନୋନୀତ ହୋଇପାରିବେ । ମାତ୍ର ରାଜସୁନାଖଳା କଲେଜ ଅଧ୍ୟକ୍ଷ ଭୁବନେଶ୍ୱରରେ ରହୁଥିବା ଶିବପ୍ରସାଦ ମିଶ୍ରଙ୍କ ନାମ ସୁପାରିଶ କରିଥିବା ବେଳେ ରାଜସୁନାଖଳା ସରପଞ୍ଚ ଚିତ୍ତରଞ୍ଜନ ପ୍ରଧାନ ଏବଂ ୧୧୨ ପିସିଆର ଚାଳକ ସୁଶାନ୍ତ ବେହେରାଙ୍କ ନାମ ସୁପାରିଶ କରିଛନ୍ତି । ଏ କଥା ସାମ୍ନାକୁ ଆସିବା ପରେ ସ୍ଥାନୀୟ ବୁଦ୍ଧିଜୀବୀ, ଶିକ୍ଷାବିତ୍, ପ୍ରାକ୍ତନ ଛାତ୍ରନେତା ତଥା ସ୍ଥାନୀୟ ଅଧିବାସୀ ଏହାର ପ୍ରତିବାଦ କରିଥିଲେ । ସେମାନେ ନୟାଗଡ଼ ଜିଲାପାଳ, ଉଚ୍ଚ ଶିକ୍ଷାମନ୍ତ୍ରୀ, ଉଚ୍ଚ ଶିକ୍ଷା ଆଞ୍ଚଳିକ ନିର୍ଦ୍ଦେଶକ, ମୁଖ୍ୟମନ୍ତ୍ରୀ ତଥା ପୁରୀ ଏମ୍‌ପି ସମ୍ବିତ ପାତ୍ରଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ରାଜନୈତିକ ଚାପରେ ଉଦ୍ଦେଶ୍ୟମୂଳକ ଭାବେ ଏପରି କରାଯାଇଛି । ଆଗାମୀ ଦିନରେ ଏନେଇ ଆନ୍ଦୋଳନ ହେବ ବୋଲି ସ୍ମାରକପତ୍ରରେ ସ୍ଥାନୀୟ ଛାତ୍ର ନେତା ସହିତ ସାଧାରଣ ଚେତାବନୀ ଦେଇଛନ୍ତି । ଏନେଇ କଲେଜ ଅଧ୍ୟକ୍ଷ ଜିତେନ୍ଦ୍ର କୁମାର ମହାନ୍ତିଙ୍କ ସହ ଯୋଗାଯୋଗ କରାଯାଇ ଥିଲା । ହେଲେ ସେ ଫୋନ ନ ଉଠାଇବାରୁ ତାଙ୍କ ମତାମତ ମିଳିପାରିନାହିଁ।

# ପଦ ଫେରି ପାଇଲେ ରଙ୍କଦେଉଳି ସରପଞ୍ଚ

ନୟାଗଡ଼,୨୬।୪(ଲୋକନାଥ ମିଶ୍ର):
ଲେଖା ପଢ଼ା ଜାଣି ନ ଥିବା ଅଭିଯୋଗରେ ଅଯୋଗ୍ୟ ଘୋଷିତ ହୋଇଥିବା ନୟାଗଡ଼ ଜିଲା ରଣପୁର ବ୍ଲକ ରଙ୍କଦେଉଳି ପଞ୍ଚାୟତର ସରପଞ୍ଚ ମଞ୍ଜୁଲତା ସ୍ୱାଇଁ ପୁଣି ଥରେ ସରପଞ୍ଚ ପଦବୀ ଫେରି ପାଇଛନ୍ତି । ନିର୍ବାଚନୀ ଅପିଲ ମାମଲାର ବିଚାର କରି ନୟାଗଡ଼ ଅତିରିକ୍ତ ଜିଲା ଜଜ ରିଜା ରାୟ ଶୁକ୍ରବାର ତଳକୋର୍ଟର ରାୟକୁ ଅସିଦ୍ଧ ଘୋଷଣା କରିଛନ୍ତି । ଏହାପରେ ମଞ୍ଜୁଲତା ସ୍ୱାଇଁ ପୁଣି ଥରେ ସରପଞ୍ଚ ଭାବେ କାମ କରିବା ପାଇଁ ପଥ ପରିଷ୍କାର ହୋଇଛି । ଅଭିଯୋଗ ଅନୁଯାୟୀ, ୨୦୨୨ ପଞ୍ଚାୟତ ନିର୍ବାଚନରେ ବାଦଭୂଇଁର ମଞ୍ଜୁଲତା ସ୍ୱାଇଁ ସରପଞ୍ଚ ଭାବେ ନିର୍ବାଚନରେ ବିଜୟୀ ହୋଇଥିଲେ। ତେବେ ମଞ୍ଜୁଲତା ଓଡିଆ ଲେଖା ପଢ଼ା ଜାଣି ନ ଥିବା ନେଇ ପ୍ରତିପକ୍ଷ ପ୍ରାର୍ଥୀ ବାଦଭୂଇଁର ପ୍ରତିମା ସ୍ୱାଇଁ ୪/୨୨ରେ ନିର୍ବାଚନୀ ମିସ୍ କେଶ୍ ରଣପୁରର ଅତିରିକ୍ତ ସିଭିଲ ଜଜ କନିଷ୍ଠ ବିଭାଗ ଅଦାଲତରେ କରିଥିଲେ । ଅତିରିକ୍ତ ସିଭିଲ ଜଜ କନିଷ୍ଠ ବିଭାଗ ଅଦାଲତ ୨୦୨୪ରେ ଏହାର ବିଚାର କରି ସରପଞ୍ଚ ମଞ୍ଜୁଲତା ସ୍ୱାଇଁଙ୍କୁ ଅଯୋଗ୍ୟ ଘୋଷଣା କରିଥିଲେ। ଏଣୁ ମଞ୍ଜୁଲତା ପଦ ହରାଇଥିଲେ । ପଦ ହରାଇବା ପରେ ମଞ୍ଜୁଲତା ତଳ କୋର୍ଟଙ୍କ ରାୟ ବିରୋଧରେ ଜିଲା ଜଜଙ୍କ କୋର୍ଟରେ ୩/୨୪ରେ ନିର୍ବାଚନୀ ଅପିଲ ଦାୟର କରିଥିଲେ । ଜିଲା ଜଜ ଅପିଲଙ୍କୁ ଗ୍ରହଣ କରି ବିଚାର ପାଇଁ ଅତିରିକ୍ତ ଜିଲା ଜଜଙ୍କ କୋର୍ଟକୁ ପଠାଇଥିଲେ । ଅତିରିକ୍ତ ଜିଲା ଜଜ ଏହାର ବିଚାର ଗତ ଶୁକ୍ରବାର କରିଥିବା ମଞ୍ଜୁଲତାଙ୍କ ଆଇନଜୀବୀ ଅରୁଣ କୁମାର ମହାପାତ୍ର(ଖ) ସୂଚନା ଦେଇଛନ୍ତି ।

# ନବନିର୍ମିତ କଲେଜ ରାସ୍ତା ଏବେ ବିପଦ ଶଙ୍କୁଳ

## ନବୀକରଣ ପାଇଁ କଲେଜ କର୍ତ୍ତୃପକ୍ଷଙ୍କ ଦାବି



କଲେଜକୁ ପଡିଥିବା ରାସ୍ତାରୁ ଗୋଡି ଉଠିଯାଇଛି ।

ଖଣ୍ଡପଡ଼ା,୨୬।୪(ଅଜୟ କୁମାର ମହାରଣା)
ଖଣ୍ଡପଡ଼ା ବ୍ଲକ୍ ଅଧୀନ କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟକୁ ମାଳବନ୍ଧରୁ କଲେଜକୁ ଯାତାୟତ ନିମନ୍ତେ ରହିଥିବା ଗଡ଼ା ରାସ୍ତାକୁ ପ୍ରଶସ୍ତିକରଣ କରାଯାଇଥିଲା । ହେଲେ ଠିକ ଭାବେ ପିଚୁ କରାଯାଇ ସମତୁଲ କରାଯାଇ ନ ଥିବାରୁ ତାହା ଏବେ ବିପଦ ଶଙ୍କୁଳ ପାଲଟିଛି।

ମାର୍ଚ୍ଚ ୨୪ରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶ୍ରୀ ନୀଳମାଧବଜୀଉଙ୍କ ଦର୍ଶନରେ ଆସିଥିଲେ । ତାଙ୍କର ସୁରକ୍ଷାକୁ ଦୃଷ୍ଟିରେ ରଖି ୩ ବାୟୁସେନା ବିମାନ ପାଇଁ କଣ୍ଟିଲୋ ପଲଟନ ପଡ଼ିଆଠାରେ ୩ଟି ଓ ନୀଳମାଧବ ମହାବିଦ୍ୟାଳୟ, କଣ୍ଟିଲୋ ଖେଳପଡ଼ିଆଠାରେ ୨ଟି ଅସ୍ଥାୟୀ ହେଲିପ୍ୟାଡ ନିର୍ମାଣ କରାଯାଇଥିଲା । ଏ ପରିପ୍ରେକ୍ଷୀରେ କଲେଜ ପରିସରକୁ ବିଭିନ୍ନ ଯାନବାହନ ଯାତାୟତ ପାଇଁ କଣ୍ଟିଲୋ-ବାଣପୁର ମୁଖ୍ୟ ପୂର୍ତ୍ତ ବିଭାଗ ରାସ୍ତା(ମାଳବନ୍ଧ)ରୁ କଲେଜ ପରିସରକୁ ଯିବା ପାଇଁ ପୂର୍ବରୁ ଅଣ ଓସାରିଆ ଗଡ଼ା ରାସ୍ତା ଥିଲା । ପୂର୍ତ୍ତ ବିଭାଗ ପକ୍ଷରୁ ଉକ୍ତ ରାସ୍ତାକୁ ପ୍ରଶସ୍ତିକରଣ କରାଯାଇ ମେଟାଲ ମୋରୁମ ପକାଯାଇ ଯାନବାହନ ଚଳାଚଳର ତ୍ୱରିତ ବ୍ୟବସ୍ଥା କରାଯାଇଥିଲା । ଏହି ରାସ୍ତା ସମ୍ପ୍ରସାରଣ ହେବା ଦ୍ୱାରା ଛାତ୍ରୀଛାତ୍ର ତଥା କଲେଜ କର୍ମଚାରୀମାନଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଥିଲା । ତେବେ ଅଳ୍ପଦିନ ମଧ୍ୟରେ ସେହି ରାସ୍ତା ବିପଦସଙ୍କୁଳ ହୋଇପଡ଼ିଛି । ସଂପୃକ୍ତ ଗଡ଼ା ରାସ୍ତାରେ ଯାତାୟତ ସମୟରେ ଟିକେ ଅସାବଧାନ ହେଲେ ଛାତ୍ରୀଛାତ୍ରମାନେ ପଡି ଦୁର୍ଘଟଣାର ସମ୍ମୁଖୀନ ହେଉଥିବା କଲେଜ ଅଧ୍ୟକ୍ଷ ରଣଜିତ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି । ସେ ଏ ସଂକ୍ରାନ୍ତରେ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଏ ସମ୍ପର୍କରେ ଖଣ୍ଡପଡ଼ା ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ.ରାଧେଶ୍ୟାମ କାଳୋଙ୍କ ସହ ଯୋଗାଯୋଗ କରାଯାଇଥିଲା । ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ଗଡ଼ା ରାସ୍ତାକୁ ପ୍ରଶସ୍ତୀକରଣ କରାଯାଇଥିଲା । ସୁରକ୍ଷିତ ଯାତାୟତ ପାଇଁ ଖୁବଶୀଘ୍ର ସେହିର ରାସ୍ତା ମରାମତି ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

# ବଜ୍ରପାତରେ ମହିଳା ଗୁରୁତର

ଗଣିଆ,୨୬।୪
(ସନ୍ତୋଷ କୁମାର ପ୍ରଧାନ):
ଗଣିଆ ବ୍ଲକ ବେଲପଡ଼ା ପାଟଣା ପଞ୍ଚାୟତ ବିଜୟ ନଗର ଗ୍ରାମରେ ଶନିବାର ଅପରାହ୍ନରେ ହଠାତ୍ ବର୍ଷା ପବନ ସହ ବଜ୍ରପାତ ଘଟି ଜଣେ ମହିଳା ଗୁରୁତର ହୋଇଛନ୍ତି। ଆହତ ମହିଳା ଜଣକ ହେଲେ ଅହଲ୍ୟା ମଲିକ (୨୮)। ସେ ଘର ପଛ ପଟେ ବାସନ ମାଜୁଥିବା ବେଳେ ବଜ୍ରପାତ ହୋଇଥିଲା। ଏଥବରେ ଅହଲ୍ୟା ଗୁରୁତର ହୋଇଥିଲେ । ତାଙ୍କୁ ପରିବାର ଲୋକେ ପ୍ରଥମେ ଗଣିଆ ଗୋଷ୍ଠୀ ସାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପରେ ତାଙ୍କୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି ।

# ଆଦିବାସୀ ହିତାଧିକାରୀଙ୍କୁ ନିରାଶ କଲା ପ୍ରଶାସନ

ଶରଣକୁଳ,୨୬।୪(ଦୀପକ କର):
ଆବାସ ଯୋଜନାରେ ଘର ମିଳିବ ବୋଲି ବଡ ଆଶା ଥିଲା । କିଛି ବର୍ଷ ପରେ ଆବାସ ଯୋଜନା ପାଇଁ ଘୋଷଣା କରାଗଲା । ଏଥିରେ ହିତାଧିକାରୀମାନେ ଖୁସି ହେଲେ। ସରକାର ଆମ ଦୁଃଖ ବୁଝିଲେ ଓ ସରକାରୀ ଯୋଜନାରେ ଆମକୁ ସାମିଲ କଲେ ବୋଲି ଭାବିଲୁ । ଏହାପରେ ସରକାରୀ ବାବୁମାନେ ଘରକୁ ଆସି ତଦନ୍ତ କରି ଗଲେ ଓ ଘର ତିଆରି କରିବାକୁ ନିର୍ଦ୍ଦେଶ ଦେଲେ । କିନ୍ତୁ ପାଣି ଫୋଟକା ପରି ସବୁ କିଛି ବିଗିଡି ଗଲା । ଘର ସମ୍ପୂର୍ଣ୍ଣ ହୋଇଥିଲେ ମଧ ପ୍ରଥମ କିସ୍ତି ଦେଇ କାମ ସାରିଦେଇଛି ପ୍ରଶାସନ । ଶରଣକୁଳ କଜଲାଇପଲ୍ଲି ପଞ୍ଚାୟତ ଗୋଛା ଗ୍ରାମର ଆଦିବାସୀଙ୍କ କ୍ଷେତ୍ରରେ ଏଭଳି ଚିତ୍ର ଦେଖିବାକୁ ମିଳିଛି।

ସୂଚନା ଅନୁଯାୟୀ, ଦାରିଦ୍ର୍ୟ ସୀମାରେଖା ତଳେ ବସବାସ କରୁଥିବା ଲୋକଙ୍କୁ ଅଗ୍ରାଧିକାର ଭିତ୍ତିରେ ଆବାସ ଯୋଜନାରେ ସାମିଲ କରିବାକୁ ସରକାର ଯୋଜନା କାର୍ଯ୍ୟକାରୀ କରିଛନ୍ତି । କିନ୍ତୁ କେତେକ କ୍ଷେତ୍ରରେ ଏହି ଯୋଜନାର ସଫଳ ରୂପାୟନ ହୋଇପାରୁନାହିଁ । ଗୋଛା ଗ୍ରାମର ସୁରେନ୍ଦ୍ର ପ୍ରଧାନଙ୍କ ସ୍ତ୍ରୀ ଭାସି ଦେଇ ଓ କପିଳ ପ୍ରଧାନଙ୍କ ସ୍ତ୍ରୀ ଦୂର ଦେଇଙ୍କ କ୍ଷେତ୍ରରେ ଏଭଳି ସମସ୍ୟା ଦେଖିବାକୁ ମିଳିଛି । ୨୦୧୫ ରେ ଉଭୟଙ୍କୁ ଆବାସ କାର୍ଯ୍ୟାଦେଶ ପ୍ରଦାନ କରିବା ପରେ ଘର ତିଆରି ହେଲା ଓ ପ୍ରଥମ କିସ୍ତି ଟଙ୍କା ଦିଆଗଲା । ୨ ପରିବାର ଧାର, କରଜ କରି ଘର ଶେଷ କଲେ । ଏହାପରେ ଆବାସ ଟଙ୍କା ନ ଦେଇ ଦିନ ପରେ ଦିନ ଗଡ଼ାଇ ଚାଲିଲେ । ଏବେ ୨ ପରିବାର ଆବାସ ଟଙ୍କା ନ ପାଇ ଋଣରେ ବୁଡ଼ିଛନ୍ତି । ଆବାସ ଟଙ୍କା ପାଇବାକୁ ବାରମ୍ବାର ବ୍ଲକ୍ ଧାଇଁ ଥିଲେ ମଧ କେହି କର୍ଣ୍ଣପାତ କରିନାହାଁନ୍ତି । ଇତିମଧ୍ୟରେ ୧୦ ବର୍ଷ ବିତିବାକୁ ବସିଲାଣି କିନ୍ତୁ ସେମାନଙ୍କୁ ଅପେକ୍ଷା କରିବାକୁ ପଡ଼ିଛି । ପ୍ରଶାସନ ଆଦିବାସୀଙ୍କ ସହ କାହିଁକି ଖେଳ ଖେଳିଲା ବୋଲି ସେମାନେ ପ୍ରଶ୍ନ ଉଠାଇଛନ୍ତି । ତୁରନ୍ତ ଉଭୟ ପରିବାରଙ୍କ ଟଙ୍କା ପ୍ରଦାନ କରିବାକୁ ଦାବି ହୋଇଛି। ଏହି ଘଟଣାରେ ବିଡିଓ କହିଛନ୍ତି ହିତାଧିକାରୀ ପାଇଥିବା କାର୍ଯ୍ୟାଦେଶ ମୋ ପାଖକୁ ନେଇ ଆସିଲେ କ'ଣ ହେଇପାରିବ ସେ ସଂକ୍ରାନ୍ତରେ ମୁଁ ପରାମର୍ଶ ଦେଇପାରିବି।

# ରଣପୁର ରୟାଲ ଟିମ୍ ଚାମ୍ପିୟନ

## ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ

ଓଡ଼ଗାଁ,୨୬।୪(ଆଦର୍ଶ କୁମାର ପଟ୍ଟନାୟକ):
ନୟାଗଡ଼ ଜିଲା ଓଡ଼ଗାଁ ମିନି ଷ୍ଟାଡିୟମଠାରେ ନୟାଗଡ଼ ଜିଲା ଆନ୍ତଃ ତହସିଲସ୍ତରୀୟ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ୨୦୨୫ର ଫାଇନାଲ ମ୍ୟାଚ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗଣିଆ ଜ୍ୟାଣ୍ଟସ(ତହସିଲ)କୁ ହରାଇ ରଣପୁର ରୟାଲ (ତହସିଲ) ଚମ୍ପିୟାନ ଟ୍ରଫି ହାସଲ କରିଛି । ଫାଇନାଲ ମ୍ୟାଚରେ ଗଣିଆ ଜ୍ୟାଣ୍ଟସ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୬ ଉଇକେଟ ବିନିମୟରେ ୫୭ ରନ ସଂଗ୍ରହ କରିଥିଲା । ପ୍ରତିପକ୍ଷ ରଣପୁର ବ୍ୟାଟିଂ କରିବାକୁ ଯାଇ ପ୍ରଥମ ପର୍ଯ୍ୟାୟରେ ବିପର୍ଯ୍ୟୟର ଶିକାର ହୋଇଥିଲା। ହେଲେ ୮ ଓଭର ବେଳକୁ ୬ ଉଇକେଟ ହରାଇ ଦଳୀୟ ରନ ୧୭ରେ ସୀମିତ ରହିଥିଲା ବେଳେ ରଣପୁର ଦଳ ଗୋଟିଏ ନୋ ବଲରୁ ଏକକାଳୀନ ୫ ରନ ସଂଗ୍ରହ କରିବାରୁ ଖେଳର ଗତି ବଦଳି ଯାଇଥିଲା । ଫଳରେ ଗଣିଆ ବିଜୟ ଲକ୍ଷ୍ୟ ବିଫଳ ହୋଇଥିବା ବେଳେ ରଣପୁର ୫୮ ରନ ସଂଗ୍ରହ କରି ଚମ୍ପିୟାନ ଟ୍ରଫି ହାସଲ କରିଥିଲା ।


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି ।

ଆୟୋଜକ ଓଡ଼ଗାଁ ଦଳର କ୍ୟାପଟେନ ତଥା ତହସିଲଦାର ଡ.ମାନସ ରଞ୍ଜନ ଭୋଇ ବିଜୟୀ ଦଳକୁ ଚମ୍ପିୟାନ ଟ୍ରଫି ପ୍ରଦାନ କରିଥିବା ବେଳେ ଦଶପଲ୍ଲା ତହସିଲଦାର ସ୍ମୃତିରଞ୍ଜନ ଶତପଥୀ ଗଣିଆ ଟିମକୁ ରନର୍ସଅପ୍ ଟ୍ରଫି ପ୍ରଦାନ କରିଥିଲେ। ଗଣିଆ ତହସିଲଦାର ପ୍ରୀତିବାଳା ରଣା, ରଣପୁର ତହସିଲଦାର ଆର୍ଯ୍ୟ ପ୍ରକାଶ ସର୍ବଦମନ ଚମ୍ପିୟାନ ଦଳର ଶୁଭାଶିଷ ନାୟକଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଏବଂ ରନର୍ସଅପ୍ ଦଳର ସୁଶାନ୍ତ କୁମାର ନାୟକଙ୍କୁ ମ୍ୟାନ ଅଫ୍ ଦି ସିରିଜ ପୁରସ୍କାର ଦେଇଥିଲେ। ରାମେଶ୍ୱର ସାହୁ ଏବଂ ଉମାକାନ୍ତ ମହାପାତ୍ର ଖେଳ ପରିଚାଳନା କରିଥିଲେ। ରଘୁନାଥ ଆଥଲେଟିକ ଆସୋସିଏଶନର ସମ୍ପାଦକ ତଥା ଖେଳ ମଣିଷ ଦିବାକର ନାୟକ ଧାରା ବିବରଣୀ ପ୍ରଦାନ କରିଥିଲେ । ଓଡ଼ଗାଁ ଅତିରିକ୍ତ ତହସିଲଦାର ଜି ଶ୍ରୀନୁ, ଓଡ଼ଗାଁ ଏନଏସି କନିଷ୍ଠ ଯନ୍ତ୍ରୀ ସତ୍ୟନାରାୟଣ ସାହୁ ପ୍ରମୁଖ ଆୟୋଜନରେ ପ୍ରମୁଖ ସହଯୋଗ କରିଥିଲେ। ସୂଚନାଯୋଗ୍ୟ ଜିଲା ତହସିଲସ୍ତରୀୟ ଅନ୍ୟ ଟୁର୍ନାମେଣ୍ଟ ଜିଲାର ବିଭିନ୍ନ ତହସିଲରେ ଅନୁଷ୍ଠିତ ହୋଇଥିବା ବେଳେ ଫାଇନାଲ ଟୁର୍ନାମେଣ୍ଟ ଓଡ଼ଗାଁ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିଲା ।

# କୋଠଘର ନିର୍ମାଣକୁ ନେଇ ଉତ୍ତେଜନା

ନୟାଗଡ଼,୨୬।୪(ଲୋକନାଥ ମିଶ୍ର):
ନୟାଗଡ଼ ଜିଲା ଇଟାମାଟି ଥାନା କେନ୍ଦୁଢ଼ିପି ଗାଁରେ କୋଠଘର ନିର୍ମାଣକୁ ନେଇ ଉତ୍ତେଜନା ବଢ଼ିବାରେ ଲାଗିଛି। କୋଠଘର ନିର୍ମାଣକୁ ନେଇ ବିବାଦ ଦେଖାଦେବା ପରେ ଗତବର୍ଷ ଇଟାମାଟି ଥାନା ପୋଲିସ ଏକ ମାମଲା(ନଂ.୧୦୭/୨୪) ରୁଜୁ କରିଥିଲା। ତେବେ ସମାଧାନର ନିର୍ଯାସ ବାହାରୁ ନ ଥିବାରୁ ଉତ୍ତେଜନା ବଢ଼ି ଚାଲିଛି। ଗ୍ରାମର କିଶୋର ଚନ୍ଦ୍ର ପଣ୍ଡା ଓ ନିଆଶା ବାଣ୍ଡଙ୍କ ଅଭିଯୋଗ ଅନୁସାରେ କୋଠଘର ନିର୍ମାଣ କରାଗଲେ ଘରକୁ ବାଇକ୍ ଯାଇ ପାରିବ ନାହିଁକି ଗୃହପାଳିତ ପ୍ରାଣୀ ଯାଇ ପାରିବେ ନାହିଁ । ଏପରିକି ବିବାହ, ବ୍ରତ, ଶୁଦ୍ଧଘର କରିବା ସମ୍ଭବ ହେବ ନାହିଁ । ୨ ଘରର ଅସୁବିଧାକୁ ଦେଖି କୋଠଘର ସ୍ଥାନାନ୍ତରିତ କରିବା ଦରକାର । ଏନେଇ ଅଭିଯୋଗ ପରେ ସୁଫଳ ମିଳୁ ନାହିଁ ବୋଲି କହିଛନ୍ତି । ସେପଟେ କୋଠଘର ସପକ୍ଷବାଦୀଙ୍କ ଯୁକ୍ତି ଅନୁସାରେ ଆମେ ନୂଆ କୋଠଘର ନିର୍ମାଣ କରୁ ନାହୁଁ । ପୂର୍ବେ ଯେଉଁ ସ୍ଥାନରେ କୋଠଘର ଥିଲା ସେହି କୋଠଘରକୁ ଭାଙ୍ଗି ନୂଆ କୋଠ ଘର ନିର୍ମାଣ କରିବାକୁ ଗାଁରେ ପ୍ରାୟ ୧ ବର୍ଷ ତଳେ ସହମତି ହୋଇଥିଲା । ସହମତି ଅନୁସାରେ ନୂଆ କୋଠଘର କାର୍ଯ୍ୟ ଆରମ୍ଭ ହେବାକୁ ପ୍ରୟାସ କରାଯାଇଥିଲା। କୋଠଘର କାର୍ଯ୍ୟ ଆରମ୍ଭ ପରେ ୧୦ ରୁ ୧୨ ପରିବାର ଏହାକୁ ବିରୋଧ କଲେ । ୨୦ରୁ ଉର୍ଦ୍ଧ୍ୱ ପରିବାର ପୁରୁଣା କୋଠଘର ସ୍ଥାନରେ ନୂଆ କୋଠଘର କରିବାକୁ ଉଦ୍ୟମ ଜାରି ରଖିଛନ୍ତି । ଏବେ ଅସ୍ଥାୟୀ କୋଠଘର ରହିଛି । ବିବାଦ ଲାଗି ରହିଥିବା କଥାକୁ ସ୍ୱୀକାର କରିଛନ୍ତି ।

# କୁମ୍ଭାରପଡ଼ା,ଶୋଷ ମେଣ୍ଟାଇ ପାରୁନାହିଁ ପ୍ରକଳ୍ପ ପାଣି


ପାଣିପାଇଁ ଅପେକ୍ଷା କରିଥିବା ଗ୍ରାମବାସୀ ।

ଖଣ୍ଡପଡ଼ା,୨୬।୪(ଅଜୟ କୁମାର ମହାରଣା)
ଖଣ୍ଡପଡ଼ା ବ୍ଲକ୍ ଅଧୀନ କୁମ୍ଭାରପଡ଼ା ପଞ୍ଚାୟତ ଅଞ୍ଚଳରେ ଚଳିତ ବର୍ଷ ପାନୀୟ ଜଳର ଉତ୍କଟ ସମସ୍ୟା ପରିଲକ୍ଷିତ ହୋଇଛି। ସମ୍ପ୍ରତି ଗ୍ରୀଷ୍ମ ପ୍ରବାହ ସମୟରେ ଭୂତଳ ଜଳସ୍ତର ହ୍ରାସ ପାଉଥିବା ବେଳେ ନିକଟସ୍ଥ କୁଆଁରିଆ ନଦୀ ଏବେ ଶୁଖିଲା ପଡିଛି। ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ନଦୀ ନିକଟବର୍ତ୍ତୀ ବଡସାହିରେ ପ୍ରତିଷ୍ଠା ହୋଇଥିବା ପାନୀୟ ଜଳ ପ୍ରକଳ୍ପରୁ ପାଇପ୍ ଲାଇନରେ ଯୋଗାଇ ଦିଆଯାଉଥିବା ପାଣି ଅଞ୍ଚଳବାସୀଙ୍କ ଆବଶ୍ୟକତାକୁ ମେଣ୍ଟାଇ ପାରୁନି । ପଞ୍ଚାୟତର ବିଭିନ୍ନ ୱାର୍ଡରେ ଥିବା କୂଅ, ପୋଖରୀ ସବୁ ଶୁଖିଲା ପଡିଥିବାରୁ ଅଞ୍ଚଳବାସୀ ଜଳକଷ୍ଟ ପାଉଛନ୍ତି । ପ୍ରାୟ ୨୫୦୦ ଜନସଂଖ୍ୟା ବିଶିଷ୍ଟ ୧୪ଟି ୱାର୍ଡକୁ ନେଇ ଗଠିତ କୁମ୍ଭାରପଡ଼ା ପଞ୍ଚାୟତ ଅଞ୍ଚଳର ମହିଳାମାନେ ବହୁ ଘଣ୍ଟା ଅପେକ୍ଷା କରି ପାଇପ୍‌ଲାଇନରୁ ଜଳ ସଂଗ୍ରହ କରୁଥିବା ପରିଲକ୍ଷିତ ହେଉଛି । ନିର୍ବାଚନ ଆସିଲେ ବିଭିନ୍ନ ରାଜନୈତିକ ବ୍ୟକ୍ତିମାନେ ଅଞ୍ଚଳବାସୀଙ୍କ ପାନୀୟ ଜଳ ସମସ୍ୟା ସମ୍ପର୍କରେ ଅବଗତ ହୁଅନ୍ତି । ଏ ଦିଗରେ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥାଆନ୍ତି । ହେଲେ ନିର୍ବାଚନ ପରେ ସେ କଥା ଭୁଲି ଯାଉଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି । ଅଞ୍ଚଳବାସୀଙ୍କ ସମସ୍ୟା ପ୍ରତି ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ, ପଞ୍ଚାୟତ ଅଧିକାରୀ ଏବଂ ବ୍ଲକ ପ୍ରଶାସନ ଦୃଷ୍ଟି ଦେବାକୁ ପଞ୍ଚାୟତବାସୀ ଦାବି କରିଛନ୍ତି । ଏ ସମ୍ପର୍କରେ କୁମ୍ଭାରପଡ଼ା ସରପଞ୍ଚ ଚିନ୍ମୟ କୁମାର ପଣ୍ଡାଙ୍କ ସହ ଯୋଗାଯୋଗ କରାଯାଇଥିଲା । ପାଇପ୍ ଲାଇନରେ ପାନୀୟ ଜଳ ଯୋଗାଣ ହେଉଛି। ୪୦୦ରୁ ଉର୍ଦ୍ଧ୍ୱ ସ୍ଥାନରେ ଚୋରାରେ ପାନୀୟ ଜଳ ମୋଟର ପମ୍ପରେ ଘରକୁ ଟଣାଯାଉଥିବାରୁ ଏପରି ସମସ୍ୟା ସୃଷ୍ଟି ହେଉଥିବା ସେ କହିଛନ୍ତି।

# ମୃତ୍ୟୁକୁ ସ୍ୱାଭାବିକ କରିବାକୁ ପରାମର୍ଶ

## ଶ୍ରୀରାମକୃଷ୍ଣ ସ୍ମାରକୀ ବକ୍ତୃତା

ଓଡ଼ଗାଁ,୨୬।୪
(ଆଦର୍ଶ କୁମାର ପଟ୍ଟନାୟକ):
ଓଡ଼ଗାଁ ବ୍ଲକ ରୋହିବାଙ୍କ ପଞ୍ଚାୟତରେ ସମ୍ଭବ ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ତଥା ଅବସରପ୍ରାପ୍ତ ଶିକ୍ଷାବିତ୍ ରାମକୃଷ୍ଣ ସାହୁଙ୍କ ବିୟୋଗରେ ଶନିବାର ସମ୍ଭବ ପରିସରରେ ଶ୍ରୀ ରାମକୃଷ୍ଣ ସ୍ମାରକୀ ବକ୍ତୃତା ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ମୃତ୍ୟୁକୁ କିପରି ସ୍ୱାଭାବିକ ଭାବେ ସ୍ୱୀକାର କରିବା ଏବଂ ମୃତ୍ୟୁକୁ ଯନ୍ତ୍ରଣା ମୁକ୍ତ କରିବା ସେ ସମ୍ପର୍କରେ ବ୍ୟାପକ ଭାବେ ଆଲୋଚନା ହୋଇଥିଲା । ଜୀବନକୁ ଭଲ ପାଇବା ଓ ମୃତ୍ୟୁ ଏକ ସାମାଜିକ ପ୍ରକ୍ରିୟା ବୋଲି ବିବେଚନା କରିବା ସହିତ ମୃତ୍ୟୁକୁ ସାମ୍ନା କରିବାକୁ ମାନସିକସ୍ତରରେ ପ୍ରସ୍ତୁତ ରହିବାକୁ ମତ ପ୍ରକାଶ ପାଇଥିଲା । ମୃତ୍ୟୁ ପୂର୍ବରୁ ନିଜର ଶେଷ ଇଚ୍ଛା ପୂରଣ ପାଇଁ ଆତ୍ମୀୟସ୍ୱଜନଙ୍କ ସହଯୋଗ ନେବା ଏବଂ ଦୁରାରୋଗ୍ୟ ବ୍ୟାଧିରେ ପୀଡ଼ିତମାନଙ୍କ ମୃତ୍ୟୁର ନିର୍ଘଣ୍ଟ ସ୍ଥିରୀକୃତ ହେବା ପରେ ସେମାନଙ୍କୁ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ସହାୟତାରେ ଆଉ କିଛି କ୍ଷଣ ବଞ୍ଚାଇ ରଖିବା ପାଇଁ ଯନ୍ତ୍ରଣା ଦାୟକ ମୃତ୍ୟୁ ଅପେକ୍ଷା ଯନ୍ତ୍ରଣା ମୁକ୍ତ ମୃତ୍ୟୁକୁ ସ୍ୱୀକାର କରିବା ପାଇଁ ବନ୍ଧୁ ବର୍ଗ ସହଯୋଗ ପାଇଁ ଆଗେଇ ଆସିବା ଦରକାର ବୋଲି ବକ୍ତାମାନେ କହିଥିଲେ । ରୋହିବାଙ୍କ ସମ୍ଭବ ସ୍ୱେଚ୍ଛାସେବୀ ଅନୁଷ୍ଠାନର ପରିଚାଳିକା ପଦ୍ମଶ୍ରୀ ସାବରମତିଙ୍କ ଦ୍ୱାରା ଆୟୋଜିତ ସଭାରେ ସହ ପ୍ରତିଷ୍ଠାତା ରାମକୃଷ୍ଣଙ୍କ ସ୍ମୃତି ଚାରଣ ସଭାରେ ଅମୃତ ଧାରା ପାଲିଏଟିଭ କେୟାର ଟ୍ରଷ୍ଟର ପ୍ରତିଷ୍ଠାତ୍ରୀ ସଦସ୍ୟା ଡା.ମାମି ପରିଜା ଯୋଗଦେଇ ସମସ୍ତଙ୍କ ପ୍ରଶ୍ନର ଉତ୍ତର ପ୍ରଦାନ କରିଥିଲେ । ଆପଣଙ୍କ କର୍ମ ହିଁ ଆପଣଙ୍କୁ ସବୁବେଳେ ଜୀବିତ ରଖିବ ବୋଲି ସମ୍ଭବର ମୁଖ୍ୟ ପରିଚାଳିକା ପଦ୍ମଶ୍ରୀ ସାବରମତୀ ରାମକୃଷ୍ଣଙ୍କ ଉଦ୍ଦେଶ୍ୟରେ କହିଥିଲେ। ଓଡ଼ଗାଁ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ, କମ୍ରେଡ ବିଶ୍ୱନାଥ ମହାପାତ୍ର, ଦାମ ସାର୍, ଶ୍ରୀଧର ପ୍ରଧାନ, ଅବସରପ୍ରାପ୍ତ ବନ ସଂରକ୍ଷକ ସୁରେଶ ଚନ୍ଦ୍ର ହୋତା, ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ଡ.ଅଧିବାସ ପଣ୍ଡା, ଡାକ୍ତର ଜଗଦୀଶ ପ୍ରସାଦ ମିଶ୍ର, ଶିକ୍ଷାବିତ୍ ଅଶୋକ ମହାପାତ୍ର, ଆର୍ମି ଭେଟେରାନ ଆଦର୍ଶ ପଟ୍ଟନାୟକ, ଅବସରପ୍ରାପ୍ତ ଶିକ୍ଷକ ପଞ୍ଚାନନ ପଣ୍ଡା ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ନୟାଗଡ଼, ଗଞ୍ଜାମ, ପୁରୀ ଓ ଖୋର୍ଦ୍ଧା ଜିଲାର ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରତିନିଧିଙ୍କ ସମେତ ୨ ଶହରୁ ଉର୍ଦ୍ଧ୍ୱ ବ୍ୟକ୍ତି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ରାମକୃଷ୍ଣଙ୍କ ସ୍ମୃତି ଚାରଣ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ପହଲଗାମ୍‌ଠାରେ ଆତଙ୍କବାଦୀଙ୍କ ଗୁଳିରେ ପ୍ରାଣ ହରାଇଥିବା ୨୬ ପର୍ଯ୍ୟଟକଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା ।


ଶ୍ରୀ ରାମକୃଷ୍ଣ ସ୍ମାରକୀ ବକ୍ତୃତା ପାଇଁ ଆୟୋଜିତ ସଭାରେ ମଞ୍ଚାସୀନ ଅତିଥି ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..........................................
ବୟସ:..........................................
ଜନ୍ମ ତାରିଖ: ..........................................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପ୍ରେମୀଯୁଗଳଙ୍କ ଝୁଲନ୍ତା ମୃତଦେହ ଜବତ

**କୋକସରା,୨୬।୪ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ):** ଉଭୟେ ପରସ୍ପରକୁ ଭଲ ପାଉଥିଲେ। ହେଲେ ଅଲଗା ଜାତିର ହୋଇଥିବାରୁ ସେମାନଙ୍କ ପ୍ରେମକୁ ସାମାଜିକ ସ୍ୱୀକୃତି ମିଳି ନ ଥିଲା। ଶେଷରେ ଦୁହେଁ ଚରମ ନିଷ୍ପତ୍ତି ନେଇ ଗଛରେ ଫାଶ ଲଗାଇ ଝୁଲି ପଡ଼ିଥିବା କୁହାଯାଉଛି। ଏଭଳି ଘଟଣା ଶନିବାର କଳାହାଣ୍ଡି ଜିଲା ଆମପାଣି ଥାନା ଅଞ୍ଚଳରେ ଦେଖିବାକୁ ମିଳିଛି। ଆମପାଣି ଥାନା କାଉଡୋଳା ଗ୍ରାମର ଦିଲୀପ ମୁଣ୍ଡଙ୍କ ପୁଅ ନିତେଶ (୨୩) ଓ କାଉଡୋଳା ଗ୍ରାମରେ ବଡମା' ପାଖରେ ରହୁଥିବା ମା'ବାପା ଛେଉଣ୍ଡ ନାବାଳିକା(୧୭)ଙ୍କ ମଧ୍ୟରେ ପ୍ରେମସମ୍ପର୍କ ଗଢ଼ିଉଠିଥିଲା। ହେଲେ ଜାତିପ୍ରଥା ପ୍ରତିବନ୍ଧକ ସାଜିବାରୁ ସେମାନେ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ମାଜିଷ୍ଟ୍ରେଟ ତଥା ଅତିରିକ୍ତ ତହସିଲଦାର ମୋହନ ଚରଣ ଜେନାଙ୍କ ଉପସ୍ଥିତିରେ ପୋଲିସ ଓ ସାଇଣ୍ଟିଫିକ ଟିମ୍ ତଦନ୍ତ କରିଛି। କୋକସରା ଡାକ୍ତରଖାନାରେ ଉଭୟଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ଥାନାରେ ୨ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ସ୍ୱପ୍ନାଦେଶରୁ ଝିଅକୁ ହତ୍ୟା କରିଥିଲେ ମା'

**ବୀରମହାରାଜପୁର,୨୬।୪ (ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଅନ୍ତର୍ଗତ କୋଟସମଲେଇ ଗ୍ରାମରେ ଜଣେ ମା' ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ନିଜ ୬ବର୍ଷର ଝିଅର ତଣ୍ଟିଚିପି ହତ୍ୟା କରିଥିଲେ। ୨ମାସ ତଳେ ଘଟିଥିବା ଏହି ଘଟଣାର ରହସ୍ୟ ଉନ୍ମୋଚନ କରି ବୀରମହାରାଜପୁର ଥାନା ପୋଲିସ ଶନିବାର ଅଭିଯୁକ୍ତ ମା' ଆଶାଲତା ମହାପାତ୍ର(୪୨)ଙ୍କୁ ଗିରଫ କରିଛି।

ପୋଲିସ ସୂଚନା ଅନୁସାରେ କୋଟସମଲେଇର ଗଣେଶ ମହାପାତ୍ରଙ୍କ ଝିଅ ନିଶା ସ୍ଥାନୀୟ ସ୍କୁଲରେ ପ୍ରଥମ ଶ୍ରେଣୀରେ ପାଠ ପଢୁଥିଲେ। ସବୁଦିନ ଭଳି ଗତ ଫେବୃଆରୀ ୨୪ ଅପରାହ୍ନରେ ସ୍କୁଲ ଛୁଟି ହେବା ପରେ ସେ ଘରକୁ ଫେରିଥିଲେ। ଖାଇ ସାରି ଘରେ ଶୋଇଥିବା ବେଳେ ମା' ଆଶାଲତା ନିଶାଙ୍କ ତଣ୍ଟିଚିପି ହତ୍ୟା କରିଥିଲେ। ନିଶାଙ୍କ ବାପା ଗଣେଶ ଏବଂ ତାଙ୍କ ଦୁଇ ପୁଅ ବିବାହ ଭୋଜିରେ ଖାଦ୍ୟ ପରିବେଷଣ କରିବାକୁ ଯାଇଥିଲେ। ଘରକୁ ଫେରି ଗଣେଶ ଝିଅକୁ ଉଠାଇଥିଲେ ହେଁ ସେ ଉଠି ନ ଥିଲା। ନିଶାର ବେକରେ ଦାଗ ଚିହ୍ନ ଥିବା ଗଣେଶ ଦେଖିଥିଲେ। ଅବିଳମ୍ବେ ଝିଅକୁ ଉଲୁଣ୍ଡା ଡାକ୍ତରଖାନା ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବୀରମହାରାଜପୁର ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ସ୍ତ୍ରୀଙ୍କ ମାନସିକ ସ୍ଥିତି ଠିକ୍ ନ ଥିବା ଗଣେଶ ସେତେବେଳ ପୋଲିସକୁ କହିଥିଲେ। ହେଲେ ନିଶାଙ୍କ ବେକରେ ଥିବା ଦାଗକୁ ନେଇ ପୋଲିସ ତଦନ୍ତ ଜାରି ରଖିଥିଲା। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଶ୍ୱାସରୁଦ୍ଧ କରି ନିଶାକୁ ମାରି ଦିଆଯାଇଥିବା ପୋଲିସର ସନ୍ଦେହ ଦୃଢ଼ୀଭୂତ ହୋଇଥିଲା। ଶନିବାର ପୋଲିସ ଆଶାଲତାଙ୍କୁ ଥାନାକୁ ଆଣି ପଚରାଉଚରା କଲା ପରେ ସେ ନିଜ ଦୋଷ ସ୍ୱୀକାର କରିଥିଲେ। ଦେବୀ ମା' ସ୍ୱପ୍ନରେ ନିର୍ଦ୍ଦେଶ ଦେବାରୁ ସେ ଝିଅର ତଣ୍ଟିଚିପି ମାରିଦେଲେ ବୋଲି କହିଥିଲେ। ଫଳରେ ପୂର୍ବରୁ ରୁଜୁ ଅପମୃତ୍ୟୁ ମାମଲା ହତ୍ୟା ମାମଲା (ନଂ. ୯୬/୨୫)ରେ ପରିବର୍ତ୍ତିତ ହୋଇଥିଲା। ଆଶାଲତାଙ୍କୁ କୋର୍ଟଚାଲାଣ ପରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବୀରମହାରାଜପୁର ଉପକାରାଗାରକୁ ପଠାଇ ଦିଆଯାଇଥିବା ଆଇଆଇସି ଶୋଭାକର ସେଠ କହିଛନ୍ତି।


ଝିଅ ନିଶା।

# ଚାକିରି କରାଇଦେବା ନାଁରେ ୧୫ଲକ୍ଷ ଠକେଇ, ଜଣେ ଗିରଫ

**ଖୋର୍ଦ୍ଧା,୨୬।୪ (ପ୍ରଭାତ ପାଣିଗ୍ରାହୀ)**

ରେଲୱେରେ ଆସିଷ୍ଟାଣ୍ଟ ଷ୍ଟେଶନ ମାଷ୍ଟର ଚାକିରି କରାଇଦେବା ନାଁରେ ୧୫ଲକ୍ଷ ଟଙ୍କା ଠକେଇ ହୋଇଛି। ଏନେଇ ଅଭିଯୋଗ ପରେ ଖୋର୍ଦ୍ଧା ଶିଳ୍ପାଞ୍ଚଳ ପୋଲିସ ଏକ ମାମଲା (ନଂ.୧୦୪/୨୫) ରୁଜୁ କରି ଜଣେ ଯୁବକଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ନୟାଗଡ଼ ଜିଲା ଚାନ୍ଦପୁର ଥାନା ଅଧୀନ ଓସ୍ତପଡ଼ାର ସୁକାନ୍ତ ପାଇକରାୟ। ତାଙ୍କ ନିକଟରୁ ୨୨ହଜାର ଟଙ୍କା, ଦୁଇଟି ଏଟିଏମ୍ କାର୍ଡ, ଦୁଇଟି ମୋବାଇଲ ଫୋନ, ଆଧାରକାର୍ଡ ଏବଂ ପାନ୍‌କାର୍ଡ ଜବତ ହୋଇଛି। ତେବେ ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ଅଭିଯୋଗ ମୁତାବକ, ଖୋର୍ଦ୍ଧା ମୁକୁନ୍ଦପ୍ରସାଦର ଅମିତ କୁମାର ପଣ୍ଡା ତାଙ୍କ ବାପାଙ୍କ ମୃତ୍ୟୁ ପରେ ମାନସିକସ୍ତରରେ ଭାଙ୍ଗିପଡ଼ିଥିଲେ। ଅମିତ ଚାକିରି ଖୋଜୁଥିବା ଅଭିଯୁକ୍ତ ସୁକାନ୍ତ ଜାଣିବାକୁ ପାଇଥିଲେ। ଏହା ପରେ ଅଭିଯୁକ୍ତ ଫୋନ ମାଧ୍ୟମରେ ଅମିତଙ୍କ ମା'ଙ୍କ ସହ ଯୋଗାଯୋଗ କରିଥିଲେ। ଅଭିଯୁକ୍ତ ନିଜକୁ ପୂର୍ବତନ ଜିଲା ଶିକ୍ଷାଧିକାରୀ ବୋଲି ପରିଚୟ ଦେଇଥିଲେ। ରେଲୱେ କର୍ମଚାରୀଙ୍କ ସହିତ ତାଙ୍କର ଭଲ ସମ୍ପର୍କ ଅଛି, ସେ ଅମିତଙ୍କୁ ରେଲୱେରେ ଚାକିରି କରାଇଦେବେ ବୋଲି କହିବା ସହ ୧୫ଲକ୍ଷ ଟଙ୍କା ଦେବାକୁ କହିଥିଲେ। ଏହା ପରେ ଅମିତ୍ ଡକ୍ୟୁମେଣ୍ଟ ସହିତ ଫୋନ ପେ ମାଧ୍ୟମରେ ପର୍ଯ୍ୟାୟକ୍ରମେ ଅଭିଯୁକ୍ତଙ୍କୁ ଟଙ୍କା ପଠାଇଥିଲେ। ଦୀର୍ଘଦିନ ପର୍ଯ୍ୟନ୍ତ ଅଭିଯୁକ୍ତ ଯୋଗାଯୋଗ ନ କରିବାରୁ ଅମିତ ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ଏନେଇ ଅମିତ୍ ଭୁବନେଶ୍ୱର ସାଇବର ଥାନାରେ ଅଭିଯୋଗ କରିଥିଲେ। ଏହା ପରେ ଅଭିଯୁକ୍ତଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଫ୍ରିଜ୍ କରାଯାଇଥିଲା। ଏଥିରେ ଅଭିଯୁକ୍ତ କ୍ରୋଧିତ ହୋଇ ଅମିତଙ୍କ ମା'ଙ୍କୁ ଫୋନରେ ଗାଳିଗୁଲଜ କରିବା ସହ ବିଭିନ୍ନ ଧମକ ଦେଇଥିଲେ। ଏନେଇ ଅମିତଙ୍କ ମା' ଶୁକ୍ରବାର ଶିଳ୍ପାଞ୍ଚଳ ଥାନାରେ ଅଭିଯୋଗ କରିଥିଲେ। ଥାନା ଅଧିକାରୀ ଗାୟତ୍ରୀ ମିଶ୍ରଙ୍କ ନେତୃତ୍ୱରେ ଏସ୍‌ଆଇ ସୁନୀତା ବେହେରା, ଏସ୍‌ଆଇ ବାସୁଦେବ ଜୟସିଂହଙ୍କ ସହ ଅନ୍ୟମାନଙ୍କୁ ନେଇ ଗଠିତ ଏକ ଟିମ୍ ଅଭିଯୁକ୍ତଙ୍କ ମୋବାଇଲ ଫୋନ ଟ୍ରାକିଂ କରିବା ସହ ତାଙ୍କୁ ଗିରଫ କରିଥିଲା। ପ୍ରକାଶ ଯେ, ଅଭିଯୁକ୍ତ ସୁକାନ୍ତ ପୂର୍ବରୁ ନିଜକୁ ସିବିଆଇ ଅଫିସର ପରିଚୟ ଦେଇ ଠକେଇ କରିଥିବା ଅଭିଯୋଗରେ ତାଙ୍କ ନାମରେ ଖୋର୍ଦ୍ଧା ଆଦର୍ଶ ଥାନା ଏବଂ ପୁରୀ ଜିଲା ଚନ୍ଦନପୁର ଥାନାରେ ଦୁଇଟି ମାମଲା ରହିଥିବା ପୋଲିସ କହିଛି।


## ମନେ ପଡ଼ନ୍ତି

**ସପ୍ତଦଶ ଶ୍ରାଦ୍ଧବାର୍ଷିକୀ**
ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ଉଦୟନାଥ ମିଶ୍ର**
ଗ୍ରାମ: ଗୋକୁଳପୁର, ପୁରୀ
ତିରୋଧାନ: ୦୫।୦୫।୨୦୦୮
ଜୀବନର ଚଲାପଥରେ ଆମ୍ଭେ ଏକାକୀ ଓ ତୁମର ଆଶୀର୍ବାଦ ଆମର ଏକାନ୍ତ କାମ୍ୟ। ତୁମ ଅମରାତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା ।
-:ଶୋକସନ୍ତପ୍ତ:-
ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।
ଧ-୨୦୨

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**ସ୍ୱର୍ଗତା ସୀତାରାଣୀ ବିଶ୍ୱାଳ**
ଶାସଙ୍ଗ, ଛେନାପଦୀ, କେନ୍ଦୁଝର
ବୋଉ, ଚାହୁଁ ଚାହୁଁ ବର୍ଷେ ବିତିଗଲା,
ତୁ ଯେଉଁଠି ଥା' ଭଲରେ ଥା' ଶ୍ରୀ ଶ୍ରୀ ଠାକୁରଙ୍କ ନିକଟରେ ଏତିକି ପ୍ରାର୍ଥନା।
ପୁତ୍ର, ପୁତ୍ରବଧୂ, କନ୍ୟା- ଜ୍ୱାଇଁ, ନାତି ନାତୁଣୀ ଓ ସମ୍ପର୍କୀୟ ।
ଧ-୩୦୦

**ସ୍ମୃତିରେ ପିଣ୍ଟୁ**



**୰ଅଭିଷେକ ସାମଲ**
ଜନ୍ମ ୨୨ January ୧୯୮୩
ତିରୋଧାନ- ଏପ୍ରିଲ ୨୬ ୨୦୦୪
ସ୍ନେହର ରଜ୍ଜୁ ଛିଡ଼ିଗଲା ଅବିଶ୍ୱାସ ବନ୍ଧନରେ, ବାହୁନି କାନ୍ଦିଲି କେତେ ଗଲି କନ୍ଦି ରାତି ଦିନ ପାଇଲିନି ତତେ । ହଜିଗଲା ତୋର ସତେଜ ମୁଖ, ଦେଇଗଲୁ ସବୁ ଯନ୍ତ୍ରଣା ଦୁଃଖ । ପୁଣ୍ୟ ଅରଜିଛୁ ପାପ ତ କରିନୁ ଫେରିଆ ପୁଅରେ ସରଗପୁରୁ। ପାଇବୁ କି ନାହିଁ ଜାଣେନା ପୁଅରେ କବିତା ଲେଖୁଛି ନରକପୁରୁ ।
ତୋର ଦୁଃଖିନୀ 'ମା' ଓ ଭାଇ ରିଣ୍ଟୁ ।
ଧ-୭୧୦୮୩


# ୩ ଦିନରେ ୧୧ଜଣଙ୍କ ବୟାନ ରେକର୍ଡ

**ବ୍ରହ୍ମପୁର, ୨୬।୪(ସୁବାସ ଚନ୍ଦ୍ର ପାଢ଼ୀ)**

## ପୂର୍ବତନ ମନ୍ତ୍ରୀ ନବ ଦାସ ହତ୍ୟା ମାମଲା

ପୂର୍ବତନ ମନ୍ତ୍ରୀ ନବ ଦାସ ହତ୍ୟା ମାମଲାର ତଦନ୍ତ ଜାରି ରଖିଛି କ୍ରାଇମବ୍ରାଞ୍ଚ। ଶନିବାର କ୍ରାଇମବ୍ରାଞ୍ଚ ଏଏସ୍‌ପି ବିଜୟ କୁମାର ମଲ୍ଲିକଙ୍କ ନେତୃତ୍ୱରେ ଏକ ଟିମ୍ ଅଭିଯୁକ୍ତ ଗୋପାଳ ଦାସଙ୍କ ବ୍ରହ୍ମପୁରସ୍ଥିତ ବାସଭବନକୁ ଯାଇଥିଲା। ଆଙ୍କୋଲି ଶିଳ୍ପାଞ୍ଚଳ ନିକଟସ୍ଥ ପଞ୍ଚଶୀଳମାର୍ଗରେ ଥିବା ବାସଭବନରେ ଗୋପାଳଙ୍କ ସ୍ତ୍ରୀ ଜୟନ୍ତୀ ଦାସଙ୍କ ସହିତ କ୍ରାଇମବ୍ରାଞ୍ଚ ଟିମ୍ ଆଲୋଚନା କରିଥିଲା। ଗୁଳିମାଡ଼ ଦିନ ଓ ଏହା ପୂର୍ବରୁ ସ୍ତ୍ରୀଙ୍କ ସହିତ ଗୋପାଳ କ'ଣ ସବୁ କଥା ହୋଇଥିଲେ ସେନେଇ କ୍ରାଇମବ୍ରାଞ୍ଚ ଟିମ୍ ତାଙ୍କୁ ପଚରାଉଚରା କରିଥିଲା। ଏଥିସହ ତାଙ୍କର ବୟାନ ରେକର୍ଡ କରାଯାଇଥିବା ଏଏସ୍‌ପି ମଲ୍ଲିକ କହିଛନ୍ତି। ବର୍ତ୍ତମାନ ସୁଦ୍ଧା ୧୧ଜଣଙ୍କୁ ଜେରା କରାଯାଇ ବୟାନ ରେକର୍ଡ କରାଯାଇଥିବା ସେ ସୂଚନା ଦେଇଛନ୍ତି। ଘଟଣାର ତଦନ୍ତ ଜାରି ରହିଥିବା ବେଳେ ଆହୁରି କିଛି ଲୋକଙ୍କୁ ପଚରାଉଚରା କରାଯିବ ବୋଲି ମଲ୍ଲିକ କହିଛନ୍ତି। ଏହି ମାମଲାର ଖୋଳତାଡ଼ ପାଇଁ ଗତ ୨୩ ତାରିଖରୁ କ୍ରାଇମବ୍ରାଞ୍ଚ ଟିମ୍ ବ୍ରହ୍ମପୁରରେ ଡେରା ପକାଇଛି। ୨୪ ତାରିଖରୁ ବିଭିନ୍ନ ଲୋକଙ୍କୁ ଡାକି ଜେରା କରୁଛି। ହତ୍ୟା ପୂର୍ବରୁ ଗୋପାଳ ଯେଉଁମାନଙ୍କ ସହିତ ଫୋନ୍‌ରେ କଥା ହୋଇଥିଲେ ତା'ର ସିଡିଆର୍ (କଲ ଡିଟେଲ ରେକର୍ଡ) ବାହାର କରି ଜଣକ ପରେ ଜଣେ ବ୍ୟକ୍ତିଙ୍କୁ କ୍ରାଇମବ୍ରାଞ୍ଚ ଜେରା କରୁଛି। ପୂର୍ବରୁ କ୍ରାଇମବ୍ରାଞ୍ଚ ଟିମ୍ ଗୋପାଳଙ୍କ ପୁଅ ମନୋଜ ଦାସ, ଭାଇ ସତ୍ୟ ନାରାୟଣ ଦାସ ଓ ତାଙ୍କ ପୁତୁରା ପ୍ରଦୀପ ଦାସଙ୍କୁ ପଚରାଉଚରା କରି ବୟାନ ରେକର୍ଡ କରିଛି।


କ୍ରାଇମବ୍ରାଞ୍ଚ ଅଧିକାରୀମାନେ ତଦନ୍ତ କରି ଫେରୁଛନ୍ତି।

# ଜମି ବିକ୍ରି ପାଇଁ ଅରାଜି ହେବାରୁ ସ୍ତ୍ରୀ, ୨ ପୁଅଙ୍କୁ ଆକ୍ରମଣ

**ଜଟଣୀ,୨୬।୪(ରବୀନ୍ଦ୍ରନାଥ ମହାକୁଡ଼)**

ଖୋର୍ଦ୍ଧା ଜିଲା ଜଟଣୀ ଥାନା ଅଧୀନ ରେତଙ୍ଗ କଲୋନୀ ଅଞ୍ଚଳରେ ଜମି ବିକ୍ରି ପାଇଁ ଅରାଜି ହେବାରୁ ସ୍ତ୍ରୀ ଏବଂ ୨ପୁଅଙ୍କୁ ଜଣେ ବ୍ୟକ୍ତି ମରଣାନ୍ତକ ଆକ୍ରମଣ କରିଛନ୍ତି। ପୋଲିସ ଶନିବାର ଅଭିଯୁକ୍ତ ଅମୂଲ୍ୟ କୁମାର ସାହୁ(୪୯)ଙ୍କୁ ଗିରଫ କରିଛି। ତାଙ୍କ ନିକଟରୁ ଆକ୍ରମଣରେ ବ୍ୟବହୃତ ଏକ ଲୁହାତାଓ୍ୱା, ହାତୁଡ଼ି, ଲୁହାରଡ୍ ଏବଂ ସ୍କୁଟି ଜବତ ହୋଇଛି। ଥାନାରେ ଏକ ମାମଲା (ନଂ.୧୮୮/୨୫) ରୁଜୁ ସହ ଅମୂଲ୍ୟଙ୍କୁ କୋର୍ଟଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ଷ୍ଟାଲିନ ବିଶ୍ୱାଳ କହିଛନ୍ତି। ଅମୂଲ୍ୟ ଦୀର୍ଘବର୍ଷ ହେବ ଦିଲ୍ଲୀରେ ରହି ମେକାନିକ ଭାବେ କାମ କରୁଥିଲେ। ୨୦୨୫ ଜାନୁଆରୀରେ ଜଟଣୀ ଆସି ପରିବାର ସହ ରହୁଥିଲେ। ତାଙ୍କ ସ୍ତ୍ରୀଙ୍କ ନାମରେ ଭୁବନେଶ୍ୱର ଉପକଣ୍ଠ ବାଳକାଟୀ ଅଞ୍ଚଳରେ ଦୁଇଟି ପ୍ଲଟ ରହିଛି। ତାହାକୁ ବିକ୍ରି କରି ସେ ବ୍ୟବସାୟ କରିବେ ବୋଲି ଯୋଜନା କରିଥିଲେ। ତେବେ ଦୁଇ ପୁଅଙ୍କ ଭବିଷ୍ୟତକୁ ଦୃଷ୍ଟି ରଖି ଉକ୍ତ ପ୍ଲଟକୁ ବିକ୍ରି ନ କରିବା ପାଇଁ ତାଙ୍କ ସ୍ତ୍ରୀ ମନାକରିଆସୁଥିଲେ। ଏନେଇ ସେମାନଙ୍କ ମଧ୍ୟରେ ବିଭିନ୍ନ ସମୟରେ ପାଟିତୁଣ୍ଡ ହେଉଥିଲା। ଶୁକ୍ରବାର ପୁଣି ଅମୂଲ୍ୟ ଜମି ବିକ୍ରି କରିବାକୁ କହିବାରୁ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଅମୂଲ୍ୟ ତାଙ୍କ ସ୍ତ୍ରୀ ଓ ୨ପୁଅଙ୍କୁ ଏକ ହାତୁଡ଼ି ଏବଂ ତାଓ୍ୱାରେ ଆକ୍ରମଣ କରିଥିଲେ। ଫଳରେ ତାଙ୍କ ସ୍ତ୍ରୀ ଓ ଦୁଇ ପୁଅ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ପାଇଁ ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି କରାଯାଇଛି। ଏନେଇ ଅଭିଯୋଗ ପରେ ପୋଲିସ ତଦନ୍ତ ଚଳାଇ ଅମୂଲ୍ୟଙ୍କୁ ଗିରଫ କରିଛି।

# Classified Everyday
**0674-2580101, 9692975378**


MATRIMONIAL

**GROOM WANTED**

Beautiful Karan girl 1997, 5'4", B.Tech Serving Software Engineer CTS Bangalore. "SUNASANSAR". 9937512659. D-76263


REAL ESTATE

**SALE**

ଫୁଲନଖରା ଅନନ୍ତପୁର ସରକାରୀ ରାସ୍ତାକୁ ଲାଗିକି ମୋର ଘରବାରି Plot ବିକ୍ରି ହେବ। Area-2100sqft, 2250/- fix rate. 9556187814. D-014

**2BHK flat for sale at Naharakanta Chhaka, NH Facing. Contact- 7978209277, 7008789347.** D-260

ଭୁବନେଶ୍ୱର- ପିପିଲି **Toll Gate Puri road** ନିକଟରେ **Gharabari Plot** ଏବଂ ନଖରାରେ **3/4 BHK Duplex** ବିକ୍ରିହେବ। **8327785834.** D-76261


Gharabari plot with compound wall 52x40 2080sft. at lowest price 7 KM from Nakhara 12 KM from Bhubaneswar also instalment basis (middle of CTC & BBSR) no interest. 7809525452. D-76445

ହଂସପାଳରୁ 11K.M. ସିଙ୍ଗଡ଼ାସାହି ଛକ ପାଖରେ 1300sqft 3,12,000/- ପ୍ଲଟ୍ ବିକ୍ରିହେବ। 9114705579. D-76258


**Duplex sale with gated society AIIMS Hospital, Bhubaneswar. 8455909543, 7735579312.** D-76262

Book 3BHK, 4BHK flat Jharapada, near Jagannath Avenue, Canal Road, Bhubaneswar with amenities. Contact: 7978584549. D-76811

**Plot for sale Mahanadi Vihar, Cuttack. Mob-9937657114 no broker allowed.** D-291


CONSTRUCTION

Do you want to construct a building on your own plot please contact K.K. Construction. 7008268129, 9439143273. D-71397



5800sqft Godown space available at Rasulgarh, beside Esplanade Mall, Bhubaneswar. 9040019183. D-189

Plot for warehouse 10,000-15,000sqft. on rent at Khurda NH-16 (near Collector Office Chhak). Call: 7008649641, 8018822307, 7978560206 for location and details. D-303

1 Hall 800-1000sqft. (attach Bathroom) plot No.-104/965, Road No.-16, Mahaveer Nagar near Gangua Bridge, Samantrapur, BBSR. Contact- 6372096033. D-76054

Single Room with separate Kitchen & Toilet in 2nd floor near DAV, Unit-8, Rent-6200/-. 7008635352, 7683986496. D-244

**700sqft Hall available in Uttara Chhak Main road. Contact: 9692671608.** D-305

1 Room Kitchen & Bathroom, 42, Swostidham, Shanti Nagar, Jharpada, Bhubaneswar. Contact-9885043645. D-76053

**1000 sqft Hall available in Lewis Main Road. Contact: 9692671608.** D-302

3BHK, 1BHK Main Road, Soubhagyanagar for Office, family, bachelors. 9000004523. D-299

**3BHK flat available for rent in Gudiapokhari near Krupajal College. Contact: 9692671608.** D-304



**Full body massage experience, good looking therapist @999 (Bhubaneswar). 9078484455.** D-152

Full body massage by experience therapist with homely atmosphere. 9114559860. D-275

Newly opened Spa in Bhubaneswar (ଖରାଦିନରମଜା) good massage. Contact: 9851355914. D-75845


BUSINESS

**Newly opened Dance Group, Coriographer with efficient dancers (Boys, Girls & Manager). Contact-7853844427.** D-75844

**AFFIDAVIT**

By virtue of an affidavit sworn before Executive Magistrate, Balasore, dated 25.04.2025, I am Kanakalata Mantri, declared that myself Kanakalata Patra, Vill-Telagadia, P.O.- Parikhi, P.S.- Sadar, Dist.- Balasore, PIN.- 756025 as per my old Aadhaar Card, at present after marriage myself change my name and address Kanakalata Mantri, W/o- Pankaj Mantri at- Bhadrasia, P.O.- Chhanua, P.S.-Basta, Dist.- Balasore, PIN-756027. The above two names are one & same person. Henceforth I shall be known as Kanakalata Mantri for all purposes. D-301

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

By virtue of an affidavit sworn before Notary Public, Malkangiri, dated 25th April 2025, I, Mrs. Alaka Mistry @Sana, D/o- Dhiren Mistry, resident of Village M.V. 43, P.O.- Malkangiri Colony, P.S. & Dist.- Malkangiri- 764048, Odisha have changed the name of my son from Sahit Sana to Sahit Mistry. Henceforth, he shall be known as Sahit Mistry for all purposes.
Alaka Mistry
D-311

By virtue of an affidavit before Notary Public, Kantabanji on 25.04.2025 formerly I known as Prasanna Kumar Jagat, S/o- Ghasiram Jagat which is mentioned in my Aadhaar Card, S.B.I. Account and in my PAN Card, Voter Identity Card, Indian Bank S.B. Account my name is written as Prasanna Chhura, S/o- Ghasiram Chhura and in my Educational Documents my name is written as Prasanna Jagat, S/o- Ghasiram Jagat of Village Sindhibhadi, P.O.- Sanmula, P.S.- Bangomunda, Dist.- Balangir whereas Prasanna Kumar Jagat, S/o- Ghasiram Jagat, Prasanna Jagat, S/o- Ghasiram Jagat and Prasanna Chhura, S/o- Ghasiram Chhura is same and one person and from today I will be known as Prasanna Chhura in all purposes. D-298

I, RAKESH KUMAR PARSRAMPURIA, aged about 44 years, S/o- Vimal Kumar Parasrmapuria, residing At- Radheyshyam Kutir, Plot No.- 582, Mahandi Vihar, P.O.- Nayabazar, P.S.- Chauliaganj, Dist.- Cuttack- 753004, Odisha, declare by this affidavit No.-970, dtd- 23.04.2025, that now onwards I shall be known as RAKESH PARSRAMPURIA for all future purposes. D-310

By virtue of an affidavit before the Court of Executive Magistrate, Purushottampur, Ganjam, affidavit No.-245 dtd. 16.04.2025 I, Rita Behera, W/o- Santosh Kumar Behera of Village/P.O.- Badarampalli, P.S.- Rambha, Ganjam on behalf of my minor son I declare that Changed of my minor son's name from SUJYAKANTA BEHERA to SURJYAKANTA BEHERA. Henceforth, he shall be known as SURJYAKANTA BEHERA for all purpose. D-308

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମୁଲବେରୀ ଟ୍ୱିନ୍ ସିଟି ଟି୨୦ କ୍ରିକେଟ — ରାଇଜିଂ ଷ୍ଟୁଡେଣ୍ଟ ଚାମ୍ପିୟନ



ଚାମ୍ପିୟନ ରାଇଜିଂ ଷ୍ଟୁଡେଣ୍ଟ ଦଳର ଖେଳାଳିମାନେ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

**ଭୁବନେଶ୍ୱର, ୨୬।୪(ତପନ ସ୍ୱାଇଁ)**

କଟକ ଜଗତପୁରସ୍ଥିତ ନିମପୁର ସ୍ପୋର୍ଟ୍ସ ଗ୍ରାଉଣ୍ଡରେ ମୁଲବେରୀ ଟ୍ୱିନ୍ ସିଟି ଟି୨୦ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଛି। ଶନିବାର ଅନୁଷ୍ଠିତ ଫାଇନାଲରେ ୟୁନିୟନ ସ୍ପୋର୍ଟିଂକୁ ୭୯ ରନ୍‌ରେ ହରାଇ ରାଇଜିଂ ଷ୍ଟୁଡେଣ୍ଟ ଚାମ୍ପିୟନ ହୋଇଛି। ଟସ୍ ଜିତି ବ୍ୟାଟିଂ କରିଥିବା ରାଇଜିଂ ଷ୍ଟୁଟେଣ୍ଟ ନିର୍ଦ୍ଧାରିତ ୨୦ ଓଭରରେ ୪ ଉଇକେଟ ହରାଇ ୨୪୩ ରନ୍‌ର ବୃହତ୍ ସ୍କୋର କରିଥିଲା। ଦଳ ପକ୍ଷରୁ ଆଦିତ୍ୟ ରାଉତ ସର୍ବାଧିକ ୮୨, ସୌରଭ କୁମାର ଗୌଡ଼ ୬୨ ଓ ଗୋବିନ୍ଦ ପୋଦ୍ଦାର ୫୨ ରନ କରିଥିଲେ। ବିପକ୍ଷ ଦଳର ଶୋଭନଦେବ ବେହେରା ୨ଟି ଉଇକେଟ ନେଇଥିଲେ। ୨୪୪ ରନ୍ ବିଜୟ ଲକ୍ଷ୍ୟରେ ୟୁନିୟନ ସ୍ପୋର୍ଟିଂ ୧୬୪ ରନ୍‌କରି ଅଲ୍‌ଆଉଟ ହୋଇଯାଇଥିଲା। ବିନାୟକ ସାହୁ ୬୭ ଓ ସର୍ବେଶ୍ୱର ମହାନ୍ତି ୫୨ ରନ କରିଥିଲେ ମଧ୍ୟ ଅନ୍ୟ ବ୍ୟାଟରଙ୍କ ବିଫଳତା ଯୋଗୁ ଦଳ ପରାଜିତ ହୋଇଥିଲା। ବିଜୟୀ ଦଳର ସୂର୍ଯ୍ୟକାନ୍ତ ପ୍ରଧାନ ୪ଟି ଏବଂ ଦେବବ୍ରତ ପ୍ରଧାନ ଓ ଆୟୁଷ କୁମାର ବାରିକ ୨ଟି ଲେଖାଏ ଉଇକେଟ ନେଇଥିଲେ। ରାଇଜିଂ ଷ୍ଟୁଡେଣ୍ଟର ଆଦିତ୍ୟ ରାଉତ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଅମ୍ପାୟର ଧିରଜ କୁମାର ସିଂ ଓ ଅୟସକାନ୍ତ ମିଶ୍ର ମ୍ୟାଚ ପରିଚାଳନା କରିଥିଲେ। ସ୍କୋରର ଥିଲେ ପ୍ରଶାନ୍ତ କୁମାର ବେହେରା ଓ ସୁନୀଲ କୁମାର ରାଉଳ। ରାଇଜିଂ ଷ୍ଟୁଡେଣ୍ଟର ଆଦିତ୍ୟ ରାଉତ ଶ୍ରେଷ୍ଠ ବ୍ୟାଟର, ଆୟୁଷ କୁମାର ବାରିକ ଶ୍ରେଷ୍ଠ ବୋଲର ଏବଂ ଗୋବିନ୍ଦ ପୋଦ୍ଦାର ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ। ବିଧାୟକ ସୌଭିକ ବିଶ୍ୱାଳ, ପୂର୍ବତନ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, କଟକ ମେୟର ସୁବାସ ସିଂ, ଓଡ଼ିଶା ହାଇକୋର୍ଟର ବରିଷ୍ଠ ଆଇନଜୀବୀ ସୁକାନ୍ତ କୁମାର ଦଳାଇ, ଶିଳ୍ପପତି ତାପସ ମଲ୍ଲିକ, ଜଗତପୁର ଥାନା ଆଇଆଇସି ଅନିରୁଦ୍ଧ ନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଆୟୋଜକ ନିମପୁର ସ୍ପୋର୍ଟ୍ସ ଆଣ୍ଡ କ୍ରିକେଟ କ୍ଲବ ସଭାପତି ବିଭୁ ଶତପଥୀ, ସମ୍ପାଦକ ନୃସିଂହ ଚରଣ ପରିଡ଼ା ଓ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଜୁନିୟର ବକ୍ସିଂ ଚାମ୍ପିୟନଶିପ୍ — ଭାରତର ୪୩ ପଦକ ପକ୍କା

**ଅମାନ(ଜୋର୍ଡାନ), ୨୬।୪(ପି.ଟି.)**

ଏଠାରେ ଚାଲିଥିବା ୧୫ ଓ ୧୭ ବର୍ଷରୁ କମ୍ ଉଦ୍‌ଘାଟନୀ ଏସିଆନ ଜୁନିୟର ବକ୍ସିଂ ଚାମ୍ପିୟନଶିପ୍‌ରେ ଭାରତର ଆଉ ୪ ଜଣ ବକ୍ସର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଫଳରେ ଭାରତୀୟ ପ୍ରତିଯୋଗୀମାନେ ୪୩ ପଦକ ପକ୍କା କରିଛନ୍ତି। ପ୍ରତ୍ୟେକ ସେମିଫାଇନାଲିଷ୍ଟଙ୍କ ପାଇଁ ବ୍ରୋଞ୍ଜ୍ ପଦକ ବ୍ୟବସ୍ଥା ଥିବାରୁ ଭାରତ ୧୫ ବର୍ଷରୁ କମ୍ ବିଭାଗରେ ୨୫ ଏବଂ ୧୭ ବର୍ଷରୁ କମ୍ ବିଭାଗରେ ୧୮ ପଦକ ନିଶ୍ଚିତ କରିଛି। ୧୭ ବର୍ଷରୁ କମ୍ ବାଳକ ବିଭାଗରେ ଅମନ ସିୱାଚ୍ (୬୩ କେଜି) ଓ ଦେବାଂଶ (୮୦ କେଜି) ଯଥାକ୍ରମେ ଫିଲିପାଇନ୍ସ ଓ ଜୋର୍ଡାନର ପ୍ରତିଦ୍ୱନ୍ଦ୍ୱୀଙ୍କ ବିପକ୍ଷରେ କ୍ୱାର୍ଟର ଫାଇନାଲ ବାଉଟ ରେଫରି ଷ୍ଟପ୍ସ କଣ୍ଟେଷ୍ଟ (ଆରଏସ୍‌ସି)ରେ ବିଜୟଲାଭ କରିଛନ୍ତି। ବାଳିକା ବିଭାଗରେ ସିମରନଜିତ୍ କୌର ଓ ହିମାଂଶୀ ବିଜୟୀ ହୋଇଛନ୍ତି।







4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ଶତପଥୀ